

# ଉତ୍କଳ ପ୍ରସଙ୍ଗ




ଦୁବୁରିରେ ଓଡ଼ିଶାର ଦ୍ୱିତୀୟ ଇସ୍ପାତ କାରଖାନା







ଫେବୃଆରୀ, ୧୯୯୬

VOL. LII No. 6 UTKAL PRASANGA Regd. No. 0—BN—05/90
Licence No. BNPPP—01/95—Licensed to post without Pre-payment



ରାୟଗଡ଼ାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ ରାୟଗଡ଼ା–କୋରାପୁଟ ରେଳପଥକୁ ଉଦ୍‌ଘାଟନ କରୁଛନ୍ତି ।




ଟାଟା କମ୍ପାନୀ ଦ୍ୱାରା ଗୋପାଳପୁରଠାରେ ନିର୍ମାଣ ହେବାକୁ ଯାଉଥିବା ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK—10



ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ଆନ୍ତର୍ଜାତୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉପସ୍ଥିତ ଥିଲେ ।




କଟକସ୍ଥିତ ନେତାଜୀ ସେବା ସଦନ ପରିସରରେ ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଉଦ୍‌ବୋଧନ ଦେଉଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉପସ୍ଥିତ ଅଛନ୍ତି ।

# ଉତ୍କଳ ପ୍ରସଙ୍ଗ

୫୨ ଭାଗ ୭ମ ସଂଖ୍ୟା ଫାଲ୍ଗୁନ ୧୯୧୭ ଶକାବ୍ଦ ଫେବ୍ରୁୟାରୀ ୧୯୯୬

**ଶ୍ରୀ ସୁରସେନ ଜେନା**
ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**

ପରିକଳ୍ପନା ଓ ଅଭିନ୍ୟାସ ଉପ ବିଭାଗ
ଓଡ଼ିଶା ସରକାରୀ ମୁଦ୍ରଣାଳୟ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଯୋଜନା ଓ ଅନ୍ୟାନ୍ୟ ସରକାରୀ ତଥ୍ୟ ସମ୍ପର୍କିତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସମ୍ପର୍କିତ ଆଲୋଚନା ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ଲେଖକଙ୍କ ନିଜସ୍ୱ ସମ୍ପତ୍ତି ଓ ଅନୁମୋଦିତ ମୁଖ୍ୟ ଧାର ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ବିଚାରଧାରା ସବୁ ସର୍ବଦା ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ ।

# ସୂଚୀ


| | | |
|---|---|---|
| ଓଡ଼ିଶା: ପ୍ରକୃତିର ପ୍ରୟୋଗଶାଳା | ୧ | ଶ୍ରୀ ପି: ଭି: ନରସିଂହ ରାଓ |
| ଇତିହାସର ପୁନରାବୃତ୍ତି | ୫ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ପର୍ବପର୍ବାଣୀର ଉତ୍ପତ୍ତିରେ ପ୍ରାଗୈତିହାସିକ ସଂସ୍କୃତିର ଆଲେଖ୍ୟ | ୭ | ଡକ୍ଟର ରବିନାରାୟଣ ଦାଶ |
| ନିଷ୍ପତ୍ତି ଆପଣଙ୍କ ହାତରେ | ୧୩ | ଶ୍ରୀ ଅଜିତ୍ କୁମାର ତ୍ରିପାଠୀ |
| ଦୂର ଆକାଶର ତାରା | ୨୦ | ଶ୍ରୀ କୃଷ୍ଣ ମିଶ୍ର |
| ଐତିହାସିକ ବିଭବସ୍ଥଳୀ ବାଣପୁର | ୨୨ | ଶ୍ରୀ ବ୍ରଜବନ୍ଧୁ ଦାଶ |
| ଜଳ ସମ୍ପଦ ଓ ମନୁଷ୍ୟର ଭବିଷ୍ୟତ | ୨୬ | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି |
| ଆଧୁନିକ ନାଟ୍ୟ ସାହିତ୍ୟରେ ଚଳଚ୍ଚିତ୍ରର ପ୍ରଭାବ | ୩୦ | ଡକ୍ଟର କୃଷ୍ଣ ଚରଣ ବେହେରା |
| ସ୍ୱାଧୀନୋତ୍ତର ଓଡ଼ିଶାରେ ନାରୀ ଶିକ୍ଷା | ୩୩ | ଶ୍ରୀମତୀ ସୁପ୍ରିୟା ମଲ୍ଲିକ |
| ସୁଭାଷ ଓ ଉତ୍କଳ | ୩୫ | ଶ୍ରୀ ଗୌରଚନ୍ଦ୍ର ମହାପାତ୍ର |
| ଓଡ଼ିଶାର ଦର୍ଶନୀୟ ସ୍ଥାନ : ଏକ ପରିକ୍ରମା | ୩୭ | ଶ୍ରୀ ଦାଶରଥି ପାତ୍ର |
| ସମ୍ବାଦ ପରିକ୍ରମା | ୪୧ | |

ସଂପାଦକୀୟ...

# ଶିଳ୍ପ ବିକାଶରେ ନୂତନ ଯୁଗ

ଶିଳ୍ପର ପ୍ରସାର ବିନା ଦେଶର ବିକାଶ କେବେ ସମ୍ଭବ ନୁହେଁ । ବେକାରୀ ସମସ୍ୟା ସମାଧାନ ଓ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ରାଜ୍ୟରେ ଭରପୂର ହୋଇ ରହିଥିବା ପ୍ରାକୃତିକ ସମ୍ପଦର ସଦୁପଯୋଗ ହେଲେ ଓଡ଼ିଶା ଆଉ ପଛୁଆ ରାଜ୍ୟ ହୋଇ ରହିବ ନାହିଁ । ଏହି ଦୂରଦୃଷ୍ଟି ଓ ବାସ୍ତବବାଦୀ ଚିନ୍ତାଧାରା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୦ ମସିହାରେ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଓଡ଼ିଶାରେ ଶିଳ୍ପର ପ୍ରସାର ପାଇଁ ଏକ ଉତ୍ସାହର ବାତାବରଣ ସୃଷ୍ଟି କରିଥିଲେ । ଶିଳ୍ପ ପ୍ରତିଷ୍ଠା ପାଇଁ ସେତେବେଳେ ବନ୍ଦର, ରେଳପଥ ଆଦି ଭିତ୍ତିଭୂମିର ଅଭାବ ଥିବାରୁ ବାହାରୁ କେହି ଶିଳ୍ପପତି ଏଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନଥିଲେ । ବାହାରର ପୁଞ୍ଜି ବିନିଯୋଗ ନହେଲେ ଏ ରାଜ୍ୟର ପ୍ରଗତି କେବେ ସମ୍ଭବ ହେବ ନାହିଁ । ସେଥିପାଇଁ ଦୃଢ଼ ସଂକଳ୍ପ ନେଇ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିଳ୍ପ ବିପ୍ଳବ ପାଇଁ ଅବିରତ ଉଦ୍ୟମ ଚଳାଇ ଆସିଥିଲେ । ତାଙ୍କର ସେହି ଉଦ୍ୟମ ଓ ଦୀର୍ଘ କାଳର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି । ଶୁଭିଆରେ ଶିଳ୍ପର ଜାଲ ବିଛେଇ ଦେବାକୁ ଆଜି ଦେଶ–ବିଦେଶର ବହୁ ଶିଳ୍ପପତି ଓଡ଼ିଶାରେ ଧାଡ଼ି ବାନ୍ଧି ରହିଛନ୍ତି । ଦ୍ୱିତୀୟ ଇସ୍ପାତ୍ କାରଖାନା ପାଇଁ ଆମେ କେତେ ସ୍ୱପ୍ନ ଦେଖୁଥିଲୁ, କିନ୍ତୁ ଆଜି ରାଜ୍ୟରେ ଗୋଟିକ ପରେ ଗୋଟିଏ ହୋଇ ଦଶଟି ଇସ୍ପାତ୍ କାରଖାନା ବସିବାକୁ ଯାଉଛି । ଏହା ଫଳରେ ଆଗାମୀ କେତେ ବର୍ଷ ଭିତରେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଅଖଣ୍ଡ ପ୍ରଭାବ ଯୋଗୁଁ ଓଡ଼ିଶା କେନ୍ଦ୍ର ସରକାରଙ୍କର ଅକୁଣ୍ଠ ସାହାଯ୍ୟ, ସମର୍ଥନ ଲାଭ କରିବାରେ ସମର୍ଥ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରସିଂହ ରାଓ ଓଡ଼ିଶାକୁ ପ୍ରଗତିର ଏକ ପ୍ରୟୋଗଶାଳା କରି ଆଗାମୀ କେତେ ବର୍ଷ ମଧ୍ୟରେ ଏ ରାଜ୍ୟର ସ୍ୱରୂପ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେବାକୁ ଘୋଷଣା କରିଛନ୍ତି । ଏଥିପାଇଁ ଓଡ଼ିଶାବାସୀ ତାଙ୍କ ନିକଟରେ କୃତଜ୍ଞ ।

କେନ୍ଦ୍ର ସରକାରଙ୍କ ଉଦାରୀକରଣ ଅର୍ଥନୀତି ଯୋଗୁଁ ଦେଶ ବିଦେଶର ବହୁ ଶିଳ୍ପପତି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜି ଖଟାଇବାକୁ ଆଗଭର ହୋଇ ଆସୁଛନ୍ତି । ରାଜ୍ୟର ଚାରୋଟି ଜିଲ୍ଲାରେ ଦଶଟି ଇସ୍ପାତ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ସେଥି ମଧ୍ୟରେ ଯାଜପୁର ଜିଲ୍ଲାର ଦୁବୁରୀ–ଦଇତାରୀ ଅଞ୍ଚଳରେ ସାତଟି, କେନ୍ଦୁଝର ଜିଲ୍ଲାର କେନ୍ଦୁଝର, ବଡ଼ବିଲ ଓ ଯୋଡ଼ା ଅଞ୍ଚଳରେ ତିନୋଟି, ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ଦୁଇଟି ଏବଂ ଅନୁଗୁଳ ଜିଲ୍ଲାରେ ଗୋଟିଏ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରାଯାଉଛି । ଇତି ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରସିଂହ ରାଓ ଗୋପାଳପୁରଠାରେ ଟିସ୍କୋ ପ୍ରତିଷ୍ଠିତ ଇସ୍ପାତ୍ କାରଖାନାର ଶିଳାନ୍ୟାସ କରିଛନ୍ତି । ଯାଜପୁର ଜିଲ୍ଲା ଦୁବୁରୀଠାରେ ମେସ୍କୋ ଶିଳ୍ପଗୋଷ୍ଠୀ ପକ୍ଷରୁ ପ୍ରତିଷ୍ଠିତ ଇସ୍ପାତ୍ ପ୍ରକଳ୍ପର ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସ୍ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ଏବଂ ସେଠାରେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଶ୍ରୀଯୁକ୍ତ ସନ୍ତୋଷ ମୋହନ ଦେବ ମେସ୍କୋ–କଳିଙ୍ଗ ଇସ୍ପାତ୍ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ଫଳରେ ଓଡ଼ିଶାରେ ଇସ୍ପାତ୍ ଶିଳ୍ପ କ୍ଷେତ୍ରରେ ଏକ ନୂତନ ଯୁଗର ପଦାର୍ପଣ ହୋଇଛି ।

ଚୀନ୍ ରାଷ୍ଟ୍ରଦୂତ କହିଛନ୍ତି, ଏହି ପ୍ରକଳ୍ପ ଚୀନ୍–ଭାରତ ସହଯୋଗର ପ୍ରଥମ ପଦକ୍ଷେପ । ଏହା ଫଳରେ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସମ୍ପର୍କ ସୁଦୃଢ଼ ହେବ ।

ଦେଶରେ ଉଦାରୀକରଣ ନୀତି କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ଉଦ୍‌ଯୋକ୍ତା ବୋଲି କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ସଲମାନ୍ ଖୁର୍ସିଦ୍ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି ।

ଏହି ସବୁ କାରଖାନା ପ୍ରତିଷ୍ଠା ପାଇଁ ଓଡ଼ିଶାରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଏକ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଇସ୍ପାତ୍ ପ୍ରକଳ୍ପ ପ୍ରତିଷ୍ଠା ଫଳରେ ରାଜ୍ୟର ଅର୍ଥନୈତିକ ପ୍ରଗତି ସଙ୍ଗେ ସଙ୍ଗେ ସ୍ଥାନୀୟ ଅଞ୍ଚଳର ପ୍ରଭୂତ ଉନ୍ନତି ସାଧିତ ହେବ । ଦଶ ଲକ୍ଷ ବେକାର ଯୁବକଙ୍କ କର୍ମ ସଂସ୍ଥାନ ବ୍ୟବସ୍ଥା କରାଯିବ । ବନ୍ଦର, ରେଳପଥର ବିକାଶ ସମ୍ଭବ ହେବ । ଆଖପାଖ ଅଞ୍ଚଳକୁ ନେଇ ଶିଳ୍ପ ନଗରୀ ଗଢ଼ି ଉଠିବ । ରାସ୍ତାଘାଟ, ସ୍କୁଲ୍, ଡାକ୍ତରଖାନା, କଲୋନୀମାନ ସ୍ଥାପିତ ହେବ । ପ୍ରକଳ୍ପ ବ୍ୟୟର ଶତକଡ଼ା ଏକ ଭାଗ ଅର୍ଥ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ ।

ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚାଭିଳାଷ ଓ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଖୁବ୍ ଶୀଘ୍ର ଭାରତର ଏକ ଶ୍ରେଷ୍ଠ ଓ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ ହେବ, ଏଥିରେ ସନ୍ଦେହ ନାହିଁ ।



ଗୋପାଳପୁର ବନ୍ଦରକୁ ସବୁଦିନିଆ ବନ୍ଦରରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ
ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର, ଏମ୍‌: ଏମ୍‌: ଟି: ସି:ର ଅଧ୍ୟକ୍ଷ
ଶ୍ରୀ ଏସ୍‌: ମଲ୍ଲିକଙ୍କ ସହିତ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରୁଛନ୍ତି ।



ହୋଟେଲ ସ୍ୱସ୍ତିଠାରେ କୃଷି ବିପଣନ ଉପରେ ଆୟୋଜିତ ନବମ ଜାତୀୟ ସମ୍ମିଳନୀକୁ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।



# ଓଡ଼ିଶା : ପ୍ରଗତିର ପ୍ରୟୋଗଶାଳା

ଶ୍ରୀ ପି: ଭି: ନରସିଂହ ରାଓ

ଆଜି ମୋ ପକ୍ଷରେ ଅତି ଆନନ୍ଦର ଦିନ । କାରଣ କିଛି ଦିନ ତଳେ ମୁଁ ଘୋଷଣା କରିଥିଲି ଯେ ଏ ଓଡ଼ିଶା ରାଜ୍ୟକୁ ମୁଁ ନିଜର କାର୍ଯ୍ୟକ୍ରମ ଲାଗି ଏକ ପ୍ରୟୋଗଶାଳାରେ ପରିଣତ କରିବି । ମୁଁ ଏ ଯେଉଁ ଘୋଷଣା କରିଥିଲି ତାହା ଖାଲି କଥାରେ ନୁହେଁ, ବାସ୍ତବତାକୁ ଦୃଷ୍ଟିରେ ରଖି ବୁଝି ବିଚାରି ଏହା କହିଥିଲି । ଏ ରାଜ୍ୟରେ ବହୁତ କିଛି ସମ୍ପଦ ଭରି ରହିଛି । କିନ୍ତୁ ଏଠାର ଲୋକେ ଗରିବ । ଏହାର ଅର୍ଥ, ଆମକୁ କିଛି କରିବାକୁ ପଡ଼ିବ । ଏଠାରେ ଭୂମିତଳେ ଯେଉଁ ସମ୍ପଦ ଛପି ରହିଛି ତାହାକୁ ବାହାର କରି ଆମ ଲୋକଙ୍କ କାମରେ ବିନିଯୋଗ କରିବାକୁ ହେବ । ଏହାର ସଦୁପଯୋଗ କରି ତହିଁରୁ ଏପରି କାମ କାଢ଼ିବାକୁ ହେବ ଯହିଁରେ ଗରିବ ଲୋକମାନେ ଦାରିଦ୍ର୍ୟରୁ ମୁକ୍ତ ହେବେ । ଯାହାକୁ **Extreme Poverty, Object Poverty** କୁହାଯାଉଛି ତାହାକୁ ଦୂର କରିବାରେ ଆମେ ସମର୍ଥ ହୋଇପାରିବୁ । ଏଠାରେ କେତେକ ଉଦ୍ୟୋଗ ସ୍ଥାପନ କରି ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେଇ ହେବ । ସେମାନେ ଆମଦାନୀ ବଢ଼ାଇ ପାରିବେ । ତା ହେଲେ ଦାରିଦ୍ର୍ୟ ଦୂର ହେବ । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଗରିବୀ ହଟାଓ ଧ୍ୱନି ଦେଇଥିଲେ । ସେଥିପାଇଁ ବହୁ ଚେଷ୍ଟା ସେହି ଦିନରୁ ଆରମ୍ଭ ହୋଇଥିଲା । କିନ୍ତୁ ଗରିବୀ ହଟାଇବାର ସବୁଠୁ ବଡ଼ ଉପାୟ ହେଉଛି ବେକାରୀ ଦୂର କରିବା । କାମ କରିବାକୁ ଲୋକେ ପ୍ରସ୍ତୁତ ଅଛନ୍ତି ମାତ୍ର କାମ ମିଳୁ ନାହିଁ । ଲକ୍ଷ ଲକ୍ଷ, କୋଟି କୋଟି ଲୋକ ଏ ଦେଶରେ ଅଛନ୍ତି ଯେଉଁମାନଙ୍କ ପାଖରେ କାମ ନାହିଁ । ଯଦି ସେମାନଙ୍କୁ କାମ ଯୋଗାଇ ଦେଇ ପାରିବା, ତେବେ ଗରିବୀ ହଟିବ । ଦେଶର ସୌଭାଗ୍ୟ ମଧ୍ୟ ବହୁତ ବଢ଼ିବ, ଯାହାକୁ ଆମେ କଳ୍ପନା କରି ପାରିବା ନାହିଁ ।

ମୁଁ ଆପଣମାନଙ୍କୁ ଗୋଟିଏ ଉଦାହରଣ ଦେଉଛି । କେତେ ବର୍ଷ ତଳେ ଯେଉଁ ବିଶାଖାପାଟନମ୍ ଥିଲା ସେଠାରେ ଇସ୍ପାତ କାରଖାନା ପାଇଁ ବିରାଟ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଶେଷରେ ସେଠାରେ ଇସ୍ପାତ୍ କାରଖାନା ହେଲା । ମୁଁ ଜାଣେ ସେତେବେଳର ବିଶାଖାପାଟନମ୍ କିପରି ଥିଲା ଏବଂ କାରଖାନା ସ୍ଥାପନ ପରେ ତା'ର କି ପରିବର୍ତ୍ତନ ନ ହୋଇଛି । ତା'ର ପୁନର୍ଜନ୍ମ ହୋଇଗଲା, ସ୍ୱରୂପ ବଦଳିଗଲା, ବାତାବରଣ ବଦଳିଗଲା । ଆଜି ଦେଶର ପ୍ରସିଦ୍ଧ ସୁନ୍ଦର ସହର ମଧ୍ୟରେ ଏହାକୁ ଗଣନା କରାଯାଉଛି । ମୁଁ ଜାଣି ପାରୁଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଗୋପାଳପୁର ସେହିଭଳି ହେବ । ଏଠାରେ ବହୁତ ଉପାଦାନ ଗଚ୍ଛିତ ରହିଛି । ପ୍ରଥମତଃ ଏହା ଏକ ଐତିହାସିକ ନଗରୀ । ଐତିହାସିକ ସ୍ଥାନର ବିକାଶ ଏବଂ ତା'ର ଶୋଭା ବୃଦ୍ଧି କରାଇବା ଦ୍ୱାରା ଆମ ସମସ୍ତଙ୍କ ମନରେ ଗର୍ବ ଆସିବ । ସେହି ଐତିହାସିକ ପ୍ରତିଭା ପୁନରୁଦ୍ଧାର ହେବ । ଆମେ ଉପଲବ୍ଧି କରିବୁ, ଗୋଟିଏ ବଡ଼ ସାମ୍ରାଜ୍ୟ ଆମେ ଯେମିତି ପୁନରୁଦ୍ଧାର କରୁଛୁ । ଏଠାରେ କେହି ସମ୍ରାଟ ନାହାନ୍ତି, ରାଜା ନାହାନ୍ତି । ପ୍ରଜାମାନେ ଆମର ରାଜା, ମହାରାଜା । ସେମାନଙ୍କ ଦେଖାଦେଖିରେ ଏସବୁ ହେବ ।

ଅତ୍ୟନ୍ତ ଆନନ୍ଦର କଥା ଏଠାରେ ବହୁତ ବଡ଼ ଇସ୍ପାତ୍ କାରଖାନା ସ୍ଥାପିତ ହେବ । ଏହାର ଉତ୍ପାଦନ ୨୫ ଲକ୍ଷ ଟନ୍‌ରୁ ଆରମ୍ଭ ହେବ । ଏହାକୁ ଯିଏ କରୁଛନ୍ତି ସେ ଇସ୍ପାତ୍ ଉଦ୍ୟୋଗର ପିତାମହ ଭାବେ ଖ୍ୟାତ ଜାମସେଦଜୀ ଟାଟା । ସେ ଜାମସେଦପୁରରେ ଅତି ଛୋଟ ଆକାରରେ କାରଖାନା ଆରମ୍ଭ କରିଥିଲେ । କିନ୍ତୁ ଆଜି ତାହା ବିରାଟ କାରଖାନାରେ ପରିଣତ ହୋଇଛି । ଟାଟାଜୀ ସର୍ବପ୍ରଥମେ ସେ କାରଖାନା କଥା ଚିନ୍ତା କରିଥିଲେ । ମୋର ମନେ ପଡୁଛି ୪୫ ବର୍ଷ ପୂର୍ବେ ଆମେ ଯେତେବେଳେ ଇସ୍ପାତ୍ କାରଖାନା କଥା କହୁଥିଲୁ ଅନ୍ୟ ଦେଶର ଲୋକେ କହୁଥିଲେ ଏଠାରେ ଇସ୍ପାତ୍‌ର କ'ଣ ଆବଶ୍ୟକତା ଅଛି ? ଆମେ ଏତେ ପଛରେ ପଡ଼ି ରହିଥିଲୁ ଓ ଏତେ ଗରିବ ଥିଲୁ ଯେ ଭାରତରେ ବଡ଼ କାରଖାନାର ଦରକାର ନଥିଲା ବୋଲି କୁହାଯାଉଥିଲା, ଅନ୍ୟ ଦେଶମାନଙ୍କରୁ ଆମେ ଇସ୍ପାତ୍ ଖରିଦ କରୁ ବୋଲି ସେମାନେ ଚାହୁଁଥିଲେ । କିନ୍ତୁ ପଣ୍ଡିତ ନେହେରୁ କହିଥିଲେ ଯେ ଭାରତ ପରି ଏତେ ବଡ଼ ଦେଶକୁ କୌଣସି ଦେଶ ଆମ ଚାହିଦା ମୁତାବକ ଜିନିଷ ଯୋଗାଇ ପାରିବ ନାହିଁ । ଏକ ହାତୀ ଭଳି ଦେଶକୁ କେହି ଉଠାଇ ପାରିବ ନାହିଁ । ତାକୁ ନିଜ ଗୋଡ଼ରେ ଠିଆ ହେବାକୁ ହିଁ ପଡ଼ିବ । ଅନ୍ୟ ହାତୀକୁ ଆଣି ମଧ୍ୟ ଏ ହାତୀକୁ ଉଠାଇ ହେବ ନାହିଁ ଏବଂ ଯଦି ଥରେ ଏ ହାତୀ ବସିଗଲା, ତାକୁ ଉଠାଇବା ଆହୁରି କଷ୍ଟକର ହୋଇ ପଡ଼ିବ । ତେଣୁ ପଣ୍ଡିତଜୀ କହିଥିଲେ ଆମର ଇସ୍ପାତ୍ ଦରକାର । ଆମେ ଆମର କାରଖାନା ନିର୍ମାଣ କରିବା । ଏହିପରି ପ୍ରଥମେ ଭିଲାଇ କାରଖାନା ନିର୍ମିତ ହେଲା । ଏହା ପରେ ଅନ୍ୟ କାରଖାନାମାନ । ସରକାରୀ ଉଦ୍ୟୋଗରେ ଏହାକୁ ଆମେ ନିର୍ମାଣ କଲୁ । କାରଣ ସେତେବେଳେ ଅନେକ ଲୋକ କାରଖାନା ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତୁତ ନଥିଲେ । ସେମାନଙ୍କ ପାଖରେ ଏତେ ପୁଞ୍ଜି ନଥିଲା, ଆଜି ସମୟ ଆସିଛି । ବେସରକାରୀ ଉଦ୍ୟୋଗରେ ଆମର କାରଖାନାମାନ ଖୋଲିଛି । ତଥାପି ଆମର ଆବଶ୍ୟକତା ବଢ଼ିବାରେ ଲାଗିଛି । ପ୍ରାୟ ୪ କୋଟି ଟନ୍ ଇସ୍ପାତ୍‌ର ଆବଶ୍ୟକତା ଆମର ରହିଛି । ଆଗାମୀ ୪/୫ ବର୍ଷ ଭିତରେ ଏହା ପୂରଣ ହୋଇଯିବ । ଆମର ଯେଉଁ ଇସ୍ପାତ୍ ଉତ୍ପାଦନ ହେଉଛି, ତାହା ଆବଶ୍ୟକତାଠାରୁ ବହୁତ କମ୍ । ଏଥିପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାକୁ ପଡ଼ିବ ।

**ଇସ୍ପାତ୍ କ୍ଷେତ୍ରରେ** ଆମେ ଆତ୍ମନିର୍ଭରଶୀଳ ହେବାକୁ ଚାହୁଁ । ବାହାରର କୌଣସି ଦେଶ ଉପରେ ଆମେ ନିର୍ଭର କରିବାକୁ ଚାହୁଁନା । ଏହା ଏପରି ଏକ ଜିନିଷ, ଯାହା ବିନା କୌଣସି ଉଦ୍ୟୋଗ ଗ୍ଲିଲି ପାରିବ ନାହିଁ । ଏ ଇସ୍ପାତ୍ ସବୁର ମା, ତେଣୁ ଏ କ୍ଷେତ୍ରରେ ଆମେ କାହା ଆଗରେ ହାତ ପତାଉନୁ ନାହିଁ । ଏହି କାରଖାନା ୨୫ ଲକ୍ଷ ଟନ୍‌ରୁ ଆରମ୍ଭ କରି ୫୦ ଲକ୍ଷ ଟନ୍ ଯାଏ ହୋଇ ପାରିବ । ଏହାଠାରୁ ଅଧିକ ମଧ୍ୟ ହୋଇପାରିବ । ଏହାର ଚାହିଦା ଦିନକୁ ଦିନ ବଢ଼ି ଚାଲିପାରେ । ତେଣୁ ଆମେ ଏହିଭଳି ଆଉ କେତୋଟି କାରଖାନା ବସାଇବାକୁ ଚାହୁଁଛୁ । ମୁଖ୍ୟମନ୍ତ୍ରୀ ଲାଗସନ ବୁଢ଼୍ରୋଙ୍କ ସମ୍ପର୍କରେ ମୋତେ କହୁଥିଲେ । ଏହି କାରଖାନାଗୁଡ଼ିକ ପାଇଁ ଯେଉଁ କଞ୍ଚାମାଲ ଦରକାର ତାହା ଓଡ଼ିଶାରେ ରହିଛି । ପଟ୍ଟନାୟକଜୀ ମୋତେ କଥା ଦେଇଛନ୍ତି ଯେ ଏଥିପାଇଁ ଯାହା କିଛି infastructure ଦରକାର, ଯଥା–ପାଣି, ଜମି–ସେ ସବୁ ପୂରାପୂରି ଓଡ଼ିଶାରେ ଯୋଗାଇ ଦିଆଯିବ । ଉଦ୍ୟୋଗପତିମାନଙ୍କର କୌଣସି ଅସୁବିଧା ହେବ ନାହିଁ । ଓଡ଼ିଶା ସରକାର ମୋତେ ଏ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ମୁଁ କହିବାକୁ ଚାହେଁ ଆମେ ଦୁହେଁ ଏହି ରାଜ୍ୟକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବା । ଗରିବ ଲୋକଙ୍କ ପାଇଁ, ଶିକ୍ଷିତ ଲୋକମାନଙ୍କ ପାଇଁ ଆମେ କି କି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛୁ ଆଜି ଏଠାରେ କୁହାଗଲା । ଇନ୍ଦିରା ଆବାସ ଯୋଜନାରେ ଗତ ଦଶ ବର୍ଷ ମଧ୍ୟରେ ୧୮ ଲକ୍ଷ ବାସଗୃହ ନିର୍ମାଣ ହୋଇଥିବା ବେଳେ ଗୋଟିଏ ବର୍ଷ ଭିତରେ ୧୦ ଲକ୍ଷ ଘର ନିର୍ମିତ ହୋଇଛି । ଏସବୁ ମଧ୍ୟମ ବର୍ଗର ଲୋକଙ୍କ ପାଇଁ ନୁହେଁ, ଗରିବ ଲୋକଙ୍କ ପାଇଁ କରାଯାଉଛି । ଏପରି କୌଣସି ସମ୍ପ୍ରଦାୟ ନାହିଁ ଯେଉଁମାନଙ୍କୁ ଆମ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇ ନାହିଁ । ସେମାନଙ୍କ ଉନ୍ନତି ପାଇଁ ଆମେ ଚିନ୍ତା କରୁଛୁ । କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛୁ । ଏହି ପାଞ୍ଚବର୍ଷ ଭିତରେ ଆମେ ଯାହା କରି ଦେଖାଇଛୁ, ତାହା ଦେଶ ସାମନାରେ, ଆପଣଙ୍କ ସାମନାରେ ରହିଛି । ଆପଣମାନେ ତା'ର ମାଲିକ ।

ଦେଶରେ ପଞ୍ଚାୟତ ଗଢ଼ା ଯାଉଛି । ଆମେ ପଞ୍ଚାୟତ ଜିଲ୍ଲା ପରିଷଦ ଜରିଆରେ ସବୁ ଲୋକଙ୍କ ସହିତ ମିଶି କାମ କରିବାକୁ ଚାହୁଁ । ଭାରତ ସରକାରଙ୍କ ପକ୍ଷରୁ ଯେଉଁ ଟଙ୍କା ଦିଆଯିବ ସେସବୁ ପଞ୍ଚାୟତଗୁଡ଼ିକ ଜରିଆରେ ଖର୍ଚ୍ଚ କରାଯିବ । ରାଜ୍ୟ ସରକାର ଜିଲ୍ଲା ଆଦି ମାଧ୍ୟମ କମ୍ କରାଯାଇ ପଞ୍ଚାୟତରେ ଏହି ସାହାଯ୍ୟ ପହଞ୍ଚିଯିବ । ଆମେ ଏହି ଗାଇଡ୍ ଲାଇନ୍ ଦେଉଛୁ । ଏହିଭଳି ଗୋଟିଏ ପକ୍ଷରେ ଲୋକମାନଙ୍କୁ ସଂଗଠିତ କରୁଛୁ ଏବଂ ଅନ୍ୟ ଦିଗରେ ସେମାନଙ୍କ ପାଖରେ ସାଧନ ପହଞ୍ଚାଇ ଦେଉଛୁ ।

ଗୋପାଳପୁରକୁ ଏବେ ଯାହା ଦେଖୁଛନ୍ତି ଏତେ ବଡ଼ କାରଖାନା ହେବା ପରେ ଏଠା ବନ୍ଦର ତ ଆହୁରି ବିରାଟ ହୋଇଯିବ । କାରଣ ଏଠାରେ ଇସ୍ପାତ୍ କାରଖାନା ହେବାକୁ ଯାଉଛି । ଏହି ଇସ୍ପାତ୍ କାରଖାନା ବନ୍ଦର ସହିତ ସଂଯୁକ୍ତ ହେବ । ଏ ବନ୍ଦର ଏତେ ଛୋଟ ଯେ ଏଥିରେ କାହାରିକୁ ଜାହାଜ କାମ ଚଳି ପାରିବ ନାହିଁ । ଏହାକୁ ବଡ଼ ବନ୍ଦର କରିବାକୁ ହେବ । ଦୁଇ/ଚାରିବର୍ଷ ଭିତ… ଯେତେବେଳେ ଏହି କାରଖାନା ତିଆରି ହୋଇଯିବ, ସେତେବେଳେ… ଏ ବନ୍ଦର ସମ୍ପୂର୍ଣ୍ଣ ହୋଇଥିବ । ସେହିଭଳି ଏହି ଛୋଟ ରେ… ଲାଇନ୍‌କୁ ଚଉଡ଼ା କରାଯିବ ।

ଏହି କାରଖାନା ସାଥିରେ କାଲି ଆହୁରି ଛୋଟ ଛୋ… କାରଖାନା ବସିଯିବ । ମା' ସାଙ୍ଗରେ ପିଲା ଯେମିତି ଆସ… ସେହିପରି କେତେ କାରଖାନା ଏଠାକୁ ଆସିଯିବ । ଗୋଟିଏ ବ… ଉଦ୍ୟୋଗ ଆସିଲେ ଛୋଟ, ମଧ୍ୟମ ଧରଣର ଅନେକ ଉଦ୍ୟୋ… ମଧ୍ୟ ତା' ସହିତ ଆସିଯିବ । ମୁଁ କଳ୍ପନା କରି ପାରୁ… ଆପଣମାନେ କଳ୍ପନା କରି ପାରିବେ ନାହିଁ । ଆଜି ଯେଉଁ… ଆମେ ଠିଆ ହୋଇଛୁ ଦଶ ବର୍ଷ ପରେ ସେ ସ୍ଥାନର ସ୍ୱରୂପ କ… ହୋଇଥିବ !

ଟାଟାଜୀଙ୍କୁ ମୁଁ ଗୋଟିଏ କଥା କହିବାକୁ ଚାହେଁ । … ଏଠାରେ କାରଖାନା ବସାଇବେ । ଏଥିପାଇଁ ୩/୪ ବ… ଲାଗିଯିବ । ଲୋକେ ଉପକୃତ ହେବେ । ନିର୍ମାଣ କାର୍ଯ୍ୟରେ… ଇଞ୍ଜିନିୟରମାନଙ୍କୁ କାମ ମିଳିବ । ଯେଉଁ ୨୦/୨୫ ଖଣ୍ଡ … ଏଠାରେ ଅଛି ସେମାନଙ୍କ ପାଇଁ କିଛି ଉନ୍ନତିକର କାର୍ଯ୍ୟ ସେ… କରନ୍ତୁ । କାରଖାନା ଲାଗି ସେ ଯେଉଁ ହଜାରେ, ଦୁଇହଜାର… କୋଟି ଟଙ୍କା ଖର୍ଚ୍ଚ ସେ କରୁଛନ୍ତି ସେଥିରୁ ସେ ୨୦/୨୫ କୋ… ଟଙ୍କା କାଢ଼ନ୍ତୁ । ଏଥିରେ ଲୋକେ ଉପକାର ପାଇବେ । ପା… ହସପିଟାଲ୍, ସଡ଼କ ଆଦି ଛୋଟ ଛୋଟ କାମ ରାଜ୍ୟ ସରକାର … କରିବେ । କିନ୍ତୁ ଏହା ହେବାରେ ଡେରି ହୋଇପାରେ କି… ଟାଟାଜୀ ତୁରନ୍ତ ଦେଇପାରିବେ । ଲୋକେ ସବୁବେଳେ ମ… ରଖିବେ ଯେ ଏ ଯେଉଁ ସୁବିଧା ସେମାନଙ୍କର ହେଲା, ତାହା ଇସ୍ପା… କାରଖାନା ସ୍ଥାପନ ଯୋଗୁଁ ସମ୍ଭବ ହୋଇଛି ।

ଆଜି ଦେଶରେ ଯେଉଁ ବଡ଼ ବଡ଼ କାରଖାନା ହେଉଛି ସେଗୁ… ଲକ୍ଷପତି, କୋଟିପତିମାନଙ୍କର । ଗରିବଙ୍କ ପାଇଁ ସେଥିରେ କ… ଅଛି ?– ଏ ଭୁଲ ଧାରଣା କେତେକଙ୍କ ଦ୍ୱାରା ସୃ… କରାଯାଉଛି । ଏ ଦେଶରେ ବାଧା ସୃଷ୍ଟିକାରୀ କେତେକ ଲୋ… ରହିଛନ୍ତି ଯେଉଁମାନେ ସବୁ କ୍ଷେତ୍ରରେ ଓଲଟା କଥା କହନ୍ତି… ତେଣୁ ଲୋକଙ୍କ ମନରୁ ଏହି ଭୁଲ ଧାରଣା ଦୂର କରିବା… ହେବ ।

ବର୍ତ୍ତମାନ ଏହା ଆରମ୍ଭ ମାତ୍ର । ମୁଁ ଏ ସୁନ୍ଦର ସ୍ଥାନ… ଆପଣମାନଙ୍କର ଏ କାରଖାନାକୁ ଦେଖିବା ଲାଗି ଏଠାକୁ ଏ… ଆସୁଥିବି । ଆପଣମାନେ ଏ କାର୍ଯ୍ୟରେ ସହଯୋଗ କରନ୍ତୁ… ଏଠାର ଲୋକଙ୍କୁ ମୋର ଏତିକି କହିବାର କଥା ।

ଆପଣମାନଙ୍କର ସାଂସଦ ଗଜପତିଜୀ କହିଲେ ଏଠ… ଲୋକମାନଙ୍କୁ ଚାକିରି ମିଳିବା ଉଚିତ । ଲୋକଙ୍କୁ ରୋଜଗା… ଦେବା ଦରକାର । ଏ ବିଲକୁଲ ଠିକ୍ କଥା । ଟାଟାଙ୍କ ଜ… ଉଦ୍ୟୋଗପତି ଏ କଥା ଭଲ ଭାବରେ ବୁଝିଛନ୍ତି । …

ଲୋକମାନଙ୍କୁ କିଭଳି ସାହାଯ୍ୟ କରିବେ ସେମାନଙ୍କ ପାଇଁ କ'ଣ କ'ଣ କରିବେ, ସେ କଥା ତାଙ୍କୁ ବୁଝାଇବା ଦରକାର ନାହିଁ ।

ଆଜି ବଡ଼ ଶୁଭ ଦିନ । ନୂଆବର୍ଷ ଆରମ୍ଭ ହେଉଛି । ଏହି ଅବସରରେ ଭାରତ ସରକାରଙ୍କ ପକ୍ଷରୁ ଆପଣମାନଙ୍କୁ ଏ ଉପହାର ଦେଉଛି । ଭାରତ ସରକାରଙ୍କ ପ୍ରଗତିଶୀଳ ନୀତିରେ ଆପଣମାନେ ଚାଲି ଆସିଛନ୍ତି । ଆଗାମୀ ବର୍ଷ ଆପଣମାନଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧ ଆଣି ଦେଉ, ଏହା ହିଁ ଭଗବାନଙ୍କୁ ପ୍ରାର୍ଥନା କରି ନବବର୍ଷର ବଧେଇ ଜଣାଉଛି ।

# ରେଳପଥର ଜାଲ ବିଛେଇ ଦିଆଯିବ

୧୯୯୬ ନବବର୍ଷର ଶୁଭାରମ୍ଭ ହେଉଛି । ଏହି ଅବସରରେ ଭାରତ ସରକାରଙ୍କ ପକ୍ଷରୁ ମୁଁ ଆପଣମାନଙ୍କୁ ଏକ ମହତ୍ତ୍ୱପୂର୍ଣ୍ଣ ଉପହାର ପ୍ରଦାନ କରୁଛି । ତାହା ହେଉଛି ଏ ରେଳ ଲାଇନ୍ । ୫୩୦ କୋଟି ଟଙ୍କାରେ ନିର୍ମିତ ଏ ରେଳପଥ ଆପଣମାନଙ୍କ ପାଇଁ ବହୁତ ଉପଯୋଗୀ ହେବ । ଏଠାରେ ଗରିବ ଲୋକମାନେ ଏଥିରୁ ବିଶେଷ ଉପକୃତ ହୋଇ ପାରିବେ । ଓଡ଼ିଶା ବିଷୟରେ କୁହାଯାଏ ଏଠାରେ ଦୌଲତ ପୂରି ରହିଛି, କିନ୍ତୁ ଲୋକେ ବହୁତ ଗରିବ । ଏ କିପରି ବିରୋଧାଭାସ ? ଏହାର କାରଣ ଭୂଇଁତଳେ ଆପଣମାନଙ୍କର ଧନ ଛପି ରହିଛି । ତେଣୁ ମାଟିତଳୁ ତାକୁ କାଢ଼ିବାକୁ ହେବ । ଲୋକଙ୍କୁ କାମ ଯୋଗାଇବାକୁ ହେବ । ସେମାନଙ୍କର ଗରିବ ଅବସ୍ଥା ଦୂର କରିବାକୁ ପଡ଼ିବ । ଏଠାରେ ଯେଉଁ ଖଣିଜ ସମ୍ପଦ ଅଛି ତା'ର ଉପଯୋଗ କରିବା ସବୁଠାରୁ ବଡ଼ କାମ । ଏହି ସମ୍ପଦକୁ ଆଧାର କରି ଏଠାରେ ଶିଳ୍ପର ବିକାଶ ହେବା ଦରକାର । ଲୋକଙ୍କୁ ଚାକିରି ମିଳିବ, ଆମଦାନି ବଢ଼ିବ, ଗରିବୀ ଦୂର ହେବ— ଏ ରାଜ୍ୟ ପାଇଁ ଏଭଳି ଗୋଟିଏ ଗୋଟିଏ କାର୍ଯ୍ୟକ୍ରମ ହୋଇପାରିବ ।

ଏ ରାଜ୍ୟର ସାମଗ୍ରୀ ଅନ୍ୟ ଜାଗାକୁ ଯିବ । ଅନ୍ୟ ଦେଶର ସାମଗ୍ରୀ ଏ ଦେଶକୁ ଆସିବ । ତା' ହେଲେ ଉଦ୍ୟୋଗ ଚାଲିବ । ଏଥିପାଇଁ ସର୍ବପ୍ରଥମେ ରେଳପଥର ଆବଶ୍ୟକତା ରହିଛି । ଆପଣମାନେ ଦେଖିବେ, ସମଗ୍ର ଅଞ୍ଚଳରେ ଆମେ ରେଳବାଇର ଏକ ଜାଲ ବିଛେଇ ଦେବୁ । ଏବେ ରେଳବାଇ ମନ୍ତ୍ରୀ କାଲମାଡ଼ିଜୀ ଆପଣମାନଙ୍କୁ କହିଲେ, ୪/୫ଟି ରେଳପଥର ନିର୍ମାଣ କାର୍ଯ୍ୟ ଚାଲିଛି । ବର୍ଷେ, ଦୁଇ ବର୍ଷ ଭିତରେ ତାହା ସମ୍ପୂର୍ଣ୍ଣ ହୋଇଯିବ । ଏଠା ଲୋକଙ୍କ ସୁବିଧା ପାଇଁ, ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ରେଳପଥ ନିର୍ମାଣ ଏକାନ୍ତ ଜରୁରୀ । ଗୁଣପୁର–ରାୟଗଡ଼ା ମଧ୍ୟରେ କୌଣସି ରେଳଲାଇନ୍ ନାହିଁ । ଏହି ଲାଇନ୍ ଗଲେ ଏ ଜାଲ ପୁରା ହୋଇଯିବ । ମୁଁ ଭାବୁଛି ଯାହା ହେବା କଥା, ତାହା ହୋଇଯିବା ଦରକାର । ମୁଁ କାଲମାଡ଼ିଜୀଙ୍କୁ,ରେଳବାଇ ବୋର୍ଡକୁ କହିବି, ଏହାକୁ ଗୁରୁତ୍ୱ ଦେଇ ଯେତେ ଶୀଘ୍ର ସମ୍ଭବ ଏ ରେଳ ଲାଇନକୁ ସମ୍ପୂର୍ଣ୍ଣ କରିବାକୁ ସେମାନେ ଉଦ୍ୟମ କରିବେ ।

ମୁଁ ଆପଣମାନଙ୍କୁ କହିବାକୁ ଚାହେଁ ଗତ ପାଞ୍ଚ ବର୍ଷ ଭିତରେ ଏ ଦେଶରେ ବହୁତ କାମ ହେଉଛି । ନ୍ୟାରୋଗେଜ୍ ଲାଇନ୍‌ଗୁଡ଼ିକୁ ବ୍ରଡ଼ଗେଜ୍ ଲାଇନ୍ କରାଯାଉଛି । ଓଡ଼ିଶାର ଔଦ୍ୟୋଗୀକରଣରେ ଏହା ବିଶେଷ ସହାୟକ ହେବ । ଆମେ ଗରିବଙ୍କ ପାଇଁ, ଲୋକଙ୍କୁ ରୋଜଗାର, କାମ ଯୋଗାଇ ଦେବା ପାଇଁ, ଆମଦାନୀ ବଢ଼ାଇବା ପାଇଁ ବହୁତ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ମହିଳାମାନଙ୍କ ପାଇଁ, ଶିଶୁମାନଙ୍କ ପାଇଁ, ଛାତ୍ରଛାତ୍ରୀମାନଙ୍କ ପାଇଁ, ଆଦିବାସୀ–ହରିଜନ, ଭାଇଭଉଣୀମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏ ଚାରି ବର୍ଷ ମଧ୍ୟରେ ଏ ସମସ୍ତ କାର୍ଯ୍ୟକ୍ରମ ସହିତ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଆମର ଯୁବକମାନଙ୍କୁ ଛୋଟ ଓ ବଡ଼ ଧନ୍ଦା ଯୋଗାଇ ଦେବାର କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ସାରା ଭାରତରେ ପ୍ରତ୍ୟେକ ଗାଁରେ ଗରିବ ବୁଢ଼ାବୁଢ଼ୀଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି । ସମସ୍ତଙ୍କୁ ପ୍ରତି ମାସରେ ୭୫ ଟଙ୍କା କରି ମନିଅର୍ଡର ଯୋଗେ ପଠାଇବାର ଉଦ୍ୟମ କରିବୁ ନଚେତ୍ ସେମାନଙ୍କ ନାମରେ ଡାକଘରେ ଖାତା ଖୋଲାଇ ଏହି ଟଙ୍କା ଜମା କରାଇ ଦେବୁ । ବୃଦ୍ଧାବସ୍ଥାରେ ଅସୁବିଧା ହେଲେ ବେମାର ପଡ଼ିଗଲେ, ସେମାନେ ଏଥିରୁ ଉପକାର ପାଇ ପାରିବେ । ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆରମ୍ଭ ହୋଇଛି । ଶୁଣିବାକୁ ପାଇଲି, ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ବେଶ୍ ଭଲ ଭାବରେ ଚାଲିଛି । ଆମ ପାଖରେ ଯଥେଷ୍ଟ ଖାଦ୍ୟଶସ୍ୟ ମହଜୁଦ୍ ରହିଛି । ଆମେ ଚାହୁଁ ପିଲାମାନେ ସ୍କୁଲକୁ ଯାଆନ୍ତୁ, ବାହାରେ ନବୁଲି କିଛି ପଢ଼ନ୍ତୁ, ଲେଖନ୍ତୁ, ସେମାନଙ୍କ ଭବିଷ୍ୟତ ଉନ୍ନତ ହେଉ । ସେମାନଙ୍କ ଗରିବ ବାପାମାଆଙ୍କ ସୁବିଧା ପାଇଁ ତିନି କିଲୋ ଚାଉଳ ଯୋଗାଇ ଦେଉଛୁ । ଖାଦ୍ୟ ଉତ୍ପାଦନ ବଢ଼ିବା ସଙ୍ଗେ ସଙ୍ଗେ ଏ ସାହାଯ୍ୟ ପରିମାଣ ମଧ୍ୟ ୪/୫ କିଲୋ ପର୍ଯ୍ୟନ୍ତ ବଢ଼ାଇ ଦିଆଯିବ । ରାଜ୍ୟର ସମୃଦ୍ଧି ପାଇଁ, ଶିଳ୍ପର ବିକାଶ ପାଇଁ, ଶିକ୍ଷିତ ଯୁବକ, ଇଞ୍ଜିନିୟର, ଡାକ୍ତର, ଟେକ୍‌ନିସିଆନମାନଙ୍କୁ ଚାକିରି ଯୋଗାଇ ଦେବା ପାଇଁ ଉଦ୍ୟୋଗ ସ୍ଥାପନ କରୁଛୁ । ଏହିଭଳି ଗରିବଙ୍କଠାରୁ ଆରମ୍ଭ କରି ଶିକ୍ଷିତ, ଅଶିକ୍ଷିତ ମହିଳା ସମସ୍ତଙ୍କ ପାଇଁ, ସବୁ ଶ୍ରେଣୀର ଲୋକଙ୍କ ପାଇଁ ଆମେ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଏହି କାମ ଚାଲିଛି ଓ ଚାଲିବ ।

(୧୯୯୫ ଡିସେମ୍ବର ୩୦ ତାରିଖ ଗୋପାଳପୁର ଇସ୍ପାତ୍ କାରଖାନାର ଶିଳାନ୍ୟାସ, କୋରାପୁଟ–ରାୟଗଡ଼ା ରେଳପଥ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ)



# ଜାତିର ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ

# ଏକଲକ୍ଷକୋଟି ଟଙ୍କାର ପୁଞ୍ଜି ବିନିଯୋଗ



## ଷି ବିକାଶ

ଚାଷୀମାନଙ୍କ ଋଣର ସୁଧଛାଡ଼, ବିନା ସୁଧରେ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦୀ କୃଷି ଋଣ ଯୋଗାଣ । ରିହାତିରେ ବିହନ ଓ କୃଷି ଯନ୍ତ୍ରପାତି ଯୋଗାଣ ଓ ଅଧିକ ୬ଲକ୍ଷ ହେକ୍ଟର ଜମିରେ ଜଳ ସେଚନର ଲକ୍ଷ୍ୟ ।

## ଧାରୁ ମୁକ୍ତି

୧୪୩ ଟି ବ୍ଲକ୍‌ର ନିର୍ଦ୍ଦିଷ୍ଟ ପରିବାରଙ୍କୁ ୨ ଟଙ୍କା କିଲୋ ହିସାବରେ ଚାଉଳ ଯୋଗାଣ ।

୨୦ଟି ବ୍ଲକ୍‌ର ବୃଦ୍ଧ, ଅକ୍ଷମ, ଦୁଃସ୍ଥ ଲୋକମାନଙ୍କୁ ଦୁର୍ଦ୍ଦିନରେ ମାଗଣା ଖାଦ୍ୟ ଯୋଗାଣ ।

## ମସ୍ତଙ୍କ ପାଇଁ ଶିକ୍ଷା

ସମସ୍ତ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲାଗି ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଫଳରେ ଆଶାଜନକ ଭାବେ ଉପସ୍ଥାନ ବୃଦ୍ଧି ।

ପ୍ରତି ଆଦିବାସୀ ବ୍ଲକ୍‌ରେ ଅତିରିକ୍ତ ଗୋଟିଏ ଆବାସିକ ସ୍କୁଲର ବ୍ୟବସ୍ଥା ।

୧୦,୦୦୦ ଛାତ୍ରଛାତ୍ରୀଙ୍କର ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ନିଷ୍ପତ୍ତି ।

## ାମାଜିକ ନ୍ୟାୟ

ମହିଳା ଓ ପଛୁଆବର୍ଗର ଲୋକଙ୍କ ପାଇଁ ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ।

ଇନ୍ଦିରା ଆବାସ ଯୋଜନାରେ ୫ ଗୁଣ ଅଧିକ ଗୃହ ନିର୍ମାଣ ।

ଦୁସ୍ଥ ମହିଳାଙ୍କୁ ଆର୍ଥିକ ସହାୟତା, କୃଷି ଶ୍ରମିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ।

## ଙ୍କାରୀ ସମସ୍ୟାର ମୁକାବିଲା

ଖାଲି ପଡ଼ିଥିବା ୩୫,୦୦୦ ସରକାରୀ ଚାକିରୀରେ ନିଯୁକ୍ତି ପାଇଁ ନିଷ୍ପତ୍ତି ।

ଜବାହର ରୋଜଗାର ଯୋଜନା ଇତ୍ୟାଦିରେ ବେକାର ଯୁବକଙ୍କ ଆତ୍ମନିଯୁକ୍ତି ଲାଗି ଦୁଇଗୁଣ ଅର୍ଥ ବିନିଯୋଗ ।

## ଡ଼ିଆଭାଷାର ଉନ୍ନତି

ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ପରିଚାଳନା କରିବା ପାଇଁ ଦୃଢ଼ ନିର୍ଦ୍ଦେଶ ।

## ଶିଳ୍ପ ବିକାଶ

★ ଭୂଷଣ ଷ୍ଟିଲ୍ସ ଓ ଷ୍ଟ୍ରିପ୍ସ, ନୀଳାଚଳ ଇସ୍ପାତ୍ ନିଗମ, ଗଣପତି ଏସିଆନ୍ ଆଲଏକ୍, ବ୍ରାହ୍ମଣୀ ଲୌହ ଓ ଇସ୍ପାତ୍ କମ୍ପା ଏଲ୍ ଆଣ୍ଡ ଟି, ଜାତୀୟ ଇସ୍ପାତ୍ ପ୍ରତିଷ୍ଠାନ, ମେଷ୍କୋ ଷ୍ଟି ପ୍ରତିଷ୍ଠାନ, ଜିନ୍ଦଲ ଷ୍ଟ୍ରିପ୍ସ, ଇଣ୍ଡିଆନ୍ ସିମ୍‌ଲେସ୍ ଷ୍ଟିଲ୍ ଆ ମିଡଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍‌ସ ପ୍ରତିଷ୍ଠାନ ଦ୍ୱାରା ନୂ କାରଖାନା ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ।

★ ହାଇଡୋ (ସୁଇଡେନ୍) ଇଣ୍ଡଲ୍ ଓ ଟାଟାର ମିଳିତ ଷ୍ଟ ଏଲ.ଆଣ୍ଡ.ଟି ଓ ଆଲ୍‌କୋଆର ମିଳିତ ଉଦ୍ୟମରେ ୨ଟି କାରଖାନା ପାଇଁ ନିଷ୍ପତ୍ତି ।

★ ଆଇ.ଡ଼ି.ସି. ଏବଂ ଡି.ଏଲ୍.ଏଫ୍ ମିଳିତ ସହଯୋଗ କାରଖାନାର ଶୁଭାରମ୍ଭ ।

★ ୬୦ କୋଟି ଟଙ୍କା ବିନିଯୋଗରେ କୋରାପୁଟ, ବୌ ପୁରୀ ଓ ଭଦ୍ରକ ଜିଲ୍ଲାରେ ନୂତନ ଚିନିକଳ ସ୍ଥାପନ ନି

★ ପାରାଦୀପରେ ୩୦୦୦ କୋଟି ଟଙ୍କା ବିନିଯୋଗରେ ବିଶୋଧନାଗାର ପ୍ରତିଷ୍ଠା ପାଇଁ ଉଦ୍ୟମ ।

## ଶକ୍ତି ଉତ୍ପାଦନ

★ ଝାରସୁଗୁଡ଼ା ଜିଲ୍ଲାରେ ୧୬ ହଜାର କୋଟି ଟଙ୍କାର ପୁଞ୍ଜି ବି ୪୦୦୮ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ହଂ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷରିତ ।

★ ଶକ୍ତି ଉତ୍ପାଦନ କ୍ଷେତ୍ରରେ ସୁବ୍ୟବସ୍ଥା ଏବଂ ଉତ୍ପାଦିତ ଶକ୍ତି

★ ରାଜ୍ୟରେ ବିଦ୍ୟୁତ୍‌କାଟ ବ୍ୟବସ୍ଥା ବନ୍ଦ କରିବା ଲାଗି

## ଗୋପାଳପୁର ବନ୍ଦରର ଦ୍ରୁତ ବିକାଶ

★ ୧୦୦୦ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବନ୍ଦ ବିକାଶ ପାଇଁ କାମ ଆରମ୍ଭ ।

ଓଡ଼ିଶା ସରକାର

ସୂଚନା ଓ ଲୋକ ସଂପର୍କ ବିଭାଗ

**ଆମର ବିନମ୍ର ପଦକ୍ଷେପ**

# ଇତିହାସର ପୁନରାବୃତ୍ତି

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ଆଜି ଓଡ଼ିଶାବାସୀମାନଙ୍କ ପାଇଁ ଏକ ଗୌରବର ଦିନ। କାରଣ ଆଜି ଗୋପାଳପୁର ବନ୍ଦରର, ଗୋପାଳପୁରର ପୁନରୁଦ୍ଧାର ହେବାକୁ ଯାଉଛି। ପ୍ରାଚୀନ କଳିଙ୍ଗର ସ୍ଥାନ ମୋର ମନେ ପଡ଼ିଯାଉଛି। ପ୍ରାଚୀନ କଳିଙ୍ଗ ଥିଲା ଏହି ଭୂମି, ଏହି ଗୋପାଳପୁର। ଏହିଠାରେ ଥିଲା କଳିଙ୍ଗର ରାଜଧାନୀ ଦନ୍ତପୁର। ଏଠାରୁ ଓଡ଼ିଶାର ନାବିକମାନେ ଜାଭା, ସୁମାତ୍ରା ପ୍ରଭୃତି ଦ୍ୱୀପକୁ ଯାଉଥିଲେ। ଦକ୍ଷିଣ-ପୂର୍ବ ଏସିଆକୁ ଯାଉଥିଲେ। ଭାରତବର୍ଷର ଇତିହାସରେ ସେମାନେ ଓଡ଼ିଶାର ଗର୍ବ ଓ ଗୌରବକୁ ପ୍ରତିଷ୍ଠିତ କରିଥିଲେ। ଆଜି



ସେ ଇତିହାସର ପୁନରାବୃତ୍ତି ହେବାକୁ ଯାଉଛି। ଯେଉଁ ଇସ୍ପାତ କାରଖାନାର ସ୍ୱପ୍ନ ଆମେ ବହୁ ଦିନ ଧରି ଦେଖୁଥିଲେ, ଆଜି ଭାରତବର୍ଷର ଏକ ପ୍ରମୁଖ ଶିଳ୍ପୋଦ୍ୟୋଗୀ 'ଟାଟା କମ୍ପାନୀ' ସେ ଇସ୍ପାତ କାରଖାନା ଏଠାରେ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ପ୍ରଥମ ଅବସ୍ଥାରେ ୨୫ ଲକ୍ଷ ଟନ୍ ଦ୍ୱିତୀୟ ଅବସ୍ଥାରେ ୫୦ ଲକ୍ଷ ଟନ୍ ଏବଂ ୨୦୧୦ ମସିହା ବେଳକୁ ଏହା କୋଟିଏ ଟନ୍ ଉତ୍ପାଦନକ୍ଷମ ଇସ୍ପାତ୍ କାରଖାନାରେ ପରିଣତ ହେବା ପାଇଁ ଯାଉଛି। ପୁଣି ଏହି ଇସ୍ପାତ୍ କାରଖାନାକୁ ଲାଗି କରି 'ଏଲ୍ ଆଣ୍ଡ ଟି' ନାମକ ଭାରତର ଆଉ ଏକ ବିଖ୍ୟାତ କମ୍ପାନୀ ଅନ୍ୟ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଅଚିରେ ଗୋପାଳପୁର ଏସିଆର ଏକ ବୃହତ୍ତମ ଇସ୍ପାତ୍ କେନ୍ଦ୍ର ହେବା ପାଇଁ ଯାଉଛି। ଏହା କେବଳ ଓଡ଼ିଶାର ଗୌରବ ନୁହେଁ, ଭାରତବର୍ଷର ଗୌରବ। ଏଠାରେ ଶିଳ୍ପାୟନ ସହିତ ସାରା ଓଡ଼ିଶାରେ ବହୁ କଳ କାରଖାନା କରିବାର ସ୍ୱପ୍ନ ଆମ୍ଭମାନଙ୍କର ରହିଛି। ଏ ଗୋପାଳପୁର ବନ୍ଦରକୁ ଏକ ପ୍ରଥମ ଶ୍ରେଣୀ ବନ୍ଦରରେ ପରିଣତ କରାଯିବ। ଗୋପାଳପୁରଠାରେ ଅନ୍ୟାନ୍ୟ ଅନେକ କଳ କାରଖାନା ଆସିବା ପାଇଁ ବର୍ତ୍ତମାନ ଶିଳ୍ପୋଦ୍ୟୋଗୀମାନେ ଉଦ୍ୟମ ଆରମ୍ଭ କରି ଦେଲେଣି। ଅତି ଅଳ୍ପଦିନ ମଧ୍ୟରେ ଗୋପାଳପୁର, ବ୍ରହ୍ମପୁର ଓ ଛତ୍ରପୁର- ଏହାକୁ ନେଇ ଏକ ବିରାଟ ଶିଳ୍ପାଞ୍ଚଳ ଗଢ଼ି ଉଠିବ ଏବଂ ଓଡ଼ିଶାର ପ୍ରଗତି ଓ ଶିଳ୍ପାୟନର ଏକ ମୁଖ୍ୟ କେନ୍ଦ୍ରସ୍ଥଳରେ ପରିଣତ ହେବ। ଆଜି ଏ ଅବସରରେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି ଯେ ସେ ଏ ଇସ୍ପାତ୍ କାରଖାନାର ଶିଳାନ୍ୟାସ କରିବାକୁ ଆସିଛନ୍ତି। ଏହା କେବଳ ଶିଳାନ୍ୟାସରେ ରହିବ ନାହିଁ। ଯେଉଁ କମ୍ପାନୀ ଏହାକୁ କରିବାକୁ ଯାଉଛନ୍ତି ସେ ଅତିଶୀଘ୍ର ସେ କାମ ଶେଷ କରିବ। ୨୦୦୦ ମସିହା ସୁଦ୍ଧା ଏଠାରେ ଇସ୍ପାତ୍ ଉତ୍ପାଦନ ହେବ। ଜାମସେଦଜୀ ଟାଟାଙ୍କର ଶତବାର୍ଷିକୀ ବେଳେ ଏଠି ଇସ୍ପାତ୍ ଉତ୍ପାଦନ ହୋଇଥିବ ବୋଲି ସେମାନଙ୍କର ଗୋଟିଏ ପ୍ରତିଜ୍ଞା ରହିଛି। ସେ ଅନୁଚ୍ଛେଦରେ ଆଜି ଏ ଯେଉଁ ଉଦ୍ୟମ ହେଉଛି ସେଥିପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି।

ପ୍ରଧାନମନ୍ତ୍ରୀ ଆଜି ଏକ ପ୍ରମୁଖ ରେଳ ରାସ୍ତା ଉଦ୍‌ଘାଟନ କଲେ। ତା' ହେଉଛି- କୋରାପୁଟ-ରାୟଗଡ଼ା ରେଳପଥ। ଏ ରେଳ ରାସ୍ତା ସହିତ ଓଡ଼ିଶାରେ ଯେଉଁ ତାଳଚେର-ସମ୍ବଲପୁର ରେଳ ରାସ୍ତା ହେବା ପାଇଁ ଯାଉଛି ତାହା ଆଗାମୀ ବର୍ଷ ଡିସେମ୍ବର ମାସ ସୁଦ୍ଧା ଶେଷ ହେବ। ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ। ଏହାଛଡ଼ା ଇସ୍ପାତ୍ ଅଞ୍ଚଳକୁ ଖଣି ଅଞ୍ଚଳକୁ ସଂଯୁକ୍ତ କରିବା ପାଇଁ ଯେଉଁ ରେଳପଥ ପାଇଁ ଆମେ ବହୁଦିନ ଧରି ଉଦ୍ୟମ କରି ଆସିଥିଲୁ ସେ ରେଳପଥ ମଧ୍ୟ ୧୯୯୭ ମସିହା ସୁଦ୍ଧା ଶେଷ ହେବା ପାଇଁ ଯାଉଛି। ତା' ହେଉଛି ବାଂଶପାଣି-ଦୈତାରୀ ରେଳପଥ। ଏହାଛଡ଼ା ଆଉ ଗୋଟିଏ ବଡ଼ ରେଳପଥ ହେବା ପାଇଁ ଯାଉଛି- ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥ। ଏସବୁ ପ୍ରଧାନମନ୍ତ୍ରୀଙ୍କର ଆଶୀର୍ବାଦରେ ସମ୍ଭବ ହେଉଛି। ଏହାଛଡ଼ା ଅନେକ ରେଳପଥ ପଲାସା-ଗୁଣପୁର-ରାୟଗଡ଼ା ପର୍ଯ୍ୟନ୍ତ ବିସ୍ତୃତ ହେବ। ଏ ସମସ୍ତ କାର୍ଯ୍ୟକ୍ରମର ଏକମାତ୍ର ଲକ୍ଷ୍ୟ ହେଉଛି, ଓଡ଼ିଶାକୁ କିଭଳି ଭାବରେ ଆମେ ଆଗେଇ ନେବା। ରେଳପଥରେ ଆଗେଇ ନେବା, ବନ୍ଦରରେ ଆଗେଇ ନେବା, ବିଭିନ୍ନ କଳ କାରଖାନାରେ ଆଗେଇ ନେବା। ଗରିବ ଲୋକଙ୍କ ପାଇଁ ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଆପଣମାନେ ଭଲଭାବରେ ଜାଣନ୍ତି। ସେମାନଙ୍କ ନିରାପତ୍ତା ପାଇଁ ଜୀବନ ବୀମା ବ୍ୟବସ୍ଥା ହୋଇଛି। ଯାହାଫଳରେ ଜଣେ ଗରିବ ମୂଲିଆ ଶ୍ରେଣୀର ଲୋକ ମରିଗଲେ ତା'ର ପରିବାରକୁ ତିନି ହଜାର ଟଙ୍କା, ଦୁର୍ଘଟଣାରେ ମଲେ ପାଞ୍ଚ ହଜାର ଟଙ୍କା ମିଳିବ।

କଂଗ୍ରେସ ସରକାର ନିଷ୍ପତ୍ତି କରିଛନ୍ତି ଏ ବର୍ଷ ଭିତରେ ଓଡ଼ିଶାରେ ପ୍ରାୟ ୩ ଲକ୍ଷ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯିବ କୌଣସି ଗ୍ରାମରେ ଏପରି କୌଣସି ବୁଢ଼ାବୁଢ଼ୀ ରହିବେ ନାହିଁ, ଯେଉଁମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉ ନଥିବ। ତା' ଛଡ଼ା ଇନ୍ଦିରା ଆବାସ ଯୋଜନା। ପୂର୍ବରୁ ୧୨ ହଜାର ଇନ୍ଦିରା ଆବାସ ଗୃହ ଥିଲା। ତାକୁ ଏକ ଲକ୍ଷରେ ପରିଣତ କରାଯାଉଛି। ସ୍କୁଲରେ ପିଲାମାନଙ୍କର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ସବୁ ସ୍କୁଲରେ ଓଡ଼ିଶାର ପ୍ରାୟ ୫୩ ଲକ୍ଷ ବାଳକ ବାଳିକା ବର୍ତ୍ତମାନ ଏହାର ସୁଯୋଗ ପାଉଛନ୍ତି।

କଂଗ୍ରେସ ତା'ର ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା ଯେ ସମସ୍ତଙ୍କର ସୁଧ ଛାଡ଼ କରାଯିବ। ୩୩ କୋଟି ଟଙ୍କା ସୁଧ

ଛାଡ଼ କରାଗଲା ଓ ୧୧୦ କୋଟି ଟଙ୍କା ଋଣ ଆଦାୟ ହେଲା। ପ୍ରଧାନମନ୍ତ୍ରୀ ଶ୍ରୀ ପି: ଭି: ନରସିଂହ ରାଓଙ୍କ ଆଶୀର୍ବାଦରୁ ଏସବୁ କାର୍ଯ୍ୟକ୍ରମ ଗୋଟି ଗୋଟି ହୋଇ କାର୍ଯ୍ୟକାରୀ କରିବା ହେଉଛି ଆମ ସରକାରର ଲକ୍ଷ୍ୟ। କେନ୍ଦ୍ରରେ କଂଗ୍ରେସ ସରକାର, ରାଜ୍ୟରେ କଂଗ୍ରେସ ସରକାର। ସେଥିପାଇଁ ଓଡ଼ିଶା ଆଗେଇ ଚାଲିଛି ପ୍ରଗତିର ପଥରେ। ପ୍ରଧାନମନ୍ତ୍ରୀଙ୍କର ନୂଆ ଅର୍ଥନୀତି ଫଳରେ ଓଡ଼ିଶାରେ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ଆଜି ବିନିଯୋଗ ହେବାପାଇଁ ଯାଉଛି। ୪୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ବର୍ତ୍ତମାନ ପ୍ରତିଶ୍ରୁତି ପାଉଛୁଣି ଏବଂ ଆଗାମୀ ପାଞ୍ଚ ବର୍ଷ ଭିତରେ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଓଡ଼ିଶାରେ ବିନିଯୋଗ ହେବ। ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ଆମର ଯେଉଁ ଉଦ୍ୟମ, ଯେଉଁ ସ୍ୱପ୍ନ, ତାହା ନିଶ୍ଚିତ ଭାବରେ କାର୍ଯ୍ୟକାରୀ ହେବ ଶ୍ରୀ ପି: ଭି: ନରସିଂହ ରାଓଙ୍କ ସାହାଯ୍ୟରେ, ସମର୍ଥନରେ ଏବଂ ଆପଣମାନଙ୍କ ପ୍ରଚେଷ୍ଟାରେ।

## ଓଡ଼ିଶା
## ଗରିବ ରାଜ୍ୟ ହୋଇ ରହିବ ନାହିଁ

ପ୍ରଧାନମନ୍ତ୍ରୀ ଓଡ଼ିଶାରେ ରେଳପଥର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଯେଉଁସବୁ ରେଳପଥ ନିର୍ମାଣ କରାଯାଉଥିଲା, ତାହା କିପରି ଶୀଘ୍ର ଶେଷ ହେବ, ସେଥିପାଇଁ ଉଦ୍ୟମ ହେଉଛି। ତାଳଚେର-ସମ୍ବଲପୁର ରେଳପଥ ୧୯୯୬ ମସିହା ଭିତରେ, ବୈତରଣୀ-ବାଂଶପାଣି ରେଳପଥ ୧୯୯୭ ମସିହା ଭିତରେ ହେବାପାଇଁ ଯାଉଛି। ତାହାଛଡ଼ା ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ମଧ୍ୟ ଶୁଭ ଦିଆଯିବ। ଗୁଣପୁର ସହିତ ରାୟଗଡ଼ାର ସଂଯୋଗ ସ୍ଥାପିତ ହେଲେ ପଲାସାଠାରୁ ରାୟଗଡ଼ା ପର୍ଯ୍ୟନ୍ତ ରେଳପଥ ସଂଯୁକ୍ତ ହୋଇଯିବ। ଲାଞ୍ଜିଗଡ଼, ଜୁନାଗଡ଼, କଳାହାଣ୍ଡି ଜିଲ୍ଲାରେ ମଧ୍ୟ ରେଳପଥର ବିକାଶ ହେବ। ଏ ସବୁ କାର୍ଯ୍ୟକ୍ରମ ସମ୍ଭବ ହେଉଛି ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ପ୍ରତି ସ୍ୱତନ୍ତ୍ର ସହାନୁଭୂତି ଥିବା ଯୋଗୁଁ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆମେ ସମସ୍ତେ ଆନ୍ତରିକ ଧନ୍ୟବାଦ ଦେବା ଦରକାର।

ଓଡ଼ିଶାରେ ଅନେକ କାର୍ଯ୍ୟ କରାଯାଉଛି। ଓଡ଼ିଶାର ଗରିବ ଅବସ୍ଥା ଦୂର କରିବା ପାଇଁ କଂଗ୍ରେସ ସରକାର ଆସିବା ପରେ ପରେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା, ତା'କୁ ଗୋଟି ଗୋଟି କରି କାର୍ଯ୍ୟକାରୀ କରାଯାଉଛି। ହରିଜନ, ଆଦିବାସୀ ଭାଇ ଓ ଭଉଣୀମାନଙ୍କୁ ଦୁଇ ଟଙ୍କାରେ କିଲେ ଚାଉଳ ଯୋଗାଇବାକୁ ଯେଉଁ ପ୍ରତିଶ୍ରୁତି ଦିଆ ଯାଇଥିଲା ତାହା ଆଜି କାର୍ଯ୍ୟକାରୀ ହୋଇଛି। ସବୁ ସ୍କୁଲରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ବିଧବାମାନଙ୍କର ଭତ୍ତା, ବୁଢ଼ାବୁଢ଼ୀଙ୍କର ଭତ୍ତା, ଅକର୍ମଣ୍ୟମାନଙ୍କ ପାଇଁ ଭତ୍ତା ବହୁ ପରିମାଣରେ ବଢ଼େଇ ଦିଆଯାଇଛି। ଇନ୍ଦିରା ଆବାସ ଯୋଜନାରେ ଗତବର୍ଷ ମାତ୍ର ୧୭,୦୦୦ ଗୃହ ଥିଲା। ଏ ବର୍ଷ ପ୍ରଧାନମନ୍ତ୍ରୀ ତାହାକୁ ଏକ ଲକ୍ଷରେ ପରିଣତ କରିଛନ୍ତି। ପ୍ରାୟ ପ୍ରତି ଗାଁରେ ଆଦିବାସୀ, ହରିଜନ, ଗରିବ ଲୋକଙ୍କ ପାଇଁ ଇନ୍ଦିରା ଆବାସ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପାଇଁ ଯାଉଛି। ଏହାଛଡ଼ା ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, ଗରିବ ଲୋକଙ୍କ ନିରାପତ୍ତା ପାଇଁ ବୀମା ଯୋଜନା- ଏହିପରି ବହୁ କାର୍ଯ୍ୟକ୍ରମ ଦାରିଦ୍ର୍ୟ ଦୂରୀକରଣ ପାଇଁ ଆରମ୍ଭ କରାଯାଇଛି। ଆମେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କରି ସମଗ୍ର ଭାରତବର୍ଷରେ ଦେଖାଇଦେବା ଏ ପାଞ୍ଚ ବର୍ଷ ଭିତରେ ଓଡ଼ିଶା ଆଉ ଗରିବ ହୋଇ ରହିବ ନାହିଁ। ୧୯୮୦ରୁ ୧୯୮୯ ମସିହା ଭିତରେ ଓଡ଼ିଶାରେ କଂଗ୍ରେସ ସରକାର ଥିଲାବେଳେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଏହି ପାଞ୍ଚ ବର୍ଷ ମଧ୍ୟରେ ତାହା ଶେଷ କରିବା ପାଇଁ ଆମେ ଚେଷ୍ଟା କରିବା। ଆମର ସୌଭାଗ୍ୟ, କଂଗ୍ରେସ ସରକାର ଆଜି କେନ୍ଦ୍ରରେ ଅଛି। କେନ୍ଦ୍ରରେ କଂଗ୍ରେସ ସରକାର, ରାଜ୍ୟରେ କଂଗ୍ରେସ ସରକାର- ତା'ହେଲେ ଯାଇ ଓଡ଼ିଶାର ସମସ୍ତ ପ୍ରକାର ଉନ୍ନତି ସମ୍ଭବ ହୋଇ ପାରିବ।

ଗୋପାଳପୁର ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ ଉତ୍ସବରେ 'ଏବଂ କୋରାପୁଟ-ରାୟଗଡ଼ା ରେଳପଥ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଭାଷଣ'

# ପର୍ବପର୍ବାଣିର ଉତ୍ପତ୍ତିରେ ପ୍ରାଗୈତିହାସିକ ସଂସ୍କୃତିର ଆଲେଖ୍ୟ

ଡକ୍ଟର ରବିନାରାୟଣ ଦାଶ

ପର୍ବପର୍ବାଣିଙ୍କୁ ବିଶ୍ୱାସ ଓ କର୍ମକର୍ମାଣି ଉପରେ ଆଧାରିତ ଭୋଜି ଉତ୍ସବରୂପେ ବ୍ୟକ୍ତ କରାଯାଇପାରେ । ପ୍ରତ୍ୟେକ ପର୍ବ ବ୍ୟକ୍ତି ବିଶ୍ୱାସରୁ ସୃଷ୍ଟି ହୋଇଥାଏ । ତାହା ସମଷ୍ଟିଗତ ପରିସରକୁ ଆସିଲେ ଏକ ସାମାଜିକ ରୂପ ନିଏ । ତେଣୁ ଗୋଟିଏ ସ୍ଥାନ, ଅଞ୍ଚଳ ତଥା ରାଜ୍ୟର ସୀମା ମଧ୍ୟରେ ବିକଶିତ ହେଉଥିବା ପର୍ବ କ୍ରମେ ଜାତୀୟ ପର୍ବର ଭୂମିକା ଗ୍ରହଣ କରେ । ଉଦାହରଣ ସ୍ୱରୂପ, ଗୁଣ୍ଡିଚାଯାତ୍ରା ବା ପର୍ବକୁ ଗ୍ରହଣ କରାଯାଇପାରେ । ଏହା ବ୍ୟତୀତ ଆଞ୍ଚଳିକ ତଥା ସ୍ଥାନୀୟ ପର୍ବଗୁଡ଼ିକ ଜାତୀୟ ପର୍ବର ଅଙ୍ଗ ହୋଇ ରହିଥାଏ । ସମୟକ୍ରମେ ଏହା ଜାତୀୟ ପର୍ବକୁ ଉନ୍ନୀତ ହୋଇପାରେ ।

ବିଶ୍ୱାସ ଆଦ୍ୟାବସ୍ଥାରେ ପ୍ରାକୃତିକ କାରଣରୁ ଅଥବା ମନର ବିଶ୍ଳେଷିତ ପ୍ରତିଫଳନରୁ ସୃଷ୍ଟି ହୋଇଥାଏ । ପ୍ରାକୃତିକ କାରଣ ବିପାକ ଅଥବା ବୈଚିତ୍ର୍ୟ ଜନିତ ହୋଇପାରେ । ବିପାକରୁ ଆଶଙ୍କା ଅଥବା ଭୟ ଏବଂ ବୈଚିତ୍ର୍ୟର କୌତୁହଳର ସୃଷ୍ଟି ହୋଇଥିବାରୁ ସେଗୁଡ଼ିକର କାରଣ ଜାଣିବା ନିମନ୍ତେ ବ୍ୟାକୁଳତା ବଢ଼େ । ବିପାକର ନିରାକରଣ ନିମନ୍ତେ ଉଦ୍ୟମ ବ୍ୟକ୍ତି ମନର ଅନ୍ତରାଳରେ ଉତ୍ପନ୍ନ ହୁଏ । ସେଥିରୁ ଯୌକ୍ତିକ ଅଥବା ଅଯୌକ୍ତିକ ପ୍ରତିକାରର କଳ୍ପନା ପର୍ବପର୍ବାଣିର ଆଦ୍ୟ ପୃଷ୍ଠଭୂମିରେ ସଂଶ୍ଳିଷ୍ଟ ଥାଏ । ଏହା ବ୍ୟତୀତ କୌଣସି ସଫଳ ପ୍ରୟାସର ଆନନ୍ଦୋଲ୍ଲାସ ମଧ୍ୟ ପର୍ବପର୍ବାଣି ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଅବସର ସୃଷ୍ଟି କରିଥାଏ ।

ପର୍ବ ବ୍ୟକ୍ତି ବିଶ୍ୱାସରୁ କ୍ରମେ ସମଷ୍ଟିଗତ ବିଶ୍ୱାସକୁ ପ୍ରସାରିତ ହେଲେ ତାହା ଶକ୍ତିଶାଳୀ ହୋଇଥାଏ । ସମଷ୍ଟିଗତ ବିଶ୍ୱାସ ଜନିତ ପର୍ବ ଯଦି ଏକ ପ୍ରଭାବଶାଳୀ ଦଳ ବା ଶକ୍ତିଶାଳୀ ବ୍ୟକ୍ତିବିଶେଷର ସହାୟତା ଲାଭକରେ ତେବେ ସେହି ବିଶ୍ୱାସ ଜନିତ ପର୍ବର ଦ୍ରୁତ ପ୍ରସାର ହୁଏ । ବ୍ୟକ୍ତି ବା ଗୋଷ୍ଠୀ ଯେତେ ଶକ୍ତିଶାଳୀ ହୁଏ ତେତେ ଏହି ବିଶ୍ୱାସର ପ୍ରସାର ତ୍ୱରାନ୍ୱିତ ହୋଇଥାଏ ଏବଂ ଏକ ବିସ୍ତାରିତ ସୀମାକୁ ତାହା ସଞ୍ଚରିତ ହୋଇଥାଏ; ଅର୍ଥାତ୍ ଅଧିକ ଲୋକ ଏହାର ପରିସରଭୁକ୍ତ ହୋଇଥାନ୍ତି । ବିଶ୍ୱାସର ମୂଳ ସତ୍ତା ଉତ୍ସବର କର୍ମପର୍ଯ୍ୟାୟ ମଧ୍ୟରେ ଆଚ୍ଛାଦିତ ହୋଇଥାଏ । ସମୟକ୍ରମେ ସେଥିରୁ ଅହରହ ନୂତନ ସଂଯୋଗ ଅଥବା ପରିବର୍ତ୍ତନ ହେଉଥାଏ । ପର୍ବପର୍ବାଣିରେ ଯାହା ଆମ୍ଭେମାନେ ଦେଖୁ ତାହା କେବଳ ବହୁଳ ସଂଯୋଗ ଜନିତ କ୍ରିୟାକଳାପ । ଉତ୍ସବର ରଙ୍ଗ ବୈଚିତ୍ର୍ୟ ସାଧାରଣତଃ ପୂଜାର ସାଜସଜ୍ଜା, ଅଳଙ୍କରଣ ବା ଅଙ୍ଗୀକରଣ ଏବଂ ପୂଜୀତ ଦ୍ରବ୍ୟାଦିର ସମ୍ଭାର ମଧ୍ୟରେ ପ୍ରତିଭାତ ହୁଏ । ବସ୍ତୁତ ଆମ୍ଭେମାନେ କହିପାରିବା ଯେ ପର୍ବପର୍ବାଣିଗୁଡ଼ିକ ସଂଯୁକ୍ତ ଉତ୍ସବ ମାଧ୍ୟମରେ ଅନୁନ୍ନତ ଧର୍ମ ସମ୍ପର୍କୀୟ ବିଶ୍ୱାସର ଫଳ ଅଟନ୍ତି । ପର୍ବପର୍ବାଣିଗୁଡ଼ିକର ଆବିର୍ଭାବ ବିକାଶ ଓ ବ୍ୟାପ୍ତି ସମ୍ପର୍କରେ ବିଶେଷ ତଥ୍ୟ ମିଳେନାହିଁ । ସେଗୁଡ଼ିକରୁ କେତେକର ପ୍ରାଚୀନତମ ଉନ୍ମେଷ ପ୍ରାଗୈତିହାସିକ କାଳରୁ ଘଟିଥିବାର ସମ୍ଭାବ୍ୟ ସୂଚନା ମିଳୁଥିବାରୁ ଏ ପ୍ରବନ୍ଧରେ ସେ ଦିଗରେ ଏକ ପ୍ରାଥମିକ ପ୍ରୟାସ କରାଯାଉଛି ।

ସଂସ୍କୃତିର ଆଦିମ ପର୍ଯ୍ୟାୟରେ ଗୋଷ୍ଠୀ ସମାବେଶ ବା ମିଳନ ଖାଦ୍ୟ ଦ୍ରବ୍ୟାଦି ସଂଗ୍ରହ ନିମନ୍ତେ ଉଦ୍ଦିଷ୍ଟ ଥିଲା । ପ୍ରଥମାବସ୍ଥାରେ ବ୍ୟକ୍ତି, ପରିବାର ଓ ଗୋଷ୍ଠୀ କ୍ରମରେ ଏହା ବିକଶିତ ଓ ବିବର୍ତ୍ତିତ ହୋଇଥିବା ଜଣାଯାଏ । ଖାଦ୍ୟ ସଂଗ୍ରହ ଅଭିଯାନର ସୁବିଧା, ଅସୁବିଧା, ସୁଲଭ ଓ ଦୁର୍ଲଭତା ଏବଂ ତାହା ମିଳିବାର ପରିସୀମା ଅର୍ଥାତ୍ ନିକଟ ବା ଦୂରରେ ସେଗୁଡ଼ିକର ଉପଲବ୍ଧ ହେବାର ସୁଯୋଗ ଏହି ସମାବେଶମାନଙ୍କର ପ୍ରକୃତିକୁ ନିୟନ୍ତ୍ରଣ କରିଥାଏ । ଏପରି ଅଭିଯାନମାନ ସ୍ତ୍ରୀଲୋକମାନଙ୍କର । ଏକ ବିଶେଷ ବୃତ୍ତି ହେବା ସହିତ ପୁରୁଷମାନେ ସେମାନଙ୍କର ସୁରକ୍ଷା ତଥା ସେମାନଙ୍କ ସହିତ ସହଯୋଗ କରିଥିବା ଅନୁଭୂତ ହୁଏ । ଏହାର ସୂଚନା ମଧ୍ୟ ଆଦିବାସୀ ଜୀବନ ଧାରାରୁ ସମର୍ଥିତ ହୋଇଥାଏ । ପାରିବାରିକ ଜୀବନ ଗୋଷ୍ଠୀ ଜୀବନର ମୂଳ ଉତ୍ସ ଏବଂ ଗୋଷ୍ଠୀ ପ୍ରାଥମିକ ଭାବରେ ଏକ ବିସ୍ତାରିତ ପରିବାରକୁ ବୁଝାଇଥାଏ । ତେଣୁ ସମାବେଶ ଗୋଷ୍ଠୀଗତ ଅଥବା ବିସ୍ତୃତ ପାରିବାରିକ ଆବଶ୍ୟକତା ପୂରଣ ନିମନ୍ତେ ଏକ ସମଷ୍ଟିଗତ ସିଦ୍ଧାନ୍ତ ଉଦ୍ଦେଶ୍ୟରେ ଅଭିପ୍ରେତ ଥିବା ଦେଖାଯାଏ । ଏହି ମିଳନ ବା ସମାବେଶର ଛଳି ବିବର୍ତ୍ତିତ ପରିବେଶରେ ଉତ୍ସବର କେନ୍ଦ୍ର ହୋଇଥିବା ମନେ ହୁଏ । ଖାଦ୍ୟ ଦ୍ରବ୍ୟ ସଂଗ୍ରହ, ଶିକାର ଓ କୃଷି କର୍ମର ଆରମ୍ଭ ଅଥବା ତା'ର ପରିସମାପ୍ତି ପାଳନ ଉଦ୍ଦେଶ୍ୟରେ ଏପରି ସମାବେଶ ଅଧିକ ହେଉଥିବା ସ୍ଥିର କରାଯାଇ ପାରେ । କାରଣ ଅନୁନ୍ନତ ସମାଜରେ ଏପରି ଚଳଣୀ ରହିଥିବା ଦେଖାଯାଏ ଯାହାକି ସୁଦୂର ଅତୀତର ନମୁନା ବହନ କରିଥାଏ । ପରବର୍ତ୍ତୀ କାଳରେ ବିଭିନ୍ନ ଧର୍ମ ଅନୁସରଣ କରୁଥିବା ବ୍ୟକ୍ତି ସମୂହ ତଥା ଧର୍ମ ପ୍ରଚାରକମାନେ ଏପରି ସମାବେଶର ସୁଯୋଗ ନେଇ ସେମାନଙ୍କ ଦୃଷ୍ଟିକୋଣର ପ୍ରଖ୍ୟାପନ କରିଥିବା ଦେଖାଯାଏ ।

ପରିମାଣ ବା ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ସ୍ୱୀକୃତ ପର୍ବପର୍ବାଣିଗୁଡ଼ିକର ମୂଲ୍ୟାୟନ କଲେ ଦେଖାଯିବ ଯେ ବର୍ଷର ବିଭିନ୍ନ ମାସରେ ସେଗୁଡ଼ିକର ସଂଖ୍ୟା ଏହିପରି ଯଥା– ବୈଶାଖ–୨୨, ଜ୍ୟେଷ୍ଠ–୧୬, ଆଷାଢ଼–୧୭, ଶ୍ରାବଣ–୯, ଭାଦ୍ରବ–୨୩, ଆଶ୍ୱିନ–୧୫, କାର୍ତ୍ତିକ–୧୬, ମାର୍ଗଶିର–୧୨, ପୌଷ–୬, ମାଘ–୧୬, ଫାଲ୍ଗୁନ–୯ ଓ ଚୈତ୍ର–୧୪ । ଏଥିରୁ ଦେଖାଯିବ ଯେ ଭାଦ୍ରବ ମାସରେ ସର୍ବୋଚ୍ଚ ଓ ଏହା ପଛକୁ ବୈଶାଖ ଏବଂ ଆଷାଢ଼ ମାସମାନଙ୍କରେ ଅଧିକ ସଂଖ୍ୟକ ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ ।

ପର୍ବପର୍ବାଣିର ପ୍ରକୃତି ଅନୁଧ୍ୟାନରୁ ଜଣାଯାଏ ଯେ ସେଗୁଡ଼ିକର ଉତ୍ପତ୍ତି ବିବିଧ। ପ୍ରତ୍ୟେକଟି ପର୍ବପର୍ବାଣି ବର୍ତ୍ତମାନର ଅବସ୍ଥା ପ୍ରାପ୍ତ ହେବା ନିମନ୍ତେ ଦୀର୍ଘକାଳ ବିତାଇଛନ୍ତି। ପର୍ବପର୍ବାଣିମାନଙ୍କରେ ପ୍ରଖ୍ୟାପିତ ହୋଇଥିବା ବିବର୍ତ୍ତନର ଗତିକୁ ଲକ୍ଷ୍ୟ କଲେ ଏହା ସଷ୍ଟ ହୁଏ। ସର୍ବ ପ୍ରାଚୀନ ଅର୍ଥନୀତି ଖାଦ୍ୟ ସଂଗ୍ରହରେ ପର୍ଯ୍ୟବସିତ ଥିଲା। ପ୍ରାଥମିକ ଅବସ୍ଥାରେ ସୁମିଷ୍ଟ ଫୁଲ ଓ ଫଳର ସଂଗ୍ରହ ଏକ ସ୍ୱାଭାବିକ ଘଟଣା ଥିଲା। ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ମହୁଲ, ଆମ୍ବ, ଶାଳ ଆଦି ଫୁଲର ସଂଗ୍ରହ ସହ ବ୍ୟବହାର ଏବଂ ସେଥି ନିମନ୍ତେ ପର୍ବ ପାଳନ ଏକ ସର୍ବ ପ୍ରାଚୀନ ପରମ୍ପରା ଥିଲା। ଆଦିବାସୀମାନେ ବିଶେଷତଃ ମୁଣ୍ଡା, ହୋ, ସାନ୍ତାଳ ଆଦି ଶାଳ ଫୁଲ ଫୁଟିଲେ ତାକୁ ଖାଇବା ପାଇଁ ମାର୍ଚ୍ଚ-ଏପ୍ରିଲ୍ ମାସରେ ବାହା ପର୍ବ ପାଳନ କରିଥାନ୍ତି। ଏହି ସମୟରେ ଶବରମାନେ ମହୁଲ ଫୁଲକୁ ସେମାନଙ୍କ ପିତୃ ପୁରୁଷଙ୍କ ନିମନ୍ତେ ଅର୍ପଣ କରି ଖାଇବା ପାଇଁ ଘରେ ଘରେ 'ଦୋଡ଼ା ଅବଦୁର' ପର୍ବ ଓ ପୂଜା ପାଳନ କରିଥାନ୍ତି। କିନ୍ତୁ ମୁଣ୍ଡା ଓ ସାନ୍ତାଳମାନେ ଗୋଷ୍ଠୀ ଭିତ୍ତିରେ ଏହି ପର୍ବ ନିର୍ଦ୍ଧାରିତ ଦିବସରେ ପାଳନ କରୁଥିବା ବେଳେ ଶବରମାନେ ବିଶେଷତଃ ଲଘ ଲାଞ୍ଜିଆ ଶବରମାନେ ପରିବାର ଭିତରେ ବିଭିନ୍ନ ଦିବସରେ ତାହା ପାଳନ କରନ୍ତି। ଓଡ଼ିଆ ଜାତି ବକୁଳ ଅମାବାସ୍ୟା ଦିନ ଆମ୍ବ ବଉଳ ଖାଇବା ନିମନ୍ତେ ଏକ ପର୍ବ ପାଳନ କରିଥାଏ। ଅନ୍ୟ ଉଦ୍ଦେଶ୍ୟରେ ସଂଗୃହୀତ ପୁଷ୍ପ ମଧ୍ୟ ପର୍ବପର୍ବାଣିର ଆଧାର ହୋଇଥାଏ। କିନ୍ତୁ ଖାଦ୍ୟ ନିମନ୍ତେ ସଂଗୃହୀତ ଫୁଲ ସହିତ ସମ୍ପୃକ୍ତ ପର୍ବପର୍ବାଣି ଅନ୍ୟ ଉଦ୍ଦେଶ୍ୟରେ ସଂଗୃହୀତ ଫୁଲ ସହିତ ସଂଶ୍ଳିଷ୍ଟ ପର୍ବପର୍ବାଣିଠାରୁ ପ୍ରାଚୀନ ରୂପେ ବ୍ୟକ୍ତ କରାଯାଇ ପାରେ।

ଫୁଲ ଭଳି ଫଳ ସଂଗ୍ରହ କରି ତାକୁ ଖାଇବା ଏକ ରୀତି। ଫଳମୂଳ ଆଦି ସଂଗ୍ରହ କରି ଖାଇବା ନିମନ୍ତେ ପର୍ବ ପାଳନ କରିବା ଏକ ପ୍ରାଚୀନ ପରମ୍ପରା। ଅନୁନ୍ନତ ସମାଜରେ ଏହାର ବହୁ ଉଦାହରଣ ମିଳିଥାଏ। ଆଦିବାସୀମାନେ ରାଶି, ଶିମ୍ବ, ଆମ୍ବ, ପିଟା ଆଳୁ, ବିବିଧ କୋଳି ସଂଗ୍ରହ କରି ପର୍ବ ପାଳନ ସହ ଭକ୍ଷଣ କରିଥାନ୍ତି। ଅଣ ଆଦିବାସୀ ସମାଜରେ ଫଳମୂଳ ସଂଗ୍ରହ କରି ପର୍ବ ପାଳନ କରିବାର ଏକ ଜ୍ୱଳନ୍ତ ଉଦାହରଣ ସାବିତ୍ରୀ ଅମାବାସ୍ୟା। ଏଥିରେ ସ୍ତ୍ରୀ ଲୋକମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ସେଥିରେ ସଂଗ୍ରହ ଅର୍ଥନୀତି ଓ ତହିଁରେ ସ୍ତ୍ରୀମାନଙ୍କ ଭୂମିକାର ଏକ ଛବି ଦେଖିବାକୁ ମିଳିଥାଏ। ପରେ ତାହାକୁ ବୈଷ୍ଣବ ଧର୍ମ ଆସିକରଣ କରିଥିବା ସମ୍ଭବ। ଏହା ବ୍ୟତୀତ ଭାଦ୍ର ଶୁକ୍ଳ ନବମୀରେ ପାଚିଲା ତାଳ, ଦୀପାବଳୀ ଅମାବାସ୍ୟାରେ ଆମ୍ବୁ ଓ ଅନ୍ୟାନ୍ୟ ପାଚିଲା ଫଳ ପିତୃମାନଙ୍କୁ ଅର୍ପଣ କରିବା ମଧ୍ୟ ଏହି ସଂଗ୍ରହ ଅର୍ଥନୀତିର ଅନ୍ତର୍ଗତ। ଏହା ପ୍ରାଚୀନ ପ୍ରସ୍ତର ଯୁଗୀୟ ଖାଦ୍ୟ ସଂସ୍କୃତିରେ ଉଜ୍ଜୀବିତ ଥିବା ମନେହୁଏ। ମାତ୍ର ତାହା ମଧ୍ୟରୁ ତାଳ ନବମୀ ଲୁପ୍ତ ପ୍ରାୟ ପର୍ବ ହୋଇଥିଲେ ମୂଳ ପ୍ରାଚୀନ ପ୍ରସ୍ତର ଯୁଗରୁ ଏହାର ଉତ୍ପତ୍ତି ହୋଇଥିବା ସ୍ଥିର କରାଯାଇ ପାରେ।

ପ୍ରାଚୀନ ପ୍ରସ୍ତର ଯୁଗର ଅନ୍ୟ ଏକ ବିକଶିତ ପର୍ଯ୍ୟାୟ କଞ୍ଚା ଫଳକୁ ପୋଡ଼ି ଖାଇବାରେ ପ୍ରକାଶ ପାଏ। ଏହା ପ୍ରାଚୀନ ପ୍ରସ୍ତର ଯୁଗରେ ନିଆଁର ବ୍ୟବହାର ପରବର୍ତ୍ତୀ ପର୍ଯ୍ୟାୟ ଅଟେ। ସମ୍ଭବତଃ ବନାଗ୍ନିରେ ପୋଡ଼ି ଯାଇଥିବା ଫଳ ବା କଞ୍ଚା ପନିପରିବା ଏବଂ ବନ୍ୟଜନ୍ତୁଙ୍କ ମାଂସ ଖାଇବା ଏହି ପର୍ଯ୍ୟାୟରେ ଆବିଷ୍କୃତ ହେଲା ଏବଂ ତାହା କ୍ରମାଗତ ଭାବରେ ପ୍ରଚଳିତ ହେଲା। ବାଇଗଣ, ଜହ୍ନି, ଶିମ୍ବ ଇତ୍ୟାଦି ପରିବାକୁ ପୋଡ଼ି ଖାଇବା ଏକ ସାଧାରଣ ଲୋକ ସଂସ୍କୃତି। ଆଦିବାସୀମାନଙ୍କ ମଧ୍ୟରେ ଏହାର ବ୍ୟାପକ ପ୍ରଚଳନ ରହିଛି। କେଉଁଝର ଅଞ୍ଚଳର ଆଦିବାସୀମାନେ ପଣସକୁ ପୋଡ଼ି ଖାଉଥିବା ବିଷୟ କେତେକ ବ୍ୟକ୍ତ କରନ୍ତି। ବୋଧହୁଏ ସେଥି ନିମନ୍ତେ ଅଗ୍ନି ଚୟନର ଆବଶ୍ୟକତା ଅନୁଭୂତ ହୋଇଥିଲା। ନିଆଁ ଜଳାଇ ସେଥିରେ ପରିବା ଫିଙ୍ଗିବା ପଦ୍ଧତିର ସ୍ମାରକୀ ରୂପେ ଅଗିଜଳା ବା ମାଘ ପୂର୍ଣ୍ଣମୀରେ ପାଳିତ ଅଗ୍ନି ଉତ୍ସବ ଓ ଫଗୁଣ ମାସର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଅନୁଷ୍ଠିତ ଅଇଁଠର ପୋଡ଼ି ଆଦି ସେଥି ମଧ୍ୟରେ ଅନ୍ୟତମ। ପୋଡ଼ି-ଖାଇବା ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀରେ ଏକ ନୂତନ ମାର୍ଗର ପ୍ରଦର୍ଶକ ଥିଲା। ଅଇଁଠର ପୋଡ଼ିରେ ଜୀଅନ୍ତା ମେଣ୍ଢାକୁ ମଧ୍ୟ ନିଆଁରେ ପୋଡ଼ି ଖାଇବା ଏକ ବିଧି। ମାଂସକୁ କଞ୍ଚାରେ ଖାଇବା ଅଥବା ତାକୁ ଶୁଖାଇ ଶୁଖିଲା ମାଂସ ଖାଇବା ଏହାର ପୂର୍ବବର୍ତ୍ତୀ ଏକ ରୀତି ହେବା ସମ୍ଭବ। ଅଦ୍ୟାବଧି ଲାଞ୍ଜିଆ ଶବରମାନଙ୍କ ମଧ୍ୟରେ ପର୍ବ ଉପଲକ୍ଷେ ମଇଁଷି ମାରି ତା'ର ମାଂସକୁ ଶୂଳରେ ଓହଳାଇ ଶୁଖାଇ ଖାଇବା ପଦ୍ଧତି ପ୍ରଚଳିତ ରହିଛି। ଏହା ମଧ୍ୟ ଆଦିମ ଶିକାର ପଦ୍ଧତି ସହ ସଂଶ୍ଳିଷ୍ଟ ଅଟେ।

ପ୍ରାଚୀନ ପ୍ରସ୍ତର ଯୁଗରେ ଶିକାର କରିବା ପଦ୍ଧତିର ବିକାଶ ଘଟିଥିଲା। ଏହା ପୂର୍ବରୁ ମଣିଷ ଅନ୍ୟ ହିଂସ୍ର ଜନ୍ତୁଙ୍କ ଦ୍ୱାରା ମୃତ ପ୍ରାଣୀମାନଙ୍କର କଞ୍ଚା ମାଂସ ଭକ୍ଷଣ କରୁଥିଲା। ଶିକାର କରିବାର ସୂଚନା ପ୍ରାଚୀନ ପ୍ରସ୍ତର ଯୁଗୀୟ ଅସ୍ତ୍ରଶସ୍ତ୍ରର ନିର୍ମାଣରୁ ସ୍ୱୀକୃତ ହୋଇଥାଏ। ଶିକାର କରିବା କେବଳ ବ୍ୟକ୍ତିଗତ ଉଦ୍ୟମ ନଥିଲା। ଏଥିରେ ଗୋଷ୍ଠୀର ଯୋଗଦାନ ହିଁ ଏକ ପଦ୍ଧତି ରୂପେ ଗୃହୀତ ହେଉଥିଲା। ଆଉ ମଧ୍ୟ କୃଷିର ପ୍ରବର୍ତ୍ତନ ହେବା ପର୍ଯ୍ୟନ୍ତ ଏହି ଶିକାର ଶୈଳୀରେ କ୍ରମାଗତ ପରିବର୍ତ୍ତନ ଘଟୁଥିଲା। ଏହା ମଧ୍ୟ ସାମାଜିକ ଜୀବନରେ ପ୍ରତିଫଳିତ ହେଉଥିଲା। ସେଥିପାଇଁ ଯେଉଁ ପର୍ବାଦି ପାଳନ କରାଯାଉଥିଲା ସେଥି ମଧ୍ୟରେ ପାରିଧି ଅନ୍ୟତମ। ଆଦିବାସୀମାନଙ୍କ ମଧ୍ୟରେ ଏହି ପର୍ବ ବିଭିନ୍ନ ନାମରେ ପ୍ରଚଳିତ ରହିଛି। ବିଶେଷତଃ ଗଞ୍ଜାମ ଓ କୋରାପୁଟ ଅଞ୍ଚଳରେ ବିଜାପାଣ୍ଡୁ, ଉତ୍ତର-ପଶ୍ଚିମ ଓଡ଼ିଶାରେ ବିଶୁ ଶିକାର ଓ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଅଖିନ ପାରିଧି ଆଦି ନାମରେ ଏହା ପରିଚିତ। ଅଣ ଆଦିବାସୀ ସମାଜରେ ଅତୀତର ରାଜାମାନଙ୍କ ପାରିଧି କଥା ଲୋକ କଥାରେ ଦେଖିବାକୁ ମିଳେ। କିନ୍ତୁ ଅଦ୍ୟାବଧି ଏହି ପର୍ବ ପାଳନ ବିଧି ସ୍ମାରକୀ ଅଥବା ସୂଚକ ରୂପେ ଅଣ ଆଦିବାସୀ ସମାଜରେ ପ୍ରଚଳିତ, ଯଥା-ଆରଣ୍ୟକ ଷଷ୍ଠୀ ବା

ଶୁଦ ଷଷ୍ଠୀ ଓ ଦଶହରାର ଲାଖବିନ୍ଧା ପର୍ବ । ଆଦିବାସୀମାନେ ଶିକାର ପର୍ବକୁ ସାଧାରଣତଃ ଚୈତ୍ରରୁ ଜ୍ୟେଷ୍ଠ ମାସ ମଧ୍ୟରେ ପାଳନ କରନ୍ତି । ଖୁବ୍ ସମ୍ଭବ ପ୍ରସ୍ତର ଯୁଗୀୟ ମୂଳ ସଂସ୍କୃତି ବିଶେଷତଃ ମଧ୍ୟ ପ୍ରସ୍ତର ଯୁଗୀୟ ଧନୁତୀରର ସାହାଯ୍ୟରେ ଶିକାର କରିବାର ପଦ୍ଧତି କ୍ରମେ ବିସ୍ମୃତ ହୋଇ ପର୍ବ ମାଧ୍ୟମରେ ତା'ର ଅବଶେଷ ମାତ୍ର ରହିଛି । ପରେ ଶୈବ ଓ ଶାକ୍ତ ଧର୍ମର ପ୍ରବାହରେ ଏହା ଆଚ୍ଛାଦିତ ହୋଇ ପରିଚିତ ହେଉଅଛି ।

ଖାଦ୍ୟ ସଂଗ୍ରହ ଓ ଶିକାର ଅର୍ଥନୀତିର ଆନୁଷଙ୍ଗିକ ପର୍ବ ରୂପେ କେତେକ ପର୍ବର ଉତ୍ପତ୍ତି ହୋଇଥିବା ମନେହୁଏ । ସେଥି ମଧ୍ୟରେ ବିବିଧ ହିଂସ୍ରଜନ୍ତୁଙ୍କ ଉପଦ୍ରବରୁ ରକ୍ଷା ପାଇବା ନିମନ୍ତେ ସେମାନଙ୍କୁ ପୂଜା କରିବା ଏକ ସାମାଜିକ ଚଳଣୀରେ ପରିଣତ ହୋଇଥିବା ବୋଧହୁଏ । ଏଥିରେ ସ୍ତ୍ରୀ ତଥା ପୁରୁଷ ଉଭୟଙ୍କର ଅଂଶ ଗ୍ରହଣ ମଧ୍ୟ ଦେଖିବାକୁ ମିଳେ । ହାତୀ, ଘୋଡ଼ା, ବାଘ, ସାପ, ଗରୁଡ଼, ମାଙ୍କଡ଼ ଏପରିକି ଗେଣ୍ଡାଙ୍କ ପୂଜା ମଧ୍ୟ ଓଡ଼ିଆ ସମାଜର ପର୍ବ ଶ୍ରେଣୀଭୁକ୍ତ ହୋଇଥିବା ଦେଖାଯାଏ । ପରବର୍ତ୍ତୀ କାଳରେ ସେଥିରେ ରହିଥିବା ତୁଷ୍ଟିକରଣ ପ୍ରବୃତ୍ତି ଅନ୍ୟାନ୍ୟ ଧର୍ମର ପ୍ରଭାବରେ ଲୁଚାୟିତ ଥିବା ବା ଆଚ୍ଛାଦିତ ହୋଇଥିବା ମନେହୁଏ । ଏକଦା ଏହି ପ୍ରାଣୀମାନଙ୍କୁ ମାନବାକୃତି କରିବାର ଉଦ୍ୟମ ହୋଇ ଯୌଗିକ ମୂର୍ତ୍ତି ନିର୍ମାଣର କଳ୍ପନା ସହ ପୂଜାର ପ୍ରଚଳନ ହୋଇଥିଲା । ସର୍ବ ଭାରତୀୟ ସ୍ତରରୁ ମଧ୍ୟ ଏହାର ସୂଚନା ମିଳେ । ଜ୍ୟେଷ୍ଠ ପୂର୍ଣ୍ଣମୀର ଗଜାନନ ବେଶ ଓ ଆଶ୍ୱିନ ପୂର୍ଣ୍ଣମୀର ଗଜଲକ୍ଷ୍ମୀ ପୂଜା ହିଁ ହାତୀଙ୍କ ନିମନ୍ତେ, ଶ୍ରାବଣ ଶୁକ୍ଳ ପଞ୍ଚମୀ (ନାଗ ପଞ୍ଚମୀ) ଓ କାର୍ତ୍ତିକ ଶୁକ୍ଳ ଚତୁର୍ଥୀ (ନାଗଲ ଚଉଠୀ) ଆଦି ନାଗଙ୍କ ପୂଜା ନିମନ୍ତେ, ଆଶ୍ୱିନ କୃଷ୍ଣ ଷଷ୍ଠୀରେ ହେଉଥିବା ଅଶ୍ୱ ଷଷ୍ଠୀ, କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ଅନୁଷ୍ଠିତ ଗରୁଡ଼ ଦ୍ୱାଦଶୀ, ମହା ବିଷୁବ ସଂକ୍ରାନ୍ତିରେ ପାଳିତ ହନୁମାନ ଜୟନ୍ତୀ ଓ ଚିତର ଅମାବାସ୍ୟାରେ କରାଯାଉଥିବା ଗଡ଼ିଆ ବା ପୋଖରୀରେ ଗେଣ୍ଡା ପୂଜା ସେହି ପ୍ରାଣୀମାନଙ୍କର ତୁଷ୍ଟିକରଣଜନିତ ପୂଜା ପର୍ବ ଅଥବା ତାଙ୍କୁ କବଳିତ କରି ସେବାକାରୀ ଅଥବା ବାହନ ରୂପେ ବ୍ୟବହାର କରିବାର ପ୍ରୟାସର ପର୍ବ ଅଟେ । ଖୁବ୍ ସମ୍ଭବ ସେହି ପ୍ରାଣୀମାନଙ୍କୁ ଶିକାର କରିବାର ବ୍ୟର୍ଥତାରେ ଏହି ପର୍ବର ଉଦ୍ଭବ ହୋଇଥିଲା ।

ଅତି ଆଦିମ କାଳରୁ ସନ୍ତାନ ପ୍ରାପ୍ତି ନିମନ୍ତେ ମନୁଷ୍ୟର ବାସନା ରହିଥିବା ଜଣାଯାଏ । ପରିବାରରେ ବ୍ୟକ୍ତିମାନଙ୍କର ସଂଖ୍ୟା ଅଧିକ ହେଲେ ହିଂସ୍ରଜନ୍ତୁ ଓ ଶତ୍ରୁଦଳ କବଳରୁ ପରିବାରକୁ ରକ୍ଷା କରିବା ଅପେକ୍ଷାକୃତ ସହଜସାଧ୍ୟ ହେବା ଦୃଷ୍ଟିରୁ ସନ୍ତାନ ପ୍ରାପ୍ତି ନିମନ୍ତେ ମାନବର ଆକାଙ୍କ୍ଷା ସୃଷ୍ଟି ହୋଇଥିବ । ଆଉ ମଧ୍ୟ ଏହି ସନ୍ତାନ ବୃଦ୍ଧି ହେଲେ ପରିବାର ଅଧିକ ବଳଶାଳୀ ହେବାର ବାସନା ମଧ୍ୟ ସେମାନଙ୍କର ଥିବ । ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ନିର୍ମାଣ ପର୍ଯ୍ୟାୟଠାରୁ ମଧ୍ୟ ପ୍ରସ୍ତର ଯୁଗର ଧନୁ ଓ ତୀର ଆଦି ସହ ଶିକାର ନିମନ୍ତେ ଦଳୀୟ ଅଭିଯାନ ପର୍ଯ୍ୟନ୍ତ ଅଧିକ ପୁରୁଷ ବ୍ୟକ୍ତିଙ୍କର ଆବଶ୍ୟକତା ଏହାର ଏକ ମୁଖ୍ୟ କାରଣ ହୋଇପାରେ । ସମ୍ଭବତଃ ସେହି କାଳରୁ ଓଡ଼ିଶାରେ ସନ୍ତାନମାନଙ୍କ ନିମନ୍ତେ ଖୁସି ଓ ମଉଜର ଆସର ବା ଆୟୋଜନ କରାଯାଉଥିଲା । ପ୍ରଥମାଷ୍ଟମୀ ଏହାର ଏକ ପ୍ରାରମ୍ଭୀ ପର୍ବ ହୋଇପାରେ । ପରେ ବିଭିନ୍ନ ଧର୍ମ ଏହାକୁ ଆତ୍ମୀକରଣ କରିଥିବା ମନେହୁଏ । ବିଶେଷତଃ ଜୈନ, ଶୈବ ଓ ଶାକ୍ତ ପର୍ବ ଏହା ଉପରେ ପ୍ରଲେପିତ ହୋଇଛି । ସେହିପରି ଷଷ୍ଠୀ ଓଷା ଓ କୁକୁଟୀ ବ୍ରତ ଆଦି ସନ୍ତାନମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିଲେ ମଧ୍ୟ ଶାକ୍ତ ପ୍ରଭାବରେ ଆଚ୍ଛାଦିତ ହୋଇଥିବା ମନେହୁଏ । ଦୁତିଆ ଓଷା ସୌରଧର୍ମ ଦ୍ୱାରା ପ୍ରଲେପିତ ଏକ ପର୍ବ ଅଟେ । କାର୍ତ୍ତିଅଁଳା ବୈଷ୍ଣବ ଧର୍ମ ପ୍ରଭାବରେ ପ୍ରଭାବିତ ହୋଇଥିବା ଜଣାଯାଏ । ସନ୍ତାନ ପ୍ରାପ୍ତି ଅଥବା ସନ୍ତାନମାନଙ୍କ ନିମନ୍ତେ ପାଳନ କରାଯାଉଥିବା ଅନ୍ୟ ପର୍ବମାନଙ୍କ ମଧ୍ୟରେ ମଙ୍ଗଳ ସଂକ୍ରାନ୍ତି ବ୍ରତ, ଦାଣ୍ଡ ପହଁରା ଓଷା ଆଦି ଅନ୍ୟତମ । ମାତ୍ର ଏଗୁଡ଼ିକ ପ୍ରସ୍ତର ଯୁଗୀୟ ସଂସ୍କୃତିର ଅଙ୍ଗ ବିଶେଷ ଥିଲେ କି ନାହିଁ ତାହା ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଧାରିତ ହୋଇପାରେ ନାହିଁ । ତଥାପି ତହିଁରେ ନାନା ପ୍ରାଚୀନ ତଥା ପରବର୍ତ୍ତୀ ସଂସ୍କୃତିର ଆଭାସ ମିଳିଥାଏ ।

ବୃକ୍ଷ ପୂଜା ବା ବୃକ୍ଷ ମୂଳରେ ପୂଜା ମଧ୍ୟ ପର୍ବପର୍ବାଣିକୁ ସମୃଦ୍ଧ କରିଥାଏ । ଏହା ଗଛଗୁଡ଼ିକର ଫଳଦାନ ନିମନ୍ତେ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ହୋଇଥାଏ । ଅନ୍ତତଃ ଏହା ଏକ ଆଦିମ ସଂସ୍କୃତି ଏବଂ ପ୍ରାଚୀନ ପ୍ରସ୍ତର ଯୁଗରୁ ଏହାର ଉନ୍ମେଷ ଘଟିଥିବା ମନେହୁଏ । ଖଗଖଗି ଓଷା, ଜହ୍ନି ଓଷା ପର୍ବ ତୁଳସୀ ବୃକ୍ଷ ମୂଳରେ ହୋଇଥାଏ । କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ତୁଳସୀ ବିବାହ, ଅଁଳା ନବମୀରେ ଅଁଳା ଗଛ ମୂଳରେ ପର୍ବ ପାଳନ, ସମୀ ଓ ତମାଳ ତରୁ ମୂଳରେ ପର୍ବାନୁଷ୍ଠାନ, ବର ଓ ଅଶ୍ୱତ୍ଥ ବୃକ୍ଷର ପୂଜା ଓ ବିବାହ ପର୍ବ ଏବଂ ଆମ୍ବ ଓ ସାହାଡ଼ା ଗଛମାନଙ୍କ ସହିତ ମନୁଷ୍ୟଙ୍କ ବିବାହ ଆଦି ସାମୟିକ, ସାର୍ବଜନୀନ ଅଥବା ଗୋଷ୍ଠୀଗତ ଆଞ୍ଚଳିକ ପର୍ବ ରୂପେ ପାଳିତ ହୋଇଥାଏ । ଆଦିବାସୀମାନେ ଆମ୍ବଗଛ ସହିତ ପୁରୁଷମାନଙ୍କର ଯେଉଁ ବିବାହ ଦେଇଥାନ୍ତି, ତାହା ବୋଧହୁଏ ଆମ୍ବଗଛ ଭଳି ଫଳ ଭାରରେ ପରିପୂର୍ଣ୍ଣ ପ୍ରଜନନ କ୍ଷମତା ଥିବା ଗଛରୁ ମନୁଷ୍ୟ ମଧ୍ୟକୁ ତାହା ପ୍ରେରଣ କରିବାର କଳ୍ପନାରେ ସମୃଦ୍ଧ ହୋଇଥାଏ । ସେହିପରି ବାରମ୍ବାର ବିପତ୍ନୀକ ହେଉଥିବା ବ୍ୟକ୍ତିକୁ ସାହାଡ଼ା ଗଛ ସହିତ ବିବାହ ଦେବା ଦ୍ୱାରା ବିପତ୍ନୀକ ଦୋଷରୁ ତାକୁ ମୁକ୍ତ କରିବାର ଆକାଙ୍କ୍ଷା ତହିଁରେ ପ୍ରତିଫଳିତ ହୋଇଥିବା ମନେହୁଏ । ବର, ଅଶ୍ୱତ୍ଥ ଓ ତମାଳ ଆଦି ଗଛରେ ପୂଜା ପର୍ବ ସହିତ ଯଥାକ୍ରମେ ଜୈନ, ବୌଦ୍ଧ ଓ ବୈଷ୍ଣବ ପ୍ରଲେପନ ରହିଥିବା ଦେଖାଯାଏ । ଜହ୍ନି ଓ ଖଗଖଗି ଓଷାରେ ମଧ୍ୟ ଶାକ୍ତ ପ୍ରଭାବ ପରିସ୍ଫୁଟ ହୁଏ । ସମ୍ଭବତଃ ଜହ୍ନି ଓଷା ନୂତନ ପ୍ରସ୍ତର ଯୁଗର ଆଦ୍ୟାବସ୍ଥାରୁ ବିକାଶ ଲାଭ କରିଥିଲା । କାରଣ ତାହା ଜହ୍ନି ଫଳକୁ ଗୃହପାଳିତ କରିବାର ପରିପୂର୍ତ୍ତି ପର୍ବ ଅଟେ । ତୁଳସୀ ବିବାହ ପର୍ବ ମଧ୍ୟ ବୈଷ୍ଣବ ଧର୍ମର ଅଙ୍ଗୀଭୂତ ଏକ ପର୍ବ ଅଟେ ।

ଚନ୍ଦ୍ର ଓ ସୂର୍ଯ୍ୟ ପୂଜା ପ୍ରାକୃତିକ ବିଭାବର ପୂଜା ରୂପେ ଅତି ପ୍ରାଚୀନ କାଳରୁ ଚଳି ଆସିଥିବା ସମ୍ଭବ । ପୂର୍ଣ୍ଣମୀଗୁଡ଼ିକରେ

ପାଳନ ଅଣ ଆଦିବାସୀ ସମାଜରେ ଯେପରି ବିଭିନ୍ନ
ୟ କରି ପ୍ରଚଳିତ ସେହିପରି ଆଦିବାସୀ ସମାଜରେ
ହୋଇଥାଏ । ଆଦିବାସୀମାନଙ୍କ ଲୋକଗଳ୍ପ ଦ୍ୱାରା
ଦ ଏବଂ ଏହାର ମୂଳ ପ୍ରାଗୈତିହାସିକ ସଂସ୍କୃତିରେ
ଥିବା ଜଣାଯାଏ । ସେହିପରି ତାରାମାନେ ମଧ୍ୟ
ଙ୍କ ଲୋକଗଳ୍ପରେ ସ୍ଥାନ ଲାଭ କରିଛନ୍ତି । ସେମାନଙ୍କ
ର ପର୍ବ ପାଳନର ବିଶେଷ ବିବରଣୀ ଆମ ନିକଟରେ
ମଧ୍ୟ ତାହାର ପୂଜା ଆଦିମ ମାନବର ଦୃଷ୍ଟି ଏଡ଼ାଇ
ପରବର୍ତ୍ତୀ କାଳରେ ନକ୍ଷତ୍ର ଯୋଗରେ ବିବିଧ ପର୍ବର
ସ୍ତ୍ରୀୟ କାଳ ନିରୂପଣ କରାଯାଇଛି ତାହାର ମୂଳ ଉତ୍ସ
ସଂସ୍କୃତି ସହ ଜଡ଼ିତ ଥାଇପାରେ, ସେ ଦିଗରେ ଅଧିକ
ନ ଆବଶ୍ୟକ । ଚନ୍ଦନ ପୂର୍ଣ୍ଣିମା, ଦେବସ୍ନାନ ପୂର୍ଣ୍ଣିମା,
ଦ୍ ଖୁଲଣ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା ଆଦି ଚନ୍ଦ୍ର ପୂଜା ସହ
ଥିବାବେଳେ ଶାମ୍ବ ଦଶମୀ, ମାଘ ସପ୍ତମୀ ଆଦି ସୂର୍ଯ୍ୟ
ହ ସମ୍ପର୍କିତ ପର୍ବ ଅଟନ୍ତି । ସେହିପରି ତାଳଚେର ଅଞ୍ଚଳର
ଯାତ୍ରା, ହାଟକେଶ୍ୱର ଓ ତପ୍ତପାଣି ଅଞ୍ଚଳର
ପ୍ରସ୍ରବଣକୁ କେନ୍ଦ୍ର କରି ପାଳିତ ଯାତ୍ରା ପର୍ବ ସମ୍ପୂର୍ଣ୍ଣ ରୂପେ
କ ବିଭାବର ପୂଜା ଅଟନ୍ତି । ଏଗୁଡ଼ିକର ଉନ୍ମେଷ ମଧ୍ୟ
କାଳରୁ ହୋଇଥିବା ବିଶେଷତଃ ପ୍ରାଗୈତିହାସିକ କାଳରୁ
ତ ହୋଇଥିବା ମନେହୁଏ । ଏହି ଅଞ୍ଚଳରୁ ପ୍ରାଚୀନ ପ୍ରସ୍ତର
ୟ ଅସ୍ତ୍ରଶସ୍ତ୍ର ବହୁ ପରିମାଣରେ ମିଳୁଥିବାରୁ ଏପରି ଅନୁମାନ
ଗ୍ରହଣୀୟ ।

ସ୍ନାନ ଏକ ସାମାଜିକ ଚଳଣୀ ରୂପେ ବହୁ ପ୍ରାଚୀନ କାଳରୁ
ଆସୁଛି । ଗ୍ରୀଷ୍ମରୁ ରକ୍ଷା ପାଇବା ନିମନ୍ତେ ପଶୁପକ୍ଷୀମାନେ
ସ୍ନାନ କରନ୍ତି । ତେଣୁ ମନୁଷ୍ୟ ପକ୍ଷରେ ଏହା ଏକ ସ୍ୱାଭାବିକ
ଣା । ପୁରାତନ ଅଭିଲେଖମାନଙ୍କରୁ ସ୍ନାନପର୍ବ ଓ ଏହି
ଅବସରେ ଦାନାଦିର ସୂଚନା ମିଳିଥାଏ । ବାରୁଣୀ, ଗୋବିନ୍ଦ
ଦ୍ୱାଦଶୀ, ଗଙ୍ଗା ଓ ଗୋଦାବରୀ ସ୍ନାନ, କୁମ୍ଭମେଳା, ଚନ୍ଦ୍ରଭାଗା ସ୍ନାନ
ଦି ସ୍ନାନ ପର୍ବ ରୂପେ ବିଭିନ୍ନ ସ୍ଥାନରେ ପାଳିତ ହୋଇଥାଏ ।
ଗୁଡ଼ିକ ଆଦିମକାଳରୁ ଜନସମାବେଶ ସ୍ଥଳି ରୂପେ ଗୃହୀତ
ହୋଇପାରେ । ଓଡ଼ିଆ ଜାତି ସ୍ନାନ ପର୍ବକୁ ଦେବତାଙ୍କ ନିମନ୍ତେ
ଉଦ୍ଦିଷ୍ଟ କରି ଚନ୍ଦନ ଯାତ୍ରା ଓ ଦେବସ୍ନାନ ପୂର୍ଣ୍ଣମୀ ପାଳନ
କରିଥାଏ । ସେହିପରି ମାଘମାସରେ ପଡୁଥିବା ତ୍ରିବେଣୀ
ଅମାବାସ୍ୟା ଓ ଭାଦ୍ର ପୂର୍ଣ୍ଣମୀରେ ପାଳିତ ଇନ୍ଦ୍ରୋତ୍ସବ ଆଦି
ଅନ୍ୟାନ୍ୟ ସ୍ନାନ ପର୍ବ ରୂପେ ଓଡ଼ିଶାରେ ପ୍ରଚଳିତ । ଏହା ବ୍ୟତୀତ
କାର୍ତ୍ତିକ ବ୍ରତ, ମାଘସ୍ନାନ ଓ ବୈଶାଖ ବ୍ରତ ପ୍ରଭୃତି ମଧ୍ୟ ସ୍ନାନ ପର୍ବ
ସହିତ ଜଡ଼ିତଥିବା ଦେଖାଯାଏ । ଏଗୁଡ଼ିକର ସମାପ୍ତି ଦିବସ ମଧ୍ୟ
ସ୍ନାତକ ପର୍ବ ପାଳନରେ ଶେଷ ହୋଇଥାଏ । ସ୍ନାନ ପର୍ବଗୁଡ଼ିକୁ
ଅନୁଧ୍ୟାନ କଲେ ତିନିଗୋଟି ସ୍ତରର ସୂଚନା ମିଳିଥାଏ;
ଯଥା-ସ୍ନାନ, ମେଳା ଓ ଯାତ୍ରା ବା ପର୍ବ ପାଳନ । ସ୍ନାନ,-
ସାମୂହିକ, ନିତ୍ୟ ଓ ଗୋଷ୍ଠୀଗତ ସ୍ନାନ ରୂପେ ବ୍ୟକ୍ତ
ହୋଇପାରେ । ଗୋଷ୍ଠୀସ୍ନାନ 'ସ୍ନାନ'କୁ ମେଳା ପର୍ଯ୍ୟାୟକୁ
ନେବାର ପ୍ରଥମ ସୋପାନଅଟେ । ସ୍ନାନମେଳା ଅନ୍ୟ ସ୍ଥାନମାନଙ୍କରୁ ଆସି ଏକତ୍ରିତ ହେଉଥିବା ଜନସମୂହର ସ୍ନାନ ପର୍ବ ଅଟେ । ମାତ୍ର ତାହା ସ୍ୱଳ୍ପ ସମୟ ବ୍ୟାପୀ ହୋଇଥାଏ । କିନ୍ତୁ ଯାତ୍ରା ଅପେକ୍ଷାକୃତ ଦୀର୍ଘ ସମୟ ବ୍ୟାପୀ ଏବଂ ଏହା ବିଶେଷ ଭାବରେ ଋତୁ ଅନୁସୃତ ଅଟେ । ଏଥିରେ ମଧ୍ୟ ବିଭିନ୍ନ ଧର୍ମର ପ୍ରଲେପ ଉପଲବ୍ଧ ହୋଇଥାଏ । କିନ୍ତୁ ବ୍ରତ ମେଳାର ପରବର୍ତ୍ତୀ ପର୍ଯ୍ୟାୟ ହେବା ସମ୍ଭବ କାରଣ ତାହା ବ୍ୟକ୍ତି ବିଶ୍ୱାସକୁ ଆଶ୍ରୟ କରି ବିକଶିତ ହୋଇଥିବା ଦେଖାଯାଏ । ସେହିପରି ବ୍ରତ ମଧ୍ୟ ଦୀର୍ଘ ଦିବସ ବ୍ୟାପୀ ହୋଇଥାଏ । ସେଥି ନିମନ୍ତେ ଏହାକୁ ଯାତ୍ରାର ପୂର୍ବବର୍ତ୍ତୀ ଅବସ୍ଥା ରୂପେ ଗ୍ରହଣ କରିବା ସମିଚୀନ ହେବ; କାରଣ ଯାତ୍ରା ସର୍ବଜନୀନ ହେବା ବେଳେ ବ୍ରତ ସମଭାବାପନ୍ନ ଗୋଷ୍ଠୀବିଶେଷଙ୍କ ଅନୁସୃତ ଧର୍ମୀୟ କାର୍ଯ୍ୟ ଅଥବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପାଳିତ ପର୍ବ ଅଟେ ।

ନୂତନ ପ୍ରସ୍ତର ଯୁଗୀୟ ସଂସ୍କୃତି ସହ ସଂଶ୍ଳିଷ୍ଟ ପର୍ବପର୍ବାଣି ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ଅବସ୍ଥାପିତ ହୋଇପାରେ । ଏହି ସମୟରେ ବିବିଧ ଚିକ୍କଣ ଓ ମସୃଣ ପ୍ରସ୍ତର ଉପକରଣର ପ୍ରସ୍ତୁତି ପରିଲକ୍ଷିତ ହୋଇଥାଏ । ସେଥି ମଧ୍ୟରୁ କେତେକ କୃଷି ଦ୍ୱାରା ଉତ୍ପନ୍ନ ଅଥବା ସଂଗୃହୀତ ଦ୍ରବ୍ୟମାନଙ୍କୁ ଖାଦ୍ୟ ଉପଯୋଗୀ କରିବା ନିମନ୍ତେ ବ୍ୟବହୃତ ହୋଇଥିବା ଜଣାଯାଏ । ଏଥି ମଧ୍ୟରେ ଶିଳ, ଶିଳିପା, ମୁଦ୍ଗିକାକୃତି ମଧ୍ୟ-ଛିଦ୍ରଯୁକ୍ତ ପଥର ହାତୁଡ଼ି, ଆଦି ଅନ୍ୟତମ । ଏହା ବ୍ୟତୀତ ପଥର ଚଟାଣରେ ଗାତଟିଏ ଖୋଳି ପାହାଗୁଣୀରେ ଶସ୍ୟ ଗୁଣ୍ଡ କରିବା ମଧ୍ୟ ଅନୁସୃତ ହେଉଥିବାରୁ ସୂଚନା ମିଳେ । ଶିଳିପା ଶସ୍ୟ ଗୁଣ୍ଡ କରିବା, ବାଟିବା, ଛେଚିବା ଆଦିରେ ବ୍ୟବହୃତ ହୁଏ ଏବଂ ଅଦ୍ୟାବଧି ତାହା ସେହି କାର୍ଯ୍ୟରେ ବ୍ୟବହୃତ ହେଉଅଛି । ଓଡ଼ିଆ ଜାତି ନୂତନ ପ୍ରସ୍ତର ଯୁଗର ଉପକରଣମାନଙ୍କର ପୂଜା ତା'ର ପର୍ବପର୍ବାଣି ମଧ୍ୟରେ ଜୀଇଁବିତ ରଖିଛି । ତହିଁର ନିଦର୍ଶନ ଭାଦ୍ରବ ମାସରେ ପ୍ରତି ବୁଧବାରଗୁଡ଼ିକରେ ଅନୁଷ୍ଠିତ ହେଉଥିବା ବୁଧେଇଓଷା ।

ନୂତନ ପ୍ରସ୍ତରଯୁଗ ପର୍ବ ପ୍ରଥମେ କୃଷି ଅର୍ଥନୀତିର ପ୍ରବର୍ତ୍ତକ ଥିଲା । ଏହା ଫଳ, ତୈଳବୀଜ ଓ ଶସ୍ୟାଦିର ଘରୋଇକରଣ (domestication) ଦ୍ୱାରା ସମ୍ଭବ ହୋଇଥିଲା । ଶସ୍ୟମାନଙ୍କ ମଧ୍ୟରେକୋଳଥ, ରାଶି, ଶିମ୍ବ, କାହ୍ନୁଲ, ମାଣ୍ଡିଆ, ବିରି ଆଦି ଅନ୍ୟତମ । ଫଳ ମଧ୍ୟରେ ଆମ୍ବ, ମହୁଲ, ଜାମୁ, କାକୁଡ଼ି, ପିଜୁଳି, ପଣସ ଆଦି ପ୍ରଣିଧାନ-ଯୋଗ୍ୟ । ଖୁବ୍ ସମ୍ଭବ ଧାନ ବା ଧାନ ଜାତୀୟ ଶସ୍ୟର ଚାଷ ଏକ ପରବର୍ତ୍ତୀ ପର୍ଯ୍ୟାୟରେ ନୂତନ ପ୍ରସ୍ତର ଯୁଗରେ ବିକାଶ ଲାଭ କରିଥିଲା । ପ୍ରକୃତରେ ଲାଳିତ ବାଲୁଙ୍ଗା ଧାନ, ଘୁଙ୍ଘା ତଥା ବଣୁଆ ଧାନର ଅମଳରୁ ଏହା କ୍ରମେ ଗୃହପାଳିତ ହୋଇଥିବା ମନେହୁଏ । କୃଷିର ସଫଳତା ଫଳ, ତୈଳବୀଜ ଓ ଶସ୍ୟମାନଙ୍କର ନୂଆଖିଆ ଜନିତ ପର୍ବରେ ପ୍ରକାଶ ପାଏ । ପଶ୍ଚିମ ଓଡ଼ିଶାର ଆଦିବାସୀ ତଥା ଅଣଆଦିବାସୀ ସମାଜରେ ନୂଆଖିଆ ପର୍ବର ବହୁଳ ଚଳଣୀ ଥିବା ଉପଲବ୍ଧ ହୁଏ । ଉଦାହରଣ ସ୍ୱରୂପ ମାଘ ମାସରେ ପଡୁଥିବା ଟିଳା ସପ୍ତମୀ

ଓ ଷଟ୍‌ତିଳା ଏକାଦଶୀ, ଆଶ୍ୱିନ ମାସରେ ପାଳିତ ଜହ୍ନିଓଷା, କାର୍ତ୍ତିକ ମାସରେ ପାଳିତ କାଙ୍କିଓଳା ଓଷା ଏହାର ନିଦର୍ଶନ । ସେହିପରି ମାଘ ସଂକ୍ରାନ୍ତି ବା ମକର ସଂକ୍ରାନ୍ତିରେ ନୂଆ ଗୁଡ଼ଜ ସହ ଆଖୁରସ ବା ଗୁଡ଼ ଦେଇ ମକର ଗୁଡ଼ଜ ଖାଇବା ଏକ ବିଶେଷ ଆଦିବାସୀ ପର୍ବ ଅଟେ । ଅଣଆଦିବାସୀ ସମାଜ ଏହାକୁ ନୂତନ ପ୍ରସ୍ତର ଯୁଗୀୟ ସ୍ମାରକୀ ରୂପେ ଆଦିବାସୀମାନଙ୍କ ମାଧ୍ୟମରେ ଆସିକରଣ କରିଛି । ସେହିପରି ମୂଳାଷ୍ଟମୀରେ ମୂଳା, କାଣ୍ଡିଥଳାରେ ଲାଉ ଇତ୍ୟାଦି ପାଳିତ ହେଉଥିବା ବେଳେ ଆଦିବାସୀ ସମାଜରେ ଆମ୍ବ ନୂଆ, ଶିମ୍ବ ନୂଆ ଆଦି ପାଳିତ ହୋଇଥାଏ । ଭାଦ୍ରବ ମାସରେ ନୂଆଖାଇ ପର୍ବକୁ ଓଡ଼ିଶାର ଏକ ଜାତୀୟ ପର୍ବ ରୂପେ ଗ୍ରହଣ କରାଯାଏ । କିନ୍ତୁ ଓଡ଼ିଶାର କୃଷିଭିତ୍ତିକ ଖାଦ୍ୟ ଉତ୍ପାଦନ ଜନିତ କାର୍ଯ୍ୟାବଳୀକୁ ଲକ୍ଷ୍ୟ କଲେ ଦେଖାଯିବ ଯେ ଭାଦ୍ରବ ମାସରେ ରୁଆ, ବେଉଷଣ ଓ ବୈଶାଖ ମାସରେ ଭୂମି କର୍ଷଣ ବା ହଳ ହୋଇଥାଏ । ଅକ୍ଷୟ ତୃତୀୟା ହଳର ଏକ ପ୍ରକୃଷ୍ଟ ଉଦାହରଣ ଜନିତ ପର୍ବ । ସେହିପରି ଶସ୍ୟ ଅମଳ ହୋଇ ସାରିବା ପରେ ଖାଦ୍ୟର ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ପୌଷ ମାସରେ ଅଧିକ ପର୍ବପର୍ବାଣି ଅନୁଷ୍ଠିତ ହୋଇନଥାଏ । ଏକ ପ୍ରବାଦରେ କୁହାଯାଇଛି ପୁଷ ଓ ମାଘ ମାସରେ ଯେ ଖାଏ ନାହିଁ ସେ ଖାଏ ନାହିଁ ଅର୍ଥାତ୍ ଖାଇବାକୁ ପାଏନାହିଁ । ଏଥିରୁ କେବଳ ଏହା ହିଁ ସ୍ଥିର କରାଯାଇପାରେ ଯେ ବୋଧହୁଏ ଶାରଦ ଧାନର ଚାଷ ଓଡ଼ିଶାରେ ପ୍ରଚଳିତ ନୂଆଖିଆ ପର୍ବର ପରବର୍ତ୍ତୀ କାଳରେ ହୋଇଥିଲା । ଯଦି ଏହା ସ୍ୱୀକୃତି ହୁଏ ତେବେ ଧରିବାକୁ ହେବ ଯେ ଶରତକାଳୀନ ବିଆଳି ଜାତୀୟ ଧାନ ଓଡ଼ିଶାରେ ଚିହ୍ନିତ ଓ ପ୍ରବର୍ତ୍ତିତ ପ୍ରାଥମିକ ଶସ୍ୟ ଅଟେ । ଏହା ହୋଇ ନଥିଲେ ଲୋକମାନେ ଅଧିକ ଶ୍ରମର ବିନିଯୋଗ ଆବଶ୍ୟକ ହେଉଥିବା ବେଳେ ପର୍ବପର୍ବାଣୀରେ ଯୋଗଦେବା କଷ୍ଟକର ହୁଅନ୍ତା । ଭାଦ୍ରବକୁ ଏକ ପ୍ରାଚୁର୍ଯ୍ୟର ମାସ ରୂପେ ଗ୍ରହଣ କରାଯାଇ ଥିବାରୁ ତହିଁରେ ସର୍ବାଧିକ ପର୍ବର ଅନୁଷ୍ଠାନ କରାଯାଇଥାଏ ।

ନୂତନ ପ୍ରସ୍ତର ଯୁଗରେ ଗୋ–ମହିଷାଦି ପଶୁମାନଙ୍କୁ ପୋଷା ମନାଇବା ଆରମ୍ଭ କରାଯାଇଥିଲା । ଏହା ମଧ୍ୟ ପର୍ବ ମାଧ୍ୟମରେ ସ୍ମରଣ କରାଯାଇଥାଏ । ଶ୍ରାବଣ ପୂର୍ଣ୍ଣମୀରେ ପାଳିତ ଗହ୍ମା ଉତ୍ସବ; କାର୍ତ୍ତିକ କୃଷ୍ଣ ଦ୍ୱାଦଶୀରେ ପଡୁଥିବା ଗୋବତ୍ସା ଦ୍ୱାଦଶୀ, ଶୁକ୍ଳ ପ୍ରତିପଦାରେ ଅନୁଷ୍ଠିତ ଗିରିଗୋବର୍ଦ୍ଧନ ପୂଜା ଓ ଶୁକ୍ଳ ଅଷ୍ଟମୀରେ ପାଳନ କରାଯାଉଥିବା ଗୋଷ୍ଠାଷ୍ଟମୀ ଗୋରୁମାନଙ୍କୁ ପୂଜା କରିବା ପର୍ବ ରୂପେ ବିଦିତ । ଆଦିବାସୀ ସମାଜରେ ସହରାଇ ଓ ଅନ୍ୟ କେତେକ କ୍ଷୁଦ୍ର ଗୋ–ପୂଜା ପର୍ବ ମଧ୍ୟ ଅତୀତ ସଂସ୍କୃତିର ସ୍ମାରକୀ ଅଟେ । ଏହି ପର୍ବଗୁଡ଼ିକର ମୂଳ ନୂତନ ପ୍ରସ୍ତର ଯୁଗରେ ଥିବା ସ୍ଥିର କରାଯାଇପାରେ । କନ୍ଧ ଓ କୋୟାମାନେ ଖାଦ୍ୟ ବା ପର୍ବ ଉଦ୍ଦେଶ୍ୟରେ ଏବଂ ଶବରମାନେ ମଇଁଷମାନଙ୍କୁ ପର୍ବ ନିମିତ୍ତ ଗୃହପାଳିତ କରି ରଖିଥାନ୍ତି । ଶିକାର କରି ଖାଦ୍ୟ ସଂଗ୍ରହ କରିବା ଅର୍ଥନୀତିର ଏକ ପରବର୍ତ୍ତୀ ସୋପାନ ରୂପେ ଗୋ–ମହିଷାଦିଙ୍କୁ ଧରି ରଖି ଅନାଟନ ସମୟରେ ଖାଦ୍ୟ ପାଇଁ ବ୍ୟବହାର କରିବା ଏକ ଆନୁଷଙ୍ଗିକ ଘଟଣା ଅଟେ । ପରେ ସେମାନଙ୍କୁ ପୋଷାମନାଇବା କରାଯାଇଥିବା ମନେହୁଏ ।

ନୂତନ ପ୍ରସ୍ତର ଯୁଗୀୟ ସଂସ୍କୃତିର ଏକ ବିଭାଗ ରୂପେ ମୃତ୍‌ପାତ୍ରର ପ୍ରସ୍ତୁତି ଆତ୍ମ–ପ୍ରକାଶ କରିଥିଲା । ଏହା ଦ୍ୱାରା ଜଳ ସଂରକ୍ଷଣ, ଖାଦ୍ୟ ପଦାର୍ଥର ରନ୍ଧନ, ଦୂର ସ୍ଥାନମାନଙ୍କୁ ଜଳ ବହନ କରି ନେବାର ବ୍ୟବସ୍ଥା ଓ ଅନ୍ୟାନ୍ୟ ଶସ୍ୟର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଘଟିଲା । ସେହି ସଫଳତାର ସୂଚନା ମୃତ୍‌ପାତ୍ର, ମୃତ୍‌ପାତ୍ର ମଧ୍ୟରେ ଶସ୍ୟାଦି ଓ କୁମ୍ଭାର–ଚକର ପୂଜା ପ୍ରଚଳିତ ହୋଇଥିବା ଅନୁମେୟ । ମାର୍ଗଶିର ଶିଳ୍ପ ପଞ୍ଚମୀରେ କୁମ୍ଭାର–ଚକର ପୂଜା ଅନୁଷ୍ଠିତ ହୁଏ । ଏହା କୁରାଳ–ପଞ୍ଚମୀ ନାମରେ ଅଭିହୀତ । ସେହିପରି ଅକ୍ଷୟ ତୃତୀୟାରେ ଘଡ଼ି ପତୁଳିକୁ ରଙ୍ଗ କରି ତହିଁରେ ମୁଢ଼ି, ଲିଆ, ଫଳ ଦ୍ରବ୍ୟାଦି ପୂର୍ଣ୍ଣ କରି ପୂଜା କରିବା ମଧ୍ୟ ପ୍ରଚଳିତ ରହିଛି । ସେହିପରି କଳସ ପୂଜା ମୃତ୍‌ପାତ୍ରରେ ଜଳ ରଖିବାର ସଫଳତା ହେତୁ ହିଁ କରାଯାଇଥିବା ମନେହୁଏ । ନୂତନ ପ୍ରସ୍ତର ଯୁଗରେ କୁମ୍ଭାର–ଚକର ଉଦ୍‌ଭାବନ ହେବା ପୂର୍ବରୁ ମଧ୍ୟ ମୃତ୍‌ପାତ୍ରର ନିର୍ମାଣ କରାଯାଇଥିଲା । ଏପରିକି ପ୍ରଥମାବସ୍ଥାରେ ସେଗୁଡ଼ିକ ନିଆଁରେ ପୋଡ଼ିବା ପଦ୍ଧତି ମଧ୍ୟ ଜଣା ନଥିଲା । ତେଣୁ ସେଗୁଡ଼ିକୁ ଖରାରେ ଶୁଖାଇ ଶସ୍ୟାଦି ରଖିବାର ବ୍ୟବସ୍ଥା ଥିଲା । ପାତ୍ରଗୁଡ଼ିକ ମଧ୍ୟ ବାଉଁଶ, ବେତ, ପଟ ଆଦିରେ ନିର୍ମିତ ପାତ୍ର ବା ମାଣ, ଭୋଗେଇ, ଗଉଣୀ ଆଦିର ଛାଞ୍ଚରେ ପ୍ରସ୍ତୁତ କରାଯାଉଥିଲା । ମାଣବସା ଗୁରୁବାରରେ ଏହି ମାଣ ଗଉଣୀ ଆଦିର କ୍ଷୁଦ୍ରକାୟ ନମୁନା ତାଳପତ୍ରରେ ପ୍ରସ୍ତୁତ କରି ତହିଁରେ ଶସ୍ୟ ରଖି ପୂଜା କରିବା ପଦ୍ଧତି ଓଡ଼ିଶାରେ ପ୍ରଚଳିତ ଥିବା ଜଣାଯାଏ । ଏହା ମୃତ୍‌ପାତ୍ର ନିର୍ମାଣର ପୂର୍ବ ବ୍ୟବସ୍ଥା ରୂପେ ଗୃହୀତ ହୋଇପାରେ । ଏହାର ପରବର୍ତ୍ତୀ ଅବସ୍ଥା ମୃତ୍‌ପାତ୍ର ନିର୍ମାଣ ପରେ ତାକୁ ଖରାରେ ଶୁଖାଇ ତହିଁରେ ଶସ୍ୟ ରଖି ଦେବତା ଓ ପିତୃଙ୍କୁ ସମର୍ପଣ କରିବାରେ ପ୍ରକାଶ ପାଇଥାଏ । ପରିଶେଷରେ ମୃତ୍‌ପାତ୍ରକୁ ପୋଡ଼ିବା ପରେ ତହିଁରେ ଜଳଧାରଣ କ୍ଷମତାର ସୃଷ୍ଟି ହୋଇଥିଲା । ସେଥିପାଇଁ କଳସ–ପୂଜାର ପ୍ରଚଳନ ଓ ମୃତାଦି ଅନ୍ୟାନ୍ୟ ସାମାଜିକ କ୍ରିୟାରେ ହାଣ୍ଡିର ପ୍ରଚଳନ ସହିତ ସେଗୁଡ଼ିକୁ ବିଭିନ୍ନ ଶୁଭ ବା ଅଶୁଭ କାର୍ଯ୍ୟରେ ବଦଳାଇବାର ପଦ୍ଧତି ସେହି ନୂତନ ପ୍ରସ୍ତର ଯୁଗରୁହିଁ ଚଳିଆସିଛି । ସେହି ଉପଲକ୍ଷେ ବିବିଧ ପର୍ବପର୍ବାଣି ମଧ୍ୟ ସେହି ସମୟରୁ ପ୍ରଚଳିତ ହୋଇଥିବା ମନେହୁଏ । ଅଦ୍ୟାବଧି ଓଡ଼ିଆ ସମାଜ ସେଗୁଡ଼ିକୁ ଚଳାଇବା ସହିତ ଅନ୍ୟାନ୍ୟ ଅନୁନ୍ନତ ସମ୍ପ୍ରଦାୟ ତହିଁର ବିବିଧ ପ୍ରଚଳନ ରକ୍ଷା କରିଛନ୍ତି । ଆଉମଧ୍ୟ ଗୋଟିଏ ଗୋଷ୍ଠୀ ମୃତ୍‌ପାତ୍ର ନିର୍ମାଣରେ ନିଜର ଜୀବିକା ନିର୍ବାହ କରିବା ସହିତ ଓଡ଼ିଆ ଜାତି ସେମାନଙ୍କର ସ୍ୱୀକୃତି ଜଗନ୍ନାଥ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିରକୁ ମୃତ୍‌ପାତ୍ର ଯୋଗାଇବାର ବ୍ୟବସ୍ଥାରେ ସଂରକ୍ଷିତ କରି ରଖିଛି ।

ନୂତନ ପ୍ରସ୍ତର ଯୁଗର ଅନ୍ୟ ଏକ ବିଶେଷ ଘଟଣା ନୌକା ନିର୍ମାଣରେ ପ୍ରକାଶପାଏ । ଏହା ସାହାଯ୍ୟରେ ମାଛଧରା,

ଜଳକ୍ଷେତ୍ର, ନଦୀ, ହ୍ରଦ ଓ ସମୁଦ୍ର ତରଣ ଆଦି କରାଯାଉଥିବାର ସୂଚନା ନୂତନ ପ୍ରସ୍ତର ଯୁଗରୁ ହିଁ ଜଣାଯାଇଥାଏ । ଏହି ଜଳଯାନର ନିର୍ମାଣ ନୌବାଣିଜ୍ୟ ନିମନ୍ତେ ମଧ୍ୟ ଏକ ଦିଗନ୍ତ ଉନ୍ମୋଚନ କରିଥିଲା । ଓଡ଼ିଶାର ତଥ୍ୟ ଏହାଦ୍ୱାରା ଅଧିକ ସ୍ପଷ୍ଟ ହୋଇଥାଏ । ଏହାର ସ୍ମାରକୀ ରୂପେ ଚଇତ ପର୍ବରେ ନୌକା ପୂଜାର ପ୍ରଚଳନ ହେଉଥିବା ଜଣାଯାଏ । ନିକଟରେ ଖୋର୍ଦ୍ଧା ଜିଲ୍ଲାରେ ଗୋପାଳବାଇଠାରେ ଭୂଖୋଦନ କରାଯାଇ ଚିକ୍କଣ ଓ ମସୃଣ ନୂତନ ପ୍ରସ୍ତର ଯୁଗୀୟ ଉପକରଣଗୁଡ଼ିକ ସହିତ ମାଛକଣ୍ଟାଦି ମିଳିଥିବାରୁ ଏବଂ ଏହା ସାମୁଦ୍ରିକ ମାଛର କଣ୍ଟା ହୋଇଥିବାରୁ ନୌକାଗଠନରେ ଏହି ଉପକରଣମାନଙ୍କର ବ୍ୟବହାର ଓ ନୌକା ସାହାଯ୍ୟରେ ଗଭୀର ସମୁଦ୍ରରୁ ମାଛଧରିବା ଯେ ସେହି ବିସ୍ତୃତ ଯୁଗରୁ ପ୍ରଚଳିତ ହୋଇଥିଲା ତାହା ସ୍ୱୀକୃତ ହୋଇପାରେ । ଏହା ମଧ୍ୟ ଟାଙ୍ଗି ନିକଟ ଗୋପାଳପୁରଠାରୁ ମିଳିଥିବା ତନ୍ତୁଜ ଉପକରଣମାନଙ୍କ ସହ ମାଛକଣ୍ଟାର ଉପଲବ୍ଧିରୁ ସ୍ୱୀକୃତ ହୋଇପାରେ । ଭୂତତ୍ତ୍ୱବିତ୍‌ମାନଙ୍କ ମତରେ ଚିଲିକା ଏହି ଯୁଗରେ ଗୋଳବାଇ ନିକଟରେ ଅବସ୍ଥିତ ଥିଲା । କାର୍ତ୍ତିକ ଅମାବାସ୍ୟାରେ ଚିହ୍ନିତ ବୋଇତରେ ଛବି ଓ ପୂର୍ଣ୍ଣମୀରେ ନୌକା ଭସାଣୀ ଏହି ନୂତନ ପ୍ରସ୍ତର ଯୁଗୀୟ ନୌକା ଗଠନର ସଫଳତା ଉପରେ ପର୍ଯ୍ୟବସିତ ସାଂସ୍କୃତିକ କ୍ରିୟାକଳାପ ଅଟେ । ମାତ୍ର ଦୀର୍ଘ ବ୍ୟବଧାନରେ ତହିଁରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଗୋଳବାଇ ଓ ଗୋପାଳପୁରରୁ ମିଳିଥିବା ହାଡ଼ର ଟେଣ୍ଟା ମଧ୍ୟ ମାଛଧରାର ନୂତନ ପ୍ରସ୍ତର ଯୁଗୀୟ ପ୍ରାଚୀନତାକୁ ସ୍ୱୀକାର କରିଥାଏ । ତେଣୁ ନୌକାଗଠନ ଖାଦ୍ୟପାଇଁ ମାଛଧରାର ଉନ୍ନତି ଦିଗରେ ଏକ ପଦକ୍ଷେପ ହେବା ଖୁବ୍ ସମ୍ଭବ ଏବଂ ଏଥିରୁ କ୍ରମେ ନୌବାଣିଜ୍ୟର ଉଦ୍ଭବ ଘଟିଥିବା ସ୍ଥିର କରାଯାଇ ପାରେ ।

ଉପରୋକ୍ତ ଆଲୋଚନାରୁ ପ୍ରାକ୍-ଐତିହାସିକ କାଳରୁ ବିକଶିତ ସଂସ୍କୃତିର ଆଲେଖ୍ୟ ଓଡ଼ିଶାର ପର୍ବପର୍ବାଣି ମଧ୍ୟରେ ପ୍ରତୀକାତ୍ମକ ଭାବେ ଆତ୍ମପ୍ରକାଶ କରିଥିବା ସ୍ୱୀକୃତ ହୋଇପାରେ ।

କ୍ୱାର୍ଟର ନମ୍ବର ଡିଃ ଆର୍ଃ ୨୧,
ୟୁନିଟ୍-୬, ଭୁବନେଶ୍ୱର-୧



ଭାରତର କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ୍ ଶ୍ରୀ ସି. ଜି. ସୋମିଆ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।


# ନିଷ୍ପତ୍ତି ଆପଣଙ୍କ ହାତରେ

ଶ୍ରୀ ଅଜିତ କୁମାର ତ୍ରିପାଠୀ

ଏକଦା ଘନ ଜଙ୍ଗଲ ଥିବା ଲକ୍ଷ ଲକ୍ଷ ଏକର ଜମି ଆମ ରାଜ୍ୟରେ ଏବେ ଟାଙ୍ଗରା ପଥୁରିଆ ଭୂମି ହୋଇଗଲାଣି । ଚାଳିଶ ବର୍ଷ ପୂର୍ବେ ଆମ ରାଜ୍ୟ କ୍ଷେତ୍ରଫଳର ଶତକଡ଼ା ୩୮ ଭାଗ ଜଙ୍ଗଲ ଥିଲା । ଆଜି ତାହା ଶତକଡ଼ା ୧୭ ଭାଗକୁ କମି ଯାଇଛି । ବର୍ଷ ପରେ ବର୍ଷ ଗଛ କଟା, କାଠ ଚୋରି ଓ ଗାଈ ଛେଳିଙ୍କ ଚରାଭୂଇଁ ହୋଇ ଜଙ୍ଗଲ ସବୁ ନଷ୍ଟ ହୋଇଛି ଏବଂ ଏବେ ମଧ୍ୟ ହେଉଛି । ତା'ଛଡ଼ା ଅନେକ ଘନ ଜଙ୍ଗଲକୁ ଗଛ କାଟି ଓ ପୋଡ଼ି ଚାଷ ଜମି କରି ଦିଆଯାଉଛି । ଏକ ହିସାବରୁ ଜଣାଯାଇଛି ଯେ ଓଡ଼ିଶା ରାଜ୍ୟରେ ଏବେ ଚାର ଲକ୍ଷ ଏକରରୁ କିଛି ଅଧିକ ଜଙ୍ଗଲ ଜମି ଏବେ ସମ୍ପୂର୍ଣ୍ଣ ଲଙ୍ଗଳା ହୋଇଯାଇଛି, କେତେକ ଜମିରେ ଆଉ ଲତା ଗୁଳ୍ମଟିଏ ମଧ୍ୟ ଉଠୁନାହିଁ ବା ଉଠିବାକୁ ଦିଆଯାଉ ନାହିଁ । ଦୈନନ୍ଦିନ ଜୀବନରେ ଦରକାର ହେଉଥିବା ଜଙ୍ଗଲଜାତ ସାମଗ୍ରୀ ମିଳିବା ଏବେ ଦୁର୍ଲଭ ହେଲାଣି । ଜଙ୍ଗଲର ଏଭଳି ବିନାଶ ଆମର ଆର୍ଥିକ ଅବସ୍ଥାର ଅବନତିର ମୁଖ୍ୟ କାରଣ ।

ଜଙ୍ଗଲ ଏକ ମହାନ୍ ଜାତୀୟ ସମ୍ପତ୍ତି । ଏଭଳି ଟାଙ୍ଗରା ଜଙ୍ଗଲକୁ ପୁଣି ବଞ୍ଚାଇବା ଏବଂ ସବୁଜ ଜଙ୍ଗଲରେ ପରିଣତ କରିବା ଜନ ସମାଜ ପାଇଁ ଏକ ଜରୁରୀ ଓ ଗୁରୁ ଦାୟିତ୍ୱ । କଟକ, ରାଉରକେଲା, ଭୁବନେଶ୍ୱର, ବ୍ରହ୍ମପୁର ସହରର ଲୋକେ ଜଙ୍ଗଲ ବଞ୍ଚାଇବା ପାଇଁ ଆସିବେ ନାହିଁ । ଆମ ଗାଁ ଲୋକେ ହିଁ ନିଜ ଗାଁର ଓ ନିଜ ଗାଁ ପାଖ ଜଙ୍ଗଲର ଜୀବନ୍ୟାସ କରିବେ । ଏଭଳି କ୍ଷୟ ପାଇ ଯାଉଥିବା ଜଙ୍ଗଲର ଚାରିପାଖରେ ଥିବା ଗ୍ରାମବାସୀମାନେ ଏ ଦିଗରେ ଆଗଭର ହେବା ଦରକାର ।


ଗ୍ରାମବାସୀମାନେ ହିଁ ଏକଜୁଟ ହୋଇ ଶପଥ ନେଲେ ମୃତ ଜଙ୍ଗଲକୁ ଜୀବନ ଫେରି ଆସିବ । ଜଙ୍ଗଲକୁ ସୁରକ୍ଷା ଦେଲେ କେତେକ ସ୍ଥାନରେ ଆପେ ଆପେ ଶାଳ ଜଙ୍ଗଲ ମୁଣ୍ଡ ଟେକିବ । ଅନ୍ୟ କେତେକ ସ୍ଥାନରେ ବନୀକରଣ ଯୋଜନାରେ ବୃକ୍ଷ ରୋପଣ କରି ପୁଣି ଥରେ ଜଙ୍ଗଲ ସୃଷ୍ଟି କରିବାକୁ ହେବ । ଏଭଳି ଜଙ୍ଗଲ ଯାହା ଗ୍ରାମବାସୀଙ୍କର ମିଳିତ ଶପଥ ଓ ଉଦ୍ୟମ ବଳରେ ଗଢ଼ି ଉଠିବ ତା'ର ପରିଚାଳନା ଭାର ସେହି ଗ୍ରାମବାସୀମାନଙ୍କଠାରେ ନ୍ୟସ୍ତ କରାଯିବ ।



ନୟାଗଡ଼ଠାରୁ ୩୬ କି. ମି. ଦୂର ଗାହାଗୀ ଗ୍ରାମରେ ୧୨ଟି ଗ୍ରାମର ବାସିନ୍ଦାମାନେ ୧୯୮୦ ମସିହାରୁ ୩୫୦୦ ଏକର ପରିମିତ ଜଙ୍ଗଲ ନିମନ୍ତେ ସୁରକ୍ଷା ଦେଇ ପୁନରୁଦ୍ଧାର କରିଛନ୍ତି

ଓଡ଼ିଶାରେ କ୍ଷୟ ପାଇଯାଉଥିବା ଜଙ୍ଗଲର ସୁରକ୍ଷା ଓ ପୁନର୍ବିନ୍ୟାସ ପାଇଁ ଗୋଷ୍ଠୀଗତ ଉଦ୍ୟମ ୧୯୫୦ ମସିହାରୁ ଆରମ୍ଭ ହୋଇଛି । ବିଭିନ୍ନ ଗ୍ରାମରେ ନିଜ ଉଦ୍ୟମରେ ଏବଂ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ପ୍ରେରଣା ଓ ସହଯୋଗରେ ଗ୍ରାମବାସୀମାନେ ସତୁରି ଓ ଅଶୀ ଦଶକରେ ଅନେକ ସ୍ଥାନରେ ଜଙ୍ଗଲ ସୁରକ୍ଷା ଆରମ୍ଭ କଲେ । ସଂରକ୍ଷିତ ଜଙ୍ଗଲର ଚାରି ପାଖରେ ଥିବା ଅଞ୍ଚଳକୁ ପାଖ ଗ୍ରାମବାସୀମାନଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରିବା ପାଇଁ ଗୋଟିଏ ଯୋଜନା ୧୯୮୮ ଅଗଷ୍ଟ ମାସରେ ରାଜ୍ୟ ସରକାର ଏକ ଆଦେଶ ଜରିଆରେ ଘୋଷଣା କରିଥିଲେ । ୧୯୯୦ ମସିହା ଡିସେମ୍ବର ମାସରେ ଏହି ଘୋଷଣାନାମାର ପରିସରକୁ ବଢ଼ାଯାଇ ରକ୍ଷିତ ଜଙ୍ଗଲକୁ ମଧ୍ୟ ଅନ୍ତର୍ଭୁକ୍ତ କରାଗଲା । ଏହି ଘୋଷଣା ଅନୁଯାୟୀ ଗ୍ରାମ୍ୟସ୍ତରୀୟ ଜଙ୍ଗଲ ସୁରକ୍ଷା କମିଟିମାନ ଗଠନ କରାଯିବା ପାଇଁ ଅନୁରୋଧ କରାଯାଇଥିଲା ଓ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶନାମାରେ ଗ୍ରାମ୍ୟ କମିଟିମାନେ ଜଙ୍ଗଲ ବିଭାଗକୁ ସଂରକ୍ଷିତ ଓ ରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେବାରେ ଯେଉଁ ସାହାଯ୍ୟ କରିବେ ତା'ର ପ୍ରତିବଦଳରେ ଛୋଟ କାଠ ଓ ଜାଳେଣି ପାଇଁ ତାଙ୍କର ନିଜର ଆବଶ୍ୟକତା ମୁତାବକ କାଠ ବିନା ରୟାଲ୍‌ଟିରେ ପାଇ ପାରିବେ ବୋଲି ବ୍ୟବସ୍ଥା ଥିଲା ।

...ଆଦି କାରଣରୁ
... ଯୋଜନାଟି
...ଲ ସୁରକ୍ଷା
...ର ଜନ
...ଯୋଗ ହାସଲ
... ପାଇଁ ସମ୍ପୂର୍ଣ୍ଣ
... ହେଲା ।
...ର କାରଣ ଥିଲା
... ଜଙ୍ଗଲ ସୁରକ୍ଷା
...ାରଙ୍କର ଓ
...ଲ ବିଭାଗର
...ମିକ ଓ ସାମୂହିକ
...ତ୍ୱ ରୂପେ ଗଣା
...ଥିଲା ଏବଂ
...ବାସୀମାନଙ୍କୁ
...ବଳ ଗମ୍ଭାଳଟି
...ବ କରିବାର ଆଶା
...ଖାଇ କି ଛି



ଝିଝିରିପାଲି ଗ୍ରାମବାସୀଙ୍କ 'ପୃଥ୍ବୀ ଦିବସ' ପାଳନ ଅବସରରେ ସୁରକ୍ଷିତ ଜଙ୍ଗଲର
ଗୋଟିଏ ବୃକ୍ଷର ପୂଜା

...ବାସ୍ୟ ମଣାଯାଉଥିଲା । ଜନସାଧାରଣଙ୍କର ପ୍ରାଥମିକ ଦାୟିତ୍ୱ କର୍ତ୍ତବ୍ୟ ରୂପେ ଜଙ୍ଗଲ ସୁରକ୍ଷାକୁ ଗଣାଯାଉ ନଥିଲା । ଲୋକେ ...ଜ ଜଙ୍ଗଲକୁ ନିଜେ ସୁରକ୍ଷା ଦେବେ ଓ ସରକାର ସେଥିରେ ...ମାନଙ୍କୁ ସହାୟତା ଦେବେ, ଏଭଳି ଏକ ଦିଗ୍‌ଦର୍ଶନର ...ବଶ୍ୟକତା ପରେ ଅନୁଭୂତ ହେଲା ।

୧୯୯୩ ମସିହା ଜୁଲାଇ ୩ ତାରିଖରେ ପ୍ରକାଶିତ ହୋଇଥିବା ...ାଜ୍ୟ ସରକାରଙ୍କ ଘୋଷଣାଟି ଏହି ଆବଶ୍ୟକତାଟି ପୂରଣ ...ଲା । ଏହି ଘୋଷଣାରେ ମିଳିତ ଜଙ୍ଗଲ ପରିଚାଳନା (Joint Forest Management)ର ଏକ ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଜଙ୍ଗଲ ବିଭାଗ ଓ ଗ୍ରାମବାସୀ କ୍ଷୟପ୍ରାପ୍ତ ଜଙ୍ଗଲର ପୁନଃସଂସ୍ଥାନ ଓ ସୁରକ୍ଷା ଦିଗରେ ସମାନ୍ତର ଭାବେ ବା ଯୋଡିଦାର ଭାବେ କାର୍ଯ୍ୟ କରିବେ ଏବଂ ଏମାନଙ୍କ ମଧ୍ୟରେ କର୍ତ୍ତା ଓ ସହାୟକର ସମ୍ପର୍କ ନଥାଇ ସମକକ୍ଷତାର ସମ୍ପର୍କ ରହିବ ।

ଯେଉଁ ଧ୍ୱଂସପ୍ରାପ୍ତ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେଲେ ବା ବୃକ୍ଷ ରୋପଣ କଲେ ତାହା ପୁନର୍ବାର ଘଞ୍ଚ ଜଙ୍ଗଲରେ ପରିଣତ ହେବ, ସେହିପରି ଜଙ୍ଗଲ ଜମି ହିଁ ବଛାଯିବ । ପାର୍ଶ୍ୱବର୍ତ୍ତୀ ଗ୍ରାମ ବା ଗ୍ରାମଗୁଡିକର ଲୋକେ ଯେଉଁଠାରେ ଜଙ୍ଗଲର ପୁନରୁଦ୍ଧାର, ପୁନର୍ବିନ୍ୟାସ ଓ ସୁରକ୍ଷା ପାଇଁ ଆଗ୍ରହୀ ଓ ସକ୍ରିୟ ସହଯୋଗ ଦେବା ପାଇଁ ସଂକଳ୍ପବଦ୍ଧ, ସେହିଭଳି ସଂରକ୍ଷିତ ଓ ରକ୍ଷିତ କିନ୍ତୁ କ୍ଷୟପ୍ରାପ୍ତ ଜଙ୍ଗଲକୁ ପ୍ରଥମେ ଅଗ୍ରାଧିକାର ଦିଆଯିବ ।

ନିମ୍ନଲିଖିତ କିସମର ଜଙ୍ଗଲ ଜମିକୁ ଏ ଯୋଜନାର ଅନ୍ତର୍ଭୁକ୍ତ କରାଯିବ ନାହିଁ :—

(୧) ଅଭୟାରଣ୍ୟ

(୨) ଜାତୀୟ ପାର୍କ

(୩) ବାଣିଜ୍ୟିକ ବା ଔଦ୍ୟୋଗିକ ବୃକ୍ଷ ରୋପଣ ପାଇଁ ସଂରକ୍ଷିତ ଅଞ୍ଚଳ ।

(୪) ବନ ବିଭାଗର ବିଭାଗୀୟ ବନୀକରଣ ପାଇଁ ଉଦ୍ଦିଷ୍ଟ ଅଞ୍ଚଳ ।

ଗୋଟିଏ ଗାଁର ଗ୍ରାମ୍ୟ କମିଟିକୁ ପ୍ରାୟ ୫୦୦ ଏକର ପର୍ଯ୍ୟନ୍ତ ଧ୍ୱଂସପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର ଓ ସୁରକ୍ଷା କରିବା ପାଇଁ ଅଧିକାର ଦିଆଯିବ ।

ଫରେଷ୍ଟର, ରେଞ୍ଜର୍ ବା ଡି: ଏଫ୍: ଓ:ଙ୍କ ପ୍ରସ୍ତାବ ଅନୁସାରେ ଗ୍ରାମ ପଞ୍ଚାୟତ ଗୋଟିଏ ଗ୍ରାମର ସମସ୍ତ ପ୍ରାପ୍ତ ବୟସ୍କ ପୁରୁଷ ଓ ମହିଳାଙ୍କର ଗୋଟିଏ ସାଧାରଣ ବୈଠକ ବା ପଲ୍ଲୀ ସଭାର ବୈଠକ ଡକାଇବେ । କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଏଥିପାଇଁ ଆଗୁଆ ପଦକ୍ଷେପ ନେଇ ବନ ବିଭାଗର ଅଧିକାରୀମାନଙ୍କୁ ଏହି ବୈଠକ ଡକାଇବା ପାଇଁ ଅନୁରୋଧ କରିପାରିବେ । ଏହି ବୈଠକରେ ବନ ବିଭାଗୀୟ ଅଧିକାରୀମାନେ ମିଳିତ ଜଙ୍ଗଲ ପରିଚାଳନା ଯୋଜନାଟିକୁ ବିସ୍ତୃତ ଭାବେ ବୁଝାଇଦେବେ ।

ଗ୍ରାମବାସୀମାନଙ୍କର ଉତ୍ସାହ ଓ ଆଗ୍ରହକୁ ଲକ୍ଷ୍ୟ କରି ଏବଂ ଅନ୍ୟାନ୍ୟ ପ୍ରାକୃତିକ ପରିସ୍ଥିତିକୁ ଆଖିରେ ରଖି ବନ ବିଭାଗର ଅଧିକାରୀ ଗ୍ରାମ ପଞ୍ଚାୟତକୁ ଏକ ବନ ସଂରକ୍ଷଣ ସମିତି ଗଠନ କରିବା ପାଇଁ ସୁପାରିଶ କରିବେ । ଯଦି କୌଣସି ଧ୍ୱଂସପ୍ରାପ୍ତ ଜଙ୍ଗଲର ସୀମାକୁ ଲାଗି ଏକରୁ ଅଧିକ ଗ୍ରାମ ବା ବସ୍ତି ଥାଏ ତେବେ ସେ ସମସ୍ତ ଗ୍ରାମ ଓ ବସ୍ତି ପାଇଁ ଗୋଟିଏ ସମିତି ଗଠନ କରାଯିବ ।

ଏହି ସୀମାବର୍ତ୍ତୀ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ବାସ କରୁଥିବା ପ୍ରତ୍ୟେକ ପରିବାରରୁ ଦୁଇଜଣ ଲେଖାଏଁ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କୁ ଏହି ବନ ସଂରକ୍ଷଣ ସମିତିରେ ସଭ୍ୟ ଭାବେ ନିଆଯିବ । ଅନ୍ୟାନ୍ୟ କୌଣସି ବ୍ୟକ୍ତି ବା ପରିବାରଙ୍କର ଯଦି ଏଭଳି ଜଙ୍ଗଲ ଉପରେ କୌଣସି ପାରମ୍ପରିକ ଅଧିକାର ଥାଏ ବା ସେମାନେ କୌଣସି ସୁବିଧା ସୁଯୋଗ ନିୟମାନୁଯାୟୀ ଲାଭ କରୁଥାନ୍ତି ତେବେ ସେମାନେ ମଧ୍ୟ ଏହି ସମିତିର ସଭ୍ୟ ହେବେ । ପ୍ରତି ଘରୁ ଆସୁଥିବା ଦୁଇଜଣ ପ୍ରାପ୍ତ ବୟସ୍କ ସଭ୍ୟମାନଙ୍କ ମଧ୍ୟରୁ ଅତି କମ୍‌ରେ ଜଣେ ନିଶ୍ଚିତ ଭାବେ ମହିଳା ହୋଇଥିବେ ।

ସେହି ଅଞ୍ଚଳର ଫରେଷ୍ଟର ଏହି ସମିତିର ସେକ୍ରେଟାରୀ ଭାବେ ରହିବେ । ଅତି କମ୍‌ରେ ପ୍ରତି ତିନି ମାସରେ ଥରେ ସେ ଏହି ସମିତିର ବୈଠକ ଡକାଇବେ ଓ ଏହି ବୈଠକର ବିବରଣୀ ଲିପିବଦ୍ଧ କରିବେ ।



ଜଙ୍ଗଲ ସୁରକ୍ଷା ପରେ ପାହାଡ଼ ନାଳର ପାଖି ଥାଉ କୁଟର ମାଟି ଗାଡ଼ି ହେଉ ନାହିଁ

ପ୍ରତ୍ୟେକ ବନ ସଂରକ୍ଷଣ ସମିତି ନିଜର ଗୋଟିଏ ଲେଖାଏଁ କାର୍ଯ୍ୟନିର୍ବାହୀ କମିଟି ଗଠନ କରିବେ । ଏହି କମିଟିର କାର୍ଯ୍ୟକାଳ ଥରକୁ ଦୁଇ ବର୍ଷ ହେବ । ଏହାର ଗଠନ ପ୍ରଣାଳୀ ନିମ୍ନମତେ ହେବ :-

(୧) ନାଏବ ସରପଞ୍ଚ ଏହି କମିଟିର ସଭାପତି ରହିବେ ।

(୨) ପଞ୍ଚାୟତରେ ଗ୍ରାମ ବା ବସ୍ତିର ପ୍ରତିନିଧିତ୍ୱ କରୁଥିବା ୱାର୍ଡ଼ ମେମ୍ବରମାନେ ଏହାର ସଭ୍ୟ ରହିବେ ।

(୩) ସମିତି ଦ୍ୱାରା ମନୋନୀତ ବା ନିର୍ବାଚିତ ୬ ରୁ ୮ ଜଣ ପ୍ରତିନିଧି ଏହି କମିଟିର ସଭ୍ୟ ରହିବେ । ଏମାନଙ୍କ ମଧ୍ୟରୁ ଅତି କମ୍‌ରେ ତିନିଜଣ ମହିଳା ପ୍ରତିନିଧି ହେବା ବାଧ୍ୟତାମୂଳକ ।


(୪) ସମ୍ପୃକ୍ତ ଫରେଷ୍ଟର (ବନପାଳ) ଏହି କମିଟିର ସଭ୍ୟ ରହିବେ ।

(୫) ସମ୍ପୃକ୍ତ ଫରେଷ୍ଟଗାର୍ଡ଼ (ବନରକ୍ଷୀ) ଏ କମିଟିର ସଭ୍ୟ ରହିବେ ।

(୬) ଡି: ଏଫ୍: ଓ:ଙ୍କ ଦ୍ୱାରା ମନୋନୀତ ସେ ଅଞ୍ଚଳରେ କାର୍ଯ୍ୟ କରୁଥିବା ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥାର ଜଣେ ପ୍ରତିନିଧି ମଧ୍ୟ ଏ କମିଟିର ସଭ୍ୟ ରହିବେ ।

ସମ୍ପୃକ୍ତ ରେଞ୍ଜ ଅଫିସର ଏହି କାର୍ଯ୍ୟ ନିର୍ବାହୀ କମିଟି ତିଆରି ହେଲାବେଳେ ନିର୍ବାଚିତ ସଭ୍ୟମାନଙ୍କ ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବେ । ଏହି କାର୍ଯ୍ୟ ନିର୍ବାହୀ କମିଟି ନିଜର କୋଷାଧ୍ୟକ୍ଷ ମନୋନୀତ କରିବେ ଏବଂ ସେ ମଧ୍ୟ ଦୁଇବର୍ଷ ପାଇଁ କାର୍ଯ୍ୟ ତୁଲାଇବେ । ଫରେଷ୍ଟର ବା ଫରେଷ୍ଟ ଗାର୍ଡ଼ କାହାରି ଭୋଟ ଦେବା ଅଧିକାର ରହିବ ନାହିଁ । କମିଟିର ଅନ୍ତତଃ ଅର୍ଦ୍ଧେକ ସଂଖ୍ୟକ ସଭ୍ୟ ଉପସ୍ଥିତ ନରହିଲେ କୌଣସି ମିଟିଂ ପାଇଁ କୋରମ ହେବ ନାହିଁ ।

ଯଦି କୌଣସି ଗ୍ରାମର ଗ୍ରାମବାସୀଗଣ ସଂଲଗ୍ନ ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ନେବା ପାଇଁ ଆଗଭର ନହେବେ ତେବେ ସେହି ଗ୍ରାମ ପଞ୍ଚାୟତ ଏକ ପ୍ରସ୍ତାବ ପାଶ୍ କରି ଧ୍ୱଂସପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର ଓ ସୁରକ୍ଷା ଭାର ନିଜ ହାତକୁ ନେଇପାରିବେ । କିନ୍ତୁ ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡ଼ିକ ସେହି ପଞ୍ଚାୟତରେ ଅନ୍ତର୍ଭୁକ୍ତ ହୋଇଥିବା ଆବଶ୍ୟକ । କୌଣସି ପଞ୍ଚାୟତ ଅନ୍ୟ ପଞ୍ଚାୟତ ପାଇଁ ଏଭଳି ପ୍ରସ୍ତାବ ଗ୍ରହଣ କରିପାରିବେ ନାହିଁ । ଫରେଷ୍ଟର ବା ରେଞ୍ଜର ବା ଡି: ଏଫ୍: ଓ: ଗ୍ରାମ ପଞ୍ଚାୟତର ସଭ୍ୟମାନଙ୍କୁ ଗୋଟିଏ ବୈଠକରେ ଯୁଗ୍ମ ଜଙ୍ଗଲ ପରିଚାଳନାର ସମସ୍ତ ଦିଗ ବୁଝାଇଦେବେ ଏବଂ ସେମାନଙ୍କର ଆଗ୍ରହ, ଉତ୍ସାହ ଓ ପ୍ରାକୃତିକ ପରିସ୍ଥିତିକୁ ଆଖିରେ ରଖି କଞ୍ଜରଭେଟରଙ୍କୁ ଗ୍ରାମ ପଞ୍ଚାୟତକୁ ବନ ସଂରକ୍ଷଣ ସମିତି ଭାବେ କାର୍ଯ୍ୟ କରିବା ପାଇଁ ସୁପାରିଶ କରିବେ । କଞ୍ଜରଭେଟରଙ୍କଠାରୁ ମଞ୍ଜୁରୀ ପାଇଲା ପରେ ଗ୍ରାମ ପଞ୍ଚାୟତ ଉପରେ ଜଙ୍ଗଲ ସଂରକ୍ଷଣର ଦାୟିତ୍ୱ ନ୍ୟସ୍ତ କରାଯିବା ଓ



ଜଙ୍ଗଲ ସୁରକ୍ଷା କମିଟି ଗଠନ ବାବଦରେ ଆଲୋଚନା ଚକ୍ର

ପଞ୍ଚାୟତ ତରଫରୁ ଗୋଟିଏ କାର୍ଯ୍ୟ ନିର୍ବାହୀ କମିଟି ଗଠନ କରିବା ପାଇଁ ପଦକ୍ଷେପ ନିଷ୍ପତ୍ତି ନିଆଯିବ ।

ବ୍ୟକ୍ତିଗତ ଭାବେ ଓ ସାମୁହିକ ଭାବେ ବନ ସଂରକ୍ଷଣ ସମିତିର ସଭ୍ୟମାନେ ଜଙ୍ଗଲର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ଓ ଜଙ୍ଗଲକୁ ନିମ୍ନଲିଖିତ ଅତ୍ୟାଚାରରୁ ରକ୍ଷା କରିବେ ।

(୧) ଗାଈ, ଛେଳି ଓ ମେଣ୍ଢା ଚରାଇବା, (୨) ବେଆଇନ ଗଛ କଟା, (୩) ଜଙ୍ଗଲଜାତ ଦ୍ରବ୍ୟର ଚୋରି, (୪) ଜଙ୍ଗଲ ଜମିର ବେଆଇନ୍ ଦଖଲ ।

ଜଙ୍ଗଲକୁ ପାଳିକରି ଜଗିବା ବନ୍ଦୋବସ୍ତ ସେମାନେ କରିବେ ଏବଂ କିଛି ଅର୍ଥ ବା ଶସ୍ୟ ବା ଶ୍ରମ ଗ୍ରହଣ କରି ଜଙ୍ଗଲ ଭିତରକୁ ବେଆଇନ୍ ପ୍ରବେଶ ବା ପଶୁ ଚରାଇବାକୁ ବନ୍ଦ କରିବେ । ଉପରୋକ୍ତ ଜଙ୍ଗଲ ଅପରାଧଗୁଡ଼ିକ ବନ୍ଦ କରିବା ସମସ୍ତ ସଭ୍ୟମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ଦାୟିତ୍ୱ ଓ କର୍ତ୍ତବ୍ୟ ହେବ ଏବଂ ସେମାନେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ସବୁ ଅପରାଧ ସମ୍ବନ୍ଧୀୟ ଖବର ଜଣାଇବେ ।

ଜଙ୍ଗଲ କର୍ମଚାରୀଙ୍କୁ ଜଙ୍ଗଲ ଅପରାଧୀଙ୍କୁ ଧରିବା ପାଇଁ ସଭ୍ୟମାନେ ସକ୍ରିୟ ସହଯୋଗ କରିବେ ଏବଂ ବିଚାରାଳୟରେ ସେହି ଅପରାଧୀମାନଙ୍କ ବିରୁଦ୍ଧରେ ଉଚିତ ସାକ୍ଷ୍ୟ ଦେବେ ।

ପ୍ରତି ତିନି ମାସରେ ଅତି କମ୍‌ରେ ଥରେ ଏହି ସମିତିର ସଭା ଅନୁଷ୍ଠିତ ହେବ । ଆବଶ୍ୟକ ହେଲେ ଏ ସଭା ଅଧିକ ଥର ମଧ୍ୟ ଡକାଯାଇ ପାରିବ । କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟକଳାପର ସମୀକ୍ଷା ସମିତି ବୈଠକରେ ହେବ ଏବଂ ଭବିଷ୍ୟତ କର୍ମପନ୍ଥା ନିରୂପଣ କରାଯିବ । ନାଏବ ସରପଞ୍ଚଙ୍କ ଅନୁପସ୍ଥିତିରେ ପ୍ରତ୍ୟେକ ସମିତି ବୈଠକ ପାଇଁ ସମିତିର ଉପସ୍ଥିତ ସଭ୍ୟମାନେ ସଭାପତି ମନୋନୟନ କରିବେ ଏବଂ ଆସନ୍ତା ବୈଠକ ପର୍ଯ୍ୟନ୍ତ ସେ ସଭାପତି ରହିବେ ।

ସମିତିର ବୈଠକ ପାଇଁ ଶତକଡ଼ା ଚାଳିଶି ଭାଗ ସଭ୍ୟଙ୍କ ଉପସ୍ଥିତି କୋରମ୍ ହେବା ପାଇଁ ଆବଶ୍ୟକ ହେବ ।

କାର୍ଯ୍ୟନିର୍ବାହୀ କମିଟିର କୌଣସି ବେସରକାରୀ ସଭ୍ୟ ଯଦି ନିଜ କର୍ତ୍ତବ୍ୟ ପାଳନ ସଠିକ୍ ଓ ସନ୍ତୋଷଜନକ ଭାବେ ନକରନ୍ତି ତେବେ ବନ ସଂରକ୍ଷଣ ସମିତିର ବୈଠକରେ ଅଧିକାଧିକ ସଭ୍ୟଙ୍କ ଭୋଟ ଦ୍ୱାରା ତାଙ୍କୁ କାର୍ଯ୍ୟନିର୍ବାହୀ କମିଟିରୁ ବହିଷ୍କାର କରାଯାଇ ପାରିବ ।

କାର୍ଯ୍ୟନିର୍ବାହୀ କମିଟି ଅତି କମ୍‌ରେ ମାସକୁ ଥରେ ମିଳିତ ହେବେ ଏବଂ ଜଙ୍ଗଲର ଅବସ୍ଥା ତଦାରଖ କରିବେ । ଜଙ୍ଗଲ ଅପରାଧ ଯଦି କିଛି ସଙ୍ଘଟିତ ହୋଇଥାଏ ତେବେ ସେ ବିଷୟରେ ଆଲୋଚନା କରିବେ ଏବଂ ଜଙ୍ଗଲ ସୁରକ୍ଷା ଦିଗରେ ଯଦି କୌଣସି ସରକାରୀ ବା ବେସରକାରୀ ବାଧାର ସମ୍ମୁଖୀନ ହେବାକୁ ପଡୁଥାଏ ସେ ବିଷୟ ମଧ୍ୟ ଆଲୋଚନା କରିବେ । ଜଙ୍ଗଲ ସୁରକ୍ଷା ଓ ପୁନର୍ବିନ୍ୟାସ ଓ ଜଙ୍ଗଲ ପରିଚାଳନା ଯୋଜନାର ରୂପାୟନ ଦିଗରେ ବିସ୍ତୃତ ଆଲୋଚନା କରିବେ ।

କାର୍ଯ୍ୟନିର୍ବାହୀ କମିଟିର ସମ୍ପାଦକ ବା ସେକ୍ରେଟାରୀ ଭାବେ ସମ୍ପୃକ୍ତ ଫରେଷ୍ଟର ଆଲୋଚନା ପାଇଁ ସ୍ଥିର ହୋଇଥିବା ବିଷୟବସ୍ତୁକୁ ସୂଚୀରେ ସ୍ଥାନ ଦେବେ ଏବଂ ତାକୁ ସଭ୍ୟମାନଙ୍କୁ ଆଗରୁ ଜଣାଇବେ । ସେ ଏହି ବୈଠକର ବିବରଣୀ ଓ ନିଷ୍ପତ୍ତି ଲିପିବଦ୍ଧ କରିବେ । କାର୍ଯ୍ୟନିର୍ବାହୀ କମିଟିର ବୈଠକ ଫରେଷ୍ଟର ବା ନାଏବ ସରପଞ୍ଚ ଡକାଇ ପାରିବେ । ନାଏବ ସରପଞ୍ଚ ନଥିଲେ କମିଟି ସଭ୍ୟମାନେ ନିଜ ମଧ୍ୟରୁ ଜଣକୁ ବୈଠକରେ ସଭାପତିତ୍ୱ କରିବା ପାଇଁ ବାଛିବେ । ନାଏବ ସରପଞ୍ଚ ଇଚ୍ଛାକଲେ ତାଙ୍କ ପ୍ରତିନିଧିଙ୍କୁ ମଧ୍ୟ ଏହି ବୈଠକକୁ ପଠାଇ ପାରିବେ ।

ସମିତି ଦ୍ୱାରା ଗୃହୀତ ହୋଇଥିବା ବନ ପରିଚାଳନା ଯୋଜନା ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା କମିଟିର ଦାୟିତ୍ୱ । ସେଥିପାଇଁ ଶ୍ରମ ଦାନର ବନ୍ଦୋବସ୍ତ କରିବା, ଅପରାଧୀଙ୍କୁ ଧରାଇଦେବା ଓ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କମିଟିର ସଭ୍ୟ ବନ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ସାହାଯ୍ୟ ଓ ସହଯୋଗ ଦେବେ ।

ବନ ସଂରକ୍ଷଣ ସମ୍ବନ୍ଧରେ ବା ବନଜାତ ଦ୍ରବ୍ୟର ଉପଯୋଗ ସମ୍ବନ୍ଧରେ ଗ୍ରାମ ଭିତରେ ବା ଅନ୍ୟ ଗ୍ରାମ ସହିତ କୌଣସି ବାଦବିବାଦ ଲାଗିଲେ ପ୍ରଥମେ ତାହା କମିଟି ବୈଠକରେ ଆଲୋଚିତ ହେବ । ଯେଉଁ ସରକାରୀ ବା ବେସରକାରୀ ବ୍ୟକ୍ତି ବା ଅନୁଷ୍ଠାନ ଜଙ୍ଗଲ ଅପରାଧରେ ଜଡ଼ିତ ଅଛନ୍ତି ବୋଲି ଖବର ଥିବ ସେମାନଙ୍କର କାର୍ଯ୍ୟକଳାପ କମିଟିରେ ଆଲୋଚିତ ହେବ ଏବଂ କମିଟି ସେମାନଙ୍କ ବିରୁଦ୍ଧରେ ଯଥାବିଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେବେ । କମିଟି ଯଦି କୌଣସି ବିବାଦର ଆପୋଷ ସମାଧାନ ସୂତ୍ରରେ ପହଞ୍ଚି ପାରିବେ ନାହିଁ କିମ୍ବା କୌଣସି

ଜଙ୍ଗଲ ଅପରାଧୀଙ୍କୁ ଧରିବା ବା ତା'ର ଅପରାଧକୁ ରୋକିବା ଦିଗରେ ଅସମର୍ଥ ହେବେ ତେବେ ତାହା ସମ୍ପୃକ୍ତ ରେଞ୍ଜ୍ ଅଫିସରଙ୍କ ଦୃଷ୍ଟିକୁ ଆଣିବେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବେ ।

ଜଙ୍ଗଲ ପରିଚାଳନା ଯୋଜନା ଅନୁସାରେ ଅନୁସୃତ କାର୍ଯ୍ୟ ପଦ୍ଧତିଗୁଡ଼ିକୁ ପାଳନ କରିବା ପାଇଁ କମିଟି ଜଙ୍ଗଲ ବିଭାଗର ସହାୟତା କରିବେ ଏବଂ ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ବଣ୍ଟନ କରିବା ଦିଗରେ ସାହାଯ୍ୟ କରିବେ ।

ଡି:ଏଫ୍:ଓ:, ଆସିଷ୍ଟାଣ୍ଟ କନ୍ଜରଭେଟର୍ ଓ ରେଞ୍ଜ ଅଫିସର ତାଙ୍କ ଅଞ୍ଚଳର ପ୍ରତ୍ୟେକ କମିଟିର କାର୍ଯ୍ୟକଳାପ ଓ କର୍ମ ପଦ୍ଧତି ସହ ପରିଚିତ ହେବେ ଏବଂ କମିଟିର ବନ୍ଧୁ, ଦାର୍ଶନିକ ଓ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବେ । ସେମାନେ ଏ ଦିଗରେ ସମୟ ସମୟରେ ଯେଉଁ ସବୁ ନିର୍ଦ୍ଦେଶ ଦେବେ ତାହା କମିଟିର ସଭ୍ୟମାନେ ମାନିବେ ।

ରେଞ୍ଜ୍ ଅଫିସର୍ ନିଜ ଅଞ୍ଚଳରେ ଗଠିତ ହୋଇଥିବା ସମସ୍ତ କାର୍ଯ୍ୟନିର୍ବାହୀ କମିଟିର ବୈଠକରେ ଯୋଗ ଦେଇ ଅଂଶ ଗ୍ରହଣ କରି ପାରିବେ । ସେ ବନ ସଂରକ୍ଷଣ ସମିତିର ସଭାଗୁଡ଼ିକରେ ମଧ୍ୟ ଯୋଗଦାନ ଓ ଅଂଶ ଗ୍ରହଣ କରି ପାରିବେ । ସେମାନଙ୍କୁ ଉପଯୁକ୍ତ ଉପଦେଶ ଦେବା ଅଧିକାର ତାଙ୍କର ଅଛି । ମାତ୍ର ତାଙ୍କର ଭୋଟ ଦେବା ଅଧିକାର ନାହିଁ । ଏହି ସମସ୍ତ ସଭା ଓ ବୈଠକର ବିବରଣୀ ଫରେଷ୍ଟର ଲିପିବଦ୍ଧ କରିବେ ।

ଏହି ଯୋଜନା ଓ ତତ୍‌ସମ୍ପୃକ୍ତ ନିର୍ଦ୍ଦେଶାବଳୀର ଉପଯୁକ୍ତ ପ୍ରତିପାଳନର ଦାୟିତ୍ୱ ଡି: ଏଫ୍: ଓ:ଙ୍କ ଉପରେ ନ୍ୟସ୍ତ କରାଯାଇଛି । ସମିତି ଓ କାର୍ଯ୍ୟନିର୍ବାହୀ କମିଟିଗୁଡ଼ିକ ଗଠନ କରାଇବା ତାଙ୍କର ଏକ ମୁଖ୍ୟ ଦାୟିତ୍ୱ । ସେ ଏଥିପାଇଁ ପଞ୍ଚାୟତ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସାହାଯ୍ୟ ନେଇ ପାରିବେ ।

ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା (ଜେଏଫ୍ ମ୍ୟାନେଜ୍‌ମେଣ୍ଟ୍ ପ୍ଲାନ୍)ର ଖସଡ଼ା ପ୍ରସ୍ତୁତିରେ ସ୍ଥାନୀୟ ଲୋକମାନଙ୍କ ଆବଶ୍ୟକତା ଓ ଅଭିଳାଷ କିଭଳି ଭାବେ ସଠିକ୍ ଭାବେ ପ୍ରତିଫଳିତ ହେବ ଏହା ଦେଖିବା ଡି:ଏଫ୍:ଓ:ଙ୍କ ଦାୟିତ୍ୱ । ଥରେ ଏହି ଯୋଜନାଟି ଅନୁମୋଦିତ ଓ ଗୃହୀତ ହେଲା ପରେ ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଇବା କାର୍ଯ୍ୟନିର୍ବାହୀ କମିଟି ଓ ଡି: ଏଫ୍: ଓ:ଙ୍କ ମିଳିତ ଦାୟିତ୍ୱ । ଯୋଜନାଟି ଅନୁମୋଦିତ ହେଲା ପରେ ଯେ କେବଳ ବନ ବିଭାଗ ନିଜ ଇଚ୍ଛାମତେ କାର୍ଯ୍ୟ କରିଯିବେ ତା' ନୁହେଁ, ବରଂ ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ ସ୍ତରରେ କାର୍ଯ୍ୟନିର୍ବାହୀ କମିଟିର ସକ୍ରିୟ ଆନ୍ତରିକ ସହଯୋଗ ହାସଲ କରିବା ମଧ୍ୟ ବନ ବିଭାଗର ଏକ ଗୁରୁ ଦାୟିତ୍ୱ ।

ବନ ସଂରକ୍ଷଣ ସମିତି ବା କାର୍ଯ୍ୟନିର୍ବାହୀ କମିଟିର ସଭ୍ୟମାନେ କୌଣସି ଜଙ୍ଗଲ ଅପରାଧ ବିଭାଗୀୟ କର୍ମକର୍ତ୍ତାଙ୍କ ଦୃଷ୍ଟିକୁ ଆଣିଲା ମାତ୍ରେ ତା'ର ତୁରନ୍ତ ଓ ଉପଯୁକ୍ତ ପ୍ରତିବିଧାନ କରିବାର ଦାୟିତ୍ୱ ବନ ବିଭାଗ ଉପରେ ନ୍ୟସ୍ତ । ସେଥିରେ କେହି କୌଣସି ଖିଲାପ କଲେ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରାଯିବ ।

ଗ୍ରାମ ଭିତରେ ବା ଦୁଇଟି ଗ୍ରାମ ମଧ୍ୟରେ ଜଙ୍ଗଲ ସଂକ୍ରାନ୍ତୀୟ କୌଣସି ବିବାଦ ଉପୁଜିଲେ ଡି: ଏଫ୍: ଓ: ଓ ଆସିଷ୍ଟାଣ୍ଟ୍ କନ୍ଜରଭେଟର୍ ସେଥିରେ ହସ୍ତକ୍ଷେପ କରି ତାହା ତୁଟାଇବା ନିମନ୍ତେ ପଦକ୍ଷେପ ନେବେ ଏବଂ ସେହି ବିବାଦଜନିତ ଜଙ୍ଗଲ କଟା ବା ଜଙ୍ଗଲ ପ୍ରତି ଅନ୍ୟ କୌଣସି ବିପଦରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ଯଥାବିଧି ପଦକ୍ଷେପ ନେବେ ।

ଯଦି କୌଣସି କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟ ଜଙ୍ଗଲର ସୁରକ୍ଷା, ପୁନର୍ବିନ୍ୟାସ ବା ସୁପରିଚାଳନାର ପରିପନ୍ଥୀ ହୁଏ ବୋଲି ଡି:ଏଫ୍:ଓ: ଙ୍କର ହୃଦ୍‌ବୋଧ ହୁଏ ତେବେ ସେ ନିଜର ଅନୁସନ୍ଧାନମୂଳକ ତଥ୍ୟ ଓ ମତାମତକୁ ଲିପିବଦ୍ଧ କରିବେ ଏବଂ କାର୍ଯ୍ୟନିର୍ବାହୀ କମିଟିକୁ ଭାଙ୍ଗି ଦେବେ । ଏହି କାର୍ଯ୍ୟନିର୍ବାହୀ କମିଟିର ଅପସାରଣ ପରେ ବନ ସଂରକ୍ଷଣ ସମିତିର ଏକ ବୈଠକ ଡକାଯିବ ଏବଂ ନୂତନ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯିବ ।

ଯଦି କୌଣସି କାର୍ଯ୍ୟନିର୍ବାହୀ କମିଟିର ସଭ୍ୟାଙ୍କ ବିରୁଦ୍ଧରେ କୌଣସି ଜଙ୍ଗଲ ଅପରାଧ କରିବାର କିମ୍ବା କୌଣସି ଜଙ୍ଗଲ ଅପରାଧୀକୁ ଘଷ ଘୋଡ଼ାଇବାର ଅଭିଯୋଗ ଆସେ କିମ୍ବା ସେ ବନ ସଂରକ୍ଷଣ ସମିତି ବା କାର୍ଯ୍ୟନିର୍ବାହୀ କମିଟିର ବୃହତ୍ତର ସ୍ୱାର୍ଥ ଓ ଉଦ୍ଦେଶ୍ୟ ବିରୁଦ୍ଧରେ କାମ କରନ୍ତି ବୋଲି ଡି: ଏଫ୍:ଓ:ଙ୍କ ହୃଦ୍‌ବୋଧ ହୁଏ, ସେ ସେହି ସଭ୍ୟାଙ୍କୁ କାର୍ଯ୍ୟନିର୍ବାହୀ କମିଟିରୁ ଅପସାରିତ କରିପାରିବେ । ସେହି ସଭ୍ୟ ଡି: ଏଫ୍: ଓ:ଙ୍କ ନିଷ୍ପତ୍ତି ବିରୁଦ୍ଧରେ କନ୍ଜର୍‌ଭେଟର୍‌ଙ୍କ ନିକଟରେ ଅପିଲ୍ କରିପାରନ୍ତି ଏବଂ ଏଭଳି ଅପିଲ୍ ହେଲେ ସେ ବିଷୟରେ କନ୍ଜର୍‌ଭେଟର୍‌ଙ୍କର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ ।

ଯେଉଁ ଗ୍ରାମ ପଞ୍ଚାୟତର ପରିସର ମଧ୍ୟରେ ଏହି ଜଙ୍ଗଲ ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ ହେବ ସେହି ପଞ୍ଚାୟତକୁ ସରକାରଙ୍କ ତରଫରୁ ଏକ ଯୁଗ୍ମ ଜଙ୍ଗଲ ପରିଚାଳନା ସବ୍‌କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯିବ । ଏହି ସବ୍‌କମିଟି ଅତି କମ୍‌ରେ ପ୍ରତି ତିନି ମାସରେ ଥରେ, ବନ ସଂରକ୍ଷଣ ସମିତିର କାର୍ଯ୍ୟନିର୍ବାହୀ କମିଟିଗୁଡ଼ିକର କାର୍ଯ୍ୟର ସମୀକ୍ଷା କରିବେ ଏବଂ ସରକାର, କାର୍ଯ୍ୟନିର୍ବାହୀ କମିଟି ଓ ବନ ସଂରକ୍ଷଣ ସମିତିମାନେ ମଧ୍ୟ ଯେଉଁ କାର୍ଯ୍ୟକାରୀ ବୁଝାମଣା ହୋଇଛି ତହିଁରେ ନିହିତ ଦାୟିତ୍ୱ ସବୁ ପକ୍ଷ ସୁଷ୍ଠୁ ରୂପେ ତୁଲାଉଛନ୍ତି କି ନା ଦେଖିବେ । ଏହି ଯୋଜନା କିଭଳି ଭାବେ କାର୍ଯ୍ୟକାରୀ ହେଉଛି ସେ ବିଷୟରେ ପଞ୍ଚାୟତ ନିୟମିତ ଭାବେ ଡି: ଏଫ୍: ଓ:ଙ୍କୁ ଅବହିତ କରିବେ ।

ଦାୟିତ୍ୱ କାର୍ଯ୍ୟନିର୍ବାହୀ କମିଟି ଉପରେ ନ୍ୟସ୍ତ । ପ୍ରତ୍ୟେକ ପରିବାରକୁ ଗୋଟିଏ ସଭ୍ୟ ଭାବେ ଗଣାଯିବ । ଯଦି କୌଣସି ପରିବାର ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ତୁଲାଉ ନାହାନ୍ତି ବା କର୍ତ୍ତବ୍ୟରେ ଅବହେଳା କରିଛନ୍ତି ତେବେ କାର୍ଯ୍ୟନିର୍ବାହୀ କମିଟି ସେ ପରିବାରକୁ ଜଙ୍ଗଲ ଜାତ ସାମଗ୍ରୀ ବଣ୍ଟନର ଭାଗରୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ବଞ୍ଚିତ କରିପାରନ୍ତି ।

ପତ୍ର, ଘାସ, ଗୋ-ଖାଦ୍ୟ, ଘର ଛପର ପାଇଁ ଛଣ ଓ ଘାସ, ଝାଡୁଣୀ ପାଇଁ ଘାସ, କଣ୍ଟାବାଡ ନେବା ପାଇଁ କଣ୍ଟା ଓ କଣି, ଅନ୍ୟ ଶଗଡ଼ଖୁଣ୍ଟା ଓ ଜାଳେଣୀ ଉପଯୋଗୀ ଶୁଖିଲା ସରୁ ଡାଳ ଏ ସମସ୍ତ ସାମଗ୍ରୀ ସମିତି ସଭ୍ୟମାନଙ୍କୁ ମାଗଣାରେ ଉପଲବ୍ଧ ହେବ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଗାଈ, ଛେଳି ଇତ୍ୟାଦିଙ୍କୁ ଅବାଧରେ ଜଙ୍ଗଲରେ ଚରିବାକୁ ଛାଡି ଦିଆଯିବ । ଅନ୍ୟାନ୍ୟ ଲଘୁ ଜଙ୍ଗଲ ଜାତ ସାମଗ୍ରୀ ଓ କେନ୍ଦୁପତ୍ର ଆଦି ସଭ୍ୟମାନେ ସଂଗ୍ରହ କରିବେ, କିନ୍ତୁ ତାକୁ ବନ ବିଭାଗ ବା ବିଭାଗ ଲିଜ୍ ଦେଇଥିବା ଠିକାଦାର ବା ସଂସ୍ଥାକୁ ନିର୍ଦ୍ଧାରିତ ମୂଲ୍ୟ ଦେଇ ହସ୍ତାନ୍ତର କରିବେ । ବଡ଼ ଓ ମୂଲ୍ୟବାନ ଗଛଗୁଡ଼ିକୁ ମୁକ୍ତ ଭାବେ ବଢ଼ିବାକୁ ଦେବା ପାଇଁ ଶୁଖିଲା ଓ ଅଧପୋଡ଼ା କାଠ, ବନ୍ଧା ଆଦି ଯାହା ସମସ୍ତ ସମୟରେ ବାହାରିବ ତାକୁ ସଭ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ସମାନ ଭାବେ ବଣ୍ଟନ କରାଯିବ ।

ମୂଲ୍ୟବାନ କାଠ, ଖଂଜ ଓ ବାଉଁଶ ଯାହାକି ପାକଳ ସମୟ ଜଙ୍ଗଲରୁ ମିଳିବ ତାହା ଜଙ୍ଗଲ ବିଭାଗ ଓ ସଂରକ୍ଷଣ ସମିତି ଦ୍ୱାରା ଅଧା ଅଧା ଭାଗ କରାଯିବ । କାର୍ଯ୍ୟନିର୍ବାହୀ କମିଟି ବନ ସଂରକ୍ଷଣ ସମିତି ହୁଏତ ଏହି ଶତକଡ଼ା ପଚାଶ ଭାଗ ସଭ୍ୟମାନଙ୍କ ମଧ୍ୟରେ ସମବଣ୍ଟନ କରିଦେବେ କିମ୍ବା ଜଙ୍ଗଲ ବିଭାଗକୁ ସମସ୍ତ ସାମଗ୍ରୀ ବିକ୍ରୟ କରି ବିକ୍ରିଲବ୍ଧ ଅର୍ଥର ଶତକଡ଼ା ପଚାଶ ଭାଗ ସମିତିକୁ ଦେବା ପାଇଁ କ୍ଷମତା ଦେବେ । ବିକ୍ରିଲବ୍ଧ ଅର୍ଥକୁ ସମିତିର ସଭ୍ୟମାନଙ୍କ ମଧ୍ୟରେ ସମଭାବେ ବଣ୍ଟନ କରାଯିବ ।

କାର୍ଯ୍ୟନିର୍ବାହୀ କମିଟି ବନ ସଂରକ୍ଷଣ ସମିତି ଦ୍ୱାରା କ୍ଷମତା ପ୍ରାପ୍ତ ହୋଇ ଡି: ଏଫ୍: ଓଙ୍କ ସଙ୍ଗେ ଏକ ବୁଝାମଣା ଦଲିଲ୍‌ରେ ସ୍ୱାକ୍ଷର କରିବେ । କମିଟି ଉଜୁଡ଼ା ଜଙ୍ଗଲର ପୁନର୍ବିନ୍ୟାସ, ସଂରକ୍ଷଣ ଓ ଜଙ୍ଗଲ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଏବଂ ସୁସ୍ଥ ପରିଚାଳନା ଯୋଜନାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବେ । ଏହି ପ୍ରତିଶ୍ରୁତି ପରେ ଯାଇଁ ସମିତିର ସଭ୍ୟମାନଙ୍କୁ ଭଙ୍ଗା ଓ ଶୁଖିଲା ଡାଳ, ପତ୍ର, ଘାସ, ଝୁଣା, ଲାଖ ଓ ଅନ୍ୟାନ୍ୟ ଜଙ୍ଗଲ ଜାତ ଦ୍ରବ୍ୟକୁ କୌଣସି ମାସୁଲ ବା ରୟାଲ୍‌ଟି ନଦେଇ ସଂଗ୍ରହ କରିବା ପାଇଁ ଅଧିକାର ଦିଆଯିବ । ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଯଦି ସୁସ୍ଥ ଜଙ୍ଗଲ ପରିଚାଳନା ଯୋଜନା ସନ୍ତୋଷଜନକ ଭାବେ କାର୍ଯ୍ୟକାରୀ ହୁଏ ତେବେ ଗ୍ରାମବାସୀମାନଙ୍କୁ ପରିପକ୍ୱ କାଠ ଓ ବାଉଁଶର ଶେଷ ଅମଳର ଶତକଡ଼ା ପଚାଶ ଭାଗ ଅଂଶରେ ଭାଗୀଦାର ହେବେ ।

ଜଙ୍ଗଲ ଓ ପରିବେଶ ବିଭାଗର ରାଜ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି । ଏହି କମିଟି ବର୍ଷକୁ ଥରେ ମିଳିତ ହୋଇ ଏହି ଯୋଜନାଟିକୁ ନିର୍ଦ୍ଦେଶନ ଦେବେ, ଏହାର ସଫଳତାର ସମୀକ୍ଷା ଓ ମୂଲ୍ୟାୟନ କରିବେ ଏବଂ ଆବଶ୍ୟକ ହେଲେ ନିୟମାବଳୀରେ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେବେ । ଏହି କମିଟିରେ ଜଙ୍ଗଲ ଓ ପରିବେଶ ବିଭାଗର ଶାସନ ସଚିବ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ସାମାଜିକ ବନୀକରଣ ପ୍ରକଳ୍ପର ନିର୍ଦ୍ଦେଶକ, ଜଙ୍ଗଲ ବିଭାଗର ମନୋନୀତ ଦୁଇଜଣ ମୁଖ୍ୟ ବା ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ପାହ୍ୟାର ଅଧିକାରୀ, ସୁସ୍ଥ ବନ ପରିଚାଳନା କ୍ଷେତ୍ରରେ ସକ୍ରିୟ ଥିବା ଦୁଇଜଣ ମନୋନୀତ ବ୍ୟକ୍ତି ସଭ୍ୟ ରହିବେ । ବନ ଉନ୍ନୟନ ସର୍କଲର କନ୍‌ଜରଭେଟର୍ ଏହାର ସମ୍ପାଦକ ସଭ୍ୟ ରହିବେ । ମନୋନୀତ ସଭ୍ୟମାନଙ୍କ କାର୍ଯ୍ୟକାଳ ଦୁଇବର୍ଷ ରହିବ ।

ଜଙ୍ଗଲ ଜାତ ଦ୍ରବ୍ୟର ଗୁହିବା ମେଣ୍ଟାଇବା ସଙ୍ଗେ ସଙ୍ଗେ ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ଓ ପରିବେଶର ସୁରକ୍ଷା ପାଇଁ ବନ ସଂରକ୍ଷଣ ସମିତିମାନ ଗଠନ କରି ଏହି ମହାନ୍ ଜାତୀୟ କାର୍ଯ୍ୟରେ ଅଂଶୀଦାର ହୋଇ ନିଜ ନିଜର ଗ୍ରାମ ପୁନର୍ଗଠନରେ ସହାୟକ ହେବା ପାଇଁ ପ୍ରତ୍ୟେକ ନାଗରିକ ଆଗଭର ହେବା ଆବଶ୍ୟକ ।

ଯେତେ ଦିନ ପର୍ଯ୍ୟନ୍ତ ଜଙ୍ଗଲକୁ ସରକାରୀ ମାଲ ବୋଲି ଗଣା ଯାଉଥିଲା ସେତେଦିନ ଯାଏ କେବଳ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଲା । ଅସାଧୁ ଜଙ୍ଗଲ ଚୋରଙ୍କ କଥାରେ ଭଳିଯାଇ ଓ ସେମାନଙ୍କଠାରୁ ସାମାନ୍ୟ ଅର୍ଥ ନେଇ ଯେଉଁ ଗ୍ରାମବାସୀମାନେ ଜଙ୍ଗଲ ବିଭାଗ କର୍ମକର୍ତ୍ତାଙ୍କୁ ମାଡ଼ ଦେଉଛନ୍ତି ସେମାନେ ନିଜ ଗୋଡ଼କୁ ନିଜେ ହାଣୁଛନ୍ତି । ଏବେ ଜଙ୍ଗଲ ଗ୍ରାମବାସୀମାନଙ୍କର ନିଜସମ୍ପତ୍ତି । ଜଙ୍ଗଲର ସୁରକ୍ଷା କଲେ କାଠ ବ୍ୟତୀତ ସମସ୍ତ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ଗ୍ରାମବାସୀମାନଙ୍କର ସମ୍ପୂର୍ଣ୍ଣ ଅଧିକାର ଏବଂ କାଠ ଉପରେ ଶତକଡ଼ା ପଚାଶ ଭାଗ ଅଧିକାର ଏବେ ସରକାର ମାନି ନେଇଛନ୍ତି ।

କେବଳ ଗ୍ରାମବାସୀମାନେ ତ କାଠ ଚୋରି କରୁନଥିଲେ । କେତେକ କରତ କଳ ମାଲିକ, କେତେକ ସହରବାସୀ ବ୍ୟବସାୟୀ ଓ କାଠ ଚୋର, କେତେକ ଅସାଧୁ ପୋଲିସ୍, କେତେକ ଜଙ୍ଗଲ ଓ ରାଜସ୍ୱ ବିଭାଗୀୟ କର୍ମକର୍ତ୍ତାଙ୍କ ସହାୟତାରେ ଏବେ ମଧ୍ୟ ପ୍ରତିଦିନ ମୂଲ୍ୟବାନ ଜଙ୍ଗଲ ଲୁଟି ଚାଲିଛି । ଆପଣଙ୍କ ଆଖି ଆଗରେ ପ୍ରତିଦିନ ଆପଣଙ୍କ ଘରୁ ଆପଣଙ୍କ ନିଜ ସମ୍ପତ୍ତି ଲୁଟ୍ ହେଉଛି । ଯଦି ବିଶ୍ୱାସ ନହେଉଛି ଜଙ୍ଗଲ ଭିତରେ ଆଡ଼େ ଟିକିଏ ବୁଲି ଆସନ୍ତୁ । ଜଙ୍ଗଲ କ'ଣ ସଂରକ୍ଷିତ, ରକ୍ଷିତ ନା ଅରକ୍ଷିତ ?

ଆପଣ କହିବେ ସରକାରୀ ସମ୍ପତ୍ତିକୁ ଅସାଧୁ ସରକାରୀ କର୍ମଚାରୀ ଓ କେତେକ ଅସାଧୁ ରାଜନୀତିଜୀବୀମାନେ ମିଳିମିଶି ଲୁଟ୍ କରୁଛନ୍ତି । ଆପଣଙ୍କର ସେଥିରେ ଯାଏ ଆସେ କେତେ ? ନାଁ ସେମାନେ ଏବେ ମିଳିମିଶି ଆପଣଙ୍କ ନିଜ ସମ୍ପତ୍ତି ଲୁଟି କରୁଛନ୍ତି । ଆପଣ କ'ଣ ତଥାପି ନୀରବଦ୍ରଷ୍ଟା ହୋଇ ରହିବେ ? ମନେରଖନ୍ତୁ — ଜଙ୍ଗଲ ଉଜୁଡ଼ିଲେ ଧରା ଉଜୁଡି ଯିବ । ସରକାରଙ୍କୁ ସମାଲୋଚନା କରି ଓ ଦୋଷ ଦେଇ ଚୁପ୍ ରହିଲେ ଲେଡ଼ି ଗୁଡ଼ କହୁଣୀକୁ ବୋହିଯିବ । ଧରିତ୍ରୀ ମାଁ ଆପଣଙ୍କୁ କ୍ଷମା କରିବ ତ ? ଚୋରି କରିବା ଯେତିକି ପାପ, ଚୋରି ଦେଖି ଆଖି ବୁଜି ଦେବା ସେତିକି ପାପ । ନିଷ୍ପତ୍ତି ଆପଣଙ୍କ ହାତରେ କାଲିକୁ ଆଉ ଆଜିର ଜଙ୍ଗଲ ନଥାଇ ପାରେ । ଆସନ୍ତା କାଲିକୁ କାମ ପକାଇ ରଖିଲେ ଖୁବ୍ ବିଳମ୍ବ ହୋଇ ଯାଇପାରେ ।

---

ଶାସନ ସଚିବ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର

ଆସିଷ୍ଟାଣ୍ଟ କନ୍ଜରଭେଟର୍ ଓ ରେଞ୍ଜ୍ ଅଫିସର ପ୍ରତି ବନ ସଂରକ୍ଷଣ ସମିତି ପାଇଁ ଗୋଟିଏ ସୂକ୍ଷ୍ମ ଜଙ୍ଗଲ ପରିଚାଳନା ଯୋଜନା ପ୍ରସ୍ତୁତ କରିବେ । ଜଙ୍ଗଲଜାତ ବସ୍ତୁର ଉତ୍ପାଦନ ବୃଦ୍ଧି ପାଇଁ କେଉଁ ସବୁ ପଦକ୍ଷେପ ନେବାକୁ ହେବ ତାହା ଏହି ଯୋଜନାରେ ଉଲ୍ଲେଖ ରହିବ । ଗାଁରେ ଲୋଡ଼ା ହେଉଥିବା ଜାଳେଣୀ କାଠ, ଘାସ, ବାଉଁଶ ଓ ଗୃହ ଉପକରଣ ପାଇଁ କାଠ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାମତେ କିପରି ସେହି ଜଙ୍ଗଲରୁ ଉତ୍ପାଦିତ ହୋଇପାରିବ ତାହା ଏହି ଯୋଜନାର ମୂଳ ଲକ୍ଷ୍ୟ ରହିବ । ଯେଉଁ ଗଛ ଲତା ଅକ୍ଷୁଣ୍ଣ ରହିଛି ତାହା ଯେପରି ଆଦୌ ନଷ୍ଟ ନହୁଏ ସେ କଥା ପ୍ରତି ଦୃଷ୍ଟି ଦେବାକୁ ହେବ । ଗଣ୍ଡି କାଠ ଛଡ଼ା ଅନ୍ୟାନ୍ୟ ଜଙ୍ଗଲ ଉତ୍ପାଦିତ ବସ୍ତୁ ଯେପରି ଯଥେଷ୍ଟ ପରିମାଣରେ ମିଳିପାରିବ ସେଥିପାଇଁ ଆବଶ୍ୟକ ବୃକ୍ଷ ରୋପଣ ମଧ୍ୟ କରାଯିବ ।

ମୃତ୍ତିକାର ଗଭୀରତା, ବୃଷ୍ଟିପାତ ଓ ଜଳବାୟୁକୁ ଆଖି ଆଗରେ ରଖି କେଉଁ ପ୍ରକାରର ବୃକ୍ଷ, ଲତା ଓ ଗୁଳ୍ମ ସେ ସ୍ଥାନରେ ସର୍ବୋତ୍କୃଷ୍ଟ ଭାବେ ବଢ଼ିପାରିବ, ବୃକ୍ଷ ରୋପଣ ଯୋଜନା ସେହିଭଳି ହେବା ଆବଶ୍ୟକ । ଗ୍ରାମବାସୀମାନଙ୍କର ପ୍ରିୟ ବୃକ୍ଷ ଯଥେଷ୍ଟ ସଂଖ୍ୟାରେ ଲଗା ନଗଲେ ସେମାନଙ୍କର ଯୋଜନା ପ୍ରତି କୌଣସି ଆତ୍ମୀୟତା ଆସିବ ନାହିଁ । ଚିଠା ଯୋଜନାଟି ଡି.ଏଫ୍.ଓ. ନିଜେ, ବନ ସଂରକ୍ଷଣ ସମିତିର ଗୋଟିଏ ମିଟିଂ ଡାକି ସଭ୍ୟମାନଙ୍କୁ ଶୁଣାଇଦେବେ । ସେମାନଙ୍କର ମତାମତ ଓ ପ୍ରସ୍ତାବକୁ ଉଚିତ ସମ୍ମାନ ଦେଇ ଯୋଜନାରେ ଯଦି କିଛି ପରିବର୍ତ୍ତନର ଆବଶ୍ୟକତା ପଡ଼େ, ତେବେ ସେଭଳି ପରିବର୍ତ୍ତନ କରିବେ । ଚିଠା ଯୋଜନାଟି ଆନୁଷ୍ଠାନିକ ଭାବେ କାର୍ଯ୍ୟନିର୍ବାହୀ କମିଟି ବା ସଂରକ୍ଷଣ ସମିତିର ଅନୁମୋଦନ ପାଇଁ ପଠାଇବା ପୂର୍ବରୁ ସେ କମିଟି ସଭ୍ୟମାନଙ୍କ ସଙ୍ଗେ ଆଲୋଚନା କରିବେ ଏବଂ ସେମାନଙ୍କର ମତାମତ ଓ ପ୍ରସ୍ତାବକୁ ଉପଯୁକ୍ତ ସମ୍ମାନ ଦେବେ ।

ଜଙ୍ଗଲ ବିଭାଗର କନ୍ଜରଭେଟରଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ କମିଟି ପ୍ରତ୍ୟେକ ସୂକ୍ଷ୍ମ ଜଙ୍ଗଲ ପରିଚାଳନା ଯୋଜନାକୁ ତନ୍ନତନ୍ନ କରି ପରୀକ୍ଷା ଓ ଆବଶ୍ୟକସ୍ଥଳେ ସଂଶୋଧନ କରିବେ ଏବଂ ଯୋଜନାଟିର ଅନୁମୋଦନ କରିବେ । ଏହି ଯୋଜନାଟି ଏକ ଦଶବର୍ଷୀୟ ଯୋଜନା ଭାବେ ପ୍ରସ୍ତୁତ ହେବ । ବୈଷୟିକ କମିଟିରେ ଡି.ଏଫ୍.ଓ., ୱାର୍କିଂପ୍ଲାନ୍ ଅଫିସର ଓ ସାମାଜିକ ବନୀକରଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସଭ୍ୟ ରହିବେ ।

ଆବଶ୍ୟକୀୟ ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ମଧ୍ୟ ସେହି ଜଙ୍ଗଲ ଅଞ୍ଚଳରେ କରାଯିବ କାରଣ ବୃଷ୍ଟିପାତ ବା ପ୍ରାକୃତିକ କ୍ଷୟରେ ଯଦି ଉପର ମାଟି ଧୋଇ ହୋଇଯାଏ ତେବେ ପାହାଡ଼ରେ ଗଛ, ଗୁଳ୍ମ ଓ ଲତା ମଧ୍ୟ କିଛି ରହିବ ନାହିଁ ।

ଏହି ଯୋଜନାରେ ଗ୍ରାମ ବା ଗାଁ ମାନେ ଜଙ୍ଗଲକୁ ଯେଉଁ ସାମାଜିକ ସୁରକ୍ଷା ଦେବେ ଏବଂ ଆବଶ୍ୟକସ୍ଥଳେ ଶ୍ରମ ଦାନ କରିବେ ତାହା ମଧ୍ୟ ଉଲ୍ଲେଖ ରହିବ । ସମିତିର ବିଭିନ୍ନ ସଭ୍ୟମାନଙ୍କ ଉପରେ ଯେଉଁ କର୍ତ୍ତବ୍ୟ ଓ ଦାୟିତ୍ୱର ଭାର ଦିଆଯିବ ତାହା ଯୋଜନାରେ ସ୍ଥାନ ପାଇବ । ଏହି ସୂକ୍ଷ୍ମ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେଲାବେଳେ ଯଦି କୌଣସି ଶ୍ରମଭିତ୍ତିକ କାର୍ଯ୍ୟର ଆବଶ୍ୟକତା ପଡ଼େ ତେବେ ସମିତି ସଭ୍ୟମାନେ ମଜୁରି ନେଇ ସେହି କାର୍ଯ୍ୟ କରିବା ପାଇଁ ପ୍ରଥମେ ହକଦାର ହେବେ ।

କାର୍ଯ୍ୟନିର୍ବାହୀ କମିଟିର ସକ୍ରିୟ ସହାୟତା ଓ ସହଯୋଗରେ ରେଞ୍ଜ୍ ଅଫିସର୍ ଏହି ଯୋଜନାଟି କାର୍ଯ୍ୟକାରୀ କରିବା ପାଇଁ ଦାୟୀ ରହିବେ ।

ସୂକ୍ଷ୍ମ ଜଙ୍ଗଲ ପରିଚାଳନା ଯୋଜନାଟିରେ ନିମ୍ନଲିଖିତ ବିଷୟ ସ୍ଥାନ ପାଇବ :—

(୧) କେତେ ହେକ୍ଟର ଜମିକୁ କେବଳ ସୁରକ୍ଷା ଦେଲେ ପ୍ରାକୃତିକ ଜଙ୍ଗଲ ଗଜୁରି ଉଠିବ ଏବଂ କେଉଁ କେଉଁ ଗଛ ଆନୁମାନିକ କେତେ ଅଞ୍ଚଳରେ ଉଠିବ ।

(୨) କେତେ ଏକର ସ୍ଥାନ ଶୂନ୍ୟ ରହିବ ଏବଂ ସେଥିପାଇଁ କେଉଁ କେଉଁ ଗଛର ଚାରା ରୋପଣ କରାଯିବ ।

(୩) ସମିତି ସହିତ ଆଲୋଚନା ପରେ ନିମ୍ବ, ମହୁଲ, ହରିଡ଼ା, ଆମ୍ବ, ପଣସ, ବେଲ, ତେନ୍ତୁଳି ଓ ବାଉଁଶ ଗଛ ଯଥେଷ୍ଟ ସଂଖ୍ୟାରେ ଲଗାଯିବ ।

(୪) ଜଳ ସଂରକ୍ଷଣ ଓ ମୃତ୍ତିକା ସଂରକ୍ଷଣ ପାଇଁ କେଉଁ କେଉଁ ବ୍ୟବସ୍ଥା କରାଯିବ, କେଉଁ ଯୋଜନାରୁ କେତେ ଅର୍ଥ ସେଥିପାଇଁ ବ୍ୟୟ ହେବ ।

(୫) ରକ୍ଷା କରାଯାଉଥିବା ଜଙ୍ଗଲର ସୀମା ନିର୍ଦ୍ଧାରଣ, ଜଗାରଖା ଓ ରୋପିତ ବୃକ୍ଷଗୁଡ଼ିକର ଯତ୍ନ ଓ ରକ୍ଷଣାବେକ୍ଷଣ ଏଥିରେ ଉଲ୍ଲେଖ ରହିବ ।

ସୂକ୍ଷ୍ମ ଜଙ୍ଗଲ ପରିଚାଳନା ଯୋଜନାଟି କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଆନୁଷଙ୍ଗିକ ଅର୍ଥର ଆବଶ୍ୟକତା ପଡ଼ିବ ତାହା ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ବହନ କରିବେ । ବନ ସଂରକ୍ଷଣ ସମିତି ଭାରତ ସରକାରଙ୍କର ପରିବେଶ ଓ ଜଙ୍ଗଲ ବିଭାଗଠାରୁ ଏବଂ ଅନ୍ୟାନ୍ୟ ସାମାଜିକ ସେବା ଅନୁଷ୍ଠାନମାନଙ୍କରୁ କାପାର୍ଟରୁ ଏବଂ ବିଦେଶୀ ବଦାନ୍ୟ ସଂସ୍ଥାରୁ ମଧ୍ୟ ଆର୍ଥିକ ସାହାଯ୍ୟ ନେଇ ପାରିବେ ।

ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକର ଉପଭୋଗ କରିବାର ଅଧିକାର ହାସଲ କରିବା ପାଇଁ ବନ ସଂରକ୍ଷଣ ସମିତି ଏହି ଯୋଜନାରେ ଦିଆଯାଇଥିବା ଦାୟିତ୍ୱ ଓ କର୍ତ୍ତବ୍ୟଗୁଡ଼ିକର ଉପଯୁକ୍ତ ପ୍ରତିପାଳନ କରିବା ନିତାନ୍ତ ଆବଶ୍ୟକ । ଭବିଷ୍ୟତରେ ନୂତନ ଜଙ୍ଗଲର ପୁନର୍ବିନ୍ୟାସ ଓ ତା'ର ସଂରକ୍ଷଣ ଦିଗରେ ନୂତନ କର୍ତ୍ତବ୍ୟ ଓ ଦାୟିତ୍ୱ ମଧ୍ୟ ସମିତି ଉପରେ ନ୍ୟସ୍ତ କରାଯାଇ ପାରିବ । ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକର ସଭ୍ୟମାନଙ୍କ ମଧ୍ୟରେ ସମ୍ୟକ୍ ବଣ୍ଟନର

# ଐତିହାସିକ ବିଭବସ୍ଥଳୀ ବାଣପୁର

ଶ୍ରୀ ବ୍ରଜବନ୍ଧୁ ଦାଶ

ବାଣପୁରର ସାଂସ୍କୃତିକ ପରମ୍ପରା ଅତି ପ୍ରାଚୀନ । ୧୮୧୭ ମସିହାରେ ଦୁର୍ଦ୍ଧର୍ଷ ଇଂରେଜ ବିରୁଦ୍ଧରେ ବାଣପୁରର ପାଇକମାନେ ବିଦ୍ରୋହ କରି ବାଣପୁରକୁ ତିନି ଦିନ ପାଇଁ ସ୍ୱାଧୀନ କରିଥିବା ଗୌରବର ବିଷୟ । ସାଲିମା ନଦୀ କୂଳରେ ଶୈଳୋଦ୍ଭବ ରାଜବଂଶର ରାଜଧାନୀ ବଙ୍କାଡ଼ଗଡ଼ ଦୀର୍ଘ ଦୁଇଶହ ବର୍ଷ ପର୍ଯ୍ୟନ୍ତ ପଡ଼ୋଶୀ ରାଜାମାନଙ୍କୁ ସନ୍ତ୍ରସ୍ତ କରାଇ ଅଜେୟ ଦୁର୍ଗ ରୂପେ ନିଜର ପତାକା ଉଡ଼ାଉଥିଲା । ତାହା ହେଉଛି ଏହି ବାଣପୁରବାସୀ ପୂର୍ବପୁରୁଷମାନଙ୍କର ଗୌରବମୟ ଇତିହାସ । ଚୀନ୍ ପରିବ୍ରାଜକ ହୁଏନସାଂ ଖ୍ରୀ: ୭୩୬ରେ ବାଣପୁରର ପୂର୍ବତନ ରାଜ୍ୟ କୋଙ୍ଗଦ ସମ୍ପର୍କରେ ଲିପିବଦ୍ଧ କରିଯାଇଥିବା ଐତିହାସିକ ବିବରଣୀ ଉଦ୍ଧାର କରି Watters କହନ୍ତି :—

"As the towns were naturally strong, there was a gallent army which kept the neighbouring country in awe so there was no powerful enemy."

ମଦ୍ର ଦେଶର ରାଜାଙ୍କୁ କୁହାଯାଏ ଅଶ୍ୱପତି । କାଶୀ ରାଜା ନରପତି, କିନ୍ତୁ ଓଡ଼ିଶାର ରାଜା ଗଜପତି ଉପାଧିରେ ଭୂଷିତ । ବାଣପୁରର ପୂର୍ବତନ କୋଙ୍ଗଦ ରାଜ୍ୟ ଥିଲା ହସ୍ତୀମାନଙ୍କର ଭଣ୍ଡାର । ପୁରୀ ମହାରାଜାଙ୍କୁ ଏହି ଗଜପତି ପଦବୀ ପ୍ରଦାନ ନିମିତ୍ତ ବାଣପୁରର ରାଜ୍ୟର ଗଜ ସମ୍ପଦ ହିଁ ଥିଲା ଏହାର ଯୁକ୍ତିଯୁକ୍ତ କାରଣ । ଏହାର ଯଥାର୍ଥତା ସମ୍ପର୍କରେ ହୁଏନସାଙ୍କ ସାର୍ଦ୍ଧ ତେରଶ ବର୍ଷ ତଳର ସେହି ଭ୍ରମଣ ବିବରଣୀରେ ଉଲ୍ଲେଖ ଅଛି ।

As the country was on the sea side it contained many rare commodities, the currency was coweriss and pearls and the country produced large dark coloured elephants which was capable of long journeys.

ବିଭାଗର ପର୍ଯ୍ୟଟକମାନେ ବାଣପୁର ଭ୍ରମଣରେ ଆସି ମନେ କରିଥାନ୍ତି ଯେ ବାଣପୁରର ଭଗବତୀ ମନ୍ଦିର, ଦକ୍ଷ ପ୍ରଜାପତି ମନ୍ଦିର ଅଥବା ଜାତୀୟ ଅଂଚଳର ପଲଟନ ପଡ଼ିଆର ରଙ୍ଗୀନ ଖାସମହାଲ ପ୍ରାସାଦ ହିଁ ବାଣପୁର ଐତିହ୍ୟର ସର୍ବୋତ୍ତମ ନିଦର୍ଶନ । କିନ୍ତୁ ପ୍ରକୃତରେ ବାଣପୁରଠାରୁ ୪୦ କି: ମି: ଦୂର ନିପଟ ଅରଣ୍ୟ ମଧ୍ୟରେ ଲୁକ୍କାୟିତ ହୋଇଛି ପ୍ରାଚୀନ ଷଷ୍ଠ ଶତାବ୍ଦୀରୁ କୋଙ୍ଗଦର ଉନ୍ନତ ସଭ୍ୟତାର ଅକ୍ଷୟ ସମ୍ପଦ । ସେହିଠାରେ ଦେଖିବାକୁ ମିଳେ ଗଞ୍ଜାମ ତାମ୍ର ଫଳକ ବର୍ଣ୍ଣିତ ସାଳିମା ତୀରସ୍ଥିତ କୋଙ୍ଗଦର ରାଜଧାନୀ ବଙ୍କାଡ଼ଗଡ଼ । ସେହିଠାରେ ଏ ପର୍ଯ୍ୟନ୍ତ ପଡ଼ି ରହିଛି ୭ମ/୮ମ ଶତାବ୍ଦୀର କୁଟିଳ ଲିପିରେ ଖୋଦିତ ବିଭିନ୍ନ ପ୍ରମାଣଯୋଗ୍ୟ ଶିଳାଲେଖ । ସେହିଠାରେ ଶୈଳୋଦ୍ଭବୀ ଶୈବ ଉପାସକ ରାଜାଙ୍କ ଦ୍ୱାରା ନିର୍ମିତ ୭ମ ଶତାବ୍ଦୀର ପଞ୍ଚାୟତନୀ ଶିବ ମନ୍ଦିରର ଭଗ୍ନାବଶେଷ । ଭଗ୍ନ ମନ୍ଦିରର ଗର୍ଭଗୃହ କେନ୍ଦ୍ରରେ କ୍ଷୀରଫେନନିଭ ଶ୍ୱେତ ସ୍ଫଟିକ ପ୍ରସ୍ତର ଶକ୍ତି ସଂଯୁକ୍ତ ଅପୂର୍ବ ଜ୍ୟୋତିସମ୍ପନ୍ନ ନୀଳ ସ୍ଫଟିକ ପ୍ରସ୍ତରର ଶିବ ଲିଙ୍ଗ । ଏକାମ୍ର ଚନ୍ଦ୍ରିକାର ଦ୍ୱିତୀୟ ଅଧ୍ୟାୟରେ ଜ୍ୟୋତିର୍ଲିଙ୍ଗ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି :—

"ମୂଲଂ ସ୍ଫଟିକ ସଂକାଶ ଓ ମହାନୀଳ ଚ ମଧ୍ୟମ
ମାଣିକାଭ୍ୟାଂ ତଦୂର୍ଦ୍ଧ୍ୱଂ ଚ ଲିଙ୍ଗ ତ୍ରିଭୁବନେଶ୍ୱର ।"

ମନ୍ଦିରରେ ଗୁପ୍ତ ଯୁଗୀୟ ସ୍ଥାପତ୍ୟର ପ୍ରଭାବ ପ୍ରତିଫଳିତ । କହିବା ନିଷ୍ପ୍ରୟୋଜନ ଯେ ସେତେବେଳେ ଉତ୍କଳରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲିଙ୍ଗରାଜଙ୍କ ମନ୍ଦିର, ଜଗନ୍ନାଥ ମନ୍ଦିର କିମ୍ବା କୋଣାର୍କ ମନ୍ଦିର ନିର୍ମିତ ହୋଇ ନଥିଲା । ଏହି ମନ୍ଦିରରୁ ତତ୍କାଳୀନ ଶୈଳୋଦ୍ଭବୀ ଶାସକମାନଙ୍କର ଧର୍ମ ଜ୍ଞାନ, ଶିଳ୍ପୋନ୍ନତ ଧାରଣା ସହଜରେ ଅନୁମିତ ହୁଏ ।



# ଦୂର ଆକାଶର ତାରା

ଶ୍ରୀ କୃଷ୍ଣ ମି

ଆଜିକାଲି ରାସ୍ତା ଓସାର,
ରାସ୍ତା କଡ଼ର ମାଇଲ ଖୁଣ୍ଟି ଉପରେ
ନିର୍ଭୁଲ ସଂଖ୍ୟା
ଓ ଯାତ୍ରାର ପ୍ରଥମ ପାଦରେ
ବିଲୁଆ, ନେତାଙ୍କ ଓ ଶବଯାତ୍ରୀ ସତ୍ତ୍ୱେ
ସମସ୍ତମାନେ ଏମିତି ଅବୋଲକରା ଯେ
ଆଖି ପାଉନି ଦିଲ୍ଲୀ ସହରକୁ ।

ଦିଲ୍ଲୀ ସହରକୁ ଠିକଣା ବତେଉଥିବା
ଠିକାଦାରମାନେ,
ପରିଷ୍କାର, ପରିଛନ୍ନ ବିକ୍ଷିପ୍ତ ସହରମାନଙ୍କ ପ୍ରେମରେ,
ପରକୀୟା ବୁକେଇ ପଡୁଛି
ସ୍ୱାଧୀନ ପରିବାରର ସ୍ୱପ୍ନ ଦେଖିବାକୁ,
କେହି କଣ୍ଠ ଖୋଲି ବଜ୍ର ନିର୍ଘୋଷ ଆଦେଶ ଦେଉନି :
ଦିଲ୍ଲୀ—ଚଲୋ ॥


ଅସ୍ତ୍ର ଓ ରକ୍ତପାତ ନୀତି
କୋଉ ସାତତାଳ ପାଣି, ଆଠତାଳ ପଙ୍କତଳେ
ବୁଢ଼ୀ ଅସୁରୁଣୀର ଜୀବନନାଟିକା ହୋଇ
ସାରତା ହୋଇଛି ଯେ,
ସେ ସୂତ୍ରକୁ କେହି ଅନୁଶୀଳନ କରୁନି :
ଈଶ୍ୱର ମରିବ କେମନ୍ତେ;
ଆଜାଦ୍ ହିନ୍ଦ୍ ଫୌଜ
ଭ୍ରମରବର ସାଜୁଛି
ହାତରେ କେନ୍ଦେରା ଓ କାନ୍ଧରେ ଥାଳ ଧରି ॥

ତଥାପି ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟକୁ ଛୁଇଁ ହେଉଛି
ପର୍ବତ ଆରୋହଣକୁ ପଣ କରିଥିବା ପଙ୍ଗୁ,
ବାଗ୍ମୀ ହେବାକୁ ଶପଥ ନେଇଥିବା ମୂକ
ଏବଂ ମାଣିକର ଅନେକ ପ୍ରଗଣା ଟପୁ ଟପୁ
ଯେତେବେଳେ ପଞ୍ଜରାରେ ସଞ୍ଚାର ହେଉଛି କ୍ଷୟରୋଗ,
ଅନ୍ତରରେ ଅଲ୍‌ସର୍,
ସେତେବେଳେ ତମେ ଦିକ୍‌ଦିକ୍ ହୋଇ ଜଳୁଛ
କୋଉ ଦୂର ଆକାଶର ତାରା, ମୃତ ନେତାଜୀର ଆଖି,
ନିଶ୍ୱର ଆଲୁଅରେ ବି ବାଟ ମିଳୁଛି,
ମନେ ହେଉଛି,
ଏଇ ଯେମିତି ଦିଲ୍ଲୀ ହେଇଟି,
ସବୁ ସାମରୀକ ବାହିନୀ
ଗୋଟେ ଗୋଟେ ଆଜାଦ୍ ହିନ୍ଦ୍ ଫୌଜ !!
ଆପେ ଆପେ ହାତ ଉଠି ଆସୁଛି,
ପାଟି ଖୋଲି ଆସୁଛି :
ଜୟହିନ୍ଦ୍ ନେତାଜୀ, ଜୟହିନ୍ଦ୍ !

ପି.ଏଚ୍.ଡି., କଲୋ.,
ବିଜିନ୍ ରୋଡ୍, ଜଗତସିଂହପୁର-୭୫୪୧୦୩

ବାଣପୁରରୁ ସଂଗୃହୀତ ହୋଇଥିବା ୧୮ଟି ପର୍ଯ୍ୟନ୍ତ ବୌଦ୍ଧ ମୂର୍ତ୍ତି, ବୌଦ୍ଧ ତାରା, ବଜ୍ର ଘଣ୍ଟ ଇତ୍ୟାଦି ସମ୍ପର୍କରେ ପ୍ରତ୍ନତାତ୍ତ୍ୱିକ ଗବେଷକ ଶ୍ରୀ ଏସ୍., ଏମ୍. ପଟ୍ଟନାୟକଙ୍କ Historical Research Journal '1967ରେ ପ୍ରକାଶିତ ପ୍ରବନ୍ଧ "Image from Banpur Bronjes"ରେ ଉଲ୍ଲେଖ କରିଛନ୍ତି :—

"These valuable amtiqutics are too largest and unique collection of the State Museum which has not only enhanced the importance of the Bronjes Gallery but also thrown light on the ancient history of Banpur and the growth of Vajrayan form of Buddhism in Orissa." କିନ୍ତୁ ପରିତାପର ବିଷୟ ଏହି ଯେ ଏ ପର୍ଯ୍ୟନ୍ତ ଏହି ଧାତୁ ନିର୍ମିତ ବୌଦ୍ଧ ମୂର୍ତ୍ତିଗୁଡ଼ିକର ଯଥାଯଥ ପ୍ରଦର୍ଶନ ଓଡ଼ିଶା ସଂଗ୍ରହାଳୟ ଦ୍ୱାରା ସମ୍ପାଦିତ ହୋଇ ନାହିଁ ।



ବାଣପୁର ନିକଟବର୍ତ୍ତୀ କୋଟବିଦ୍ୟାଧରପୁର ଇଟା ମନ୍ଦିର ଏବଂ ଉପାସନା ବୌଦ୍ଧ ସ୍ତୂପ । ଘଣ୍ଟଶିଳା ପାହାଡ଼ର ନାମକରଣ ଏହି ପାହାଡ଼ ଉପରେ ପ୍ରତିଷ୍ଠିତ ଉପାସନା ସ୍ତୂପରେ ନିନାଦିତ ବୌଦ୍ଧ ଘଣ୍ଟିରୁ ହିଁ 'ଘଣ୍ଟଶିଳା' ନାମ ଉଦ୍ଭୂତ । ଗୋଦାବରୀଶ ବିଦ୍ୟାପୀଠରେ ସଂରକ୍ଷିତ ଖଦୀରବନୀ ତାରା ମୂର୍ତ୍ତି, ଟିକିରେଇ ମନ୍ଦିରରେ ମସ୍ତକରେ ପଞ୍ଚଧ୍ୟାନୀ ବୌଦ୍ଧ ମୂର୍ତ୍ତି ଧାରଣ କରିଥିବା ଦଣ୍ଡାୟମାନ ତାରା ମୂର୍ତ୍ତି । ଗଡ଼ ବାଲୁକେଶ୍ୱର ମନ୍ଦିର ଉତ୍ତର ପାର୍ଶ୍ୱ କାନ୍ଥରେ ଖଚିତ ତାରା ମୂର୍ତ୍ତି ଏବଂ ତନ୍ନିକଟସ୍ଥ ଉତ୍ତରାୟଣୀ ନାମିତ ତାରା ମୂର୍ତ୍ତି, ଦକ୍ଷ ପ୍ରଜାପତି ମନ୍ଦିର ଜଳବାମ୍ଭିର ଦକ୍ଷିଣ ପାର୍ଶ୍ୱ କାନ୍ଥରେ ସଂସ୍ଥାପିତ ଲୋକେଶ୍ୱର ମୂର୍ତ୍ତି ତତ୍କାଳୀନ ବାଣପୁରରେ ବୌଦ୍ଧଧର୍ମ ପ୍ରଭାବର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ବାଣପୁର ଗୌରବମୟ ଇତିହାସରେ ପ୍ରଧାନ ଘଟଣାବଳୀ ମଧ୍ୟରେ ଯବନମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗୋପନ ଆଶ୍ରୟସ୍ଥଳୀ ବାଣପୁରକୁ ଜଗନ୍ନାଥଙ୍କ ଆଗମନ ହେଉଛି ଉଲ୍ଲେଖଯୋଗ୍ୟ ଘଟଣା । ୧୬୦୭ ମସିହାରେ ଓଡ଼ିଶା ବଙ୍ଗରୁ ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ସୁବାରେ ପରିଣତ ହେଲା ପରେ ବାରବାଟି ଦୁର୍ଗ ହେଲା ବିଧର୍ମୀ ମୋଗଲ ସୁବେଦାରମାନଙ୍କ ଲୀଳାସ୍ଥଳୀ । ୧୬୧୧ରେ ହିନ୍ଦୁ ସୁବେଦାର କଲ୍ୟାଣ ମଲ୍ଲ ୧୬୧୭ ଖ୍ରୀ:ରେ ମୋଗଲ ସୁବେଦାର ମକ୍‌ରମ୍ ଖାଁ, ୧୬୨୦ରେ ଅହମ୍ମଦ୍ ବେଗ୍, ୧୬୯୨ରେ ଇକ୍ରମ୍ ଖାଁ, ୧୭୩୨ ଏବଂ ୧୭୩୩ ଖ୍ରୀ:ରେ ତକୀ ଖାଁ ପ୍ରଭୃତି ଆକ୍ରମଣକାରୀମାନେ ଜଗନ୍ନାଥଙ୍କୁ ଉତ୍ପୀଡ଼ନ କରି ହିନ୍ଦୁ ଧର୍ମର ବିଲୋପ ନିମିତ୍ତ ଉଦ୍ୟମ କଲେ । କିନ୍ତୁ ଓଡ଼ିଶାର ସେହି ଧର୍ମ ଗ୍ଲାନିର ଘନଘଟା ଅନ୍ଧକାର ମଧ୍ୟରେ ବାଣପୁର ଥିଲା ହିନ୍ଦୁ ଜାତିର ପ୍ରାଣ ପ୍ରତିମ ଜଗନ୍ନାଥଙ୍କର ଗୋପ୍ୟ ଆଶ୍ରୟସ୍ଥଳୀ ।


ଜଗନ୍ନାଥଙ୍କୁ ଚିଲିକା ବାଟେ ଅଣାଯାଇ ରଖାଯାଇଥିଲା ବାଣପୁର ଅନ୍ତର୍ଭୁକ୍ତ ଚିଲିକା ମଧ୍ୟସ୍ଥ ମହିଶାନାସିରେ, ଗୁରୁବାଇରେ, ଚିଲିକା ପଶ୍ଚିମ ଉପକୂଳ ବାଲୁଗାଁ ନିକଟସ୍ଥ ଗବପଦରଠାରେ, ଅଖାରିମୁହଁ ନିକଟସ୍ଥ ସାହସପୁରରେ ନୀଳାଦ୍ରୀ ପ୍ରସାଦ ଅଥବା ବଡ଼ହଣ୍ଡି ଆଡ଼ରେ । ପୁଣି କେତେବେଳେ ରଖାଯାଇଥିଲା କାକଟ ଶିଖରୀ ଏବଂ ହରୀଶ୍ୱରଙ୍କ ମନ୍ଦିରରେ ।

ଏବେ ସେହି ଆଶ୍ରୟସ୍ଥଳରେ କେବଳ ଛାଡ଼ିଯାଇଥିବା ଚକାଗୁଡ଼ିକ ଏହି ପବିତ୍ର ସ୍ମୃତିର ଆଲେଖ୍ୟ ରୂପେ ପୂଜା ପାଉଛନ୍ତି । ସ୍ଥାୟୀ ସେବା ପୂଜା ପାଇଁ ଦିଆ ଯାଇଥିବା ଭୂ-ସମ୍ପତ୍ତି ଏବେ ମଧ୍ୟ ତଦଞ୍ଚଳମାନଙ୍କରେ ପ୍ରତିବନ୍ଧ ଜଗନ୍ନାଥ ପ୍ରଭୁମାନଙ୍କ ପାଇଁ ବ୍ୟବହୃତ ହେଉଛି ।

ବିଭିନ୍ନ ସମୟରେ ବାଣପୁରର ରାଜାମାନେ ସେବା ପୂଜାର ଦାୟିତ୍ୱ ବହନ କରି ଆସିଥିଲେ । ୧୬୯୨ରେ ଆସି ବାଣପୁର ବଡ଼ହଣ୍ଡିଆଡ଼ରେ ଅବସ୍ଥାନ କାଳରେ ଜଗନ୍ନାଥଙ୍କ ଦୀର୍ଘ ଦିନ ରହଣି ଯୋଗୁଁ କାଠର ମଣ୍ଡପ ନିର୍ମିତ ହୋଇଥିଲା ଏବଂ ବିଭିନ୍ନ ଯାନିଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା । ସେହି ସମୟରେ ବାଣପୁରର ଧର୍ମପ୍ରାଣ ପ୍ରଜାବତ୍ସଳ ରାଜା ଜଗନ୍ନାଥ ହରିଚନ୍ଦନଙ୍କ ଦୀର୍ଘ ରାଜତ୍ୱ କାଳରେ ଜଗନ୍ନାଥଙ୍କର ସମସ୍ତ ବିଧି ବିଧାନ ପାଳନ ଅକ୍ଷୁର୍ଣ୍ଣ ରଖି ଓଡ଼ିଶା ଇତିହାସରେ ଜଣେ ଭକ୍ତ ପ୍ରାଣ ରାଜା ରୂପେ ଦାତ୍ୟତା

ଏହି ମନ୍ଦିରର ପଶ୍ଚିମକୁ ଏକ ସରଳରେଖାରେ ସ୍ୱଳ୍ପ ବ୍ୟବଧାନ ମଧ୍ୟରେ ମୁହାଁମୁହିଁ ହୋଇ ନିର୍ମିତ ବୀରଯୋଇଙ୍କ ମନ୍ଦିର। ବୀରଯୋଇ ବୀରାସନାରେ ଉପବିଷ୍ଟା ଅଷ୍ଟଭୁଜା ଶୃଗୁଣ୍ଡା। ନବମ ଶତାବ୍ଦୀ ଅନ୍ତର୍ଗତ ତନ୍ତ୍ର ଉପାସିତା ଏହି ମୂର୍ତ୍ତି। ଅଙ୍ଗୁଳିରେ ଦାନ୍ତ ମୂଳରୁ ମାଂସ ଛିନ୍ନାଂଶ ଉତ୍ପାଟନ କରୁଥିବା ଅଦ୍ଭୁତ ଭଙ୍ଗୀ। ସେହି ନିକଟରୁ ସଂଗୃହୀତ ଭୈରବ ଏବଂ ଶୃଗୁଣ୍ଡା ମୂର୍ତ୍ତି ତା ୯-୨-୧୯୮୨ ରିଖରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ। ପ୍ରାଚୀନତା ଦୃଷ୍ଟିରୁ ୭ମ ଶତାବ୍ଦୀରେ ହିନ୍ଦୁ ତନ୍ତ୍ର ଉପାସିତା ଏହି ରୋମାଞ୍ଚକର ମୂର୍ତ୍ତି। ଆସନ ତଳେ ଏକ ବିକୃତି ମାଛର ସଙ୍କେତ ବହନ କରିଥିବାରୁ ମୂର୍ତ୍ତି ତତ୍ତ୍ୱ ଅନୁସାରେ ସାରା ଭାରତରେ ମଧ୍ୟ ଏଭଳି ଯୋଗିନୀ ମୂର୍ତ୍ତି ବିରଳ।

ଏହି ମୂର୍ତ୍ତି ହୀରାପୁରର ଚଉଷଠୀ ଯୋଗିନୀ ମୂର୍ତ୍ତି ଏବଂ ରାଣୀପୁର ଝରିଆଲର ଚଉଷଠୀ ଯୋଗିନୀ ମୂର୍ତ୍ତିମାନଙ୍କଠାରୁ ଭିନ୍ନ। ଏହି ମୂର୍ତ୍ତି ସହିତ ସପ୍ତ ମାତୃକା ଅଥବା ଦଶମହାବିଦ୍ୟା ମୂର୍ତ୍ତିମାନଙ୍କର ସାଦୃଶ୍ୟ ମଧ୍ୟ ନାହିଁ। ଏହି ମୂର୍ତ୍ତିରୁ ଶୈଳୋଦ୍ଭବମାନେ ତନ୍ତ୍ର ଉପାସନା କରୁଥିବା ପ୍ରମାଣ ମିଳେ।



ଅତୀତରେ ବାଣପୁର ଥିଲା ଏକ ମହାଯାନାବଲମ୍ବୀ ଧର୍ମ ଧାରଣା ପ୍ରଭାବିତ ତାନ୍ତ୍ରିକ ବୌଦ୍ଧ ପୀଠ। ଶୈଳୋଦ୍ଭବ ଶାସନ ପରେ ବାଣପୁର (କୋଙ୍ଗଦ) ଭୌମକରମାନଙ୍କର ଶାସନାଧୀନ ହେଲା। ବ୍ରାହ୍ମଣ୍ୟ ଧର୍ମ ଏବଂ ତାନ୍ତ୍ରିକ ବୌଦ୍ଧ ଧର୍ମର ଅତି ତୀବ୍ର ଭାବରେ ସଂଘାତ ଘଟିଥିଲା ଏହି ବାଣପୁର ଅଞ୍ଚଳରେ। ଏକ ପକ୍ଷରେ ହିନ୍ଦୁ ତନ୍ତ୍ର ଉପାସିତା ଅଷ୍ଟଭୁଜୀ ନାରାୟଣୀ ଭଗବତୀ, ପଲକାଶନୀ, ବୀରଯୋଇ, କାଳିଯାଇ ଏବଂ ଉଗ୍ରତାରା ପ୍ରଭୃତିଙ୍କର ଉପାସନାବେଳେ ଅନ୍ୟ ପକ୍ଷରେ ବୌଦ୍ଧ ଧର୍ମ ସଞ୍ଜାତ ତାନ୍ତ୍ରିକ ମହାଯାନୀମାନଙ୍କର ଉପାସିତା ଖଦୀରବନୀତାରା ମଞ୍ଜୁଶ୍ରୀ, ହାରିତୀ, ପାଣ୍ଡରା ଏବଂ ପର୍ଣ୍ଣ ଶର୍ବରୀ ପ୍ରଭୃତି ବିଭିନ୍ନ ତାରା ସମେତ ବଜ୍ରପାଣି ବଜ୍ରପାଦ, ହେରୁକ, ପଦ୍ମପାଣି ଏବଂ ତ୍ରୈଲୋକ୍ୟ ବିଜୟ ପ୍ରଭୃତି ବୌଦ୍ଧ ମୂର୍ତ୍ତିମାନଙ୍କର ବଳିଷ୍ଠ ପ୍ରତିଯୋଗିତା। ଏହି ଧର୍ମ ସଂଘର୍ଷରେ ପ୍ରାମାଣିକ ତଥ୍ୟ ପ୍ରତିପାଦିତ ହେଲା ୧୯୭୩ ମସିହାରେ ବାଣପୁର ମହାବିଦ୍ୟାଳୟର ମୂଳଦୁଆ ଖନନରେ। ଶୌପ୍ୟ, ପିତଳ ଏବଂ ବ୍ରୋଞ୍ଜ ଧାତୁ ନିର୍ମିତ ଉପରୋକ୍ତ ବିଭିନ୍ନ ତାରା ଏବଂ ବୌଦ୍ଧ ମୂର୍ତ୍ତି ଲୋକ ଲୋଚନକୁ ଆସିଲା। ଧର୍ମ ଧାରଣା ଆଧାରିତ ଅପୂର୍ବ କଳ୍ପନା ପ୍ରସୂତ ଏ ମୂର୍ତ୍ତି।



ବଜ୍ର ଏବଂ ଘଣ୍ଟ ହସ୍ତରେ ଧରି ହିନ୍ଦୁମାନଙ୍କ ହର ଓ ଗୌରୀଙ୍କ ବକ୍ଷ ଉପରେ ଦଣ୍ଡାୟମାନ ହୋଇଛନ୍ତି ତ୍ରୈଲୋକ୍ୟ, ବିଜୟ। ସେହିପରି ହିରଣ୍ୟ ଗର୍ଭ ଆଦିତ୍ୟଙ୍କ ଉପରେ ଦଣ୍ଡାୟମାନ ହୋଇଛନ୍ତି ହେରୁକ। ଅପର ପକ୍ଷରେ ହିନ୍ଦୁ ତନ୍ତ୍ର ଉପାସିତା ଭଗବତୀ କିମ୍ବା ପଲକାଶନୀ ଶୁମ୍ଭବୋଧନ ଉଦ୍ୟତା ହୋଇ ଦଣ୍ଡାୟମାନା ହେଲେ ପ୍ରତୀକାତ୍ମକ ପ୍ରଜ୍ଞାହୀନ ବୌଦ୍ଧ ରୂପୀ ମହିଷ ପୃଷ୍ଠରେ। ଏଠାରେ ଏଭଳି ଧର୍ମ ସଂଘାତର ନିଦର୍ଶନ ସାରା ଭାରତରେ କ୍ୱଚିତ ଦେଖାଯାଏ।

ଦକ୍ଷିଣରେ ଛତ୍ରଗଡ଼ ଘାଟୀ ଦ୍ୱାରା ସୁରକ୍ଷିତ ରହେ । ଗୋଟିଏ ଦେ ଅଛି "ଦାରୁଠେଙ୍ଗୋଠାରୁ ବଡରଗଡ଼ (ପଡରଗଡ) ତା'ମଧ୍ୟେ ଅଠରଗଡ଼ । ଲୁହୁଡ଼ି ନିନ୍ଦନନ୍ଦନ ନିଶାଣ ବଅଗଡ଼ ଏବଂ ବାଣପୁରର ୧୨ ଗଡର ଦଳବେହେରାମାନେ ବାଣପୁର ଶାସନତନ୍ତ୍ରୀର ପ୍ରଧାନ ପରିପୋଷକ ଅଟନ୍ତି । ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିବା ମନ୍ତ୍ରୀ ଜମ୍ବୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ହାତ ମୁଠାକୁ ଟାଣ କରି ବାର ଦଳବେହେରାଙ୍କ ମୁଖ୍ୟ ଭାଟପତା ଦଳବେହେରା ଦୀନବନ୍ଧୁ ସାମନ୍ତ ମହାପାତ୍ରଙ୍କ ସମେତ କୃତ୍ତିବାସ ପାଟଶାଣୀ, ପଞ୍ଚାନନ ନାୟକ ଇତ୍ୟାଦି ଝାସ ଦେଇଥିଲେ ଏହି ବିଦ୍ରୋହ ଅଗ୍ନିରେ । ଇଂରେଜମାନଙ୍କ କବଳରୁ ବାଣପୁରକୁ ମୁକ୍ତ କରି ତିନି ଦିନ ପାଇଁ ପଞ୍ଚାନନ ନାୟକଙ୍କୁ ରାଜା କରାଇଥିଲେ ବାଣପୁରର ବିଦ୍ରୋହୀ ଖଣ୍ଡାଏତ ପାଇକମାନେ । ବିଦ୍ରୋହର ଅଗ୍ରଗଣ୍ୟ ନେତା କୃତ୍ତିବାସ ପାଟସାଣୀ ଶେଷରେ ଶହୀଦ ହେଲେ । ଏହାକୁ ଲକ୍ଷ୍ୟ କରି ବିପ୍ଳବୀ କବି ରବି ସିଂ ଲେଖିଛନ୍ତି :—

"ବଇରି କରତେ ପାଇକ ଧୂଳାଣୀ
 ବାନ୍ଧିଥିଲା ତା'ର ବେଣୀ
ତା' ଓଦା ବେଣୀରେ ତାରା ଫଳ ଥିଲା
 କୃତ୍ତିବାସ ପାଟଶାଣୀ ।
ଇତିହାସ ବୁକେ ଲେଖି ଦେଇଗଲେ
 ପହିଲି ମୁକତି ଗାଥା
ତିନି ଦିନ ପାଇଁ ଭୋଗିଥିଲା ଇଏ
 ବାଣପୁର ସ୍ୱାଧୀନତା ।"

କର୍ପୂର ଯାଇ କନା ପଡ଼ିଲା ଭଳି ସେ ବୀରତ୍ୱ ଭୂମିକାର ଇତିବୃତ୍ତି କେବଳ ପଣ୍ଡଦୋଳ, ଦଶହରାମାନଙ୍କରେ ଖଣ୍ଡାଏତମାନଙ୍କର "ପାଇକ ଆଖଡ଼ା" ପ୍ରତିଯୋଗିତା ସେତି ମନନୀୟ ଆଲେଖ୍ୟ ପ୍ରତିପାଦିତ କରେ ।

ବାଣପୁରର ଅତୀତ ଗରିମା ଯୁଗ ଯୁଗ ପାଇଁ ଉଜ୍ଜ୍ୱଳ । ଏହାର ବର୍ଣ୍ଣାଢ୍ୟ ପ୍ରାକୃତିକ ପରିବେଶ, ଭାସ୍କର୍ଯ୍ୟ ସ୍ଥାପତ୍ୟ ଏବଂ ଅତୀତ ଐତିହ୍ୟର ପ୍ରସାର ନିମିତ୍ତ ବାଣପୁରରେ ଗୋଟିଏ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ବଙ୍କାଢ଼ଗଡ଼ ନିକଟରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠିତ ହେଲେ ଅତୀତ ସଂସ୍କୃତିର ସ୍ତିମିତ ଆଲୋକ ବର୍ତ୍ତିକା ପୁନର୍ବାର ପ୍ରଜ୍ୱଳିତ ହୋଇ ଉଠନ୍ତା ।

---

ଗ୍ରାମ–ବ୍ରାହ୍ମଣ କୁଣଡ଼ିହ,
ପୋ: ଅ: ଅମ୍ବୁଲାବଟି, ଜିଲ୍ଲା–ଖୋରଧା



ଭୁବନେଶ୍ୱର ହୋଟେଲ୍ ପ୍ରାଚୀଠାରେ ଆୟୋଜିତ ସର୍ବ ଭାରତୀୟ ରାଜ୍ୟ ପ୍ରଶାସନିକ ସେବାସଂଘ ସମ୍ମିଳନୀର ଉଦ୍ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।

ଉକ୍ତିରେ ବର୍ଣ୍ଣିତ ଭକ୍ତମାନଙ୍କ ମଧ୍ୟରେ ଗଣ୍ୟ ହୋଇଛନ୍ତି । ବାଣପୁର ଭୂମି ପତିତପାବନ ଜଗନ୍ନାଥଙ୍କ ସ୍ପର୍ଶରେ ସୁରଭିମନ୍ତ ହୋଇଥିଲା । ତେଣୁ ଏଥିନେଇ ମୁଗ୍ଧ ହୋଇ ତତ୍କାଳୀନ କବି ପାତ୍ର ଲୋକନାଥ ବିଦ୍ୟାଧର ତାଙ୍କ 'ସର୍ବାଙ୍ଗ ସୁନ୍ଦରୀ' କାବ୍ୟରେ ଲେଖିଛନ୍ତି :–

"ଯେଉଁ ଜଗନ୍ନାଥ ପଦ ଧ୍ୟାନେ, ଦେଖୁନାହାନ୍ତି ଯୋଗୀନ୍ଦ୍ର ଜନେ
ଯେଉଁ ବାଣପୁର ନୃପ ପରସାଦେ
ଏବେ ଦେଖିଲେ ସକଳ ଜନେ ହେ – ସୁଜନେ
ନାମ ଜଗନ୍ନାଥ କାନ୍ତ ମୂର୍ତ୍ତି, କୀର୍ତ୍ତିପୁଞ୍ଜ ଧବଳିତ କ୍ଷିତି
ହେ ହରିଚନ୍ଦନ ଶାନ୍ତି ସୋପାଦନ
ବଳଭ ସେବାରେ ମତି ହେ – ସୁଜନେ ।"

ବାଣପୁର ବହୁ ଦିନରୁ କବି ଭୂମି ରୂପେ ମାନ୍ୟତା ଲାଭ କରି ଆସିଛି । ଏହି ମାଟିରେ ବିଭିନ୍ନ ସମୟରେ ଯୋଗଜନ୍ମା ସିଦ୍ଧ ସାଧକ କବିମାନେ ଜନ୍ମ ଗ୍ରହଣ କରି ଉତ୍କଳର ବାଣୀ ଭଣ୍ଡାରକୁ ସମୃଦ୍ଧିମନ୍ତ କରାଇଛନ୍ତି । ବାଣପୁରର ବିଶିଷ୍ଟ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ବାଣପୁରକୁ ସମ୍ବୋଧନ କରି ଲେଖିଛନ୍ତି :–

"ସେଇ ମୋର ବାଣପୁର ପ୍ରିୟ ଜନ୍ମଭୂମି
ଶ୍ୟାମାଙ୍ଗୀ ଧରଣୀ ବୀର କବି ପ୍ରସବିନୀ ।
ତାହାରି ପ୍ରୀତିକା ମୁଦ୍ର ସ୍ନେହ ଲେଖେ ଲେଖେ ଭୂମି
ମରମୁଁ ଫୁଟଇ ମଞ୍ଜୁ କାବ୍ୟ ତରଙ୍ଗିଣୀ ।"

ସୂର୍ଯ୍ୟବଂଶୀୟ ରାଜା ପ୍ରତାପରୁଦ୍ରଙ୍କ ରାଜଗୁରୁ କବି ଗୋଦାବର ମିଶ୍ର ସଂସ୍କୃତ ସମର କାବ୍ୟ ହରିହର ଚତୁରଙ୍ଗ ଏବଂ ତନ୍ତ୍ର ଶାସ୍ତ୍ର, ତନ୍ତ୍ର ଚିନ୍ତାମଣି ଏବଂ ଅନ୍ୟାନ୍ୟ ଗ୍ରନ୍ଥର ପ୍ରଣେତା ଏହି ବାଣପୁର ଅନ୍ତର୍ଗତ ଭୁସୁରାପୁଟପାରେ ଅନ୍ତିମ ଜୀବନ ଯାପନ କରିଥିଲେ ।

ଷୋଡ଼ଶ ଶତାବ୍ଦୀର କବି ଯତୀନ୍ଦ୍ର ରଘୁତ୍ତମ ତୀର୍ଥ ସଂସ୍କୃତ କାବ୍ୟ 'ମୁକୁନ୍ଦ ବିଳାପ'ର ରଚୟିତା । ସେ ଥିଲେ ଗୋବର୍ଦ୍ଧନ ମଠର ମଠାଧୀଶ । ଜନ୍ମ କିନ୍ତୁ ଅଚ୍ୟୁତରାଜପୁର ଶାସନରେ । ସେ ତାଙ୍କର ଜନ୍ମସ୍ଥାନର ପରିଚୟ ଦେଇ ଲେଖିଛନ୍ତି :–

"ଶ୍ରୀନୀଳାଦ୍ରୀ ନିବାସିନୋ ଭଗବତଃ ପଦ୍ମାଦ୍ ପଶ୍ଚାଦ୍ଧଗଃ
ଶ୍ରୀମଦ୍ ବାଣପୁରାନ୍ତରୋଽଚ୍ୟୁତପୁରେ ବାରାମ୍ଭିଧିଭୂଭୃତରେ
ଜାତ ଶାଳବତୀ ତଟେ ଭଗବତୀ ଦକ୍ଷିଣସ୍ରୋତସିକେ
କାବ୍ୟଂ ଶ୍ରୀହରିଚନ୍ଦନସ୍ୟ ନୃପତେ ରାଜ୍ୟସଭା ଭୂଷଣେ ।"

ଏତଦ୍ ବ୍ୟତୀତ ଏହି ସମୟରେ ଶକୁନ୍ତଳା ଦେବୀମନ ମଣ୍ଡନ ରାଜା ରଘୁନାଥ ହରିଚନ୍ଦନ ପଣ୍ଡା କବି ବିଷ୍ଣୁ ଦାସ । ପାତ୍ର ଲୋକନାଥ ବିଦ୍ୟାଧର ପ୍ରଭୃତି ପ୍ରାଚୀନ କବିମାନେ ଯେପରି ସାରସ୍ୱତ ସ୍ୱାକ୍ଷର ବହନ କରିଥିଲେ, ସେହିପରି ଆଧୁନିକ ଯୁଗରେ ଭାଷା କବିତାର ସ୍ରଷ୍ଟା ଓ ସ୍ୱରଣ କବି ଗୋଦାବରୀଶ ମିଶ୍ର, ବିପ୍ଳବୀ କବି ଗୋଦାବରୀଶ ମହାପାତ୍ର, ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ଡାକ୍ତର ରାଧାଚରଣ ପଣ୍ଡା, ରଙ୍ଗାଧର ନାୟକ ପ୍ରଭୃତି ପ୍ରଥିତଯଶା କବି ଏବଂ ଲେଖକମାନେ ଉତ୍କଳ ସାହିତ୍ୟ ଭଣ୍ଡାରକୁ ଅମୂଲ୍ୟ ଦାନ ଦେଇଛନ୍ତି ।

ବାଣପୁରର ଧର୍ମ ସଂସ୍କୃତି, ସାରସ୍ୱତ ସାଧନା ଯେଉଁଳି ବୈଶିଷ୍ଟ୍ୟପୂର୍ଣ୍ଣ ଏହାର ଲୁପ୍ତପ୍ରାୟ ନୌ–ବାଣିଜ୍ୟ ସେପରି ପ୍ରାଚୀନ କାଳରୁ ଥିଲା ଏକ ଗୌରବାବହ ଅଧ୍ୟାୟ । ଚିଲିକା ହ୍ରଦ ମଧ୍ୟ ଦେଇ ଦରିଆ ପାରି ସୁଦୂର ଦେଶମାନଙ୍କ ସହ ପ୍ରତିଷ୍ଠିତ ସାଂସ୍କୃତିକ ପରମ୍ପରା ଏ ପର୍ଯ୍ୟନ୍ତ ମଧ୍ୟ ସେ ଦେଶମାନଙ୍କରୁ ବିଲୀନ ହୋଇନାହିଁ । ଚିଲିକା ହ୍ରଦରେ ନୌ–ବାଣିଜ୍ୟର ପ୍ରସାରଣ ଏବଂ ବ୍ୟବହୃତ ପୋତମାନଙ୍କର ଉତ୍କର୍ଷତା ସମ୍ପର୍କରେ ସଂସ୍କୃତ କବି ନାରାୟଣ ମିଶ୍ର ଶର୍ମା ତାଙ୍କ ବ୍ରହ୍ମାଣ୍ଡ ପୁରାଣରେ ଲେଖିଛନ୍ତି :–

"ଚିଲିକା ହ୍ରଦେ ସହସ୍ରଂ ତୁ ଜଳଗାମୀ ସୁବୋଇତାଃ
ବହୁ ଚକ୍ରାନ୍ୱିତା ଶୀଘ୍ରାଃ ଯନ୍ତ୍ରଗାଃ ଖୁଳକାଶ୍ରିତାଃ
ବାଣିଜ୍ୟ କରଣେ ଶକ୍ତାଃ ତ୍ରିପକ୍ଷ ଶିଖରାକୃତାଃ
ଦ୍ୱୀପାନ୍ତରେ ଗତାସ୍ତତାଃ ଜାଭା ମାଳୟ ସିଂହଳ ।"

ହୁଏନସାଂ ମଧ୍ୟ ତାଙ୍କ ବିବରଣୀରେ କୋଙ୍ଗୋଦର ଦକ୍ଷ ନାବିକମାନଙ୍କର ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅଞ୍ଚଳର ସୁଦକ୍ଷ ନାବିକମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ମାଲେସିଆ ତଥା ସିଂହଳ ଦେଶମାନଙ୍କ ସହ ନୌ–ବାଣିଜ୍ୟ କରି କଳିଙ୍ଗ ସଂସ୍କୃତିର ମୂଳ ପତନ ପ୍ରତିଷ୍ଠା କରିଥିଲେ ।

ଶୈଳୋଦ୍ଭବ ରାଜାଙ୍କ ପ୍ରଦତ୍ତ ପୁରୀ ତାମ୍ର ପତ୍ରରେ ଯେଉଁ "ମାତୃଦେବ ଓଡ଼କ" ଏବଂ "ଅଗହନ" ନାମକ ଗ୍ରାମ ଦୁଇଟି ଉଲ୍ଲିଖିତ ହୋଇଛି ତାହା ଏହି ବାଣପୁର ଅନ୍ତର୍ଗତ ଚିଲିକା କୂଳରେ ଅବସ୍ଥିତ ଯଥାକ୍ରମେ ଖାହାଣବେଲି ଏବଂ ଚନ୍ଦ୍ରାପୁଟ ନାମକ ଦୁଇଟି ପ୍ରାଚୀନ ପେଣ୍ଠ ଗ୍ରାମ । ନୌଯାତାୟତରେ ପ୍ରାକୃତିକ ସୁବିଧା ଏହି ପେଣ୍ଠ ଗ୍ରାମମାନଙ୍କରେ ଏ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଅଛି । ୭୨୦ ଖ୍ରୀଷ୍ଟରେ ଶୈଳୋଦ୍ଭବମାନଙ୍କର କଙ୍ଗୋଦଗଡ଼ରୁ ଶାସନର ପତନ ଘଟିଥିବା ପରେ ଏସିଆର ଏହି ଦ୍ୱୀପାଞ୍ଚଳମାନଙ୍କୁ ସେମାନେ ଯାଇ ଶୈଳେନ୍ଦ୍ର ନାମରେ ପରିଚିତ ହୋଇ ବାଣପୁର ଅଞ୍ଚଳର ମୌଳିକ ସଂସ୍କୃତି ସେହି ଦେଶମାନଙ୍କର ବଜାୟ ରଖିଥିଲେ । ସେହି ଅତୀତ ଗରିମାର ସ୍ମାରକୀ ରୂପେ ଅଧୁନା ପ୍ରତିଷ୍ଠିତ ଛତ୍ରଗଡ଼ ଘାଟୀ ନିକଟରେ ନୌ–ତାଲିମ କେନ୍ଦ୍ର ଏବଂ କାର୍ତ୍ତିକ ପୂର୍ଣ୍ଣମୀରେ ବାଲୁଗାଁରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ସେହି ମହାର୍ଘ ସ୍ମୃତି ପ୍ରକଟନ କରେ ।

କାଳର ପ୍ରବାହିତ ସ୍ରୋତରେ ବାଣପୁରରେ ସଙ୍ଗଠିତ ପାଇକ ବିଦ୍ରୋହ କେବଳ ଓଡ଼ିଶା ଇତିହାସରେ ନୁହେଁ, ଭାରତ ଇତିହାସରେ ମଧ୍ୟ ଏକ ଉଲ୍ଲେଖନୀୟ ଘଟଣା । ଭାରତ ଇତିହାସରେ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଅଧ୍ୟାୟ ରୂପେ ୧୮୫୭ ମସିହାରେ ସିପାହୀ ବିଦ୍ରୋହକୁ ଗ୍ରହଣ କରାଯାଉଛି । କିନ୍ତୁ ପ୍ରକୃତରେ ୧୮୧୭ ମସିହାରେ ବାଣପୁରର ପାଇକ ବିଦ୍ରୋହ ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସୋପାନ କହିବା ଯଥାର୍ଥ ହେବ । ଖୋରଧା ରାଜ୍ୟ ଉତ୍ତରରେ ସାରଙ୍ଗ ଗଡ଼ ଏବଂ

ଦକ୍ଷିଣରେ ଛତ୍ରଗଡ଼ ଘାଟୀ ଦ୍ୱାରା ସୁରକ୍ଷିତ ରହେ । ଗୋଟିଏ ଦୁର୍ଗ ଥିଲା "ବାରୁଣେଇଗଡ଼ା ବା ବତରଗଡ଼ (ସତରଗଡ଼) ତା'ମଧ୍ୟେ ଥରଗଡ଼ । ଗୁରୁତି ନିକଟସ୍ଥ ନିଶାଣ ବଥଗଡ଼ ଏବଂ ବାଣପୁରର ୧୨ ଗଡର ଦଳବେହେରାମାନେ ବାଣପୁର ଶାସନତନ୍ତ୍ରୀର ପ୍ରଧାନ ପରିପୋଷକ ଅଟନ୍ତି । ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିବା ମନ୍ତ୍ରୀ ଜସ୍ୱୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ହାତ ମୁଠାକୁ ଟାଣ କରି ବାର ଦଳବେହେରାଙ୍କ ମୁଖ୍ୟ ଭାଟପଡା ଦଳବେହେରା ଦୀନବନ୍ଧୁ ସାମନ୍ତ ମହାପାତ୍ରଙ୍କ ସମେତ କୃତ୍ତିବାସ ପାଟଶାଣୀ, ପଞ୍ଚାନନ ନାୟକ ଇତ୍ୟାଦି ଝାସ ଦେଇଥିଲେ ଏହି ବିଦ୍ରୋହ ଅଗ୍ନିରେ । ଇଂରେଜମାନଙ୍କ କବଳରୁ ବାଣପୁରକୁ ମୁକ୍ତ କରି ତିନି ଦିନ ପାଇଁ ପଞ୍ଚାନନ ନାୟକଙ୍କୁ ରାଜା କରାଇଥିଲେ ବାଣପୁରର ବିଦ୍ରୋହୀ ଖଣ୍ଡାଏତ ପାଇକମାନେ । ବିଦ୍ରୋହର ଅଗ୍ରଗଣ୍ୟ ନେତା କୃତ୍ତିବାସ ପାଟସାଣୀ ଶେଷରେ ଶହୀଦ ହେଲେ । ଏହାକୁ ଲକ୍ଷ୍ୟ କରି ବିପ୍ଳବୀ କବି ରବି ସିଂ ଲେଖିଛନ୍ତି :—

"ବଇରି କରତେ ପାଇକ ଧୂଳାଣୀ
ବାନ୍ଧିଥିଲା ତା'ର ବେଣୀ
ତା' ଓଦା ବେଣୀରେ ତାରା ଫଳ ଥିଲା
କୃତ୍ତିବାସ ପାଟଶାଣୀ ।
ଇତିହାସ ବୁକେ ଲେଖି ଦେଇଗଲେ
ପହିଲି ମୁକତି ଗାଥା
ତିନି ଦିନ ପାଇଁ ଭୋଗିଥିଲା କିଏ
ବାଣପୁର ସ୍ୱାଧୀନତା ।"

କର୍ପୂର ଯାଇ କନା ପଡ଼ିଲା ଭଳି ସେ ବୀରତ୍ୱ ଭୂମିକାର ଇତିବୃତ୍ତି କେବଳ ପଞ୍ଚଦୋଳ, ଦଶହରାମାନଙ୍କରେ ଖଣ୍ଡାଏତମାନଙ୍କର "ପାଇକ ଆଖଡ଼ା" ପ୍ରତିଯୋଗିତା ସେତି ମହନୀୟ ଆଲେଖ୍ୟ ପ୍ରତିପାଦିତ କରେ ।

ବାଣପୁରର ଅତୀତ ଗରିମା ଯୁଗ ଯୁଗ ପାଇଁ ଉଜ୍ଜ୍ୱଳ । ଏହାର ବର୍ଣ୍ଣାଢ଼୍ୟ ପ୍ରାକୃତିକ ପରିବେଶ, ଭାସ୍କର୍ଯ୍ୟ ସ୍ଥାପତ୍ୟ ଏବଂ ଅତୀତ ଐତିହ୍ୟର ପ୍ରସାର ନିମିତ୍ତ ବାଣପୁରରେ ଗୋଟିଏ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ବଙ୍କାଡ଼ଗଡ଼ ନିକଟରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠିତ ହେଲେ ଅତୀତ ସଂସ୍କୃତିର ସ୍ତିମିତ ଆଲୋକ ବର୍ତ୍ତିକା ପୁନର୍ବାର ପ୍ରଜ୍ୱଳିତ ହୋଇ ଉଠନ୍ତା ।

---

ଗ୍ରାମ-ବ୍ରାହ୍ମଣ କୁଣ୍ଡହିତ,
ପୋ: ଅ: ଆକୁଳାଟଟି, ଜିଲ୍ଲା-ଖୋର୍ଦ୍ଧା



ଭୁବନେଶ୍ୱର ହୋଟେଲ୍ ପ୍ରାଚୀଠାରେ ଆୟୋଜିତ ସର୍ବ ଭାରତୀୟ ରାଜ୍ୟ ପ୍ରଶାସନିକ ସେବାସଙ୍ଘ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।

ଭକ୍ତିରେ ବର୍ଣ୍ଣିତ ଭକ୍ତମାନଙ୍କ ମଧ୍ୟରେ ଗଣ୍ୟ ହୋଇଛନ୍ତି । ବାଣପୁର ଭୂମି ପତିତପାବନ ଜଗନ୍ନାଥଙ୍କ ସ୍ପର୍ଶରେ ସୁରଭିମନ୍ତ ହୋଇଥିଲା । ତେଣୁ ଏଥିରେ ମୁଗ୍ଧ ହୋଇ ତତ୍କାଳୀନ କବି ପାତ୍ର ଲୋକନାଥ ବିଦ୍ୟାଧର ତାଙ୍କ 'ସର୍ବାଙ୍ଗ ସୁନ୍ଦରୀ' କାବ୍ୟରେ ଲେଖିଛନ୍ତି :—

"ଯେଉଁ ଜଗନ୍ନାଥ ପଦ ଧ୍ୟାନେ, ଦେଖି ନାହାନ୍ତି ଯୋଗୀନ୍ଦ୍ର ଜନେ
ଯେଉଁ ବାଣପୁର ନୃପ ପରସାଦେ
ଏବେ ଦେଖିଲେ ସକଳ ଜନେ ହେ — ସୁଜନେ
ନାମ ଜଗନ୍ନାଥ କାନ୍ତ ମୂର୍ତ୍ତି, କୀର୍ତ୍ତିପୂର୍ଣ୍ଣ ଧବଳିତ କ୍ଷିତି
ହେ ହରିଚନ୍ଦନ ଗୋତ୍ର ଗୋପୀଜନ
ବଲ୍ଲଭ ସେବାରେ ମତି ହେ — ସୁଜନେ ।"

ବାଣପୁର ବହୁ ଦିନରୁ କବି ଭୂମି ରୂପେ ମାନ୍ୟତା ଲାଭ କରି ଆସିଛି । ଏହି ମାଟିରେ ବିଭିନ୍ନ ସମୟରେ ଯୋଗଜନ୍ମା ସିଦ୍ଧ ସାଧକ କବିମାନେ ଜନ୍ମ ଗ୍ରହଣ କରି ଉତ୍କଳର ବାଣୀ ଭଣ୍ଡାରକୁ ସମୃଦ୍ଧିମନ୍ତ କରାଇଛନ୍ତି । ବାଣପୁରର ବିଶିଷ୍ଟ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ବାଣପୁରକୁ ସମ୍ବୋଧନ କରି ଲେଖିଛନ୍ତି :—

"ସେଇ ମୋର ବାଣପୁର ପ୍ରିୟ ଜନ୍ମଭୂମି
ଶ୍ୟାମାଙ୍ଗୀ ଧରଣୀ ବୀର କବି ପ୍ରସବିନୀ ।
ତାହାରି ମୃତ୍ତିକା ମୃଦୁ ମମତା ମେଦୁର ଚୁମ୍ବି
ମନମୁଁ ଫୁଟଇ ମଞ୍ଜୁ କାବ୍ୟ ତରଙ୍ଗିଣୀ ।"

ସୂର୍ଯ୍ୟବଂଶୀୟ ରାଜା ପ୍ରତାପରୁଦ୍ରଙ୍କ ରାଜଗୁରୁ କବି ଗୋଦାବର ମିଶ୍ର ସଂସ୍କୃତ ସମର କାବ୍ୟ ହରିହର ଚତୁରଙ୍ଗ ଏବଂ ତନ୍ତ୍ର ଶାସ୍ତ୍ର, ତନ୍ତ୍ର ଚିନ୍ତାମଣି ଏବଂ ଅନ୍ୟାନ୍ୟ ଗ୍ରନ୍ଥର ପ୍ରଣେତା ଏହି ବାଣପୁର ଅନ୍ତର୍ଗତ ଲୁମ୍ବୁରାମପୁରଠାରେ ଅନ୍ତିମ ଜୀବନ ଯାପନ କରିଥିଲେ ।

ଷୋଡ଼ଶ ଶତାବ୍ଦୀର କବି ଯତୀନ୍ଦ୍ର ରଘୁତ୍ତମ ତୀର୍ଥ ସଂସ୍କୃତ କାବ୍ୟ 'ମୁକୁନ୍ଦ ବିଳାସ'ର ରଚୟିତା । ସେ ଥିଲେ ଗୋବର୍ଦ୍ଧନ ମଠର ମଠାଧୀଶ । ଜନ୍ମ କିନ୍ତୁ ଅଚ୍ୟୁତବାଦପୁର ଶାସନରେ । ସେ ତାଙ୍କର ଜନ୍ମସ୍ଥାନର ପରିଚୟ ଦେଇ ଲେଖିଛନ୍ତି :—

"ଶ୍ରୀନୀଳାଦ୍ରୀ ନିବାସିନୋ ଭଗବତଃ ପଶ୍ଚାଦ୍ ପଶ୍ଚାତ୍ପୁରଃ
ଶ୍ରୀମଦ୍ ବାଣପୁରାନ୍ତରୋଽଚ୍ୟୁତପୁରେ ବାରାଂନିଧିକୂଳରେ
ଜାତ ଶାଳବତୀ ତତେ ଭଗବତୀ ଦକ୍ଷସଯୋଗିନ୍ଦ୍ରିକେ
କାବ୍ୟଂ ଶ୍ରୀହରିଚନ୍ଦନସ୍ୟ ନୃପତେ ରାଜ୍ୟସଭା ଭୂଷୟେ ।"

ଏତଦ୍ ବ୍ୟତୀତ ଏହି ସମୟରେ ଶକୁନ୍ତଳା ଦେବୀମନ ମଣ୍ଡନ ରାଜା ରଘୁନାଥ ହରିଚନ୍ଦନ ସାଙ୍ଗ କବି ବିଷ୍ଣୁ ଦାସ । ପାତ୍ର ଲୋକନାଥ ବିଦ୍ୟାଧର ପ୍ରଭୃତି ପ୍ରାଚୀନ କବିମାନେ ଯେପରି ସାରସ୍ୱତ ସ୍ୱାକ୍ଷର ବହନ କରିଥିଲେ, ସେହିପରି ଆଧୁନିକ ଯୁଗରେ ରାଧା କବିତାର ସ୍ରଷ୍ଟା ଓ ସ୍ୱରଣ କବି ଗୋଦାବରୀଶ ମିଶ୍ର, ବିପ୍ଳବୀ କବି ଗୋଦାବରୀଶ ମହାପାତ୍ର, ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ବାଜିର ରାଧାଚରଣ ପଣ୍ଡା, ଗଙ୍ଗାଧର ନାୟକ ପ୍ରଭୃତି ପ୍ରସ୍ତୁତଯଶା କବି ଏବଂ ଲେଖକମାନେ ଉତ୍କଳ ସାହିତ୍ୟ ଭଣ୍ଡାରକୁ ଅମୂଲ୍ୟ ଦାନ ଦେଇଛନ୍ତି ।

ବାଣପୁରର ଧର୍ମ ସଂସ୍କୃତି, ସାରସ୍ୱତ ସାଧନା ଯେତିକି ବୈଶିଷ୍ଟ୍ୟପୂର୍ଣ୍ଣ ଏହାର ଲୁପ୍ତପ୍ରାୟ ନୌ-ବାଣିଜ୍ୟ ସେପରି ପ୍ରାଚୀନ କାଳରୁ ଥିଲା ଏକ ଗୌରବାବହ ଅଧ୍ୟାୟ । ଚିଲିକା ହ୍ରଦ ମଧ୍ୟ ଦେଇ ଦରିଆ ପାରି ସୁଦୂର ଦେଶମାନଙ୍କ ସହ ପ୍ରତିଷ୍ଠିତ ସାଂସ୍କୃତିକ ପରମ୍ପରା ଏ ପର୍ଯ୍ୟନ୍ତ ମଧ୍ୟ ସେ ଦେଶମାନଙ୍କରୁ ବିଲୀନ ହୋଇନାହିଁ । ଚିଲିକା ହ୍ରଦରେ ନୌ-ବାଣିଜ୍ୟର ପ୍ରସାରଣ ଏବଂ ବ୍ୟବହୃତ ପୋତମାନଙ୍କର ଉତ୍କର୍ଷତା ସମ୍ପର୍କରେ ସଂସ୍କୃତ କବି ନାରାୟଣ ମିଶ୍ର ଶର୍ମା ତାଙ୍କ ବ୍ରହ୍ମାଣ୍ଡ ପୁରାଣରେ ଲେଖିଛନ୍ତି :—

"ଚିଲିକା ହ୍ରଦେ ସହସ୍ରଂ ତୁ ଜଳଗାମୀ ସୁପୋତକାଃ
ବହୁ ଚକ୍ରାନ୍ୱିତା ଶୀଘ୍ରାଃ ଯନ୍ତ୍ରଗାଃ ଗୁଳକାଶ୍ରିତାଃ
ବାଣିଜ୍ୟ କରଣେ ଶକ୍ତାଃ ତ୍ରିପଞ୍ଚ ଶିଖରାକୃତାଃ
ଦ୍ୱୀପାନ୍ତରେ ଗତାସ୍ତତାଃ ଜାଭା ମାଳୟ ସିଂହଳ ।"

ହୁଏନସାଂ ମଧ୍ୟ ତାଙ୍କ ବିବରଣୀରେ କୋଙ୍ଗୋଦର ଦକ୍ଷ ନାବିକମାନଙ୍କର ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅଞ୍ଚଳର ସୁଦକ୍ଷ ନାବିକମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ମାଲେସିଆ ତଥା ସିଂହଳ ଦେଶମାନଙ୍କ ସହ ନୌ-ବାଣିଜ୍ୟ କରି କଳିଙ୍ଗ ସଂସ୍କୃତିର ମୂଳ ପତ୍ତନ ପ୍ରତିଷ୍ଠା କରିଥିଲେ ।

ଶୈଳୋଦ୍ଭବ ରାଜାଙ୍କ ପ୍ରଦତ୍ତ ପୁରୀ ତାମ୍ର ପତ୍ରରେ ଯେଉଁ "ମାତୃଦେବ ଓଙ୍କକ" ଏବଂ "ଅରହନ" ନାମକ ଗ୍ରାମ ଦୁଇଟି ଉଲ୍ଲିଖିତ ହୋଇଛି ତାହା ଏହି ବାଣପୁର ଅନ୍ତର୍ଗତ ଚିଲିକା କୂଳରେ ଅବସ୍ଥିତ ଯଥାକ୍ରମେ ସାହାଣବେଲି ଏବଂ ଚନ୍ଦ୍ରପୁଟ ନାମକ ଦୁଇଟି ପ୍ରାଚୀନ ପେଣ୍ଠ ଗ୍ରାମ । ନୌଯାତାୟତରେ ପ୍ରାକୃତିକ ସୁବିଧା ଏହି ପେଣ୍ଠ ଗ୍ରାମମାନଙ୍କରେ ଏ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଅଛି । ୭୪୦ ଖ୍ରୀ:ରେ ଶୈଳୋଦ୍ଭବମାନଙ୍କର କଙ୍ଗୋଦମଣ୍ଡଳରୁ ଶାସନର ପତନ ଘଟିଲା ପରେ ଏସିଆର ଏହି ଦ୍ୱୀପାଞ୍ଚଳମାନଙ୍କୁ ସେମାନେ ଯାଇ ଶୈଳେନ୍ଦ୍ର ନାମରେ ପରିଚିତ ହୋଇ ବାଣପୁର ଅଞ୍ଚଳର ମୌଳିକ ସଂସ୍କୃତି ସେହି ଦେଶମାନଙ୍କରେ ବଜାୟ ରଖିଥିଲେ । ସେହି ଅତୀତ ଗରିମାର ସ୍ମାରକୀ ରୂପେ ଅଧୁନା ପ୍ରତିଷ୍ଠିତ ବରଗଡ଼ ଘାଟୀ ନିକଟରେ ନୌ-ତାଲିମ କେନ୍ଦ୍ର ଏବଂ କାର୍ତ୍ତିକ ପୂର୍ଣ୍ଣମୀରେ ବାଲୁଗାଁରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ସେହି ମହାର୍ଘ ସ୍ମୃତି ପ୍ରକଟନ କରେ ।

କାଳର ପ୍ରବାହିତ ସ୍ରୋତରେ ବାଣପୁରରେ ସଙ୍ଗଠିତ ପାଇକ ବିଦ୍ରୋହ କେବଳ ଓଡ଼ିଶା ଇତିହାସରେ ନୁହେଁ, ଭାରତ ଇତିହାସରେ ମଧ୍ୟ ଏକ ଉଲ୍ଲେଖନୀୟ ଘଟଣା । ଭାରତ ଇତିହାସରେ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଅଧ୍ୟାୟ ରୂପେ ୧୮୫୭ ମସିହାରେ ସିପାହୀ ବିଦ୍ରୋହକୁ ଗ୍ରହଣ କରାଯାଇଛି । କିନ୍ତୁ ପ୍ରକୃତରେ ୧୮୧୭ ମସିହାରେ ବାଣପୁରର ପାଇକ ବିଦ୍ରୋହ ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସୋପାନ କହିବା ଯଥାର୍ଥ ହେବ । ଖୋରଧା ରାଜ୍ୟ ଉତ୍ତରରେ ସାରଙ୍ଗ ଗଡ଼ ଏବଂ

ଗୁରୁତ୍ୱ କମ୍ ନୁହେଁ । ଏହାର ଏକ ଉଦାହରଣ ଏଠାରେ ଦିଆଯାଇପାରେ । ପୃଥିବୀରେ ଶୁଷ୍କଲାତମ ସ୍ଥାନ ଭାବରେ ସୁବିଦିତ ଆଟାକାମା ମରୁଭୂମିରେ ଚିଲି ଓ କାନାଡ଼ାର ଏକ ଗବେଷକ ଦଳ ସଫଳ ରୂପେ ବହୁଳ ପରିମାଣର ଜଳୀୟବାଷ୍ପ ସଂଗ୍ରହ କରି ସେଥିରୁ ଜଳ ସଂଗ୍ରହ କରିବାରେ ସକ୍ଷମ ହୋଇପାରିଛନ୍ତି । ଜଳ ଦୁଷ୍ପ୍ରାପ୍ୟ ଅଞ୍ଚଳରେ କୁହୁଡ଼ି ଓ ବାୟୁମଣ୍ଡଳୀୟ ଜଳୀୟବାଷ୍ପରୁ ଏପରି ଜଳ ସଂଗ୍ରହ କରାଯାଇ ପାନୀୟ ଜଳ ସମସ୍ୟା ସମାଧାନ କରାଯାଇପାରେ ।

## ଜଳର ଆବଶ୍ୟକତା :

ସୃଷ୍ଟି ପ୍ରାରମ୍ଭରୁ ଜଳ ସୀମିତ । ପ୍ରାକୃତିକ ଜଳଚକ୍ର (Water cycle) ହେତୁ ଜଳର ସ୍ଥାନାନ୍ତର ଓ ଅବସ୍ଥାନ୍ତର ଘଟୁଥିଲେ ମଧ୍ୟ ପରିମାଣ ଅପରିବର୍ତ୍ତିତ ରହିଛି ବୋଲି ବିଶେଷଜ୍ଞମାନଙ୍କ ମତ । ଜନସଂଖ୍ୟା ବୃଦ୍ଧି, ଶିଳ୍ପ ଓ କୃଷିର ଉନ୍ନତି ତଥା ସଂପ୍ରସାରଣ ଯୋଗୁଁ ହିଁ ବର୍ତ୍ତମାନ ମନୁଷ୍ୟ ଓ ପ୍ରାକୃତିକ ପରିବେଶ ପାଇଁ ପାନୀୟ ଜଳ ଦୁଷ୍ପ୍ରାପ୍ୟ ହୋଇପଡ଼ିଛି । ୧୯୮୫, ୨୦୦୦ ଓ ୨୦୨୫ ମସିହା ପାଇଁ ଆବଶ୍ୟକ ପଡୁଥିବା ଜଳର ପରିମାଣ ଯଥାକ୍ରମେ ୫୪୦, ୭୫୦ ଓ ୧୦୫୦ ହଜାର ଅୟୁତ ଘନ ମିଟର ବୋଲି ଏକ ହିସାବରୁ ଜଣାଯାଇଛି । ଜଳଭାଗ, ସ୍ଥଳଭାଗ, ବାୟୁମଣ୍ଡଳ ଓ ଉଦ୍ଭିଦ ଜଗତ ମଧ୍ୟରେ ଚାଲିଥିବା ଜଳର ସମସ୍ତ ପ୍ରକ୍ରିୟା ଜଳର ବାର୍ଷିକ ହିସାବକୁ ସନ୍ତୁଳ ରଖିବା ଆବଶ୍ୟକ । ନଚେତ୍ ଜୀବନଯାପନ ପ୍ରଣାଳୀରେ ବିଭିନ୍ନ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନପାରେ । ଦ୍ୱିତୀୟ କଥା ହେଉଛି ଯେ ସୀମିତ ପରିମାଣର ଜଳକୁ ଉପଯୁକ୍ତ ଭାବରେ ବିନିଯୋଗ ନକଲେ ବା ଜଳ ଅପବ୍ୟୟ ତଥା ପ୍ରଦୂଷଣ ଘଟାଇଲେ ସ୍ୱାସ୍ଥ୍ୟ, ଶିଳ୍ପ, କୃଷି, ପରିବେଶ, ଶକ୍ତି ଓ ଖାଦ୍ୟପାନୀୟ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ଅବଶ୍ୟମ୍ଭାବୀ ।

ଆମ ଦେଶରେ ଏପରି କେତେକ ସ୍ଥାନ ରହିଛି, ଯେଉଁଠାରେ ଜଳ କମ୍ ପରିମାଣରେ ମିଳେ; ଏପରିକି ଗ୍ରୀଷ୍ମ ସମୟରେ ଜଳ ଦୁଷ୍ପ୍ରାପ୍ୟ ହୋଇପଡ଼େ । ଏପରି କେତେକ ସ୍ଥାନ ରାଜସ୍ଥାନ ଓ ଗୁଜରାଟରେ ଅବସ୍ଥିତ, ଯେଉଁ ଗ୍ରାମ ବା ସ୍ଥାନମାନଙ୍କୁ "ଜଳକ୍ଳିଷ୍ଟ ଗ୍ରାମ" ଭାବେ ଘୋଷଣା କରାଯାଇଛି । ଯେଉଁ ସ୍ଥାନରେ ୦.୬ କିମି: ଦୂରତ୍ୱ ମଧ୍ୟରେ ୧୫ ମିଟର ଗଭୀରତା ପର୍ଯ୍ୟନ୍ତ ଭୂତଳ ଜଳ ନାହିଁ ତାହାକୁ "ଜଳକ୍ଳିଷ୍ଟ ଗ୍ରାମ" ବୋଲି କୁହାଯାଏ । ଆମ ଦେଶର ୩୯ ଶତାଂଶ ଗ୍ରାମ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏଥିରୁ ଅନୁମାନ କରାଯାଇପାରେ ସେ ସ୍ଥାନର ଲୋକମାନେ କିପରି ଜୀବନଯାପନ କରୁଥିବେ ! ଓଡ଼ିଶାରେ ଏପରି କେତେକ ସ୍ଥାନ ରହିଛି, ଯେଉଁଠି ଏବେ ବି ସେଠାରେ ଲୋକମାନେ ଜଳ ପାଇବା କଷ୍ଟକର ବ୍ୟାପାର ଓ ସ୍ତ୍ରୀଲୋକମାନେ ଅନେକ ଦୂର ଯାଇ ଧାଡ଼ି ବାନ୍ଧି ଠିଆ ହୋଇ ପାନୀୟ ଜଳ ସଂଗ୍ରହ କରିଥାଆନ୍ତି । ତେଣୁ କେଉଁ ସ୍ଥାନ ଜଳ ବହୁଳ ତ ଆଉ କେଉଁ ସ୍ଥାନ ଜଳ ଶୂନ୍ୟ !

ଜୀବନ ପାଇଁ ଜଳ ଅପରିହାର୍ଯ୍ୟ ପରି କୃଷି ପାଇଁ ଜଳ ମଧ୍ୟ ଜରୁରୀ । ସମଗ୍ର ବିଶ୍ୱରେ ମନୁଷ୍ୟ ବ୍ୟବହାର କରୁଥିବା ମଧୁର ଜଳର ୬୫ ଶତକଡ଼ା କୃଷିରେ ହିଁ ବିନିଯୋଗ ହୋଇଥାଏ । ଆମ ଦେଶରେ ଏହା ପ୍ରାୟ ୯୦ ଶତକଡ଼ା । ପୃଥିବୀର ସମସ୍ତ ଜଳସେଚିତ କୃଷିକ୍ଷେତ୍ରର ଏକ ପଞ୍ଚମାଂଶ ଏଠାରେ ଅବସ୍ଥିତ । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପୃଥିବୀରେ ସେଚନ ପାଇଁ ଉଦ୍ଦିଷ୍ଟ ଜଳର ପ୍ରାୟ ୬୦ ଭାଗ ଶତକଡ଼ା ନଷ୍ଟ ହେଉଛି । ଉପଯୁକ୍ତ ବ୍ୟବସ୍ଥା ମାଧ୍ୟମରେ ଯଦି ଏ ପରିମାଣର ଜଳ ବିନିଯୋଗ କରାଯାଇ ପାରନ୍ତା ତେବେ ଆହୁରି ଆଠ ନିୟୁତ ହେକ୍ଟର କୃଷିକ୍ଷେତ୍ର ଜଳସେଚିତ ହୋଇପାରନ୍ତା । ଓଡ଼ିଶାରେ ଥିବା ବ୍ୟବହାର ଉପଯୋଗୀ ଭୂତଳ ଜଳର ମାତ୍ର ନଅ ଶତକଡ଼ା ବର୍ତ୍ତମାନ କୃଷି ପାଇଁ ବ୍ୟବହାର କରାଯାଉଛି ।

## ପାନୀୟ ଜଳର ସମସ୍ୟା :

ପୃଥିବୀର ବୈଜ୍ଞାନିକମାନେ ଗବେଷଣା କରି ଜାଣି ପାରିଛନ୍ତି ଯେ ଜଳର ପରିମାଣ ସୀମିତ । ଏ ସୀମିତ ଜଳକୁ ବ୍ୟବହାର କରୁଛନ୍ତି ଓ କରିବେ ଉଦ୍ଭିଦ୍, ପ୍ରାଣୀ ଓ କ୍ରମବର୍ଦ୍ଧିଷ୍ଣୁ ଜନ । ଏଥିରୁ ଅନୁମାନ କରାଯାଇପାରେ ଭବିଷ୍ୟତରେ ଜଳର ଅବସ୍ଥା ବ୍ୟକ୍ତିବିଶେଷ ପାଇଁ କଣ ? ଦ୍ୱିତୀୟତଃ ସହରାଞ୍ଚଳ ପ୍ରତିଷ୍ଠା ତଥା ଶିଳ୍ପୀକରଣ (Industrialisation) ଫଳରେ ବିଭିନ୍ନ କଳ କାରଖାନାରୁ ନିର୍ଗତ ଦୂଷିତ ଜଳକୁ ଜଳଭାଗକୁ ଛାଡ଼ି ବର୍ତ୍ତମାନର ଶିଳ୍ପପତିମାନେ ଜଳକୁ ଦୂଷିତ କରିବାରେ ପଦାଙ୍କପାତ ହେଉନାହାନ୍ତି । ତୃତୀୟତଃ ସହରମାନଙ୍କରେ ନର୍ଦ୍ଦମାର ଦୂଷିତ ଜଳ (Sewage) ଯାଇ ବଡ଼ ବଡ଼ ନଦୀମାନଙ୍କରେ ମିଶେ । ଆମ ରାଜ୍ୟର ଋଷିକୁଲ୍ୟା, ବୁଢ଼ାବଳଙ୍ଗ, ବ୍ରାହ୍ମଣୀ, ବୈତରଣୀ, ମହାନଦୀ କଥା କୁହାଯାଇ ନପାରେ । ଉତ୍ତର ପ୍ରଦେଶର ଗୋମତୀ ନଦୀ ଜଳରେ ଅମ୍ଳଜାନ ହାର ଲିଟର ପିଛା ୬ ମିଲିଗ୍ରାମରୁ ୨.୨ ମିଲିଗ୍ରାମକୁ କମିଯାଇ ଥିବାରୁ ଏହି ଜଳ ବ୍ୟବହାର ପାଇଁ ନିଷିଦ୍ଧ କରାଯାଇଛି । ଗଙ୍ଗାନଦୀ ଜଳ କଥା କ'ଣ ବା କହିବା ! ସମସ୍ତ ଅଳିଆ, ଆବର୍ଜନା, ଶବ ତଥା ଶିଳ୍ପକାରଖାନାର ନିର୍ଗତ ପଦାର୍ଥ ଏଠାରେ ମିଶୁଥିବାରୁ ଏ ଜଳ ବୋଧହୁଏ ସବୁଠାରୁ ପ୍ରଦୂଷଣଯୁକ୍ତ । ସେଥି ପାଇଁ ଭାରତ ସରକାର ଗଙ୍ଗା କାର୍ଯ୍ୟକାରୀ ଯୋଜନା ମାଧ୍ୟମରେ ଗଙ୍ଗାଜଳ ପ୍ରଦୂଷଣ ମୁକ୍ତ ପାଇଁ ପଦକ୍ଷେପ ନେଇଛନ୍ତି ।

ଆମ ଦେଶରେ ଶତକଡ଼ା ୮୦ରୁ ଅଧିକ ଭାଗ ପାନୀୟ ଜଳ ଭୂମି ତଳୁ ହିଁ ସଂଗୃହୀତ ହୋଇଥାଏ । ଭୂତଳ ସଂଗୃହୀତ ପାନୀୟ ଜଳରେ ଫ୍ଲୋରାଇଡ୍ ଧାତବ ଲବଣ ଅଧିକ ହେଲେ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନେ ଫ୍ଲୋରେସିସ୍ (Fluorosis) ନାମକ ରୋଗର ସମ୍ମୁଖୀନ ହୋଇଥାନ୍ତି । ଏହା ଶରୀରରେ ସାଂଘାତିକ କ୍ଷତି ଘଟାଇଥାଏ । ବିଭିନ୍ନ ପ୍ରକାର ଆନ୍ତ୍ରିକ ସମସ୍ୟା (Enterities) ସହ ମାଂସପେଶୀ, ତନ୍ତୁଗୁଡ଼ିକ ଦୁର୍ବଳ କରିପକାଏ ଏବଂ ସ୍ନାୟୁ ଓ ବୃକକ (Kidney)କୁ ମଧ୍ୟ ଅନେକ ପ୍ରଭାବିତ କରିଥାଏ । ନିକଟରେ ଦେଖାଯାଉଛି ଯେ ଆମ ରାଜ୍ୟର ଖୋର୍ଦ୍ଧା ଜିଲ୍ଲାର କେତେକ ଗ୍ରାମରେ ଫ୍ଲୋରାଇଡ୍ ଯୁକ୍ତ ଜଳ ବ୍ୟବହାର କରୁଥିବା ଯୋଗୁଁ ଫ୍ଲୋରୋସିସ୍ ରୋଗର ଶିକାର ହୋଇଛନ୍ତି । ସେହିପରି ତାଳଚେରରେ ନାଲ୍କୋ କମ୍ପାନୀର ଆଲୁମିନିୟମ୍ କାରଖାନାରୁ ନିର୍ଗତ ପଦାର୍ଥ ଜଳ ସଂସର୍ଶରେ ଆସିବା ଫଳରେ ଜଳରେ ଫ୍ଲୋରାଇଡ୍ ମାତ୍ରା ବୃଦ୍ଧି ପାଇଛି ।

# ଜଳ ସମ୍ପଦ ଓ ମନୁଷ୍ୟର ଭବିଷ୍ୟତ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

## ଜଳର ସୃଷ୍ଟି :

ପ୍ରକୃତିର ଅନବଦ୍ୟ ଅବଦାନ ହିଁ ଜଳ। ଏହା ସ୍ପଷ୍ଟ ଯେ ଜୀବନ ଜଳରୁ ସୃଷ୍ଟି, ଜୀବନ ହିଁ ଜଳମୟ ଓ ଜଳ ହିଁ ଜୀବନ। ଜଳ ଜୀବନର ସୃଷ୍ଟି ଓ ତାହାର ପୋଷଣ ନିମନ୍ତେ ବାସ୍ତବିକ ଜରୁରୀ। କେବଳ ସେଥିପାଇଁ ହିଁ ଜଳକୁ ଜୀବନ ବୋଲି ଆଖ୍ୟା ଦିଆଯାଇଛି। ଆମେ ପୃଥିବୀରେ ଜନ୍ମନେଇ ଏତିକି ଭାଗ୍ୟବାନ ଯେ ଜଳର ସନ୍ଧାନ ହିଁ କେବଳ ଏହିଠାରେ। ଏହାକୁ ବାଦ୍ ଦେଲେ ସୌରଜଗତରେ ଅନ୍ୟ କେଉଁଠାରେ ଏ ପର୍ଯ୍ୟନ୍ତ ବୁନ୍ଦାଏ ଜଳର ସନ୍ଧାନ ମିଳିନାହିଁ। ତେଣୁ କ୍ଷୁଦ୍ରାତିକ୍ଷୁଦ୍ର ଅଣୁଜୀବ ତଥା ପ୍ରାଣୀ ଏବଂ ଉଦ୍ଭିଦର ସନ୍ଧାନ ମିଳିବ ବା କାହିଁକି ? ପ୍ରାୟ ୪୮୦ କୋଟି ବର୍ଷ ପୂର୍ବେ ପୃଥିବୀର ସୃଷ୍ଟି ଏବଂ ଏହାର ୧୦୦ କୋଟି ବର୍ଷ ପରେ ଅର୍ଥାତ୍ ୩୦୦ରୁ ୩୫୦ କୋଟି ବର୍ଷ ପୂର୍ବେ ଜୀବର ସୃଷ୍ଟି ହୋଇଛି ବୋଲି ଜୀବାଶ୍ମ (Fossil)ଗୁଡ଼ିକର ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି। ଜୀବନର ସୃଷ୍ଟି ସମ୍ପର୍କରେ ଓପାରିନ୍ (A.I. Operin) ନାମକ ଜଣେ ଋଷୀୟ ବୈଜ୍ଞାନିକ ମତ ପ୍ରଦାନ କରନ୍ତି ଯେ ୩୦୦ରୁ ୩୫୦ କୋଟି ବର୍ଷ ତଳେ ପୃଥିବୀର ବାୟୁମଣ୍ଡଳରେ ଥିବା ଉଦ୍ଜାନ (Hydrogen), ଯବକ୍ଷାରଜାନ (Nitrogen), ଅଙ୍ଗାରକାମ୍ଳ (Carbon dioxide), କାର୍ବନ ମନୋକ୍ସାଇଡ୍ (Carbon monoxide), ମିଥେନ୍ (Methane), ଆମୋନିଆ (Ammonia) ଓ ଜଳ ଇତ୍ୟାଦିରୁ ଜୀବନର ଆବିର୍ଭାବ ଘଟିଛି। ବଡ଼ ଆଶ୍ଚର୍ଯ୍ୟର କଥା ଯେ ସେତେବେଳେ ବାୟୁମଣ୍ଡଳରେ ଅମ୍ଳଜାନ ନଥିଲା। ଭୂପୃଷ୍ଠର ଅଧିକାଂଶ ଭାଗ ଜଳଦ୍ୱାରା ଆବୃତ ଥିଲା। ତେଣୁ ଅନୁମାନ କରାଯାଏ ଯେ ୩୦୦ କୋଟି ବର୍ଷ ତଳେ ପୃଥିବୀରେ ଜଳ ସୃଷ୍ଟି ହୋଇଥିଲା। କିପରି ସୃଷ୍ଟି ହୋଇଥିଲା ତାହା ଏବେ ବି ଅନିର୍ଣ୍ଣୀତ।

## ପୃଥିବୀରେ ଜଳର ପରିମାଣ :

ସଜୀବ ପରିବେଶ ପାଇଁ ବାୟୁ ପରେ ଜଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନବ ସଂସ୍କୃତି ଓ ସଭ୍ୟତା ହିଁ ଜଳସମ୍ପଦ ସହ ଓତଃପ୍ରୋତ ଭାବରେ ଜଡ଼ିତ। ସ୍ୱାସ୍ଥ୍ୟ, ଶିଳ୍ପ, କୃଷି, ପରିବେଶ, ଶକ୍ତି ଓ ଖାଦ୍ୟପାନୀୟ ଆଦି ସମସ୍ତ ସମସ୍ୟା ସହ ଜଳ ଜଡ଼ିତ। ଏବେ ପରିମାଣର ବିନିଯୋଗ ପାଇଁ ପୃଥ୍ୱୀ ସୃଷ୍ଟିର ପ୍ରାରମ୍ଭରୁ ଜଳର ପରିମାଣ ସୀମିତ ବା ନିର୍ଦ୍ଦିଷ୍ଟ। କିନ୍ତୁ ଆମ ଦେଶରେ ଲୋକ ସଂଖ୍ୟା ଦେଖିଲେ ବିସ୍ମୟ ଲାଗେ ଯେ ସତରେ ଏ ସମସ୍ତ ଲୋକ ଖାଦ୍ୟପେୟ ଜଳ ଯୋଗେଇପାରିବ, ପାଣି ପିଇକି ପିଇବାକୁ ପାଇବେ କି ନାହିଁ। ଏହା ସତରେ ଏକ ବିରାଟ ପ୍ରଶ୍ନବାଚୀ। କାରଣ ଜନସଂଖ୍ୟା ବୃଦ୍ଧି ଆମ ଦେଶରେ ଯେଉଁ ପରିମାଣରେ ଘଟୁଛି ଅନୁମାନ କରାଯାଉଛି ଯେ ୨୦୨୦ ମସିହାକୁ ଏହି ସଂଖ୍ୟା ୧୭୦ କୋଟିକୁ ବୃଦ୍ଧି ପାଇବ। ୨୦୦୧ ମସିହା ବେଳକୁ ଦେଶର ସହରାଞ୍ଚଳ ଜନସଂଖ୍ୟା ୩୫ କୋଟିରେ ପହଞ୍ଚିବ। ଏ ଜନସଂଖ୍ୟା ବୃଦ୍ଧି ରୋକା ନଗଲେ ବା ଗତିରୋଧ ପ୍ରତି ଧ୍ୟାନ ଦିଆ ନଗଲେ ଏ ଲୋକସଂଖ୍ୟାର ଏକ ତୃତୀୟାଂଶ ବସ୍ତି ଅଞ୍ଚଳରେ ବସବାସ କରିବାକୁ ବାଧ୍ୟ ହେବେ।

ସୌର ଜଗତରେ ଦଶଟି ଗ୍ରହ ମଧ୍ୟରେ କେବଳ ପୃଥିବୀରେ ଉଦ୍ଭିଦ ଓ ଜୀବଜନ୍ତୁ ସମ୍ଭବପର ହୋଇପାରିଛି କେବଳ ଜଳ ବା ଜଳବାୟୁର ପରିସ୍ଥିତି ଯୋଗୁଁ। ସୃଷ୍ଟିର ପ୍ରଥମ ଜୀବ ଜନ୍ମ ନେଇଥିଲା ଜଳରେ। କାଳକ୍ରମେ ଏକକୋଷୀ ଜୀବରୁ ବହୁକୋଷ (Multicelluar) ଜୀବର ସୃଷ୍ଟି ହେଲା। ସେମାନଙ୍କ ମଧ୍ୟରୁ ଅନେକ ଜୀବ୍ ସମୁଦ୍ର ବକ୍ଷରୁ ପୃଥିବୀର ସ୍ଥଳଭାଗକୁ ଆସିଲେ ଓ କ୍ରମେ ସେଠାରେ ଖାପଖୁଆଇ ଅବସ୍ଥାନ କରିବାକୁ ଲାଗିଲେ। ସମୟାନୁକ୍ରମେ ବିବର୍ତ୍ତନ ମାଧ୍ୟମରେ ଭିନ୍ନ ଭିନ୍ନ ପ୍ରାଣୀର ସୃଷ୍ଟି ହେଲା। ଜୀବର ଜୀବକୋଷଗୁଡ଼ିକ ଶରୀର ସ୍ଥିତ ଜଳ ପରିସର ମଧ୍ୟରେ ଜୀବନ ନିର୍ବାହ କରନ୍ତି। ଜଳ ଶରୀର ମଧ୍ୟରେ ସର୍ବବ୍ୟାପୀ। ଏହି ଜଳ ଅଙ୍ଗପ୍ରତ୍ୟଙ୍ଗମାନଙ୍କରେ ଥିବା ଜୀବକୋଷଗୁଡ଼ିକୁ ଆବୃତ୍ତ କରି ରଖିଛି। ଶରୀରର ସମସ୍ତ କ୍ରିୟା ଜଳ ମାଧ୍ୟମରେ ସମାହିତ ହେବାପରି ପୃଥିବୀର ସମସ୍ତ କ୍ରିୟା ହିଁ ଏହି ଜଳ ମାଧ୍ୟମରେ ଘଟିଥାଏ। ତେବେ ଦେଖାଯାଉ ପୃଥିବୀରେ ଜଳ କେଉଁଠି କେତେ ?

ଜଣେ ବୟସ୍କ ବ୍ୟକ୍ତିର ଓଜନକୁ ୧୦୦ ଭାଗ ଧରିଲେ, ଏହାର ୬୩ ଭାଗ ହେଉଛି ଶରୀରର ଜଳ, ୧୭ ଭାଗ ପୁଷ୍ଟିସାର, ୧୨ ଭାଗ ସ୍ନେହସାର, ୭ ଭାଗ ଧାତୁସାର ଓ ଏକ ଭାଗ ଶ୍ୱେତସାର। ସୁତରାଂ ଆମ ଶରୀର ଜଳରେ ଗଢ଼ା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଶରୀରର ଏପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ କି ଜଳ ନାହିଁ। ଏପରିକି କଠିନ ହାଡ଼ ମଧ୍ୟରେ ମଧ୍ୟ ଜଳ ଥାଏ। ମନୁଷ୍ୟ ଶରୀର ଛଡ଼ା ଅନେକ ବୃକ୍ଷ ଅଛି ଯାହାକି ୯୦ ଶତକଡ଼ାରୁ ଅଧିକ ଜଳରେ ଗଢ଼ା। ଯାହାହେଉନା କାହିଁକି ପୃଥିବୀର ବିଭିନ୍ନ ସ୍ଥାନରେ କଠିନ, ତରଳ ଓ ବାଷ୍ପ ଆକାରରେ ପ୍ରାୟ ୧.୪୫୧୪×୧୦/୨୦ ଲିଟର ପାଣି ଅଛି। ଏ ପରିମାଣ ମଧ୍ୟରୁ ହାରାହାରି ୯୭.୯୫ ଶତକଡ଼ା ସାଗରରେ ଓ ୨.୯୭ ଶତକଡ଼ା ବରଫ ଆକାରରେ ଆଣ୍ଟାର୍କଟିକା, ଆରକ୍ଟିକ୍ ଓ ହିମବାହ ଇତ୍ୟାଦିରେ ଜମାଟ ଅବସ୍ଥାରେ (Freezing condition) ରହିଛି। ଆଉମଧ୍ୟ ଜଳ ସାଗରର ୧.୦୪ ଶତକଡ଼ା ଭୂଗର୍ଭରେ ଏବଂ ୦.୦୭ ଶତକଡ଼ା ନଦୀ, ନାଳ ଓ ପୁଷ୍କରିଣୀରେ ରହିଛି। ତେବେ ସାଗରର ଲବଣାକ୍ତ ଜଳର ପରିମାଣ ଅଧିକ ଥାଇ ଆମେ ତାହାର ପ୍ରକୃତ ବିନିଯୋଗ କରିପାରୁ ନାହୁଁ। କିନ୍ତୁ ଆମ ବ୍ୟବହାର୍ଯ୍ୟ ଜଳ ନଈ, ନାଳ, ପୋଖରୀ ଓ କୂପ ଆଦି ଜଳାଶୟରୁ ହିଁ ମିଳିଥାଏ। ଏହା ସମୁଦାୟ ଜଳସମ୍ପଦର ମାତ୍ର ଏକ ଶତକ।

ପୁନଶ୍ଚ ବାୟୁମଣ୍ଡଳରେ ମଧ୍ୟ ଜଳୀୟବାଷ୍ପ ଆକାରରେ ଜଳ ଥାଏ। ଏହାର ପରିମାଣ ଖୁବ୍ କମ୍ (୧୨.୬×୧୦/୧୫ ଲିଟର)। ପୃଥିବୀର ସମୁଦାୟ ଜଳ ପରିମାଣ ଏହା ପ୍ରାୟ ୦.୦୦୧ ଶତକଡ଼ା। ଏତେ, କମ୍ ପରିମାଣରେ ଥିଲେ ଏହାର

ତେବେ ସରକାରଙ୍କ ପଦକ୍ଷେପଗୁଡ଼ିକ ଅତି ପ୍ରଶଂସନୀୟ। ବିଗତ ବର୍ଷମାନଙ୍କରେ ୬୬୧୧ଟି ଜଳକ୍ଲିଷ୍ଟ ଗ୍ରାମକୁ ନିରାପଦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ଓ ୧,୫୬୩ଟି ଜଳକ୍ଲିଷ୍ଟ ଗ୍ରାମକୁ ପାନୀୟ ଜଳ ମଧ୍ୟ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ୨,୨୮୦ଟି ନଳକୂପ ଓ ୧୪୪ଟି ପରିମଳ କୂପ ଖନନ ଲାଗି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଫଳରେ ୧,୬୬୯ଟି ଗ୍ରାମରେ ୬.୪ ଲକ୍ଷ ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିଛନ୍ତି। ଏତଦ୍ ବ୍ୟତୀତ ଜାତୀୟ ଟେକ୍ନୋଲୋଜି ମିଶନ (National Technology Mission) କାର୍ଯ୍ୟକ୍ରମାନୁଯାୟୀ ଓଡ଼ିଶାର କୋରାପୁଟ, ଫୁଲବାଣୀ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାର ପାଞ୍ଚଟି ଆଦିବାସୀ ବ୍ଲକରେ ପାନୀୟ ଜଳଯୋଗାଣ କାର୍ଯ୍ୟକ୍ରମ ନିମନ୍ତେ ଭାରତ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇଛି। ପାନୀୟ ଜଳଯୋଗାଣ ବ୍ୟତୀତ ବିଭିନ୍ନ ଜଳସେଚନ ପ୍ରକଳ୍ପ ଯୋଗେ ଶୁଷ୍କ ଜମିରେ ଜଳସେଚିତ ହୋଇପାରୁଛି। ସରକାର ବର୍ତ୍ତମାନ ଯେଉଁ ପଦକ୍ଷେପଗୁଡ଼ିକ ନେଉଛନ୍ତି ତାହା ଆମ କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବା ସହ ଗ୍ରାମାଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣ ନିଁ ବାସ୍ତବିକ୍ ଏକ ଉତ୍ତମ ପଦକ୍ଷେପ।

ଏ କ୍ଷେତ୍ରରେ ଜଳର ସଦୁପଯୋଗ ଓ ସୁପରିଚାଳନା ପାଇଁ ଆମର କର୍ତ୍ତବ୍ୟ ଅନେକ। ଆମେ ସମସ୍ତେ ପରିବେଶର ଅଂଶ ବିଶେଷ। ପରିବେଶ ସଂତୁଳନରେ ଜଳର ଭୂମିକା, ସ୍ୱାସ୍ଥ୍ୟ ନିରାପତ୍ତା ପାଇଁ ଜଳର ଆବଶ୍ୟକତା, କୃଷି କ୍ଷେତ୍ରରେ ଜଳସେଚନର ଗୁରୁତ୍ୱ, ଶିଳ୍ପ ସମୃଦ୍ଧିରେ ଜଳ ପ୍ରଦୂଷଣ ପ୍ରତି ଧ୍ୟାନ ଓ ସର୍ବୋପରି ଆମ ଜଳର ବିରାଟ ଉତ୍ସ ସାଗର କିପରି ବିଶୁଦ୍ଧ ରହିବ ସେଥିପ୍ରତି ସରକାର, ବ୍ୟକ୍ତିବିଶେଷ ଓ ବୈଜ୍ଞାନିକଗଣ ଆଲୋକପାତ କରିବା ହିଁ ସର୍ବାଦୌ କର୍ତ୍ତବ୍ୟ। ଏଥିପ୍ରତି ଧ୍ୟାନ ଦେଲେ ଜଳ ସମସ୍ୟା ରହିବ ବା କାହିଁକି ?

ସ୍ନାତକୋତ୍ତର ପ୍ରାଣୀ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର-୭୫୧୦୦୪



ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଆନ୍ତର୍ଜାତୀୟ କୃଷ୍ଣ ଚେତନା ସଂଘର ସଂସ୍ଥାପକ ଶ୍ରୀଲ ପ୍ରଭୁପାଦଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ମନୁଷ୍ୟ ଜଳକୁ ଏହିପରି ମଇଳା କରିବା ଛଡ଼ା ଗ୍ରାମାଞ୍ଚଳରେ ଲୋକମାନଙ୍କ ସଚେତନତା ଅଭାବରୁ ମଧ୍ୟ ପାନୀୟ ଜଳ ଉପଯୁକ୍ତ ହୋଇପାରୁ ନାହିଁ । ସେମାନେ ଗୋଟିଏ ଜଳାଶୟର ଜଳକୁ ଏବେ ବି ପ୍ରାଣୀମାନଙ୍କ ପାଇଁ, ନିଜର ଶୌଚ ପାଇଁ ତଥା ପାନୀୟ ଜଳ ପାଇଁ ବ୍ୟବହାର କରିଥାଆନ୍ତି । ସହରାଞ୍ଚଳରେ ଲୋକମାନେ ପାନୀୟ ଜଳ ସୁବିଧାରେ ପାଇ ଜଳଗୁଡ଼ିକୁ ଏପରି ଖୋଲା ରଖୁଥାଆନ୍ତି ଯେ ପାଣି ସେମିତି ଗଡ଼ିଯାଇ ନଷ୍ଟ ହେଉଥାଏ । ଏପରି କି ଦରକାର ପଡ଼ିଲେ ମନଇଛା ମୁଖ୍ୟ ନଳକୁ କାଟି ନିଜେ ନିଜେ ଜଳ ଯୋଗାଣ ବ୍ୟବସ୍ଥା କରିଥାଆନ୍ତି ଓ ପରେ ସେ ସଂଯୋଗକୁ କାଟି ପକାନ୍ତି । ଏହା ଫଳରେ ମୁଖ୍ୟ ନଳରେ ଗର୍ତ୍ତ ହେବା ଯୋଗୁଁ ବାହାରର ମାଟି ଓ ଅନ୍ୟାନ୍ୟ ମଇଳା, ବିଭିନ୍ନ ଜୀବାଣୁ ମଧ୍ୟ ମୁଖ୍ୟ ନଳରେ ପ୍ରବେଶ କରିଥାଏ । ଅନେକ ସ୍ଥାନରେ ପାଣିନଳ ପାଇପଗୁଡ଼ିକ ଭୁଶୁଡ଼ି ହୋଇ ପାଣି ବାହାରି ଯାଉଥିଲେ ମଧ୍ୟ ତା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନଥାଏ । ତେଣୁ ଆମେ ସମସ୍ତେ ସଚେତନ ହେଲେ, ଜଳର ସଦୁପଯୋଗ କଲେ, ଠିକ ସମୟରେ ଜଳ ପ୍ରଦୂଷଣ ପ୍ରତି ଧ୍ୟାନ ଦେଲେ, କପିରେ ସୁନିଶ୍ଚିତ ଜଳସେଚନ କରିପାରିଲେ, ଭବିଷ୍ୟତର ଖାଦ୍ୟ ଭଣ୍ଡାର ସାଗର ଜଳକୁ ପ୍ରୟୋଗ କରି ପାରିଲେ ଜଳ ଦୂଷିତ ଓ ଅଭାବ ହେବ କାହିଁକି ?

## ଭୂଗର୍ଭସ୍ଥ ଜଳ :

ବର୍ଷାଦ୍ୱାରା ପୃଥିବୀ ପୃଷ୍ଠରେ ପଡ଼ୁଥିବା ଜଳରାଶିର ଏକ ଅଂଶ ଭୂଗର୍ଭକୁ ଗଳିଯାଏ ଓ ସେଠାରେ ଗଚ୍ଛିତ ହୁଏ । ସେହି ଜଳଭଣ୍ଡାରକୁ ଭୂତଳ ଜଳଭଣ୍ଡାର (Ground water resorvoir) କୁହାଯାଏ । ଓଡ଼ିଶାରେ ଥିବା ବ୍ୟବହାର ଉପଯୋଗୀ ଭୂତଳ ଜଳର ମାତ୍ର ନଅ ପ୍ରତିଶତ ବର୍ତ୍ତମାନ ଚାଷ ପାଇଁ ବିନିଯୋଗ ହେଉଛି । ଏହି ଗଚ୍ଛିତ ଜଳଭଣ୍ଡାର ଉପଯୁକ୍ତ ଅନୁସନ୍ଧାନ ପାଇଁ ଭୂତଳ ଜଳ ଅନୁସନ୍ଧାନ ସଂସ୍ଥା କାର୍ଯ୍ୟ କରୁଛି । ଏ ସଂସ୍ଥା ତରଫରୁ ଜଣାପଡ଼ିଛି ଯେ ୨୦,୦୦,୩୩୪ ହେକ୍ଟର ମିଟର ଜଳ ଭୂଗର୍ଭରେ ଗଚ୍ଛିତ । ଓଡ଼ିଶାର ଜିଲ୍ଲାମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପରିମାଣର ଭୂଗର୍ଭସ୍ଥ ଜଳ ମୟୂରଭଞ୍ଜ ଜିଲ୍ଲାରେ (୩୩୧୪୪୦ ହେକ୍ଟର ମିଟର) ଓ ସବୁଠାରୁ କମ୍ ପରିମାଣର ଜଳ କେନ୍ଦ୍ରାପଡ଼ା (୫୭୫୦୬ ହେକ୍ଟର ମିଟର) ଜିଲ୍ଲାରେ ବୋଲି ଜଣାପଡ଼ିଛି । ମାଟି ଉପରେ ନଦୀ, ନାଳ ଓ ଝରଣା ଜଳକୁ ଜଳସେଚନ କାର୍ଯ୍ୟରେ ବ୍ୟବହାର କରାଯାଇପାରେ । ଏ ଜଳ ଯଥେଷ୍ଟ ନହେଲେ ଭୂଗର୍ଭସ୍ଥ ଜଳକୁ କୂପ ବା ନଳକୂପ ମାଧ୍ୟମରେ ବ୍ୟବହାର କରାଯାଇପାରେ । ଆଉ ଗୋଟିଏ କଥା ହେଲା ଏ ଭୂଗର୍ଭସ୍ଥ ଜଳକୁ ବୁନ୍ଦା ଜଳସେଚନ ବ୍ୟବସ୍ଥା (Drop irrigation) ଓ ଫିଙ୍କା ପ୍ରଣାଳୀ (Sprinkler system) ଦ୍ୱାରା ଜଳର ଅପଚୟ ବନ୍ଦ କରାଯାଇ ପାରେ ଓ ଅଳ୍ପରେ ଜମିର ପରିମାଣର ଜଳ ଅଧିକ ଜମିକୁ ଜଳସେଚନ ବ୍ୟବସ୍ଥା ମଧ୍ୟ କରାଯାଇପାରେ । ଆମ ରାଜ୍ୟ ସରକାର ଗୋଷ୍ଠୀ ଉଠା ଜଳସେଚନ ବ୍ୟବସ୍ଥା ବା ଯୋଜନା ପ୍ରଚଳନ କରି କୃଷକମାନଙ୍କୁ ଜଳ ଯୋଗାଇବାର ବିଭିନ୍ନ ଯୋଜନା କରିଛନ୍ତି । ଏଥିରୁ କାର୍ଯ୍ୟକାରୀ କରୁଛନ୍ତି ଓଡ଼ିଶାର ଉଠାଜଳସେଚନ ନିଗମ (Orissa Lift Irrigation Corporation) । ଏ ନିଗମ ୧୯୯୫ ମସିହା ରବି ଋତୁରେ ୮୭୭୨ଟି ଉଠା ଜଳସେଚନ ଯୋଜନାରୁ ୨,୫୦,୩୧୯ ଏକର ଜମିକୁ ଜଳଯୋଗାଣ କରିଛନ୍ତି । ଅଧିକ ଲୋକସଂଖ୍ୟାର ଚାହିଦା ମେଣ୍ଟାଇବା ନିମିତ୍ତ ଅଧିକ ଶସ୍ୟ ଉତ୍ପାଦନ ଆବଶ୍ୟକ ହେତୁ ଉଠା ଜଳସେଚନ ଯୋଜନାରେ କମ୍ ସମୟରେ ଓ କମ୍ ଖର୍ଚ୍ଚରେ କୃଷିକ୍ଷେତ୍ର ଜଳସେଚିତ ହୋଇପାରିବ ।

## ଜଳସଂପଦର ସୁପରିଚାଳନା ଓ ଭବିଷ୍ୟତ :

ଭାରତ ବ୍ୟତିରେକେ ବିକାଶୋନ୍ମୁଖୀ ରାଷ୍ଟ୍ର (Third World Countries) ଗୁଡ଼ିକରେ ପାନୀୟ ଜଳର ଅଭାବ ଏକ ଗୁରୁତର ସମସ୍ୟା ଭାବରେ ଦେଖାଦେଇଛି । ତେଣୁ ଭୂପୃଷ୍ଠ ଜଳସଂପଦ, ନଦୀ,ହ୍ରଦ, ଇତ୍ୟାଦିକୁ ବାଦ୍ ଦେଇ ଏକମାତ୍ର ମଧୁରଜଳ ପାଇବାର ଉତ୍ସ ହେଉଛି ମହାସାଗର ଓ କୁହୁଡ଼ି (fog) । ସାଗର ଜଳକୁ ଲବଣ ନିରାକରଣ କରି ଏହାକୁ ପାନୀୟ ଜଳ ରୂପେ ବ୍ୟବହାର କରିବା ପାଇଁ ବିଭିନ୍ନ ଚେଷ୍ଟା ଚାଲିଛି । ସୌର ପାତନ ପ୍ରକ୍ରିୟା (Solar distillation), ନିମ୍ନ ଚାପ ପାତନ ପ୍ରଣାଳୀ (Flash distillation), ଘନୀଭବନ ପ୍ରକ୍ରିୟା (Freezing), ବିଦ୍ୟୁତ୍ ଡାଏଲିସିସ୍ (Elctro-dialysis), ଆୟନ ବିନିମୟ ପଦ୍ଧତି (Ion Exchange Method) ଓ ଝିଲ୍ଲୀ ପୃଥକୀକରଣ (Membranc separation) ପଦ୍ଧତି ମାଧ୍ୟମରେ ସାଗର ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରାଯିବାର ପ୍ରଚେଷ୍ଟା ଚାଲିଛି ।

ଆନ୍ଧ୍ର ବିଶ୍ୱବିଦ୍ୟାଳୟର ୬୨ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ମହାକାଶ କମିଶନର ଡଃ କେ. କସ୍ତୁରୀରଂଗନ କହିଛନ୍ତି ଯେ ଆସନ୍ତା କିଛି ଦଶନ୍ଧି ମଧ୍ୟରେ ଭୂମି ଓ ଜଳ ସମ୍ପଦର ପରିଚାଳନା କ୍ଷେତ୍ରରେ ଦେଶ ଏକ ଗୁରୁତର ପରିସ୍ଥିତିର ସମ୍ମୁଖୀନ ହେବ । ଆମେରିକା ଓ ମିଶରରେ ହେକ୍ଟର ପିଛା ଖାଦ୍ୟଶସ୍ୟ ଉତ୍ପାଦନ ୩ରୁ୫ ଟନ୍ ହୋଇଥିବା ବେଳେ ଭାରତରେ ଏହି ହାର ୧.୭ ଟନ୍‌ରେ ସୀମିତ । କସ୍ତୁରୀରଂଗନ ପୁଣି କହିଛନ୍ତି ଯେ ଭୂସମ୍ପଦ ଅପେକ୍ଷା ଦେଶର ଜଳ ସମ୍ପଦ ପରିସ୍ଥିତି ଆଗକୁ ଆହୁରି ଭୟଙ୍କର ହେବ । ପ୍ରତିବର୍ଷ ବର୍ଷା ମାଧ୍ୟମରେ ୪୦୦ ନିୟୁତ ହେକ୍ଟର ମିଟର ଜଳ ମିଳିଥାଏ । ଏହି ଜଳରୁ ବର୍ଷକୁ ୧୯୭ ନିୟୁତ ହେକ୍ଟର ମିଟର ଜଳ ବ୍ୟବହୃତ ହୋଇଥାଏ । ଏବେ ଯେଉଁଭଳି ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି ସେଥିରେ ସର୍ବାଧିକ ୨୫୮ ନିୟୁତ ଟନ୍ ଉତ୍ପାଦିତ ହୋଇପାରିବ । ଅଥଚ ଆମ ଦେଶର ଖାଦ୍ୟଶସ୍ୟ ଆବଶ୍ୟକତା ୩୪୭ ନିୟୁତ ଟନ୍ । ୧୭୦ କୋଟି ଲୋକଙ୍କ ପାଇଁ ବାର୍ଷିକ ମୁଣ୍ଡପିଛା ଖାଦ୍ୟଶସ୍ୟ ୨୦୦ କି.ଗ୍ରା. ଦରକାର । ଏହି ହାରରେ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ହେଲେ ଜଳ ସମ୍ପଦର ସୁପରିଚାଳନା ଯେ କିଭଳି ଗୁରୁତ୍ୱ ବ୍ୟାପାର ହେବ ତାହା ଏବେଠାରୁ ଅନୁମାନ କରିବା କଷ୍ଟକର । ତେଣୁ ଜଳସମ୍ପଦର ସୁପରିଚାଳନା ପାଇଁ ସରକାର ଯେ ପଦକ୍ଷେପ ନେଉଛନ୍ତି ତାହାଛଡ଼ା, ସବୁଠାରୁ ବଡ଼ କଥା ହେଲା ଯେ ଆମେ ସମସ୍ତେ ନିଜେ କିପରି ଜଳର ଉପଯୁକ୍ତ ବ୍ୟବହାର କରି ଜଳକୁ ପ୍ରଦୂଷଣ ମୁକ୍ତ ରଖୁ ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନଶୀଳତା କରାଇବା ।

ନିଷେଧାଦେଶ ପୁରାପୁରି ଲଙ୍ଘନ କରାଯାଉଛି କହିଲେ ଚଳେ ।

ଏହି ଚତୁର୍ଥ ଦଶକ ଶେଷ ଭାଗରେ କବିଚନ୍ଦ୍ର କାଳୀଚରଣ ଯେତେବେଳେ 'ଓଡ଼ିଶା ଥିଏଟର୍ସ' ପ୍ରତିଷ୍ଠା ପୂର୍ବକ ମଞ୍ଚ-ନାଟ୍ୟାଭିନୟର ବ୍ୟବସ୍ଥା କଲେ, ସେତେବେଳେ ତାଙ୍କୁ ଚଳଚ୍ଚିତ୍ରର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼େ । ସିନେମାହଲ୍ ଦିଗରୁ ରଙ୍ଗମଞ୍ଚ ଆଡ଼କୁ ଦର୍ଶକମାନଙ୍କର ଦୃଷ୍ଟି ଫେରାଇବାକୁ ପଡ଼େ । ଉପାୟ କ'ଣ ? କାଳୀଚରଣ ବିଚାର କରି ଦେଖିଲେ-ଚଳଚ୍ଚିତ୍ରର ବିଭିନ୍ନ ପଦ୍ଧତି ଓ ଉପାଦାନ ମଞ୍ଚ-ନାଟକରେ ପ୍ରୟୋଗ କଲେ, ଦର୍ଶକମଣ୍ଡଳୀଙ୍କୁ ମଞ୍ଚାଭିନୟ ପ୍ରତି ଆକୃଷ୍ଟ କରାଯାଇ ପାରିବ । ବୋଲିବା ବାହୁଲ୍ୟ ଯେ-କବିଚନ୍ଦ୍ର ତାହା ହିଁ କରି ବହୁ ପରିମାଣରେ ସଫଳକାମ ହେଲେ ।

ଆଖ୍ୟାନମୂଳକ ଚିତ୍ରନାଟ୍ୟରେ ସ୍ମୃତି-ସ୍ମରଣ ବା ଅତୀତ ଘଟଣାର ଉପସ୍ଥାପନ ଏକ ସାଧାରଣ କଥା । ଇଂରାଜୀରେ ଏହାକୁ ଫ୍ଲାସ୍-ବ୍ୟାକ୍ (Flashback) ବୋଲାଯାଏ । ଚଳଚ୍ଚିତ୍ର ପ୍ରସାଦରୁ ଏହି ଅତ୍ୟାବଶ୍ୟକ ପଦ୍ଧତିଟି ଏବେ ମଞ୍ଚ-ନାଟକରେ ବ୍ୟବହୃତ ହେବାରେ ଲାଗିଛି । ଚଳଚ୍ଚିତ୍ରର ପ୍ରବର୍ତ୍ତନ ପୂର୍ବରୁ ଏହା କ୍ୱଚିତ୍ ଓ କିଞ୍ଚିତ୍ ଭିନ୍ନ ଭାବରେ ବ୍ୟବହୃତ ହେଉଥିଲା ସତ୍ୟ; କିନ୍ତୁ ଏବେ ଯେପରି ନାଟ୍ୟାଭିନୟ-କାଳର ପରିମିତିକୁ ଦୃଷ୍ଟି ଦେଇ, ତଥା ଚରିତ୍ରର ବିଚିତ୍ର ବହୁମୁଖୀ ଦିଗ ଯଥାଯଥ ଭାବରେ ପ୍ରକାଶ କରିବା ପାଇଁ ଏହି ପଦ୍ଧତିଟି ମଞ୍ଚ-ନାଟକରେ ବହୁଳ ଭାବେ ପ୍ରୟୋଗ କରାଯାଉଛି, ପୂର୍ବରୁ ସେପରି ହେଉ ନଥିଲା । ନାଟ୍ୟକାର ଗୋପାଳ ଛୋଟରାୟ, ମନୋରଞ୍ଜନ ଦାସ, ବିଜୟ ମିଶ୍ର, ରମେଶ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ରଥ ପ୍ରମୁଖ ନିଜ ନିଜର ନାଟ୍ୟକୃତିରେ ଏହି ପଦ୍ଧତି ପ୍ରୟୋଗ କରିବାର ଦେଖାଯାଏ । କେବଳ ମଞ୍ଚ-ନାଟକ କ୍ଷେତ୍ରରେ ନୁହେଁ, ଆମର ବିଭିନ୍ନ ଗଳ୍ପ-ଉପନ୍ୟାସରେ ତଥା କେତେକ କଥା-କାବ୍ୟରେ ମଧ୍ୟ ଏ ପଦ୍ଧତିଟି ଏବେ ଅନୁସୃତ ହେଉଥିବାର ଦେଖା ଯାଉଛି ।

ସଚଳ ଓ ସକ୍ରିୟ ଅଭିନେତା-ଅଭିନେତ୍ରୀଙ୍କୁ ନାଟକର ମଞ୍ଚାଭିନୟରେ ସ୍ଥିର ଓ ଅଚଳ କରି ପ୍ରଦର୍ଶନ କରିବା ରୀତି ସମ୍ପ୍ରତି କ୍ୱଚିତ୍ ବ୍ୟବହୃତ ହେଉଥିବାର ଦେଖାଯାଏ । ଇଂରାଜୀରେ ଏହାକୁ 'ଷ୍ଟେଜ୍ ଫ୍ରିଜ୍' (Stage Freeze) ବୋଲା ଯାଉଛି । ଉଦାହରଣ ସ୍ୱରୂପ-'ଶବବାହକମାନେ' ନାଟକରେ ବିଜୟ ମିଶ୍ର ସଫଳତାର ସହ ଏହି ପଦ୍ଧତି ପ୍ରୟୋଗ କରିଛନ୍ତି । ଚଳଚ୍ଚିତ୍ରରେ ଫଟୋଗ୍ରାଫିର ଏକ କୌଶଳ ଭାବରେ ପଦ୍ଧତିଟି ପୂର୍ବରୁ ବ୍ୟବହୃତ ହୋଇ ଆସୁଛି । ଚଳଚ୍ଚିତ୍ର କ୍ଷେତ୍ରରୁ ଏହା ମଞ୍ଚ-ନାଟକର ଅଭିନୟକୁ ଆସିବାର ଜଣା ପଡ଼େ ।

ମଞ୍ଚ-ନାଟକ ଅଭିନୟରେ ଆଲୋକ-ସଂପାତର ଏବେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି, ତାହା ମୂଳରେ ଚଳଚ୍ଚିତ୍ରର ପ୍ରଭାବ ବହୁ ପରିମାଣରେ କାର୍ଯ୍ୟ କରିଛି । ବିଭିନ୍ନ ରଙ୍ଗର ବିଭିନ୍ନ ପ୍ରକାରର ଆଲୋକ-ସଂପାତ ଦ୍ୱାରା ଯେପରି ମଞ୍ଚମାୟା ସୃଷ୍ଟି କରାଯାଇ ପାରୁଛି, ସେହିପରି ବାସ୍ତବ ଦୃଶ୍ୟ ଓ ଘଟଣା ଦର୍ଶକମଣ୍ଡଳୀ ସମକ୍ଷରେ ଉପସ୍ଥାପନ କରାଯାଉଛି । ରଙ୍ଗମଞ୍ଚରେ ସ୍ପଟ୍‌ଲାଇଟ୍, ଫ୍ଲଡ୍ ଲାଇଟ୍, ତୀବ୍ର ଆଲୋକ ବା ବ୍ଲାଇଣ୍ଡୋସ୍, ପୂର୍ଣ୍ଣ ଅନ୍ଧକାର ବା ବ୍ଲାକ୍-ଆଉଟ୍ ଇତ୍ୟାଦି ବିଭିନ୍ନ ରୀତି ତ ରହିଛି ! ତାହା ବ୍ୟତୀତ ମଞ୍ଚ ଉପରେ ସାଇକ୍ଲୋରାମା ସାହାଯ୍ୟରେ ଅପୂର୍ବ ଦୃଶ୍ୟ ଓ ଘଟଣାମାନ ପରିବେଷିତ ହେଉଛି । ଆଲୋକ ପରିମାଣ ଧୀରେ ଧୀରେ ବଢ଼ାଇବା କିମ୍ବା ଊଣା କରିବା-ଯାହାକୁ 'ଫେଡ୍-ଇନ୍' (Fade-in) ଏବଂ 'ଫେଡ୍-ଆଉଟ୍' (Fade-out) କୌଶଳ ବୋଲା ଯାଉଛି-ଏବେ ମଞ୍ଚାଭିନୟରେ ଅତି ସାଧାରଣ କଥା ହୋଇଛି । ଫେଡ୍-ଇନ୍ ଆଲୋକ-ସଂପାତ ରୀତିରେ ଯେପରି ସକାଳର ଦୃଶ୍ୟ, ଫେଡ୍-ଆଉଟ୍ ପଦ୍ଧତିରେ ସେହିପରି ସନ୍ଧ୍ୟାର ଦୃଶ୍ୟ ଯଥାଯଥ ଓ ସ୍ୱାଭାବିକ ଭାବରେ ପ୍ରଦର୍ଶିତ ହୋଇ ପାରୁଛି ।

ମଞ୍ଚ-ନାଟକରେ ଏବେ ସ୍ୱତନ୍ତ୍ର ଓ ବିଧିବଦ୍ଧ ଭାବରେ ପ୍ରଯୋଜକ ଓ ନିର୍ଦ୍ଦେଶକ ରହୁଥିବାର ଦେଖାଯାଏ । ପ୍ରଯୋଜକ ଓ ନିର୍ଦ୍ଦେଶକ-ଏହି ସ୍ପଷ୍ଟ ଧାରଣା ଚଳଚ୍ଚିତ୍ର କ୍ଷେତ୍ରରୁ ଆସି ଥିବାର ମନେ ହୁଏ । ପୂର୍ବରୁ ଆମର ମଞ୍ଚ-ନାଟ୍ୟାଭିନୟରେ 'ଓସ୍ତାଦ୍' ବା 'ମାଷ୍ଟର'ମାନେ ରହୁଥିଲେ । ସେମାନେ ସାଧାରଣତଃ ନାଟ୍ୟକାର ଓ ନିର୍ଦ୍ଦେଶକ ଉଭୟ ଭୂମିକାରେ କାର୍ଯ୍ୟ କରୁଥିଲେ । କବି ବୈଷ୍ଣବ ପାଣି ଓ କୃଷ୍ଣପ୍ରସାଦ ବସୁ-ଦୁହେଁ ଯାକ ଥିଲେ ଓସ୍ତାଦ୍ ଓ ନାଟ୍ୟକାର ଉଭୟ ପ୍ରକାର । ପ୍ରାଚୀନ ସଂସ୍କୃତ ନାଟ୍ୟାଭିନୟରେ ନିର୍ଦ୍ଦେଶକଙ୍କୁ ବ୍ୟାପକ ଅର୍ଥରେ 'ନାଟ୍ୟାଚାର୍ଯ୍ୟ' ଏବଂ ସଂକୀର୍ଣ୍ଣ ଅର୍ଥରେ 'ସୂତ୍ରଧାର' ବୋଲା ଯାଉଥିଲା । ସେହିପରି ପ୍ରାଚୀନ ଗ୍ରୀସ୍‌ର ନାଟ୍ୟାଭିନୟରେ ସ୍ଥଳବିଶେଷରେ ସ୍ୱୟଂ ନାଟ୍ୟକାର ନିର୍ଦ୍ଦେଶକ ଭୂମିକା ଗ୍ରହଣ କରୁଥିଲେ ହେଁ ଅନେକ ସମୟରେ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ନାଟ୍ୟ-ନିର୍ଦ୍ଦେଶନା ଦେବାକୁ ପଡୁଥିଲା । ସେଭଳି ନିର୍ଦ୍ଦେଶକଙ୍କୁ 'ଆର୍କନ୍' (Archon) ଓ 'କୋରେଗସ୍' (Choregus) ବୋଲା ଯାଉଥିଲା । ପ୍ରାଚୀନ ଗ୍ରୀସ୍‌ରେ ସାଧାରଣତଃ ରାଷ୍ଟ୍ର ବା ସରକାର ଏବଂ ପ୍ରାଚୀନ ଭାରତରେ ସାଧାରଣତଃ ରାଜା-ମହାରାଜା ବା କୌଣସି ଧନାଢ୍ୟ ବ୍ୟକ୍ତି ନାଟ୍ୟ-ପ୍ରଯୋଜନାର ଦାୟିତ୍ୱ ଗ୍ରହଣ କରୁଥିଲେ । ଆମ ରାଜ୍ୟରେ ପୂର୍ବରୁ କୌଣସି ବିତ୍ତଶାଳୀ ବ୍ୟକ୍ତି ବା ଧର୍ମାନୁଷ୍ଠାନ ସାଧାରଣତଃ ନାଟ୍ୟ-ପ୍ରଯୋଜନା କରୁଥିଲେ । କେତେକ ସ୍ଥାନରେ କୌଣସି କ୍ଲବ୍, ସଙ୍ଘ-ସମିତି ଦ୍ୱାରା, କିମ୍ବା ଜନସାଧାରଣଙ୍କ ମିଳିତ ଉଦ୍ୟମରେ ନାଟ୍ୟ-ପ୍ରଯୋଜନା କରାଯାଉଥିଲା । କିନ୍ତୁ ନାଟ୍ୟ-ପ୍ରଯୋଜନା ଓ ନାଟ୍ୟ-ନିର୍ଦ୍ଦେଶନା କଥା ଦୁଇଟି ସ୍ପଷ୍ଟ ହୋଇ ନଥିଲା । ସମ୍ପ୍ରତି ନାଟ୍ୟ-ନିର୍ଦ୍ଦେଶନାକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ମନେ କରାଯାଉଛି ଏବଂ ନାଟ୍ୟ-ପ୍ରଯୋଜନା ସାଧାରଣତଃ ଏକ ବ୍ୟୟବହୁଳ ବ୍ୟାପାର ହୋଇ ଉଠିଛି । ତେଣୁ ମଞ୍ଚ-ନାଟ୍ୟାଭିନୟ କ୍ଷେତ୍ରରେ ଚଳଚ୍ଚିତ୍ର ସଦୃଶ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶକ ଓ ପ୍ରଯୋଜକ ଲୋଡ଼ା ହେଉଛନ୍ତି । ଆମ ରାଜ୍ୟରେ ଏବେ ପେଶାଦାର ଓ ବ୍ୟବସାୟୀ ନାଟ୍ୟସଂସ୍ଥା କ୍ୱଚିତ୍ ନାଟ୍ୟ-ପ୍ରଯୋଜନା କରୁଛନ୍ତି; ମୁଖ୍ୟତଃ

# ଆଧୁନିକ ନାଟ୍ୟ ସାହିତ୍ୟରେ ଚଳଚ୍ଚିତ୍ରର ପ୍ରଭାବ

ଡକ୍ଟର କୃଷ୍ଣ ଚରଣ ବେହେରା

ଚଳଚ୍ଚିତ୍ର ବା ସିନେମା, ଶିଳ୍ପକଳା ଓ ପ୍ରଯୁକ୍ତି ବିଦ୍ୟାର ଅପୂର୍ବ ମିଳନର ଏକ ସୁଶ୍ରୀଫଳ । ଆଖ୍ୟାନ ମୂଳକ ଚିତ୍ରନାଟ୍ୟ ବା ଫିଚର ଫିଲ୍ମ ଏବେ ଚଳଚ୍ଚିତ୍ରର ଏକ ଆକର୍ଷଣୀୟ ବିଭାଗ ହୋଇ ଉଠିଛି । ଜନଜୀବନ ଉପରେ ଏହାର ପ୍ରଭାବ ଊଣା ନୁହେଁ । ଏହି ଚିତ୍ରନାଟ୍ୟ ଏବେ ନାଟ୍ୟକଳାର ଅନ୍ତର୍ଗତ ବୋଲି ସ୍ୱୀକୃତ ହୋଇ ବିବେଚିତ ହେଉଛି । କଣ୍ଢେଇ ନାଚ, ଛାୟା ନାଟକ ପ୍ରଭୃତିକୁ ନାଟ୍ୟକଳାରେ ଅନ୍ତର୍ଭୁକ୍ତ କରାଯାଇଛି । ଚିତ୍ରନାଟ୍ୟ କ୍ଷେତ୍ରରେ ମଧ ତାହା ହୋଇପାରେ । ମଞ୍ଚ-ନାଟକରେ ଅଭିନେତା-ଅଭିନେତ୍ରୀ ସଶରୀରେ ଅଭିନୟ କରି ଥାଆନ୍ତି; ଚିତ୍ରନାଟ୍ୟରେ ସେମାନଙ୍କ ଫଟୋଚିତ୍ରର ଅଭିନୟ ବା ଅଭିନୟର ସଚଳ ଫଟୋଚିତ୍ର ଆମେ ଦେଖୁ । ତେଣୁ ଚିତ୍ରନାଟ୍ୟକୁ ସାହିତ୍ୟର-ବିଶେଷ କରି ନାଟ୍ୟ ସାହିତ୍ୟର ଅନ୍ତର୍ଭୁକ୍ତ କରିବାରେ କୌଣସି ବାଧା ନାହିଁ । ତଦନୁଯାୟୀ ସାହିତ୍ୟରେ ଚଳଚ୍ଚିତ୍ରର ପ୍ରଭାବ ନିରୂପଣ କରାଯାଇ ପାରେ ।

ଚଳିତ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଭାରତରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେଲା । ୧୯୩୧ ମସିହାରେ ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲାମ୍ ଆରା' ବମ୍ବେଠାରେ ପ୍ରଦର୍ଶିତ ହୋଇଥିଲା । ଏହାର ପ୍ରାୟ ତିନି ବର୍ଷ ପରେ ଆମ ନିଜ ରାଜ୍ୟରେ ଓଡ଼ିଆ ଭାଷାରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଉଦ୍ୟମ ହେଲା ଏବଂ ୧୯୩୪ ମସିହାରେ ସେହି ଉଦ୍ୟମର ଫଳ ସ୍ୱରୂପ ସ୍ୱର୍ଗୀୟ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ନିର୍ମିତ 'ସୀତା ବିବାହ'ର ଚିତ୍ରନାଟ୍ୟ ପ୍ରଦର୍ଶିତ ହେଲା । ସେହିଦିନଠାରୁ ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ପଥରେ ଅଗ୍ରଗତି କରି ଚାଲିଛି ଏବଂ ଶତାଧିକ ଚିତ୍ରନାଟ୍ୟ ନିର୍ମିତ ହୋଇ ଏପର୍ଯ୍ୟନ୍ତ ପ୍ରେକ୍ଷାଳୟମାନଙ୍କରେ ପ୍ରଦର୍ଶିତ ହୋଇ ଆସୁଛି ।

ଚଳଚ୍ଚିତ୍ର ଏବଂ ତାହାପରେ ଟେଲିଭିଜନର ପ୍ରଚଳନ ହେବା ଫଳରେ ମଞ୍ଚ-ନାଟକର ଅଭିନୟ ବାଧାପ୍ରାପ୍ତ ହେବ ବୋଲି ପ୍ରଥମେ ମନେ କରାଯାଉଥିଲା । ସେ ଧାରଣା ଏବେ ଭ୍ରାନ୍ତ ବୋଲି ଜଣା ପଡୁଛି । ସିନେମା-ଟେଲିଭିଜନ ସହ ପ୍ରତିଦ୍ୱନ୍ଦିତାରେ ଆସୁଥିଲେ ମଧ, ମଞ୍ଚ ନାଟକ ନିଜ ବାଟରେ ଅଗ୍ରଗତି କରି ଚାଲିଛି । ଏବେ ଲଣ୍ଡନ, ଅକ୍ସଫୋର୍ଡ ଏବଂ ସେକ୍ସପିୟରଙ୍କ ଜନ୍ମସ୍ଥାନ ଷ୍ଟ୍ରାଟଫୋର୍ଡରେ ମୁଁ ନିଜେ ତାହା ପ୍ରତ୍ୟକ୍ଷ କରି ଆସିଛି । ସେଠାରେ ସିନେମା ଓ ଥିଏଟର୍ ଏକା ସାଙ୍ଗରେ ପାଖାପାଖି ଅଭିନୟ ପ୍ରଦର୍ଶନ କରି ଚାଲିଛନ୍ତି-କେହି କାହାରି ପ୍ରତିଦ୍ୱନ୍ଦୀ ହୋଇଥିବାର ଲକ୍ଷ୍ୟ କରାଯାଉ ନାହିଁ । ସଶରୀରେ ଅଭିନେତା-ଅଭିନେତ୍ରୀଙ୍କର ଜୀବନ୍ତ ଅଭିନୟ, ନା, ସେମାନଙ୍କର ଫଟୋଚିତ୍ରର ଅଭିନୟ-କେଉଁଟା ଅଧିକ ଆକର୍ଷଣୀୟ ? ମନେ ପଡୁଛି-କେତେ ବର୍ଷ ତଳେ କଲିକତାରେ କବି ସେକ୍ସପିୟରଙ୍କ 'ଅଥେଲୋ'ର ଚିତ୍ରନାଟ୍ୟ ଏକ ସିନେମା ହାଉସରେ ଦେଖିଥିଲି, ଏବେ ଅକ୍ସଫୋର୍ଡରେ ସେହି ନାଟକର ମଞ୍ଚାଭିନୟ ଏକ ଥିଏଟର୍‌ରେ ଦେଖିଲି । ମଞ୍ଚ-ନାଟକଟି ମୋ ପକ୍ଷରେ ଅଧିକ ଆକର୍ଷଣୀୟ ଓ ପ୍ରଭାବଶାଳୀ ବୋଧ ହେଲା । ଚିତ୍ରନାଟ୍ୟ ଓ ମଞ୍ଚ-ନାଟକର ସ୍ୱାଦ ଭିନ୍ନ ଭିନ୍ନ ହେବା ଅବଶ୍ୟମ୍ଭାବୀ । ତେଣୁ କେହି କାହାରି ବିରୋଧୀ ବା ବିପକ୍ଷପାତି ହେବାର ପ୍ରଶ୍ନ ଉଠୁ ନାହିଁ ।

ଓଡ଼ିଶାରେ ମଞ୍ଚ-ନାଟକ ବା ଥିଏଟର୍, ସିନେମା-ଟେଲିଭିଜନ୍ ସହ ପ୍ରତିଦ୍ୱନ୍ଦିତାରେ ଆସିଛି ସତ୍ୟ ଏବଂ ରାଜ୍ୟର ପ୍ରାୟ ସମସ୍ତ ବ୍ୟବସାୟୀ ବା ପେଷାଦାର୍ ନାଟ୍ୟସଂସ୍ଥା ଦୁର୍ଗତି ଲାଭ କରିବା ମୂଳରେ ତାହା ହିଁ ପ୍ରଧାନ କାରଣ ବୋଲି ମନେ କରାଯାଉଥିଲେ ମଧ ଏବେ ସ୍ୱୀକୃତ ହୋଇ ବହୁ ସୌଖୀନ୍ ନାଟ୍ୟସଂସ୍ଥା ତଥା ବିଭିନ୍ନ କ୍ଲବ୍, ଯୁବକ ସଙ୍ଘ, ଶିକ୍ଷାନୁଷ୍ଠାନମାନଙ୍କର ନାଟ୍ୟ-ସମାଜ ଦ୍ୱାରା ମଞ୍ଚ ନାଟକର ରୀତିମତ ଅଭିନୟ ଚାଲିଛି ।

ଚିତ୍ରନାଟ୍ୟ ସହ ପ୍ରତିଦ୍ୱନ୍ଦିତା କରିବା ଫଳରେ ମଞ୍ଚ-ନାଟକରେ ଚିତ୍ରନାଟ୍ୟର କେତେକ ବିଭାବ ଓ ଉପାଦାନ ଗୃହୀତ ହୋଇଛି । ତେଣୁ ଚଳଚ୍ଚିତ୍ରର ପ୍ରଭାବ ମୁଖ୍ୟତଃ ନାଟ୍ୟ ସାହିତ୍ୟରେ ପ୍ରତ୍ୟକ୍ଷ କରାଯାଉଛି । ଗଳ୍ପ, ଉପନ୍ୟାସ, କାବ୍ୟ-କବିତାଦି ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ସେହି ପ୍ରଭାବ ପ୍ରତୁଳ ଓ ସୁସ୍ପଷ୍ଟ ନୁହେଁ ।

ଏ ସମ୍ପର୍କରେ ପ୍ରଥମ ଓ ପ୍ରଧାନ କଥା ହେଉଛି-ବାସ୍ତବତାର ଅନୁକୃତି ବା ପ୍ରତିଫଳନ । ମଞ୍ଚ ନାଟକରେ ଏକଦା ଯାହା ପ୍ରଦର୍ଶନ କରିବା କଷ୍ଟକର ବା ଅସମ୍ଭବ ଥିଲା, ଏବେ ସିନେମା ପ୍ରଭାବରେ ତାହା ଅନେକାଂଶରେ ସମ୍ଭବ ହୋଇଛି । ବାସ୍ତବତାର ରୂପାୟନ କ୍ଷେତ୍ରରେ ଏବେ ମଞ୍ଚ ନାଟକ ବହୁ ପରିମାଣରେ ଚିତ୍ରନାଟ୍ୟ ଦ୍ୱାରା ପ୍ରଭାବିତ ହୋଇଥିବାର ଦେଖା [illegible] । ଉଦାହରଣ ସ୍ୱରୂପ-ଗୋଟାଏ ରେଲ୍ ଦୁର୍ଘଟଣା କଥା ଧରି [illegible] ଚିତ୍ରନାଟ୍ୟ ଭଳି ମଞ୍ଚ ନାଟକରେ ଏହାର ଏବେ ସଫଳ ରୂପା[illegible] ହୋଇ ପାରୁଛି । ସେହିପରି ଜଳକେଳି, ନୌକାଯୁଦ୍ଧ, ଘୋଡ଼ାଦୌଡ଼ ଆଦି ବିଭିନ୍ନ ଘଟଣାର ବାସ୍ତବ ପ୍ରତିଫଳନ ମଞ୍ଚ ନାଟକରେ ସମ୍ଭବ ହୋଇଛି । ଶହ ଶହ ବର୍ଷତଳେ ଆଳଙ୍କାରିକ ବିଶ୍ୱନାଥ କବିରାଜ ଆପଣା 'ସାହିତ୍ୟ ଦର୍ପଣ' ଗ୍ରନ୍ଥରେ ପ୍ରାୟ ସତେ ପ୍ରକାର ବିଷୟର ନାଟ୍ୟାଭିନୟ ବିଭିନ୍ନ କାରଣରୁ ନିଷିଦ୍ଧ କରି ଦେଇଥିଲେ । ଆମର ଲୋକ-ନାଟକ ଓ ଲୋକପ୍ରିୟ ନାଟକର ରଚୟିତାମାନେ ପୂର୍ବରୁ ତାହା ବହୁ କ୍ଷେତ୍ରରେ ଅବଜ୍ଞା କରିଥିବାର ଦେଖାଯାଇଛି । ଏବେ ଚିତ୍ରନାଟ୍ୟ ତଥା ମଞ୍ଚନାଟକରେ ସେହି

# ସ୍ୱାଧୀନୋତ୍ତର ଓଡ଼ିଶାରେ ନାରୀ ଶିକ୍ଷା

**ଶ୍ରୀମତୀ ସୁପ୍ରିୟା ମଲ୍ଲିକ**

ଆଉ ମାତ୍ର ବର୍ଷକ ପରେ ସ୍ୱାଧୀନତାର ରଜତ ଜୟନ୍ତୀ ପାଳିତ ହେବାକୁ ଯାଉଛି । ଭାରତର ସମ୍ବିଧାନରେ ଏବେସୁଦ୍ଧା ଶିକ୍ଷା ବିଷୟକ ସଂକଳ୍ପଟି ଅପରିବର୍ତ୍ତିତ ରହିଛି ଯେ, "୧୯୬୦ ମସିହା ସୁଦ୍ଧା ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଓ ବାଧ୍ୟତାମୂଳକ କରିବା ନିମନ୍ତେ ସରକାର ସଚେଷ୍ଟ ରହିବେ ।" କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ ଏହି ଯେ, ବର୍ତ୍ତମାନ୍ ଓଡ଼ିଶାରେ ନାରୀ ସାକ୍ଷରତାର ହାର ୩୫%ରୁ ସୁଦ୍ଧା କମ୍ । ଦରିଦ୍ର, ନିରକ୍ଷର ଓ ନିର୍ଯ୍ୟାତିତା ନାରୀ ସମାଜ, ଯେଉଁମାନେ କି ସ୍ୱାଧୀନ ନାଗରିକମାନଙ୍କର ଏକ ବିଶାଳ ଅଂଶ, ସେମାନଙ୍କ ପାଇଁ 'ସ୍ୱାଧୀନତା' ଶବ୍ଦଟି ଯେ ଏକାନ୍ତ ନିରର୍ଥକ ଏଥିରେ ସନ୍ଦେହ ନାହିଁ ।

୧୯୪୭ ମସିହାରେ ଓଡ଼ିଶାରେ ନାରୀ ସାକ୍ଷରତାର ହାର ଥିଲା ମାତ୍ର ୧·୬୭% । ପ୍ରାଥମିକ ସ୍ତରରେ ଅଧାରୁ ପାଠ ଛାଡ଼ୁଥିବା ଛାତ୍ରୀ (wastage) ଓ ଉପର ଶ୍ରେଣୀକୁ ଉଠିବାର କ୍ଷମତା ନଥିବା ଛାତ୍ରୀମାନଙ୍କ (stagnation)ର ପରିମାଣ ଅତ୍ୟଧିକ ଥିଲା । ମାଧ୍ୟମିକ ସ୍ତରରେ ବାଳିକାମାନଙ୍କର ସଂଖ୍ୟା ଥିଲା ଅତି ନଗଣ୍ୟ । ମହାବିଦ୍ୟାଳୟ ଶିକ୍ଷାର କେବଳ ଅସ୍ପମାରସ୍ତ ହିଁ ଘଟିଥିଲା । ସ୍ୱାଧୀନତାର ପରବର୍ତ୍ତୀ କାଳରେ ଦୁର୍ଗାବାଈ ଦେଶମୁଖଙ୍କର ଅଧ୍ୟକ୍ଷତାରେ ନ୍ୟାସନାଲ କମିଟି ଅନ୍ ଓମେନ୍ସ ଏଜୁକେଶନ (National Committee on Women's Education), ହଂସା ମେହେଟାଙ୍କ ଅଧ୍ୟକ୍ଷତାରେ ନ୍ୟାସନାଲ୍ କାଉନ୍ସିଲ୍ ଅଫ୍ ଓମେନ୍ସ ଏଜୁକେଶନ୍ (Nationl Council of Women's Education) ଭକ୍ତ ବତ୍ସଳ କମିଟି ଆଦି ଅନେକଗୁଡ଼ିଏ କମିଟି ଗଠନ କରାଯାଇଥିଲା । ଏହି କମିଟିଗୁଡ଼ିକର ରିପୋର୍ଟକୁ ଆଧାର କରି ନାରୀ ଶିକ୍ଷାର ପ୍ରସାର ନିମିତ୍ତ କେନ୍ଦ୍ର ସରକାର କେତେଗୁଡ଼ିଏ ପଦକ୍ଷେପ ନେଇଥିଲେ । ଏହାର ଫଳ ସ୍ୱରୂପ ୧୯୪୯ରେ ଆଡ଼ଲଟ୍ ସୋସିଆଲ୍ ଏଜୁକେଶନ୍ (Adult Social Education)କୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇ ନାରୀ ଶିକ୍ଷାର ପ୍ରସାର ପାଇଁ ଜନ ଜାଗରଣ ସୃଷ୍ଟି କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ପ୍ରାଥମିକ ଶିକ୍ଷା ସହିତ ନାରୀମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ ପାଇଁ ବିଭିନ୍ନ ବିଦ୍ୟାଳୟ ସ୍ଥାପନ କରାଗଲା । ୧୯୫୮–୫୯ରେ ଭାରତ ସରକାରଙ୍କର ଏକ ନୂଆ ସ୍କିମ୍‌କୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଗଲା ।

(୧) ପ୍ରାଥମିକ ବିଦ୍ୟାଳୟମାନଙ୍କରେ ବିଦ୍ୟାଳୟ ମାତା (School Mothers)ମାନଙ୍କର ନିଯୁକ୍ତି ।

(୨) ଗ୍ରାମାଞ୍ଚଳରେ ଶିକ୍ଷୟିତ୍ରୀମାନଙ୍କ ପାଇଁ ବାସଗୃହ ବ୍ୟବସ୍ଥା ।

(୩) ବିଦ୍ୟାଳୟ ମାତା ଓ ଅଣ ତାଲିମ ପ୍ରାପ୍ତ ଶିକ୍ଷୟିତ୍ରୀମାନଙ୍କୁ ତାଲିମ୍‌ର ବ୍ୟବସ୍ଥା ।

(୪) ତାଲିମ୍ ଅନୁଷ୍ଠାନରେ ମହିଳାମାନଙ୍କର ଷ୍ଟାଇପେଣ୍ଡ ବୃଦ୍ଧି ।

(୫) ମହିଳାମାନଙ୍କ ପାଇଁ ରିଫ୍ରେସର୍ କୋର୍ସ୍ ଓ କଣ୍ଡେନ୍ସଡ୍ କୋର୍ସର ଆରମ୍ଭ ।

(୬) ୧୯୫୮–୫୯ରେ ୭ଟି ବାଳିକା ବିଦ୍ୟାଳୟ, ୫ଟି ବାଳିକା ମଧ୍ୟଇଂରାଜୀ ବିଦ୍ୟାଳୟ ଓ ଗୋଟିଏ ମହିଳା ମହାବିଦ୍ୟାଳୟ ସ୍ଥାପନ କରାଯାଇଥିଲା ।

ତୃତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ଉପରୋକ୍ତ ବ୍ୟବସ୍ଥାଗୁଡ଼ିକର ସମ୍ପ୍ରସାରଣ କରାଯିବା ସହିତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସାନିଟାରୀ ସୁବିଧାର ବ୍ୟବସ୍ଥା କରାଗଲା । ନାରୀମାନଙ୍କ ପାଇଁ ଅଧିକ ସଂଖ୍ୟକ ତାଲିମ କେନ୍ଦ୍ର ମଧ୍ୟ ଖୋଲାଗଲା । ୧୯୮୦–୮୧ ବେଳକୁ ଦେଖାଗଲା ଯେ ଶିକ୍ଷକ ତାଲିମ କେନ୍ଦ୍ରମାନଙ୍କରେ ମହିଳାମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା । ସର୍ବୋପରି ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷୟିତ୍ରୀମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । NCERT ଦ୍ୱାରା କରାଯାଇଥିବା ପଞ୍ଚମ ସର୍ବଭାରତୀୟ ସର୍ଭେ ରିପୋର୍ଟ ଅନୁଯାୟୀ ୧୯୮୬ ସୁଦ୍ଧା ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀମାନଙ୍କର ହାର – ପ୍ରାଥମିକ–୧୫·୧୭%, ଉଚ୍ଚ ପ୍ରାଥମିକ–୧୨·୦୯%, ମାଧ୍ୟମିକ–୧୮·୨୯%, ଉଚ୍ଚ ମାଧ୍ୟମିକ–୪୬·୪୮% । ଏହାପରେ ମଧ୍ୟ ପ୍ରୌଢ଼ଶିକ୍ଷା (Adult Education), ଅଣ ଆନୁଷ୍ଠାନିକ (non-formal Centres) ସାକ୍ଷରତା କାର୍ଯ୍ୟକ୍ରମ ଓ ସମସ୍ତଙ୍କ ପାଇଁ ଶିକ୍ଷା (Education for all) ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାରେ ନାରୀ ଶିକ୍ଷାର ପ୍ରସାର ଘଟାଇବା ନିମିତ୍ତ ଯଥାସାଧ୍ୟ ଚେଷ୍ଟା ଚାଲିଛି ; କିନ୍ତୁ ଓଡ଼ିଶାରେ ନାରୀ ଶିକ୍ଷାର ଆଶାନୁରୂପ ଅଗ୍ରଗତି ଏଯାଏ ସାଧିତ ହୋଇ ପାରିନାହିଁ । ୧୯୯୧ର ଜନଗଣନା ଅନୁଯାୟୀ ଓଡ଼ିଶାରେ ନାରୀ ସାକ୍ଷରତାର ହାର ମାତ୍ର ୩୪·୭% ।

ଏହି ବିଫଳତାର କାରଣ ଅନୁଧ୍ୟାନ କରିବାକୁ ଗଲେ ଅନେକଗୁଡ଼ିଏ ବିଷୟ ଦୃଷ୍ଟିକୁ ଆସେ । ଯେପରିକି–

(୧) କନ୍ୟା ସନ୍ତାନ ପ୍ରତି ପିତାମାତାଙ୍କର ସେହି ପାରମ୍ପରିକ ମନୋଭାବର ଏଯାଏ କୌଣସି ପରିବର୍ତ୍ତନ ହୋଇନାହିଁ ।

(୨) ବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କର ଆବଶ୍ୟକତା ପରିପୂରଣ ପାଇଁ ଅନେକ ବ୍ୟବସ୍ଥା କରାଯାଇ ନାହିଁ ଏବଂ ବାତାବରଣ ସେମାନଙ୍କ ପାଇଁ ଉପଯୋଗୀ ନୁହେଁ ।

ସୌଖୀନ୍ ନାଟ୍ୟ ସଂସ୍ଥା ଦ୍ୱାରା ଅଧିକାଂଶ ମଞ୍ଚ–ନାଟ୍ୟାଭିନୟ ପ୍ରଯୋଜିତ ହେଉଛି । ରାଜ୍ୟର ଲୋକ–ନାଟକ ତଥା ଲୋକପ୍ରିୟ ନାଟ୍ୟାଭିନୟ ଏବେ ବହୁଳ ଭାବେ ପ୍ରଚାର ଲାଭ କରିଥିବାର ଦେଖାଯାଏ । ଏହି ଉଭୟ ପ୍ରକାର ନାଟ୍ୟାଭିନୟରେ ଚଳଚ୍ଚିତ୍ରର ପ୍ରଚୁର ପ୍ରଭାବ ଯେକୌଣସି ସଂସ୍କୃତିପ୍ରେମୀ ବ୍ୟକ୍ତି ଲକ୍ଷ୍ୟ କରି ପାରିବେ । ଆମର ଦଣ୍ଡନାଟ, ପାଲା, ଦାସକାଠିଆ, ମୋଗଲ ତାମସା, ଗୀତାଭିନୟ ବା ଗୀତିନାଟ୍ୟ ପ୍ରଭୃତିରେ ଚଳଚ୍ଚିତ୍ରର ବହୁଳ ପ୍ରଭାବ ସୁସ୍ପଷ୍ଟ । ଚିତ୍ରନାଟ୍ୟର ବିଭିନ୍ନ କୌଶଳ ବା ପଦ୍ଧତି ଏହି ସବୁ ଲୋକନାଟକ ଓ ଲୋକପ୍ରିୟ ନାଟକରେ ତ· ବ୍ୟବହୃତ ହେଉଛି । ତାହା ବ୍ୟତୀତ ଜନପ୍ରିୟ ସିନେମା ସଙ୍ଗୀତରେ ସ୍ୱତନ୍ତ୍ର ଏଥିରେ ସଙ୍ଗୀତ ସଂଯୋଜନା କରାଯାଉଛି । ଏପରି କି ଚିତ୍ରନାଟ୍ୟର ବିଭିନ୍ନ ଚମତ୍କାର ସଂଳାପ ଏଥିରେ ସନ୍ନିବେଶିତ ହେଉଛି । ଚିତ୍ରନାଟ୍ୟର ଏପରି ପ୍ରଭାବକୁ କେତେକ କ୍ଷେତ୍ରରେ ନାପସନ୍ଦ କରା ଯାଉଥିଲେ ମଧ୍ୟ, ଏହି ରୀତି ଅନିୟନ୍ତ୍ରିତ ଭାବରେ ଏବେ ଅନୁସୃତ ହେବାରେ ଲାଗିଛି ।

ଡି: ଏ: ଉତ୍କଳ ଆପାର୍ଟମେଣ୍ଟସ୍,
କଲ୍ୟାଣୀ ନଗର, କଟକ–୭୫୩୦୧୩




ପୁରୀ ବିଶ୍ୱଭର ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି ।

# ସୁଭାଷ ଓ ଉତ୍କଳ

**ଶ୍ରୀ ଗୌରଚନ୍ଦ୍ର ମହାପାତ୍ର**

ଯେଉଁ ଉତ୍କଳ ଭୂମିରେ ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଘୁମୁସୁରିଆ ଓ ଜଗୁ ଦେବନଙ୍କର ସଶସ୍ତ୍ର ବିଦ୍ରୋହ ଦିନେ ଏ ଦେଶର ବ୍ରିଟିଶ୍ ଶାସନ ମୂଳଦୁଆ ଦୋହଲାଇ ଦେଇଥିଲା, ସେହି ଉତ୍କଳ ଭୂମିରେ ବିଶ୍ୱବିଖ୍ୟାତ ବିପ୍ଳବୀ ବୀର ସୁଭାଷଙ୍କର ଜନ୍ମ–ଏକ ବିଚିତ୍ର ସଂଯୋଗ । ସମଗ୍ର ଭାରତବର୍ଷରେ ବ୍ରିଟିଶ୍ ବିରୁଦ୍ଧରେ ପ୍ରଥମ ସଶସ୍ତ୍ର ବିଦ୍ରୋହ ଓଡ଼ିଆ ପାଇକମାନେ କରିଥିବା ବେଳେ, ସେହି ଶ୍ୱେତାଙ୍ଗମାନଙ୍କୁ ଭାରତଭୂମିରୁ ତଡ଼ିବା ପାଇଁ ସର୍ବଶେଷ ଓ ସର୍ବଶ୍ରେଷ୍ଠ ସଶସ୍ତ୍ର ବିପ୍ଳବ ଯିଏ ତିଆରି ଥିଲେ, ତାଙ୍କୁ ମଧ୍ୟ ଏହି ଓଡ଼ିଶାମାଟି ଜନ୍ମ ଦେଇଛି । କିଏ ଜାଣିଥିଲା ଯେ ୧୮୯୭ ମସିହା ଜାନୁୟାରୀ ତେଇଶରେ ଯେଉଁ କୁନି କୁନି ପାଦ ଦୁଇଟି ଏଇ ମାଟିକୁ ଛୁଇଁ ଥିଲା, ଦିନେ ସେହି ଦୁଇ ପାଦର ତାଳେ ତାଳେ ବ୍ରହ୍ମଦେଶରୁ ପଚାଶ ହଜାର ଭାରତୀୟ ସୈନ୍ୟ ଆଗେଇ ଆସିବେ ଦେଶମାତୃକା ହସ୍ତରୁ ପରାଧୀନତାର ଶୃଙ୍ଖଳ ଛିନ୍ନ କରି–ଏ ଦେଶରେ ସ୍ୱାଧୀନତାର ବିଜୟ ଧ୍ୱଜା ଉଡ଼ାଇବା ପାଇଁ !

କଟକ ନଗରୀର ସେଦିନର ସେହି ସୁନ୍ଦର ସୁଠାମ କୋମଳମତି ସୁଭାଷ, ହେଲେ ପୃଥିବୀର ପ୍ରଥମ ଭାରତୀୟ ସ୍ୱାଧୀନ ସରକାର ବା ଆଜାଦ୍ ହିନ୍ଦ୍ ସରକାରର ସର୍ବାଧିନାୟକ, ଆଜାଦ୍ ହିନ୍ଦ୍ ଫୌଜର ସର୍ବୋଚ୍ଚ ସେନାପତି ତଥା ବିଶ୍ୱବିଖ୍ୟାତ ବିଦ୍ରୋହୀ ମରଣ ବାହିନୀର ସୁଦକ୍ଷ ପରିଚାଳକ । ଓଡ଼ିଶା ପାଇଁ ଏହା ଅଳ୍ପ ଗୌରବର କଥା ନୁହେଁ । ସୁଭାଷଙ୍କର ବିରଳ ବ୍ୟକ୍ତିତ୍ୱ, ପ୍ରଗାଢ଼ ବିଶ୍ୱାସ ଓ ଅଗାଧ ଦେଶଭକ୍ତି ଶତ ଶତ ବିଦେଶୀ ଭାରତୀୟଙ୍କର ହୃଦୟରେ ଖୋଲାଇ ଦେଇଥିଲା–ମୁକ୍ତି ପ୍ରୟାସର ପ୍ରବଳ ଉଚ୍ଛ୍ୱାସ । ସହସ୍ର ସହସ୍ର ନରନାରୀଙ୍କୁ କରିଥିଲା ମନ୍ତ୍ରମୁଗ୍ଧ । ସେହି ଦୁର୍ଦ୍ଦାନ୍ତ ଦୁର୍ଦ୍ଧର୍ଷ ସେନାବାହିନୀ ପ୍ରାଣରେ ସୁଭାଷ ଭରି ଦେଇଥିଲେ–ଗଭୀର ସ୍ୱଦେଶପ୍ରୀତି, ସ୍ୱରାଜ୍ୟ–ସ୍ୱପ୍ନର ସଫଳ ର ପ୍ରତୀତି । ସେହି ଫୌଜର କଣ୍ଠରେ ସୁଭାଷ ଭରି ଦେଇଥିଲେ ଅପୂର୍ବ ସମର ସଙ୍ଗୀତ–

"କଦମ୍ କଦମ୍ ବଢ଼ାଏ ଯା
ଖୁସିକେ ଗୀତ ଗାଏ ଯା
ୟେ ଜିନ୍ଦଗୀ ହାୟ କୌମକୀ
ତୁ କୌମ ପେ ଲୁଟାୟେ ଯା"

ବାଲ୍ୟାବସ୍ଥାରେ ସୁଭାଷଙ୍କର ମାତା ତାଙ୍କୁ ଶୁଣାଇ ଥିଲେ ଅସଂଖ୍ୟ କାହାଣୀ । ତ୍ୟାଗ ଓ ତପସ୍ୟାର ସେହି କାହାଣୀର ପବିତ୍ର ଭାବନାରାଶି ତାଙ୍କୁ କୈଶୋରରେ ଦେଇଥିଲା–ନିସ୍ୱାର୍ଥ ସେବାଭାବ । ଛାତ୍ରାବସ୍ଥାରେ ସେ ଦୁସ୍ଥ ଦରିଦ୍ର ତଥା ରୋଗୀମାନଙ୍କର ସେବା ସୁଶ୍ରୂଷାରେ ଲାଗିଥିଲେ–ନିଜର ଜୀବନକୁ ବିପନ୍ନ କରି । ମାତାଙ୍କର ଆଶଙ୍କା ସତ୍ତ୍ୱେ ସେ ଲାଭ କରିଥିଲେ ପିତା ଜାନକୀ ବଲ୍ଲଭଙ୍କର–ଅକୃତିମ ଆଶୀର୍ବାଦ । କଟକରୁ ଗଲେ କଲିକତା । ବିଦ୍ୟାଳୟର ଅଧ୍ୟୟନ ଅନ୍ତେ ଆରମ୍ଭ ହେଲା ମହାବିଦ୍ୟାଳୟରେ ଅଧ୍ୟୟନ । ସେଠାରେ ପ୍ରେସିଡେନ୍ସି କଲେଜରେ ତାଙ୍କର ବିପ୍ଳବାତ୍ମକ କାର୍ଯ୍ୟ ହେତୁ ସେ ବହିଷ୍କୃତ ହୋଇ ପୁଣି ଆସିଲେ କଟକ । ଏହି ସମୟରେ ଓଡ଼ିଆବଜାର ନିକଟରେ 'ଗରିମଠ'କୁ ପ୍ରତ୍ୟହ ଯାଆନ୍ତି । ପ୍ରତି ସନ୍ଧ୍ୟାରେ ଅଧିଷ୍ଠିତ ଦେବତାଙ୍କୁ ଯୋଡ଼ ହସ୍ତରେ ପ୍ରାର୍ଥନା କରନ୍ତି ଆଉ ଶୁଣନ୍ତି ଭାବୋଦ୍ଦୀପକ ସଂସ୍କୃତ ଶ୍ଳୋକ । "ନବୈ ଯାଚେ ରାଜ୍ୟଂ ନଚ କନକ ମାଣିକ୍ୟ ବିଭବମ୍" ଇତ୍ୟାଦି ଯାହାର ସଂକ୍ଷିପ୍ତ ଅର୍ଥ ହେଉଛି–"ମୁଁ ରାଜ୍ୟ ଚାହେଁ ନାହିଁ, ମୋର ସୁବର୍ଣ୍ଣ ମଣିମାଣିକ୍ୟ ଲୋଡ଼ା ନାହିଁ କି ଅପୂର୍ବ ସୁନ୍ଦରୀ କନ୍ୟାରତ୍ନ ଲୋଡ଼ା ନାହିଁ । ମୁଁ ଚାହେଁ ଜଗନ୍ନାଥ ସ୍ୱାମୀ ମୋର ନୟନ ପଥଗାମୀ ହୁଅନ୍ତୁ ।"

ଯୋଡ଼ ହସ୍ତରେ ନୀରବ ପ୍ରାର୍ଥନାରତ ସୁଭାଷଙ୍କର ମୁଦ୍ରିତ ନୟନରୁ ଝରିପଡ଼େ ଧାର ଧାର ଗଣ୍ଡସ୍ରାବୀ ଲୋତକ । ହୃଦୟରେ ବହି ଯାଏ–ସେବା, ତ୍ୟାଗ ଓ ଆଧ୍ୟାତ୍ମ ଭାବନାର ପବିତ୍ର ମନ୍ଦାକିନୀ । ସେହି ଭାବନା ତାଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ତାଙ୍କର ମନ ଅସ୍ଥିର ହୋଇ–ଖୋଜି ଥିଲା ଗନ୍ତବ୍ୟ ପଥ । "ଜୀବନର ଲକ୍ଷ୍ୟ କ'ଣ ?" କାହିଁକି ସେ ଆସିଛନ୍ତି ଜଗତକୁ ?" ସୁଭାଷ ହେଲେ ପରିବ୍ରାଜକ । ହିମାଳୟର ଗିରିବନ, ହୃଦକନ୍ଦରାନ୍ତର ଦିଗ୍‌ବଳୟରେ ଖୋଜିଲେ ଜୀବନର 'ସତ୍ୟ' । ତାଙ୍କ ପାଇଁ ସତ୍ୟ କ'ଣ ? ଗିରିଗୁମ୍ଫାରେ ତପଶ୍ଚର୍ଯ୍ୟା ନା ଗୈରିକ ବସନଧାରୀ ପରିବ୍ରାଜକର ସାଧନା । ବହୁ ଚିନ୍ତା, ଅନ୍ୱେଷା ଓ ଭାବନାର ଅନ୍ତେ–ପଥ ହେଲା ପରିଷ୍କାର । ସ୍ଥିର ସିଦ୍ଧାନ୍ତରେ ଉପନୀତ ହେଲେ । ଜୀବନର ଲକ୍ଷ୍ୟ ହେଲା "ଜନସେବା ମାଧ୍ୟମରେ ଭଗବତ ସେବାର ଉପଲବ୍ଧି । "ଜୀବ ସେବା ହିଁ ଶିବ ସେବା' । ଭାରତମାତାଙ୍କୁ ସ୍ୱାଧୀନ କରିବା ସହ ଦେଶର ଦିଗ୍‌ଭ୍ରାନ୍ତ ଯୁବଶକ୍ତିକୁ ଜାଗ୍ରତ କରାଇବା ତାଙ୍କର କର୍ତ୍ତବ୍ୟ ବୋଲି ସେ ବାଛି ନେଲେ । ଓଡ଼ିଶାର ସେହି ନିଭୃତ ମନ୍ଦିରର ମନ୍ତ୍ରୋଚ୍ଚାରଣ ତାଙ୍କ ହୃଦୟରେ ତ୍ୟାଗର ଯେଉଁ ଗଭୀର ରେଖାପାତ କରିଥିଲା–ସୁଭାଷଙ୍କୁ ଜୀବନବ୍ୟାପୀ ସେହି ମହତ୍ ଚିନ୍ତା ଓ ଚେତନା ଆଚ୍ଛନ୍ନ କରି ରଖି ନାହିଁ ବୋଲି କିଏ କହିପାରିବ ।

ବିଲାତ ଯାଇ ସୁଭାଷ କୃତୀତ୍ୱରସହ ଆଇ.ସି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଭାରତକୁ ଆସି ସେ ଆରମ୍ଭ କରିଦେଲେ ସେବା ଓ ସଂଗଠନର ଜୀବନ । ମାତ୍ର ବ୍ରିଟିଶ୍ ଶାସକଙ୍କର ବିଷଦୃଷ୍ଟିରେ ପଡ଼ିଗଲେ । ବିପ୍ଳବୀର ଜୀବନ ପଥ ପୁଷ୍ପ ମଣ୍ଡିତ ନୁହେଁ, କଣ୍ଟକାକୀର୍ଣ୍ଣ । କାରାକକ୍ଷ ତା'ର ଭାଗ୍ୟ ଲିଖନ । ସୁଭାଷ ସେଥିରୁ ମୁକ୍ତି ହୁଅନ୍ତେ ବା କିପରି ! ୧୯୨୪ରେ ସେ ପ୍ରଥମ ବନ୍ଦୀ ଜୀବନ ଅଳ୍ପଦିନ ପାଇଁ ସ୍ୱଦେଶର ବନ୍ଦୀଶାଳରେ ରହିଲେ । ତତ୍ପରେ ସୁଦୂର ବ୍ରହ୍ମଦେଶର ମାଣ୍ଡାଲେ କାରାଗାରରେ ତାଙ୍କୁ ନେଇ ରଖାଗଲା । ଅପରିଚିତ ଅପ୍ରତ୍ୟାଶିତ ସ୍ଥାନ । ଦୂରଦେଶର

(ଘ) ଏବେ ମଧ୍ୟ ଅଧାରୁ ପାଠ ଛାଡୁଥିବା ଛାତ୍ରୀ (wastage) ଓ ଉପର ଶ୍ରେଣୀକୁ ଉଠିବା ପାଇଁ କ୍ଷମତା ନଥିବା ଛାତ୍ରୀମାନଙ୍କର (stugnation)ର ପରିମାଣ ଯଥେଷ୍ଟ ଅଧିକ ।

(ଙ) ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ପାରୁନାହାନ୍ତି ।

ଶିକ୍ଷକମାନେ ଯେଉଁମାନଙ୍କ ପାଇଁ ପାରିବାରିକ ଜଞ୍ଜାଳ ଅପେକ୍ଷାକୃତ କମ୍ ସେମାନେ ଯେ ଅନେକଗୁଡ଼ିଏ ଅବାଞ୍ଛିତ ଓ ଅହିତକାରୀ ଅଭ୍ୟାସର ବଶବର୍ତ୍ତୀ ହୋଇଯାଇଛନ୍ତି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଶିକ୍ଷୟିତ୍ରୀମାନଙ୍କୁ ଦାୟୀ କରିବା ସମୟରେ କେତେଗୁଡ଼ିଏ କଥା ଦୃଷ୍ଟିକୁ ନିଆଯାଇପାରେ ।

(୧) ପ୍ରାଥମିକ ସ୍ତରରେ ହିଁ ଶିଶୁଟିର ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହେବାଟା ଏକାନ୍ତ ବାଞ୍ଛନୀୟ । ମୂଳତଃ ଦରିଦ୍ର, ନିମ୍ନବିତ୍ତ ଓ ମଧ୍ୟବିତ୍ତ ପରିବାରର ମହିଳାମାନେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରୁଥାଆନ୍ତି । ହୁଏତ ଜୀବିକା ନିର୍ବାହ ପାଇଁ ବା ନିଜ ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ସେମାନେ ଏହି ବୃତ୍ତି ଅବଲମ୍ବନ କରି ଥାଇ ପାରନ୍ତି ଏବଂ ଏଥିପାଇଁ ସେମାନଙ୍କର ଆଗ୍ରହ ନଥାଇପାରେ । ବିନା ଆଗ୍ରହରେ ପ୍ରାଥମିକ ସ୍ତରରେ ଶିକ୍ଷାଦାନ କରି ଶିଶୁମାନଙ୍କର ଶିକ୍ଷାର ଭିତ୍ତିସ୍ଥାପନ କରିବା ସହଜ ସାଧ୍ୟ ନୁହେଁ । ସର୍ବୋପରି ପ୍ରାଥମିକ ସ୍ତରରୁ ଉନ୍ନତମାନର ଶିକ୍ଷା ନପାଇଲେ ଉପର ସ୍ତରରେ କ୍ରମଶଃ ପିଲାମାନେ ଦୁର୍ବଳ ହୋଇ ଚାଲିଥାଆନ୍ତି ।


(୨) ବିଦ୍ୟାଳୟକୁ ଯିବା ପୂର୍ବରୁ ଏବଂ ବିଦ୍ୟାଳୟରୁ ଫେରିବା ପରେ ଘର ଭିତରେ ଶିକ୍ଷୟିତ୍ରୀମାନଙ୍କୁ ଏକ ସମୟରେ ଜଣେ ରାନ୍ଧୁଣୀ, ଆୟା, ଧୋବଣୀ ଓ ଗୃହକର୍ତ୍ରୀର ଦାୟିତ୍ୱ ସମ୍ପାଦନ କରିବାକୁ ପଡ଼ିଥାଏ, ଯାହାଦ୍ୱାରା ବିଦ୍ୟାଳୟ, ଛାତ୍ରଛାତ୍ରୀ ବା ପାଠ୍ୟକ୍ରମ ସମ୍ବନ୍ଧରେ ଚିନ୍ତା କରିବାକୁ ସୁଦ୍ଧା ସେମାନେ ସମୟ ପାଇପାରନ୍ତି ନାହିଁ । ସ୍ୱାମୀ ସେବା, ସନ୍ତାନ ପ୍ରତିପାଳନ, ଅତିଥି ଚର୍ଚ୍ଚା ଓ ଅନ୍ୟାନ୍ୟ ଅନେକ ଘରକରଣାରେ ଯଥେଷ୍ଟ ସମୟ, ପରିଶ୍ରମ ଓ ମାନସିକ ଶକ୍ତି ବ୍ୟୟ କରିବାକୁ ପଡ଼ିଥାଏ ଏବଂ କାର୍ଯ୍ୟଭାର ଅଧିକ ହେତୁ ବିଭିନ୍ନ ମାନସିକ ପ୍ରତିକ୍ରିୟାକୁ ସାମ୍ନା କରିବାକୁ ପଡ଼ିଥାଏ । ନିଜର ଖାଦ୍ୟ ପେୟ ଓ ବିଶ୍ରାମ ପ୍ରତି ମଧ୍ୟ ଦୃଷ୍ଟି ଦେଇ ନପାରିବାରୁ ମାନସିକ ଓ ଶାରୀରିକ ଉଭୟ ଦିଗରୁ ସେମାନେ ସୁସ୍ଥ ରହି ପାରନ୍ତି ନାହିଁ । ଶାନ୍ତିପୂର୍ଣ୍ଣ ମାନସିକ ଅବସ୍ଥା ଓ ସୁସ୍ଥ ଶରୀର ନ ରହିଲେ ଉପଯୁକ୍ତ ଶିକ୍ଷାଦାନ ଓ ଛାତ୍ରର ଚରିତ୍ର ଗଠନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିବା ସମ୍ଭବ ହୁଏ ନାହିଁ । ବହୁଧାବିଭକ୍ତ ଦାୟିତ୍ୱର ଚାପରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଜଣେ ପ୍ରେରଣାଦାୟୀ ଶିକ୍ଷୟିତ୍ରୀର ଭୂମିକା ଲୁପ୍ତ ହୋଇଯାଏ ଏଥିରେ ସନ୍ଦେହ ନାହିଁ ।

ବୋଧହୁଏ ଦୁଇଟି ଉପାୟରେ ଶିକ୍ଷା ବ୍ୟବସ୍ଥାକୁ କେତେକାଂଶରେ ସୁଧାରି ହେବ, ଯାହା ନାରୀ ଶିକ୍ଷାର ପ୍ରସାର ଦିଗରେ ସହାୟକ ହୋଇପାରିବ । ପ୍ରଥମ କଥା ହେଉଛି ଅଭିଜ୍ଞ ମନସ୍ତତ୍ତ୍ୱବିତ୍ ଓ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କର ମନସ୍ତତ୍ତ୍ୱ, ରୁଚି, ଶିକ୍ଷକ ହେବା ପାଇଁ ସେମାନଙ୍କର ଆଗ୍ରହ ଓ ଆନ୍ତରିକତାକୁ ଭଲ ରୂପେ ପରୀକ୍ଷା କରିବା ପରେ ସେମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତି ଦେବା ।

ଯଦିଓ ଆମ ସମାଜ ଓ ସରକାରଙ୍କର ଉଦ୍ଦେଶ୍ୟ ଥିଲା ଶିକ୍ଷୟିତ୍ରୀ ନିଯୁକ୍ତି ଓ ବାଳିକା ଶିକ୍ଷାନୁଷ୍ଠାନ ସ୍ଥାପନ ଦ୍ୱାରା ହିଁ ନାରୀ ଶିକ୍ଷା ଦ୍ରୁତ ଗତିରେ ପ୍ରସାର ଲାଭ କରିବ, ତାହା ବାସ୍ତବରେ ସମ୍ଭବ ହେଲାନାହିଁ । କାରଣ ଶିକ୍ଷୟିତ୍ରୀଙ୍କୁ ମୂଳତଃ ଶିକ୍ଷୟିତ୍ରୀ ଭାବରେ ଗ୍ରହଣ ନକରି, ତାଙ୍କୁ ନାରୀ ଭାବରେ ଗୃହିଣୀ, ମା ଓ ସ୍ତ୍ରୀ ଭାବରେ ଦେଖା ଯାଉଛି । ପାରିବାରିକ ଦାବୀ ନିକଟରେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଦାୟିତ୍ୱ ନିଶ୍ଚିତ ଭାବରେ ଅବହେଳିତ ହୋଇଚାଲିଛି । ଏଣୁ ସାମାଜିକ ପରିବର୍ତ୍ତନ ନହେଲେ ଏ ସମସ୍ୟାର ସମାଧାନ ସହଜସାଧ୍ୟ ନୁହେଁ । ସମାଜ ଓ ପରିବାରରେ ନାରୀ ପାଇଁ ବା ଶିକ୍ଷୟିତ୍ରୀ ପାଇଁ ଯଦି ମର୍ଯ୍ୟାଦା ସୃଷ୍ଟି ହୋଇ ପାରନ୍ତା, ଯେଉଁ ସମସ୍ୟାରେ କବଳିତ ହୋଇ ସେ ଉପଯୁକ୍ତ ଭାବରେ ଶିକ୍ଷାଦାନ କରିପାରୁ ନାହିଁ ତାହାକୁ ଯଦି ସମ୍ବେଦନାର ସହିତ ବୁଝାଯାଇ ସମାଧାନ କରାଯାଇ ପାରନ୍ତା, ଶିକ୍ଷୟିତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ହୋଇ ପାରନ୍ତା ଓ ନାରୀଶିକ୍ଷାର ନିଶ୍ଚିତ ଭାବରେ ଉନ୍ନତି ସାଧିତ ହୋଇ ପାରନ୍ତା ।

---

୬୮, କ୍ୟାସ୍ କଲୋନୀ,
ପ୍ରଥମ ଲାଇନ୍ ମେଡ଼ିକାଲ କଲେଜ ପଛପଟ,
ବ୍ରହ୍ମପୁର, ଗଞ୍ଜାମ



ରାଜ ଭବନଠାରେ ଏକ ନିରାଡମ୍ବର ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ନବନିଯୁକ୍ତ ସାତ ଜଣ ମନ୍ତ୍ରୀଙ୍କୁ ଶପଥ ପାଠ କରାଉଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉକ୍ତ ଶପଥ ପାଠ ଉତ୍ସବରେ ଉପସ୍ଥିତ ଅଛନ୍ତି ।




ବାପୁଜୀ ନଗର ମାଉସୀ ମା' ମନ୍ଦିରଠାରେ ନବ ନିର୍ମିତ ଫ୍ଲାଇ ଓଭର ବ୍ରିଜକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।

ବିଦଗ୍ଧ ପ୍ରାଣ ତାଙ୍କର ବିକଳ ହୋଇ ଉଠିଲା ଜନ୍ମଭୂମିର ଖଣି ପାଣି । ତୃଷିତ ନୟନରେ ନାଚି ଗଲା ଓଡ଼ିଶା ଭୂଇଁର ବନ, ଲତା, ସାଗର, ଭୂଧର । ମାଣ୍ଡାଲେରୁ ମୁକ୍ତ ହେବା ମାତ୍ରେ ଓଡ଼ିଶାକୁ ଆସିବେ । କ୍ଳାନ୍ତି ଅପନୋଦନ କରିବେ । କେତେ ଆକୁଳ ଆଶାରେ ପ୍ରତୀକ୍ଷା ଜାଗି ଉଠିଥିଲା ପ୍ରାଣରେ । ମାତ୍ର ସେ ଆଶା ଆଶାରେ ହିଁ ରହିଗଲା । ମାଣ୍ଡାଲେ ବନ୍ଦୀଶାଳରୁ ମୁକ୍ତି ପାଇବାମାତ୍ରେ ଅନ୍ୟ ଏକ ବନ୍ଧନରେ ସେ ଛନ୍ଦି ହୋଇଗଲେ । ମାତ୍ର ଏହି ବନ୍ଧନ ସ୍ୱେଚ୍ଛାକୃତ । ୧୯୨୮ ଖ୍ରୀଷ୍ଟାବ୍ଦରେ କଲିକତାଠାରେ ଜାତୀୟ କଂଗ୍ରେସର ପ୍ରସିଦ୍ଧ ଅଧିବେଶନ ବସିଥାଏ । ସେହି ଅଧିବେଶନର ସଫଳତା ପାଇଁ ଆହ୍ୱାନ ଆସିଲା ସୁଭାଷଙ୍କ ନିକଟକୁ । ସ୍ୱେଚ୍ଛା ସେବକ ଦଳର ଅଧିନାୟକ ହେଲେ ସୁଭାଷ ଚନ୍ଦ୍ର । ତାଙ୍କ ଦ୍ୱାରା ଗଠିତ ସ୍ୱେଚ୍ଛା ସେବକ ବାହିନୀ, 'ବେଙ୍ଗଲ ଭଲେଣ୍ଟିଅର୍' ବା ସଂକ୍ଷେପରେ ଯାହାକୁ ଲୋକ ବି.ଭି. ବୋଲି କହୁଥିଲେ । ତାହା ସମସ୍ତଙ୍କର ପ୍ରଶଂସାଭାଜନ ହୋଇଥିଲେ । ଗାନ୍ଧିଜୀ ନିଜେ କଲିକତାର ପାର୍କସାର୍କସ୍‌ଠାରେ ହେଉଥିବା କଂଗ୍ରେସ ଅଧିବେଶନରେ ବି.ଭି.ର ଚମତ୍କାରିତାରେ ମୁଗ୍ଧ ହୋଇ ହର୍ଷୋତ୍ଫୁଲ୍ଲ ଚିତ୍ତରେ କହିପକାଉଥିଲେ ।— 'ପାର୍କସାର୍କସ୍‌ରେ ପ୍ରକୃତ ସାର୍କସ୍ ଚାଲିଛି' । ଯାହା ହେଉ ସୁଭାଷ ଚନ୍ଦ୍ର ବୋଷ କଲିକତା କଂଗ୍ରେସ ଅଧିବେଶନ ପାଇଁ ବ୍ୟସ୍ତ ରହିବାରୁ ତାଙ୍କର ସେତେବେଳେ ଓଡ଼ିଶା ପରିଦର୍ଶନ ହୋଇ ପାରିନଥିଲା ।

କିନ୍ତୁ ଅନ୍ୟାନ୍ୟ ଘଟଣାମାନଙ୍କରୁ ସୁଭାଷଙ୍କର ଓଡ଼ିଶା ପାଇଁ ଯେ, ପ୍ରଗାଢ଼ ପ୍ରୀତି ଥିଲା ତହିଁର ନିଦର୍ଶନ ମିଳେ । ମାଣ୍ଡାଲେ ବନ୍ଦୀଶାଳାରୁ ସେ ଉତ୍କଳମଣି ଗୋପବନ୍ଧୁଙ୍କୁ ଯେଉଁ ପତ୍ର ଲେଖିଥିଲେ ତହିଁରୁ କେବଳ ଦାଶେ ଆପଣଙ୍କ ପ୍ରତି ତାଙ୍କର ଭକ୍ତିର ସୂଚନା ମିଳେ ନାହିଁ—ତହିଁରୁ ସୁଭାଷଙ୍କର ଓଡ଼ିଆ ଭାଷା ପ୍ରତି ପ୍ରଗାଢ଼ ପ୍ରୀତିର ପରିଚୟ ମଧ୍ୟ ମିଳେ । ମାଣ୍ଡାଲେ ବନ୍ଦୀଶାଳାରୁ ସେ ଗୋପବନ୍ଧୁଙ୍କୁ ଯେଉଁ ପତ୍ର ଲେଖିଥିଲେ ତହିଁରେ ଥିଲା—

'ଆପଣଙ୍କର ୨୬-୯-୧୯୨୪ ତାରିଖର ଚିଠି ପାଇ ମୁଁ ଖୁବ୍ ଆନନ୍ଦିତ । ବହୁଦିନ ହେଲା ମୁଁ ସେହି ଓଡ଼ିଆ ପୁସ୍ତକଗୁଡ଼ିକ ପାଇବା ପାଇଁ ଅପେକ୍ଷା କରି ବସିଛି । ଏ ପର୍ଯ୍ୟନ୍ତ ସେଗୁଡ଼ିକ ପଢ଼ିଣି ପାରି.. ନାହିଁ ସେଥିପାଇଁ ମୁଁ ବଡ଼ ବ୍ୟାକୁଳ ।xxxxxxଆପଣଙ୍କର ଆଶା, ଆଶୀର୍ବାଦ ଓ ସାହସର ବାଣୀ ପାଇ ମୁଁ ଯେ କେତେ ଆନନ୍ଦିତ ତାହା ମୁଁ ବର୍ଣ୍ଣନା କରି ପାରିବି ନାହିଁ । ମାତ୍ର ଏଠାରେ ସବୁବେଳେ ମୋର ସ୍ୱାସ୍ଥ୍ୟ ଭଲ ରହୁନାହିଁ ।..............'


ଏହାପରେ ସେହି ଚିଠିରେ ସୁଭାଷ, ପୁରୀ ଜିଲ୍ଲାର ଦୁର ବନ୍ୟା, ଓଡ଼ିଶାର କୃଷକମାନଙ୍କର ଦାରିଦ୍ର୍ୟ, କଲିକତାରେ ପ୍ରବାସୀ ଓଡ଼ିଆମାନଙ୍କର ଅବସ୍ଥା ବିଷୟ ଉଲ୍ଲେଖ କରି ଗୋପବନ୍ଧୁଙ୍କୁ ସେ ଯେଉଁ ପତ୍ର ଲେଖିଛନ୍ତି ତାହା ତାଙ୍କର ଓଡ଼ିଶାର ବିଭିନ୍ନ ସମସ୍ୟା ପ୍ରତି ଗଭୀର ଆନ୍ତରିକତାର ପ୍ରତୀକ ।

---

ଶାନ୍ତ କୁଟୀର,
ଭଦ୍ରକ




କଟକଠାରେ ଆୟୋଜିତ ଷଷ୍ଠ ଭାରତୀୟ ଗ୍ରାମୀଣ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଭାଷଣ ଦେଉଛନ୍ତି ।



ରାଜ ଭବନଠାରେ ଏକ ନିରାଡ଼ମ୍ବର ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ନବନିଯୁକ୍ତ ସାତ ଜଣ ମନ୍ତ୍ରୀଙ୍କୁ ଶପଥ ପାଠ କରାଉଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉକ୍ତ ଶପଥ ପାଠ ଉତ୍ସବରେ ଉପସ୍ଥିତ ଅଛନ୍ତି ।





ବାପୁଜୀ ନଗର ମାଉସୀ ମା' ମନ୍ଦିରଠାରେ ନବ ନିର୍ମିତ ଫ୍ଲାଇ ଓଭର ବ୍ରିଜ୍‌କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।




ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ଜାତୀୟ ନେତାଜୀ ସୁଭାଷ ଯୁବ କାର୍ଯ୍ୟକ୍ରମରେ
ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ।




ହୋଟେଲ କଳିଙ୍ଗ-ଅଶୋକାଠାରେ ଆୟୋଜିତ "ଓଡ଼ିଶା କଂପ୍ୟୁଟେକସ-୯୬"
ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ
ପରିଦର୍ଶନ କରୁଛନ୍ତି ।



କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସର୍ବ ଭାରତୀୟ ଗ୍ରାମୀଣ ସାମ୍ବାଦିକ ସମ୍ମିଳନୀ ଓ ଉତ୍କଳ ସାମ୍ବାଦିକ ସଙ୍ଘର ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।




ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ୟାନନ୍ଦ ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି ।



ରାଜ୍ୟ ଯୁବନୀ ଭବନଠାରେ ଆୟୋଜିତ ଜାତୀୟ ନେତାଜୀ ସୁଭାଷ ଯୁବ କାର୍ଯ୍ୟକ୍ରମରେ
ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ।



ହୋଟେଲ କଳିଙ୍ଗ-ଅଶୋକାଠାରେ ଆୟୋଜିତ "ଓଡ଼ିଶା କଂପ୍ୟୁନେକସ-୯୬"
ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ
ପରିଦର୍ଶନ କରୁଛନ୍ତି ।




କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସର୍ବ ଭାରତୀୟ ଗ୍ରାମୀଣ ସାମ୍ବାଦିକ ସମ୍ମିଳନୀ ଓ ଉତ୍କଳ ସାମ୍ବାଦିକ ସଙ୍ଘର ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି ।



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଦିବାସୀ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ।



ପୁରୀ ଜିଲ୍ଲା ଡେଲାଙ୍ଗଠାରେ ଲୁଣା ନଦୀ ଉପରେ ଏକ ନୂତନ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ବିଶାଳ ଜନ ସମାବେଶରେ ଭାଷଣ ଦେଉଛନ୍ତି ।

# ଓଡ଼ିଶାର ଦର୍ଶନୀୟ ସ୍ଥାନ : ଏକ ପରିକ୍ରମା

ଶ୍ରୀ ଦାଶରଥି ପାଢ଼ୀ

ଆମ ଓଡ଼ିଶାରେ ଅନେକ ପ୍ରାକୃତିକ ଶୋଭା ସମ୍ଭାର ଭରି ରହିଛି । ସେହି ଅନୁପମ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବହୁ ପର୍ଯ୍ୟଟକଙ୍କର ଭିଡ଼ ଓଡ଼ିଶାରେ ହୋଇଥାଏ । ବାସ୍ତବରେ ଏହି ପ୍ରାକୃତିକ ଶୋଭାସମ୍ଭାର ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ଏତେ ଆକୃଷ୍ଟ କରିଥାଏ ଯେ, ଏହି ଭୂଇଁରେ ଶୋଭା ପାଉଥିବା ଝରଣା, ଉଷ୍ଣ ପ୍ରସ୍ରବଣ ଓ ଜଳ ପ୍ରପାତ ନିକଟରେ ବର୍ଷର ଅଧିକାଂଶ ସମୟରେ କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସେମାନେ ସପରିବାର ପରିଭ୍ରମଣରେ ଆସିଥାନ୍ତି ।

ସମ୍ପ୍ରତି ଆମ ଓଡ଼ିଶାରେ ୩୦ଟି ଜିଲ୍ଲା ଅଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ୧୯୯୪ ଏପ୍ରିଲ ୪ ତାରିଖ ସୁଦ୍ଧା ୧୯୩ଟି ପର୍ଯ୍ୟଟନ ପୀଠକୁ ଚିହ୍ନଟ କରି ପର୍ଯ୍ୟଟନର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ।

ଅନୁଗୋଳ ଜିଲ୍ଲାରେ ୬ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଅନୁଗୋଳ, ବଇଁଶପାଳ, ଭୀମକୁଣ୍ଡ, ଦେଉଳଝରୀ, ତାଳଚେର ଓ ଟିକରପଡ଼ା । ବିଶେଷ ଭାବେ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଭୀମକୁଣ୍ଡ ନିଦ୍ରିତ ଅବସ୍ଥାରେ ଥିବା ବିଷ୍ଣୁଙ୍କ ମୂର୍ତ୍ତି ପାଇଁ, ଦେଉଳଝରୀ ଉଷ୍ଣ ପ୍ରସ୍ରବଣ ଧାର୍ମିକ କେନ୍ଦ୍ର ପାଇଁ ତଥା ଟିକରପଡ଼ା ସାତକୋଶିଆ ଗଣ୍ଡ ଓ କୁମ୍ଭୀର ବନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ର ପାଇଁ ବିଶେଷ ଆକୃଷ୍ଟ କରିଥାଏ ।

ବଲାଙ୍ଗୀର ଜିଲ୍ଲାରେ ରହିଛି ୮ଟି ପର୍ଯ୍ୟଟନ ପୀଠ । ସେଗୁଡ଼ିକ ହେଲା, ବଲାଙ୍ଗୀର, ବିନିକା, ହରିଶଙ୍କର, ଯୋଗୀସରଡ଼ା, ପାଟଣାଗଡ଼, ରାଣୀପୁର ଝରିଆଲ, ସର୍ଗିଡେଲା ଓ ଟୁରେଇକେଲା । ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟଟନ ପୀଠଗୁଡ଼ିକ ମଧ୍ୟରୁ ପ୍ରାକୃତିକ ଶୋଭା ସମ୍ଭାର ଭରା ପର୍ଯ୍ୟଟନ ପୀଠ ହରିଶଙ୍କର ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ଏହା ଗନ୍ଧମାର୍ଦ୍ଦନ ପର୍ବତ ଶ୍ରେଣୀର ପାଦ ଦେଶରେ ଏବଂ ବଲାଙ୍ଗୀର ସହରଠାରୁ ୮୩ କି.ମି. ଦୂରରେ ଅବସ୍ଥିତ । ବିଶେଷ କରି ଧର୍ମ ସମ୍ବନ୍ଧୀୟ ତଥା ପ୍ରକୃତପ୍ରେମୀ ପର୍ଯ୍ୟଟକମାନଙ୍କୁ ଏହା ବେଶ୍ ପାରା ଆକୃଷ୍ଟ କରିଥାଏ । ଏଠାରେ ବୈଶାଖ ମାସରେ ନୃସିଂହ ଚତୁର୍ଦ୍ଦଶୀ ସମୟରେ "ହରିଶଙ୍କର" ମେଳା ୩-୪ ଦିନ ଧରି ଅନୁଷ୍ଠିତ ହୁଏ ଏବଂ ଲକ୍ଷାଧିକ ପର୍ଯ୍ୟଟକଙ୍କର ସମାଗମ ହୋଇ ଥାଏ । ରାଣୀପୁର ଝରିଆଲ୍ର ଇଟାରେ ତିଆରି ଇନ୍ଦ୍ରଲାଥ ମନ୍ଦିର, ୬୪ ଯୋଗିନୀ ମନ୍ଦିର ଓ ଶୈବ ପୀଠ ପାଇଁ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ବଲାଙ୍ଗୀର ଜିଲ୍ଲାର ମହକୁମା ଓ ବାନ୍ଧ ଶିଳ୍ପୀଙ୍କର ଶାଢ଼ୀ ପାଇଁ, ବିନିକା ଧାର୍ମିକ କେନ୍ଦ୍ର ପାଇଁ, ଯୋଗୀ ସରଡ଼ା; ଯୋଗେଶ୍ୱର ବାବାଙ୍କ ମନ୍ଦିର ପାଇଁ, ପାଟଣା ଗଡ଼; ତାନ୍ତ୍ରୀକ ପୀଠ ତଥା ଅନେକ ପ୍ରାଚୀନ ମନ୍ଦିର ଶୈଳୀ ପାଇଁ, ସର୍ଗିଡେଲା ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ମନ୍ଦିର ପାଇଁ ଏବଂ ଟୁରେଇକେଲା; ଏକ ଦଳଗତ କ୍ୟାମ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି ।

ବାଲେଶ୍ୱର ଜିଲ୍ଲାରେ ୧୨ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ବଳରାମ ଗଡ଼ି, ବାଲେଶ୍ୱର, ଭୂଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ଗୁଡ଼ିପୁର, କଶାଫାଳ, ଲଙ୍କେଲେଶ୍ୱର, ଲକ୍ଷ୍ମଣନାଥ, ପଞ୍ଚଲିଙ୍ଗେଶ୍ୱର, ରାଇବଣିଆ, ରେମୁଣା ଏବଂ ତାଳସାରି ।


ବାଲେଶ୍ୱର ଜିଲ୍ଲାର ପର୍ଯ୍ୟଟନ ପୀଠଗୁଡ଼ିକ ମଧ୍ୟରୁ ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ଲଙ୍କେଲେଶ୍ୱର ଶୈବପୀଠ ପାଇଁ, ରେମୁଣା କ୍ଷୀରଚୋରା ଗୋପୀନାଥଙ୍କ ପାଇଁ, ଗୁଡ଼ିପୁର; ପ୍ରସିଦ୍ଧ ବେଳାଭୂମି ଓ ସମୁଦ୍ର ତଟ ପାଇଁ ତାଳସାରି ଓ କଶାଫାଳ ସମୁଦ୍ର ବେଳା ଭୂମି ପାଇଁ, ବଳରାମଗଡ଼ି ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ପାଇଁ, ବାଲେଶ୍ୱର ଜିଲ୍ଲା ମହକୁମା ତଥା ଐତିହାସିକ ସହର ପାଇଁ, ପଞ୍ଚଲିଙ୍ଗେଶ୍ୱର ପୁରାତନ ବାଣାସୁର ରାଜାଙ୍କର ରାଜଧାନୀ ଓ ପଞ୍ଚଲିଙ୍ଗ ପାଇଁ ଏକ ଦର୍ଶନୀୟ ସ୍ଥାନ ଏବଂ ଲକ୍ଷ୍ମଣନାଥ; ଓଡ଼ିଶା-ବଙ୍ଗଳା ପ୍ରଦେଶ ପଥ ପାଇଁ ପ୍ରସିଦ୍ଧି ଲାଭ କରିଛି ।

ଏହାପରେ ଆସେ ବରଗଡ଼ ଜିଲ୍ଲା । ଏହି ଜିଲ୍ଲାରେ ମାତ୍ର ୨ଟି ପର୍ଯ୍ୟଟନ ପୀଠ ରହିଛି । ବରଗଡ଼ ଏବଂ ନୃସିଂହନାଥ ପର୍ଯ୍ୟଟନ ପୀଠ । ବରଗଡ଼ ଜିଲ୍ଲାର ମହକୁମା, ପ୍ରସିଦ୍ଧ ସମ୍ବଲପୁରୀ ବସ୍ତ୍ର କେନ୍ଦ୍ର ତଥା ପୌରାଣିକ ପ୍ରସିଦ୍ଧ ଧନୁଯାତ୍ରା ପାଇଁ । ନୃସିଂହନାଥ "ନୃସିଂହନାଥ" ମନ୍ଦିର, ବୌଦ୍ଧ ଧର୍ମର ପ୍ରାଣକେନ୍ଦ୍ର ତଥା ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ବିଭିନ୍ନ ଜଳାଧାର ଓ ପ୍ରସିଦ୍ଧ ନୃସିଂହ ଚତୁର୍ଦ୍ଦଶୀ ମେଳା ପାଇଁ ଖ୍ୟାତି ଅର୍ଜନ କରିଛି । ଏହି ପୁରାଣ ପ୍ରସିଦ୍ଧ ଗନ୍ଧଗିରିର ଅନେକ କିମ୍ବଦନ୍ତୀ ରହିଛି । ପ୍ରତିବର୍ଷ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀଠାରୁ "ନୃସିଂହ ଚତୁର୍ଦ୍ଦଶୀ" ମେଳା ନୃସିଂହନାଥଠାରେ ଆରମ୍ଭ ହୋଇ ଏହା ୩-୪ ଦିନ ଧରି ଅନୁଷ୍ଠିତ ହୁଏ । ଲକ୍ଷାଧିକ ଯାତ୍ରୀ ଭିଡ଼ ଏଠାରେ ହୋଇଥାଏ ।

ଭଦ୍ରକ ଜିଲ୍ଲାରେ ୫ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା ଆରଡ଼ି, ଭଦ୍ରକ, ଚାନ୍ଦବାଲି, ଧାମନଗର ଓ ଧାମରା । ଏହି ଜିଲ୍ଲାର ପର୍ଯ୍ୟଟନ ପୀଠଗୁଡ଼ିକ ମଧ୍ୟରୁ ଆରଡ଼ି ଆଖଣ୍ଡଳମଣି ମନ୍ଦିର ପାଇଁ, ଭଦ୍ରକ ଭଦ୍ରାକାଳୀ ଏବଂ ଜିଲ୍ଲାର ମହକୁମା ପାଇଁ, ଚାନ୍ଦବାଲି ନଦୀ ବନ୍ଦର ତଥା ଭିତରକନିକା କୁମ୍ଭୀର ଗବେଷଣା କେନ୍ଦ୍ରକୁ ପ୍ରବେଶ କରିବା ପାଇଁ ପ୍ରସିଦ୍ଧ । ଚାନ୍ଦବାଲି ଭଦ୍ରକସଦର ବାଲେଶ୍ୱର ଜିଲ୍ଲାର ମହକୁମାଠାରୁ ୧୨୦ କି.ମି. ଦୂରରେ ଅବସ୍ଥିତ । ଧାମରା ଚାନ୍ଦବାଲିଠାରୁ ୫୦ କି.ମି. ଦୂର ଏବଂ ଏହା ବୈତରଣୀ ନଦୀର ମୁହାଣରେ ଅବସ୍ଥିତ । ବୈତରଣୀ ଓ ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳୀ ହୋଇଥିବାରୁ ଏଠାକୁ ଅଧିକ



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଦିବାସୀ ପ୍ରଦର୍ଶନୀକୁ
ଉଦ୍‌ଘାଟନ କରୁଛନ୍ତି ।



ପୁରୀ ଜିଲ୍ଲା ଦେଲାଙ୍ଗଠାରେ କୁଶା ନଦୀ ଉପରେ ଏକ ନୂତନ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ
କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ବିଶାଳ ଜନ
ସମାବେଶରେ ଭାଷଣ ଦେଉଛନ୍ତି ।

ଟିକିମ୍‌ଗୋଲ ୧୫୦୦ ଖ୍ରୀ:ଅ:ର ଛବି ଆକୃତିର ଶିଳାଲେଖ ପାଇଁ ପ୍ରସିଦ୍ଧ ।

କଳାହାଣ୍ଡି ଜିଲ୍ଲାରେ ୯ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଆମପାଣି: ରମଣୀୟ ସ୍ଥାନ ପାଇଁ, ଅମ୍ବଗଡ଼: ପୁରାତନ ଦୁର୍ଗ ପାଇଁ, ବେଲ ଖଣ୍ଡି: ଏକ ରମଣୀୟ ସ୍ଥାନ ତଥା ସପ୍ତମାତୃକା ମୂର୍ତ୍ତି ପାଇଁ, ଭବାନୀପାଟଣା: ଜିଲ୍ଲାର ମହକୁମା ତଥା ବ୍ୟବସାୟ କେନ୍ଦ୍ର ପାଇଁ, ଗୁଡ଼ ହାଣ୍ଡି: ଏକ ଛବିଳ ପର୍ଯ୍ୟଟନ ସ୍ଥଳୀ ପାଇଁ, ଜୁନା ଗଡ଼: ଏକ ଦୁର୍ଗ, ଅନେକ ମନ୍ଦିର ଓ ଓଡ଼ିଆ ଲିପିର ଶିଳା ଲେଖ ପାଇଁ, କର୍ଲାପାଟ: ଅଭୟାରଣ୍ୟ ପାଇଁ, ଫୁରଲିଝରଣ: ଘଞ୍ଚ ସବୁଜ ବନାନୀ ମଧ୍ୟରେ ଜଳ ପ୍ରପାତ ପାଇଁ, ତଥା ଧୂଆଁପୁଲ୍-ରାମପୁର୍, ଏକ ରମଣୀୟ ପର୍ଯ୍ୟଟନ ସ୍ଥଳୀ ପାଇଁ ପ୍ରଖ୍ୟାତ ।

କେନ୍ଦ୍ରାପଡ଼ା ଜିଲ୍ଲାରେ ୨ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଭିତର କନିକା: କୁମ୍ଭୀର ଗବେଷଣା କେନ୍ଦ୍ର ଓ ଅଭୟାରଣ୍ୟ ପାଇଁ ଓ କେନ୍ଦ୍ରାପଡ଼ା: ଭଗବାନ ବଳଦେବଙ୍କର ମନ୍ଦିର ତଥା ଜିଲ୍ଲାର ମହକୁମା ପାଇଁ ପ୍ରସିଦ୍ଧ ।

କେଉଁଝର ଜିଲ୍ଲାରେ ୧୦ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା, ବଡ଼ଘାଘରା: ଜଳପ୍ରପାତ ପାଇଁ, ଦେଓଗାଁ: କୋଶଳେଶ୍ୱର: ଭଗବାନ କୋଶଳେଶ୍ୱରଙ୍କ ମନ୍ଦିର ପାଇଁ, ଘଟଗାଁ: ମା ତାରିଣୀଙ୍କ ପାଇଁ, ଗୋନାସିକା: ବୈତରଣୀ ନଦୀରେ ପ୍ରସିଦ୍ଧ ବ୍ରହ୍ମେଶ୍ୱର ମହାଦେବଙ୍କ ପାଇଁ, ହାଣ୍ଡିଭଙ୍ଗା: ଜଳପ୍ରପାତ ପାଇଁ, କେଉଁଝର: ଜିଲ୍ଲାର ମହକୁମା ଓ ବ୍ୟବସାୟ କେନ୍ଦ୍ର ପାଇଁ, ଖଣ୍ଡାଧାର: ଏକ ରମଣୀୟ ପର୍ଯ୍ୟଟନ ସ୍ଥଳୀ ଓ ଜଳପ୍ରପାତ ପାଇଁ, ମୁର୍ଗା ମହାଦେବ: ଜଳପ୍ରପାତ ତଥା ମୁର୍ଗା ମହାଦେବଙ୍କ ମନ୍ଦିର ପାଇଁ, ସାନ ଘାଘରା: ଜଳପ୍ରପାତ ଓ ରମଣୀୟ ପର୍ଯ୍ୟଟନ ସ୍ଥଳୀ ପାଇଁ ଏବଂ ସୀତାବିଞ୍ଜି: "ରାବଣ ଛାୟା" ଶିଳାଉପରେ ଲେଖା ଥିବା ପାଇଁ ପ୍ରସିଦ୍ଧ ।

ଖୋର୍ଦ୍ଧା ଜିଲ୍ଲାରେ ୧୨ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା ଅତ୍ରି: ଉଷ୍ଣପ୍ରସ୍ରବଣ ତଥା ସ୍ନାନାଗାର ପାଇଁ, ବାଣପୁର: ମା ଭଗବତୀଙ୍କ ମନ୍ଦିର ପାଇଁ, ବରୁଣେଇ (ଖୋର୍ଦ୍ଧା): ଏକରମଣୀୟ ସ୍ଥାନ, ଭୁବନେଶ୍ୱର: ରାଜ୍ୟର ରାଜଧାନୀ, ଜିଲ୍ଲାର ମହକୁମା, ମନ୍ଦିରମାଳିନୀ ନଗରୀ, ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ଗବେଷଣା କେନ୍ଦ୍ର, ତଥା ଓଡ଼ିଶା ହସ୍ତକଳା ଓ ଶିଳ୍ପକଳା କେନ୍ଦ୍ର ପାଇଁ, ଭୁସନ୍ତ ପୁର: ଉଗ୍ରତାରାଙ୍କ ମନ୍ଦିର ତଥା ତୀର୍ଥଯାତ୍ରା ପାଇଁ, ଚିଲିକା (ବରକୁଲ): ଦିଗନ୍ତ ବିସ୍ତାରୀ ଜଳରାଶି ଚିଲିକା ହ୍ରଦ ତଥା ହଜାର ହଜାର ପରିବ୍ରାଜକ ପକ୍ଷୀଙ୍କ ବିହାର ସ୍ଥଳୀ ପାଇଁ, ଧଉଳୀ: ଅଶୋକଙ୍କର ଶାନ୍ତି ସ୍ତୁପ, ଶିଳାଲେଖ ଓ ବୌଦ୍ଧଧର୍ମର ଅନୁଶାସନ ପାଇଁ, ହିରାପୁର: ୬୪ ଯୋଗିନୀଙ୍କର ଦଣ୍ଡାୟମାନ ମୂର୍ତ୍ତି ପାଇଁ, ଜୟଦେବ-କେନ୍ଦୁଲୀ: ଗୀତଗୋବିନ୍ଦର କବି, ଶ୍ରୀଜୟଦେବଙ୍କର ଜନ୍ମସ୍ଥାନ ପାଇଁ, ଖଣ୍ଡଗିରି, ଉଦୟଗିରି: ପଥର ଖୋଦିତ ଗୁମ୍ଫା, ସମ୍ରାଟ୍ ଖାରବେଳଙ୍କ ଶିଳାଲେଖ, ତଥା ଜୈନ ଧର୍ମର ପୀଠ ପାଇଁ, ନନ୍ଦନ କାନନ: ଆନ୍ତର୍ଜାତୀୟ ଉଦ୍ୟାନ, ପ୍ରାଣୀ ଉଦ୍ୟାନ, ଉଦ୍ଭିଦ ଉଦ୍ୟାନ ଓ ହ୍ରଦ ପାଇଁ ଏବଂ ରାମେଶ୍ୱର: ପାଠିକା ପାଇଁ ପ୍ରସିଦ୍ଧ ।

କୋରାପୁଟ ଜିଲ୍ଲାରେ ୮ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା-ବାଗ୍ରା: ରମଣୀୟ ଜଳପ୍ରପାତ ପାଇଁ, ଡୁଡୁମା: ମାଛକୁଣ୍ଡରେ ଜଳବିଦ୍ୟୁତ୍ ପ୍ରକଳ୍ପ ତଥା ପ୍ଲାବିତ ଜଳପ୍ରପାତ ପାଇଁ, ଗୁପ୍ତେଶ୍ୱର: ଗୁମ୍ଫା ଓ ଶିବ ମନ୍ଦିର ପାଇଁ, ଜଲାପୁଟ: ନଦୀବନ୍ଧ ଓ ଜଳଭଣ୍ଡାର ପାଇଁ, କୋରାପୁଟ: ଜିଲ୍ଲାର ମହକୁମା ଓ ଶାବର ଶ୍ରୀକ୍ଷେତ୍ର ପାଇଁ, ନନ୍ଦପୁର: ସର୍ବେଶ୍ୱରଙ୍କ ପୀଠ ତଥା ବତିଶ ସିଂହାସନ ପାଇଁ, ସୁଆଇ: ଜୈନ ପୀଠ ପାଇଁ ଏବଂ ସୁନାବେଡ଼ା: ମିଗ୍ ବିମାନ୍ ତଥା ପାଠିକା ପାଇଁ ପ୍ରସିଦ୍ଧ ।

ମାଲକାନଗିରି ଜିଲ୍ଲାରେ ୩ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା-ବାଲିମେଲା; ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ, ଚିତ୍ରକୋଣ୍ଡା; ଏକ ଦର୍ଶନୀୟ ସ୍ଥାନ ତଥା ବଣ୍ଡା ସଂସ୍କୃତି ପାଇଁ ଏବଂ ମାଲକାନଗିରି; ଜିଲ୍ଲାର ମହକୁମା ତଥା ଆଦିବାସୀ ସଂସ୍କୃତିର ମୂଳକେନ୍ଦ୍ର ପାଇଁ ଖ୍ୟାତିଲାଭ କରିଛି ।

ମୟୂରଭଞ୍ଜ ଜିଲ୍ଲାରେ ୧୦ଟି ପର୍ଯ୍ୟଟନ କେନ୍ଦ୍ର ରହିଛି । ସେଗୁଡ଼ିକ ହେଲା- ବାଙ୍ଗିରି ପଶି: ପାଠିକା, ଏକ ଦର୍ଶନୀୟ ସ୍ଥାନ ତଥା ଶିମିଳିପାଳ ଜାତୀୟ ଉଦ୍ୟାନର ପ୍ରସ୍ଥାନ ଦ୍ୱାର ପାଇଁ, ବାରିପଦା: ଜିଲ୍ଲାର ମହକୁମା, ଧାର୍ମିକ ସ୍ଥଳୀ ଓ ଛଉନୃତ୍ୟର ଜନ୍ମସ୍ଥାନ ପାଇଁ, ଦେଓକୁଣ୍ଡ: ଦର୍ଶନୀୟ ସ୍ଥାନ ପାଇଁ, ହରିପୁର: ରସିକରାୟ ଏବଂ ରାଧାମୋହନଙ୍କ ଇଟାରେ ତିଆରି ମନ୍ଦିର ପାଇଁ, ଜାମଶୋଲା; ଓଡ଼ିଶା-ବଙ୍ଗ ପ୍ରବେଶ ପଥ ଓ ପାଠିକା ପାଇଁ, ଜଶୀପୁର: ଶିମିଳିପାଳ ଅଭୟାରଣ୍ୟର ପ୍ରବେଶ ପଥ ଓ ମଗରମାଛ, ଉତ୍ପାଦନ କେନ୍ଦ୍ର ପାଇଁ, ଖିଚିଂ: ଖିଚକେଶ୍ୱରୀଙ୍କ ମନ୍ଦିର ପାଇଁ, କୁଲିଆଣା: ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଆବିଷ୍କୃତ ପୁରାତନ ପ୍ରସ୍ତର ସଭ୍ୟତାର କ୍ଷେତ୍ର ପାଇଁ, କୁଲିଅଣା: ପୁରାତନ ସଭ୍ୟତାର କ୍ଷେତ୍ର ପାଇଁ, ଶିମିଳିପାଳ; ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ପାଇଁ ତଥା ଓଡ଼ିଶାର ଉଚ୍ଚତମ ଜଳପ୍ରପାତ ବରେହିପାଣି ପାଇଁ ପ୍ରସିଦ୍ଧ ।

ନୟାଗଡ଼ ଜିଲ୍ଲାରେ ୬ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା-ବାରମୁଲ, ମହାନଦୀର ସାତକୋଶିଆ ଗଣ୍ଡର ଏକ ମନୋହର ପର୍ଯ୍ୟଟନ ସ୍ଥଳୀ, କଣ୍ଟିଲୋ: ମହାନଦୀରେ ଏକ ମନୋହର ପର୍ଯ୍ୟଟନ ସ୍ଥଳୀ ଓ ପ୍ରଭୁ ନୀଳମାଧବଙ୍କ ମନ୍ଦିର ପାଇଁ, ଓଡ଼ଗାଁ: ପ୍ରଭୁ ରଘୁନାଥଙ୍କ ମନ୍ଦିର ପାଇଁ, ଶରଣକୁଳ; ଲଡୁବାବାଙ୍କ ମନ୍ଦିର ପାଇଁ ଏକ ଦର୍ଶନୀୟ ତଥା ଧାର୍ମିକ ପୀଠ ଏବଂ ତାରାବଲ: ଉଷ୍ଣ ପ୍ରସ୍ରବଣ ପାଇଁ ପ୍ରସିଦ୍ଧ ।

ନୂଆପଡ଼ା ଜିଲ୍ଲାରେ ୪ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା-ବୁଢ଼ୀକମନା; ଇଟାରେ ତିଆରି ପାତାଳେଶ୍ୱରଙ୍କ ମନ୍ଦିର, ନୂଆପଡ଼ା ଜିଲ୍ଲାର ମହକୁମା, ପାଟଳଗଙ୍ଗା ଝରଣା ପାଇଁ, ଯୋଗୀ ପୀଠ: ପ୍ରାଗ୍ ଐତିହାସିକ ଗୁମ୍ଫା ଓ ପାଦଚିହ୍ନ ପାଇଁ ପ୍ରସିଦ୍ଧ ।

ପର୍ଯ୍ୟଟକ ଆକୃଷ୍ଟ ହୋଇ ଆସିଥାନ୍ତି । ଧାମନଗର ଏକ ଧାର୍ମିକ ସ୍ଥଳୀ ଏବଂ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ପୀଠ ।

ବୌଦ୍ଧ ଜିଲ୍ଲାରେ ରହିଛି ୨ଟି ପର୍ଯ୍ୟଟନ ପୀଠ– ବୌଦ୍ଧ ଓ ସୁରିଗମ୍ଭୁ । ବୌଦ୍ଧ ଜିଲ୍ଲାର ମହକୁମା ତଥା ବୌଦ୍ଧ ଧାର୍ମିକ ସ୍ଥଳୀ ପାଇଁ ଓ ସୁରିଗମ୍ଭୁ ଭଗବାନ ଅନନ୍ତ ବିଷ୍ଣୁ ଓ ସୁରିଗମ୍ଭୁଙ୍କ ପାଇଁ ପ୍ରସିଦ୍ଧ ।

କଟକ ଜିଲ୍ଲାରେ ରହିଛି ୧୦ଟି ପର୍ଯ୍ୟଟନ ପୀଠ–ଅଂଶୁପା, ଚାର୍ଚ୍ଚୀ, ଭଟାରିକା, ଛାପତିକନା, ଚୌଦ୍ୱାର, କଟକ, ଧବଳେଶ୍ୱର, ଲଳିତଗିରି, ନରାଜ, ଏବଂ ନିଆଳୀ ମାଧବ । କଟକ ଜିଲ୍ଲାର ମହକୁମା, ଦଶମ ଶତାବ୍ଦୀର ତିଆରି ପଥର ବନ୍ଧ, ବାରବାଟୀ ଷ୍ଟାଡ଼ିୟମ୍ ତଥା ନିକଟରେ ୬,୦୦୦ ଲୋକ ବସିପାରିବା ଭଳି ଶୀତତାପ ନିୟନ୍ତ୍ରିତ ଜବାହାର ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମ୍ । ମୁସିଲିମ୍ ଧାର୍ମିକ ପୀଠ କଦମ୍–ଇ–ରାସୁଲ୍, କଟକ ଚଣ୍ଡୀ ଓ ତାରକସି କାମ ପାଇଁ ପ୍ରସିଦ୍ଧ । ଧବଳେଶ୍ୱର ବାବା ଧବଳେଶ୍ୱରଙ୍କ ମନ୍ଦିର ଓ ମହାନଦୀରେ ଜଳବିହାର ପାଇଁ, ନିଆଳୀମାଧବ, ଭଗବାନ ଶୋଭନେଶ୍ୱର ତଥା ପ୍ରଭୁ ମାଧବଙ୍କ ମନ୍ଦିର ପାଇଁ, ଲଳିତ ଗିରି ବୌଦ୍ଧପୀଠ ତଥା ବୌଦ୍ଧ ବିହାର ପାଇଁ, ନରାଜ ବୁଦ୍ଧଙ୍କର ପ୍ରତିମୂର୍ତ୍ତି ପାଇଁ, ଚାର୍ଚ୍ଚୀ ଦେବୀ ଚର୍ଚ୍ଚିକା ଠାକୁରାଣୀଙ୍କ ପାଇଁ, ଭଟାରିକା ମହାନଦୀରେ ଥିବା ଭଟାରିକା ଠାକୁରାଣୀଙ୍କ ପାଇଁ, ଅଂଶୁପା ହ୍ରଦ ପାଇଁ ଛାପତିକନା ଧାର୍ମିକ ପୀଠ ପାଇଁ ତଥା ଚୌଦ୍ୱାର ଶିଳ୍ପ ନଗରୀ ତଥା ଐତିହାସିକ ପୀଠ ପାଇଁ ପ୍ରସିଦ୍ଧ ।

ଦେବଗଡ଼ ଜିଲ୍ଲାରେ ଗୋଟିଏ ମାତ୍ର ପର୍ଯ୍ୟଟନ ପୀଠକୁ ଚିହ୍ନଟ କରାଯାଇଛି । ତାହା ହେଲା ପ୍ରଧାନପାଟ ଜଳ ପ୍ରପାତ ।ଏଠାରେ ୧୦୦ ଫୁଟରୁ ଉଚ୍ଚ ପର୍ବତରୁ ଜଳସ୍ରୋତ ପଡ଼େ । ଏଠାରେ ଓଡ଼ିଶାର ସର୍ବ ପ୍ରଥମ ଜଳ ବିଦ୍ୟୁତ ଉତ୍ପାଦନ ହୋଇ ଦେବଗଡ଼ ସହରକୁ ଯୋଗାଇ ଆସୁଥିଲା । ସାହିତ୍ୟ କ୍ଷେତ୍ରରେ ମଧ୍ୟ ପୂର୍ବତନ ବାମଣ୍ଡା ରାଜ୍ୟ ଦେବଗଡ଼ର ପ୍ରସିଦ୍ଧି କିଛି କମ୍ ନୁହେଁ ।

ଢେଙ୍କାନାଳ ଜିଲ୍ଲାରେ ସାତୋଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଢେଙ୍କାନାଳ, ଯୋରନ୍ଦା, କପିଳାସ, ଭୁଆଲୋ, ଲାଡ଼ଗଡ଼, ସପ୍ତଶଯ୍ୟା ଏବଂ ଶାରାଙ୍ଗ । ଢେଙ୍କାନାଳ ଜିଲ୍ଲାର ମହକୁମା, ଭସ୍ମ ମନ୍ଦିର ତଥା ଗଜଲକ୍ଷ୍ମୀ ପୂଜାର କେନ୍ଦ୍ରସ୍ଥଳୀ ପାଇଁ, ଯୋରନ୍ଦା ମହିମା ଧର୍ମର ଧାର୍ମିକ ପୀଠ ପାଇଁ, କପିଳାସ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପାଇଁ, ଶାରାଙ୍ଗ ନିଦ୍ରିତ ବିଷ୍ଣୁଙ୍କର ମୂର୍ତ୍ତି ପାଇଁ, ସପ୍ତଶଯ୍ୟା ସୁନ୍ଦର ସ୍ଥାନ ତଥା ସପ୍ତର୍ଷି ଓ ରଘୁନାଥଙ୍କର ମନ୍ଦିର ପାଇଁ, ଲାଡ଼ଗଡ଼ ଶିବପୀଠ ପାଇଁ ତଥା ଭୁଆଲୋ ଭଗ୍ନ ଅବଶେଷରେ ରହିଥିବା ମନ୍ଦିର ପାଇଁ ପ୍ରସିଦ୍ଧ ।

ଗଜପତି ଜିଲ୍ଲାରେ ୨ଟି ପର୍ଯ୍ୟଟନ ପୀଠ ରହିଛି–ମହେନ୍ଦ୍ରଗିରି ଓ ପାରଳାଖେମୁଣ୍ଡି । ମହେନ୍ଦ୍ରଗିରି ପର୍ବତ ଶିଖରରେ ମନ୍ଦିର ଥାଇ ଏକ ରମଣୀୟ ଦୃଶ୍ୟ ତଥା ପର୍ବତାରୋହଣକାରୀଙ୍କ ପାଇଁ ଏବଂ ପାରଳାଖେମୁଣ୍ଡି ଗଜପତି ଜିଲ୍ଲାର ମହକୁମା ଓ ହସ୍ତଶିଳ୍ପ ଶିଙ୍ଗ କାମର କେନ୍ଦ୍ର ପାଇଁ ପ୍ରସିଦ୍ଧ ।

ଗଞ୍ଜାମ ଜିଲ୍ଲାରେ ୧୧ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଆର୍ଯ୍ୟପଲ୍ଲୀ, ବ୍ରହ୍ମପୁର, ବୁଗୁଡ଼ା, ଚିଲିକା (ରମ୍ଭା) ଗିରିଶୋଲା, ଗୋପାଳପୁର, ଜଉଗଡ଼, ନାରାୟଣୀ, ନିର୍ମଳଝର, ତପ୍ତପାଣି ଓ ତାରାତାରିଣୀ । ତାରାତାରିଣୀ ରମଣୀୟ ଦୃଶ୍ୟଭରା ପାହାଡ଼ ଶୀର୍ଷରେ ଥିବା ଠାକୁରାଣୀ ତାରାତାରିଣୀଙ୍କ ପାଇଁ ନାରାୟଣୀ ରମଣୀୟ ଦୃଶ୍ୟ ତଥା ମା' ନାରାୟଣୀଙ୍କ ପାଇଁ, ନିର୍ମଳଝର ଭଗବାନ ବିଷ୍ଣୁଙ୍କର ଏକ ଝରଣା ପାର୍ଶ୍ୱରେ ଥିବା ଛୋଟ ମନ୍ଦିର ପାଇଁ, ତପ୍ତପାଣି ଉଷ୍ମ ପ୍ରସ୍ରବଣ ତଥା ରମଣୀୟ ଦୃଶ୍ୟ ପାଇଁ, ଗୋପାଳପୁର ବେଳାଭୂମି ଓ ବନ୍ଦର ପାଇଁ, ଗିରିଶୋଲା ପଥପ୍ରାନ୍ତ ଉପଭୋଗ କେନ୍ଦ୍ର ତଥା ଆନ୍ଧ୍ର–ଓଡ଼ିଶା ପ୍ରବେଶ ପଥ ପାଇଁ, ଚିଲିକା ରମ୍ଭା ପାର୍ଶ୍ୱରେ ଏକ ଦିଗନ୍ତ ବିସ୍ତାରି ଚିଲିକା ହ୍ରଦ ଓ ବିଦେଶାଗତ ପରିବ୍ରାଜକ ପକ୍ଷୀଙ୍କ ରହଣୀ ପାଇଁ, ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିର, କାଠର ସୁନ୍ଦର କାରୁକାର୍ଯ୍ୟ ତଥା ସୌନ୍ଦର୍ଯ୍ୟଭରା ବୁଦ୍ଧଖୋଲ ପାଇଁ, ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ତଥା ବ୍ରହ୍ମପୁରୀ ପାଟ ପାଇଁ, ଆର୍ଯ୍ୟପଲ୍ଲୀ ବେଳାଭୂମି ତଥା ନିକଟରେ ଥିବା ଛତ୍ରପୁର ଜିଲ୍ଲାର ମହକୁମା ପାଇଁ ଏବଂ ଜଉଗଡ଼ ଅଶୋକଙ୍କର ଶିଳା ଲେଖ ପାଇଁ ପ୍ରଖ୍ୟାତ ।

ଜଗତ୍‌ସିଂହପୁର ଜିଲ୍ଲାରେ ୩ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଜଗତ୍‌ସିଂହପୁର, ଝଙ୍କଡ଼ ଓ ପାରାଦ୍ୱୀପ । ପାରାଦ୍ୱୀପ ବନ୍ଦର ତଥା ମତ୍ସ୍ୟ ଶିଳ୍ପ ବ୍ୟବସାୟ କେନ୍ଦ୍ର ପାଇଁ, ଝଙ୍କଡ଼ ମା' ଶାରଳାଙ୍କ ମନ୍ଦିର ପାଇଁ ଏବଂ ଜଗତ୍‌ସିଂହପୁର ଜିଲ୍ଲାର ମହକୁମା ଓ ଜିଲ୍ଲାର ସମସ୍ତ ପୀଠକୁ ଯିବା ପାଇଁ ଏକ ଉପଯୁକ୍ତ କେନ୍ଦ୍ର ଭାବେ ପ୍ରସିଦ୍ଧ ।

ଯାଜପୁର ଜିଲ୍ଲାରେ ୯ଟି ପର୍ଯ୍ୟଟନ ପୀଠ ରହିଛି । ସେଗୁଡ଼ିକ ହେଲା, ଅଶୋକ ଝର, ଚଣ୍ଡିଖୋଲ୍, ଛତିଆ, ଗୋକର୍ଣ୍ଣିକା, ଯାଜପୁର, ମହାବିନାୟକ, ପଥରାଜପୁର, ରତ୍ନଗିରି ଓ ଉଦୟଗିରି ଓ ବ୍ୟାସ ସରୋବର । ଆଶୋକଝର ରମଣୀୟ ସ୍ଥାନ ଏବଂ ମା, ଅଶୋକେଶ୍ୱରୀଙ୍କ ପାଇଁ, ଚଣ୍ଡିଖୋଲ୍ ରମଣୀୟ ସ୍ଥାନ ଓ ବାବା ଭୈରବାନନ୍ଦଙ୍କ ଆଶ୍ରମ ପାଇଁ, ଛତିଆ ବଟ ଜଗନ୍ନାଥ ମହାପ୍ରଭୁଙ୍କର ରହଣୀ ସ୍ଥଳ ପାଇଁ, ଗୋକର୍ଣ୍ଣିକା, ପଥପ୍ରାନ୍ତ ପାନ୍ଥିକା ପାଇଁ, ଯାଜପୁର ମା, ବିରଜାଙ୍କ କ୍ଷେତ୍ର ତଥା ନାଭିଗୟା କ୍ଷେତ୍ର ପାଇଁ, ମହାବିନାୟକ ପଞ୍ଚମୁଖୀ ମହାଦେବଙ୍କ ମନ୍ଦିର ପାଇଁ, ପଥରାଜପୁର ବୌଦ୍ଧ ତ୍ରିବେଣୀ କେନ୍ଦ୍ର ଯଥା, ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ପରିଦର୍ଶନରେ ଯିବାର କେନ୍ଦ୍ର ସ୍ଥଳ ପାଇଁ ଏବଂ ରତ୍ନଗିରି ଓ ଉଦୟଗିରି ଆଧୁନିକ ପୁଷ୍ପଗିରି, ବୁଦ୍ଧ ବିହାର ତଥା ବୁଦ୍ଧଙ୍କର ପ୍ରତ୍ନତାତ୍ତ୍ୱିକ ମୂର୍ତ୍ତି ପାଇଁ ଏବଂ ବ୍ୟାସ ସରୋବର ଯାଜପୁର ରୋଡ଼ରେ ଏକ ଧାର୍ମିକ କେନ୍ଦ୍ର ପାଇଁ ଖ୍ୟାତିଲାଭ କରିଛି ।

ଝାରସୁଗୁଡ଼ା ଜିଲ୍ଲାରେ ୨ଟି ପର୍ଯ୍ୟଟନ ପୀଠ ରହିଛି । ଝାରସୁଗୁଡ଼ା ବ୍ୟବସାୟ କେନ୍ଦ୍ର ତଥା ଜିଲ୍ଲାର ମହକୁମା ପାଇଁ ଏବଂ

# ସମ୍ବାଦ ପରିକ୍ରମା

## ନେତାଜୀଙ୍କ ଜନ୍ମପୀଠ ଜାତୀୟ ସଂଗ୍ରହାଳୟ ହେବ

—ମୁଖ୍ୟମନ୍ତ୍ରୀ

ନେତାଜୀଙ୍କ ଜନ୍ମସ୍ଥାନ କଟକ ଓଡ଼ିଆ ବଜାର ବାସଗୃହକୁ ଜାତୀୟ ସଂଗ୍ରହାଳୟ କରାଯିବ । ସେ ଅଧ୍ୟୟନ କରିଥିବା କଟକ ପ୍ରୋଟେଷ୍ଟାଣ୍ଟ ୟୁରୋପିଆନ ସ୍କୁଲ ଏକ ଜାତୀୟ ବିଦ୍ୟାଳୟରେ ପରିଣତ ହେବ ଏବଂ ନେତାଜୀଙ୍କ ନାମରେ ଭୁବନେଶ୍ୱରରେ ଦୁଃସାହସିକ ଅଭିଯାନ ପାଇଁ ଏକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ।

ଗତ ଜାନୁଆରୀ ୨୩ ତାରିଖରେ ଭୁବନେଶ୍ୱର ସୂଚନା ଭବନଠାରେ ରାଜ୍ୟପାଳ ତଥା ନେତାଜୀ ଶତବାର୍ଷିକୀ ଜୟନ୍ତୀ କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନେତାଜୀଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାର ଦେଇଥିବା ତିନୋଟି ପ୍ରସ୍ତାବକୁ କେନ୍ଦ୍ର କମିଟି ଗ୍ରହଣ କରି ନେଇଛନ୍ତି ।

ରାଜ୍ୟପାଳ କହିଲେ ଯେ, ନେତାଜୀ ଅଦମ୍ୟ ସାହସ ଓ ବୀରତ୍ୱର ପ୍ରତୀକ ଥିଲେ । ଏହି ମହାନ୍ ନେତା କଟକରେ ଜନ୍ମ ହୋଇଥିବା ଓଡ଼ିଶା ପାଇଁ ଗର୍ବର ବିଷୟ ।

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ ଉତ୍ସବରେ ସମ୍ମାନିତ ଅତିଥି ଏବଂ ଐତିହାସିକ ଡଃ ମନ୍ମଥ ନାଥ ଦାସ ମୁଖ୍ୟ ବକ୍ତା ଭାବେ ଉଦ୍‌ବୋଧନ ଦେଇ ନେତାଜୀଙ୍କ ବୀରତ୍ୱ ପୂର୍ଣ୍ଣ ଜୀବନ ଉପରେ ଆଲୋକପାତ କରିଥିଲେ ।

ଶତବାର୍ଷିକୀ ଜୟନ୍ତୀ କମିଟି ସମ୍ପାଦକ ତଥା ସୂଚନା ଓ ଲୋକ ସମ୍ପର୍କ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳଙ୍କ ଅଭିବାଦନ ଗ୍ରହଣ

ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗଠାରେ ୪୭ ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଆୟୋଜିତ ମିଳିତ ପ୍ୟାରେଡ୍‌ରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ ।

ଏହି ପ୍ୟାରେଡ୍‌ରେ ଆଞ୍ଚଳିକ ସେନା ବାହିନୀ, କେନ୍ଦ୍ରୀୟ ନିରାପତ୍ତା ବାହିନୀ, ରେଳ ସୁରକ୍ଷା ବାହିନୀ, ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ବରିଷ୍ଠ ଓ କନିଷ୍ଠ), ଗୃହରକ୍ଷୀ ବାହିନୀ, ସେଣ୍ଟଜନ୍ ଆମ୍ବୁଲାନ୍ସ, ଅଗ୍ନିଶମ ସେବା ବାହିନୀଙ୍କ ସମେତ ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ୍‌କୁ କଟକସ୍ଥ ୬ଷ୍ଠ ସଶସ୍ତ୍ର ବାହିନୀର କମାଣ୍ଡେଣ୍ଟ ଶ୍ରୀ ବି: କେ: ମିଶ୍ର ପରିଚାଳନା କରିଥିଲେ, ତାଙ୍କୁ ମେଜର (ଏନ୍:ସି:ସି:) ଶ୍ରୀ ବି: ଏନ୍: ପଟ୍ଟନାୟକ, ସହକାରୀ କମାଣ୍ଡେଣ୍ଟ ଶ୍ରୀ ଏସ୍: ଏସ୍: ତୁଲାଡ଼ ଏବଂ ଏନ୍:ସି:ସି: ଫାଷ୍ଟ ଅଫିସର ଶ୍ରୀ ଛନ୍ଦା ଚରଣ ଦାସ ପ୍ୟାରେଡ୍ ପରିଚାଳନାରେ ସାହାଯ୍ୟ କରିଥିଲେ ।

ଏହି ଉତ୍ସବରେ ପଞ୍ଚାୟତ ରାଜ ବିଭାଗ, ହସ୍ତ ଶିଳ୍ପ ଓ କୁଟୀର ଶିଳ୍ପ ବିଭାଗ, ରାଉରକେଲା ଇସ୍ପାତ କାରଖାନା, ମତ୍ସ୍ୟ ବିଭାଗ, ଶିଳ୍ପ ନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଓରେଡ଼ା ପକ୍ଷରୁ ପ୍ରଗତି ପ୍ରଜ୍ଞାପନ ମେଢ଼ମାନ ମାର୍ଚ୍ଚପାଷ୍ଟରେ ଭାଗ ନେଇଥିଲେ । ସଂସ୍କୃତି ବିଭାଗ ତରଫରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନୟାଗଡ଼ର ବୀର ବାଜା, ପୁରୀର ରାବଣ ନୃତ୍ୟ, ଗଞ୍ଜାମର ବାଘ ଓ ବୃଷଭ ନୃତ୍ୟ ତଥା ଘୋଡ଼ାନାଚ ପ୍ରଦର୍ଶିତ ହୋଇ ଥିଲା । ଏତଦ୍ ବ୍ୟତୀତ ୟୁନିଟ୍–୧ ଏବଂ ୟୁନିଟ୍–୨ ଉଚ୍ଚ ବାଳିକା ବିଦ୍ୟାଳୟ, ସୁଭଦ୍ରା ମହତାବ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍–୬ ବାଳିକା ବିଦ୍ୟାଳୟ, ବି:ଜେ:ବି: ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଭେଙ୍କଟେଶ୍ୱର ବିଦ୍ୟାଳୟ ଏବଂ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ବେଶ ଭୂଷାରେ ଦେଶାତ୍ମବୋଧକ ସଂଗୀତ ନୃତ୍ୟ ପରିବେଷଣ କରାଯାଇଥିଲା ।

ନବରଙ୍ଗପୁର ଜିଲ୍ଲାରେ ୨ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ନବରଙ୍ଗପୁର ଜିଲ୍ଲାର ମହକୁମା ଓ ହସ୍ତଶିଳ୍ପର କେନ୍ଦ୍ର ପାଇଁ ଏବଂ ପାପଡ଼ାହାଣ୍ଡି, ପ୍ରତ୍ନତାତ୍ତ୍ୱିକ ଦୃଷ୍ଟି କୋଣରୁ ପର୍ଯ୍ୟଟନ ସ୍ଥଳୀ ରୂପେ ପ୍ରଖ୍ୟାତ ।

ଫୁଲବାଣୀ ଜିଲ୍ଲାରେ ୭ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା– ବାଳସକୁମ୍ପା; ଠାକୁରାଣୀ ବାରଲା ଦେବୀଙ୍କ ପାଇଁ, ବେଲଘର; ଅଭୟାରଣ୍ୟ ପାଇଁ, ଚକାପାଦ; ପ୍ରଭୁ ବିରୁପାକ୍ଷଙ୍କର ମନ୍ଦିର ତଥା ଜଳେଇ ହୋଇଥିବା ବୃକ୍ଷଗାଡ଼ି ପାଇଁ, ଗୁରିଛକ; ପାହାଡ଼ିକା ପାଇଁ, ଦାରିଙ୍ଗବାଡ଼ି; ଓଡ଼ିଶାର କାଶ୍ମୀର ନାମରେ ପରିଚିତ ଏକ ରମଣୀୟ ସ୍ଥଳୀ ପାଇଁ ଫୁଲବାଣୀ; ଜିଲ୍ଲାର ମହକୁମା ତଥା ବ୍ୟବସାୟ କେନ୍ଦ୍ର ପାଇଁ ଏବଂ ପୁଟୁଡ଼ି; ଏକ ମନୋମୁଗ୍ଧକର ଜଳପ୍ରପାତ ପାଇଁ ପ୍ରସିଦ୍ଧ ।

ପୁରୀ ଜିଲ୍ଲାରେ ରହିଚି ୧୫ଟି ପର୍ଯ୍ୟଟନ ସ୍ଥଳୀ । ପୁରୀ; ଶ୍ରୀଜଗନ୍ନାଥଙ୍କର ମନ୍ଦିର ଓ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ଧାମ ପାଇଁ ବିଖ୍ୟାତ । ଏହି ତୀର୍ଥ ସ୍ଥାନକୁ ପୃଥିବୀର ବିଭିନ୍ନ ଦେଶରୁ ବହୁ ପର୍ଯ୍ୟଟକ ଆସିଥାନ୍ତି । କୋଣାର୍କ; ସୂର୍ଯ୍ୟ ମନ୍ଦିର ଓ ସମୁଦ୍ର ବେଳାଭୂମି ପାଇଁ ବିଶ୍ୱ ବିଦିତ । ଅସ୍ତରଙ୍ଗ; ସମୁଦ୍ର ଭୂମି ତଥା ମତ୍ସ୍ୟବ୍ୟବସାୟ କେନ୍ଦ୍ର ପାଇଁ, ବାଲିଘାଇ; ସମୁଦ୍ର ବେଳାଭୂମି ପାଇଁ, ବାଲିହର ଚଣ୍ଡୀ; ରମଣୀୟ ସ୍ଥାନ ତଥା ଧାର୍ମିକ ସ୍ଥଳୀ ପାଇଁ, ବିଶ୍ୱନାଥ ପାହାଡ଼; ବୌଦ୍ଧ ଧାର୍ମିକ ସ୍ଥଳୀ ପାଇଁ, ବ୍ରହ୍ମଗିରି; ଅଲାରନାଥଙ୍କ ମନ୍ଦିର ପାଇଁ, ଚୌରାଶି; ବରାହି ଓ ଅମରେଶ୍ୱରଙ୍କ ମନ୍ଦିର ପାଇଁ, ଚିଲିକା; ସାତପଡ଼ା ପାର୍ଶ୍ୱରେ ହଜାର ହଜାର ବିଦେଶୀ ପରିବ୍ରାଜକ ପକ୍ଷୀଙ୍କ ରହଣୀ ପାଇଁ, କାକଟପୁର; ମା. ମଙ୍ଗଳାଙ୍କ ମନ୍ଦିର ପାଇଁ, କୁରୁମା; ଆବିଷ୍କୃତ ବୌଦ୍ଧ ବିହାରର ସ୍ଥଳୀ ପାଇଁ, ପିପିଲି; ସୁନ୍ଦର ପାଟଚିତ୍ର, ତଥା ଅନେକ ହସ୍ତଶିଳ୍ପ କେନ୍ଦ୍ର ପାଇଁ, ରଘୁରାଜପୁର; ଏକ ଶିଳ୍ପୀଗ୍ରାମ ତଥା ପାଟଚିତ୍ର ଓ ଖୋଦ ଚିତ୍ର ଅଙ୍କନ ପାଇଁ ଏବଂ ସତ୍ୟବାଦୀ; ସାକ୍ଷୀଗୋପାଳଙ୍କ ମନ୍ଦିର ତଥା ପଞ୍ଚସଖାଙ୍କ କେନ୍ଦ୍ର ପାଇଁ ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଅଧିକାର କରିଅଛି ।

ରାୟଗଡ଼ା ଜିଲ୍ଲାରେ ୫ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା ବିଷମ କଟକ; ଆଦିବାସୀ ବହୁଳ ଅଞ୍ଚଳ ପାଇଁ, ଦେବଗିରି; ରମଣୀୟ ଅସଂଖ୍ୟ ପାହାଡ଼ ଉପତ୍ୟକା ପାଇଁ, ହାତୀପଥର; ରାୟଗଡ଼ା ଜିଲ୍ଲାର ଏକ ରମଣୀୟ ସ୍ଥଳୀ, ମିନାଝୋଲା; ତିନୋଟି ନଦୀର ସଙ୍ଗମ ସ୍ଥଳରେ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଏବଂ ପଦମ୍ପୁର; ମାନିକେଶ୍ୱର ଶିବଙ୍କ ପାଇଁ ତଥା ବୌଦ୍ଧ ଧର୍ମର ତର୍କଶାସ୍ତ୍ରୀ ଧର୍ମକୀର୍ତ୍ତିଙ୍କର ପୀଠ ପାଇଁ ପ୍ରସିଦ୍ଧ ।

ସମ୍ବଲପୁର ଜିଲ୍ଲାରେ ୫ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା–ଚିପିଲିମା; ହୀରାକୁଦ ନଦୀ ବନ୍ଧର ୨ୟ ପର୍ଯ୍ୟାୟ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ, ହୀରାକୁଦ; ଏସିଆ ମହାଦେଶର ଦୀର୍ଘତମ ନଦୀବନ୍ଧ ଏବଂ ବହୁମୁଖୀ ନଦୀ ବନ୍ଧ ପ୍ରକଳ୍ପ ପାଇଁ, ହୁମା; ଭଗବାନ ବିମଳେଶ୍ୱର ମହାଦେବଙ୍କ ଢଳେଇ ହୋଇ ରହିଥିବା ମନ୍ଦିର ପାଇଁ, ସମ୍ବଲପୁର; ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ପାଇଁ, ତଥା ପଶ୍ଚିମ ଓଡ଼ିଶାର ବାଣିଜ୍ୟିକ କେନ୍ଦ୍ର ଓ ଜିଲ୍ଲାର ମହକୁମା ପାଇଁ ଏବଂ ଉଷାକୋଠୀ; ଅଭୟାରଣ୍ୟ ପାଇଁ ପର୍ଯ୍ୟଟନ ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇଛି ।

ସୁବର୍ଣ୍ଣପୁର ଜିଲ୍ଲାରେ ୩ଟି ପର୍ଯ୍ୟଟନ ସ୍ଥଳୀ ରହିଛି । ସେଗୁଡ଼ିକ ହେଲା–ଚରଡ଼ା; କପିଳେଶ୍ୱର ମହାଦେବଙ୍କ ମନ୍ଦିର ପାଇଁ, ପାପକ୍ଷୟ ଘାଟ; ଭଗବାନ ଗୋପାଳଙ୍କ ପୀଠ ପାଇଁ ଏବଂ ସୋନପୁର; ମନ୍ଦିର ମାଳିନୀ ସହର ତଥା ଜିଲ୍ଲାର ମହକୁମା ପାଇଁ ପ୍ରସିଦ୍ଧ ।

ଏହା ପରେ ଆସେ ସୁନ୍ଦରଗଡ଼ ଜିଲ୍ଲା । ଏହି ଜିଲ୍ଲାରେ ୧୨ଟି ପର୍ଯ୍ୟଟନ ସ୍ଥଳୀ ଚିହ୍ନଟ କରାଯାଇଛି । ସେଗୁଡ଼ିକ ହେଲା, ଛତୀଘିଲ୍, ଦର୍ଜିଂ, ଦେଓଦରହ୍, ଘୋଘର, ଜୁନାଗଡ଼, ଖଣ୍ଡାଧାର, ମନ୍ଦିରା, ମିରଗଖୋଠା, ରାଉରକେଲା, ସୁନ୍ଦରଗଡ଼, ଉଷାକୋଠୀ ଏବଂ ବେଦବ୍ୟାସ । ବେଦବ୍ୟାସକୁ ଏକ ତୀର୍ଥ କ୍ଷେତ୍ର ରୂପେ ଶଙ୍ଖ ଓ କୋଇଲୀ ନଦୀର ସଙ୍ଗମ ସ୍ଥଳ ପାଇଁ ଘୋଷଣା କରାଯାଇ ଥିବାରୁ ଶ୍ରୀଶ୍ରୀ ବାଲୁକେଶ୍ୱର ଓ ଚନ୍ଦ୍ର ଶେଖର ମହାଦେବଙ୍କ ଦର୍ଶନ ପାଇଁ ବର୍ଷର ବିଭିନ୍ନ ସମୟରେ ବହୁପର୍ଯ୍ୟଟକ ଆସିଥାନ୍ତି । ଏହା ସହିତ ଘୋଘର ଘୋଘର ବାବାଙ୍କ ପାଇଁ, ରାଉରକେଲା; ରାଉରକେଲା ଇସ୍ପାତ କାରଖାନା ଏବଂ ବାଣିଜ୍ୟ କେନ୍ଦ୍ର ପାଇଁ, ଖଣ୍ଡାଧାର; ଜଳପ୍ରପାତ ପାଇଁ, ମନ୍ଦିରା; ନଦୀବନ୍ଧ ପାଇଁ, ଦର୍ଜିଂ ଓ ଦେଓଦରହ; ଏକ ରମଣୀୟ ବଣଭୋଜି ସ୍ଥଳୀ ବ୍ରାହ୍ମଣୀନଦୀ ପାର୍ଶ୍ୱରେ ହୋଇଥିବା ଯୋଗୁଁ, ଛତୀଘିଲ୍; ଏକ ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ପାଇଁ, ଜୁନାଗଡ଼; ଆବିଷ୍କୃତ ଆଧୁନିକ ସଭ୍ୟତାର ଦୁର୍ଗ ପାଇଁ, ଉଷାକୋଠୀ; ପ୍ରସ୍ତର ଖୋଦିତ ଗୁମ୍ଫା ପାଇଁ, ସୁନ୍ଦରଗଡ଼; ଜିଲ୍ଲାର ମହକୁମା ତଥା ବାଣିଜ୍ୟିକ ସ୍ଥଳୀ ପାଇଁ ଏବଂ ମିରିଗ୍ ଖୋଜ୍; ଏକ ଛୋଟ ଜଳପ୍ରପାତ ପାଇଁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି ।

ଆସନ୍ତୁ, ଓଡ଼ିଶାର ଏହି ଦର୍ଶନୀୟ ସ୍ଥାନଗୁଡ଼ିକ ପରିଦର୍ଶନରେ ଯାଇ ଏହାର ପ୍ରାକୃତିକ ଶୋଭା ସମ୍ଭାର ଉପଭୋଗ କରିବା ।

---

ପରିସଂଖ୍ୟାନ ସହକାରୀ,
ପର୍ଯ୍ୟଟନ କାର୍ଯ୍ୟାଳୟ,
ରାଉରକେଲା–୪

ସାହିତ୍ୟିକମାନଙ୍କୁ ସମ୍ମାନିତ କରିବା ଦିଗରେ ସାରଳା ସାହିତ୍ୟ ସଂସଦର ପ୍ରଚେଷ୍ଟାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଯେଉଁ ସମାଜରେ ସାହିତ୍ୟିକ ଓ କଳାକାରମାନଙ୍କ ସଂଖ୍ୟା ଯେତେ ଅଧିକ ସେହି ସମାଜ ସେତେ ସଭ୍ୟ ଓ ସଂସ୍କୃତି ସମ୍ପନ୍ନ । ପ୍ରକାଶକ ଓ ସାହିତ୍ୟିକମାନଙ୍କ ମିଳିତ ସହଯୋଗରେ ଓଡ଼ିଆ ଭାଷାର ଉନ୍ନତି ସାଧିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଉତ୍ସବରେ ସଭାପତିତ୍ୱ କରି ସାରଳା ସାହିତ୍ୟ ସଂସଦର ସଭାପତି ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଲେ ଯେ, ଓଡ଼ିଆ ଭାଷାର ସର୍ବପ୍ରଥମ ସର୍ବପ୍ରଧାନ ସାହିତ୍ୟିକ ସାରଳା ଦାସ ଓଡ଼ିଶାର ଜନଜୀବନକୁ ବହୁକାଳ ଧରି ପ୍ରଭାବିତ କରିଛନ୍ତି । ସାରଳା ମହାଭାରତରେ ବ୍ୟବହୃତ ଶବ୍ଦ ସମ୍ଭାର ପାଇଁ ଏକ ସ୍ୱତନ୍ତ୍ର ଅଭିଧାନ ପ୍ରସ୍ତୁତ କରିବା ଦିଗରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ସାରଳା ସଂସ୍କୃତି ଭବନ ନିର୍ମାଣ ପାଇଁ ଜମି ଯୋଗାଇ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ହିନ୍ଦି ସାହିତ୍ୟର ବିଶିଷ୍ଟ ସାହିତ୍ୟିକ ଶ୍ରୀ ଗଙ୍ଗା ପ୍ରସାଦ ବିମଲ ତାଙ୍କ ଭାଷଣରେ ଭାରତୀୟ ସଂସ୍କୃତିର ବିକାଶ ପାଇଁ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ସ୍ୱତନ୍ତ୍ର ଉଦ୍ୟମ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ସମ୍ବର୍ଦ୍ଧନାର ଉତ୍ତର ଦେଇ ସାହିତ୍ୟ ସାଧକମାନଙ୍କର ସାହିତ୍ୟରେ ଅଧିକତର ନିଷ୍ଠା ରହିବା ସଙ୍ଗେ ସଙ୍ଗେ ସାହିତ୍ୟ ଜନାଭିମୁଖୀ ହେବା ଉଚିତ ବୋଲି କହିଥିଲେ ।

ଅନୁଷ୍ଠାନର ସଭାପତି ଶ୍ରୀ ବିଶ୍ୱାଳ ରାଷ୍ଟ୍ରପତିଙ୍କଠାରୁ 'ଶୌର୍ଯ୍ୟଚକ୍ର', ପୁରସ୍କାର ପାଇଥିବାରୁ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ଦେଇ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ପୂର୍ବରୁ ଶ୍ରୀ ପଟ୍ଟନାୟକ ସାରଳା ସଂସ୍କୃତି ଭବନ ନିର୍ମାଣ ପାଇଁ ନିରୂପିତ ସ୍ଥାନରେ ଶିଳାନ୍ୟାସ କରିଥିଲେ ।

ପ୍ରାରମ୍ଭରେ ଉପଦେଷ୍ଟା ଶ୍ରୀ ସହଦେବ ସାହୁ ଓ ସମ୍ପାଦକ ଇଂଜିନିୟର୍ ପ୍ରଭାକର ସ୍ୱାଇଁ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସଂସଦ ପକ୍ଷରୁ ୨୩ଟି ପୁସ୍ତକ ପ୍ରକାଶ ପାଇଛି ବୋଲି ପ୍ରକାଶ କରିଥିଲେ ।

## କଟକ ସହରର ଉନ୍ନତି ପାଇଁ ନିଷ୍ପତ୍ତି

ଓଡ଼ିଶାର ବ୍ୟବସାୟିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଟକ ସର୍କିଟ ହାଉସରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଅମର ପ୍ରଧାନ, ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ତରୁଣକାନ୍ତି ମିଶ୍ର, ଜିଲ୍ଲାପାଳ ଶ୍ରୀ ଦିଗମ୍ବର ମହାନ୍ତି, କଟକ ମହାନଗର ନିଗମର ପ୍ରଶାସକ ଶ୍ରୀ ଆଇଜାକ୍ ବେହେରା ଓ ରାଜ୍ୟସରକାରଙ୍କ ବହୁ ଉଚ୍ଚପଦସ୍ଥ ଅଫିସର ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଅଭିବୃଦ୍ଧି ଜନସଂଖ୍ୟା ଏବଂ ଯାନବାହାନର ଭିଡ଼କୁ ଦୃଷ୍ଟିରେ ରଖି ଭୁବନେଶ୍ୱର–କଟକ ଭିତରେ ନନ୍ଦନକାନନ ବାଟଦେଇ ଯେଉଁ ବିକଳ୍ପ ରାସ୍ତା ନିର୍ମାଣ କରାଯାଉଛି ସେହି ରାସ୍ତାର କୁଆଖାଇ ସେତୁର ନିର୍ମାଣ କାର୍ଯ୍ୟ ଏପ୍ରିଲ ଭିତରେ ଶେଷ ହେବ ଏବଂ ଉଭୟ ପାର୍ଶ୍ୱରୁ ସଂଯୋଗ ରାସ୍ତା ଆଗାମୀ ଜୁନ୍ ମାସରେ ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ସହର ଭିତରେ ଟ୍ରାଫିକ୍‌ଗୁଡ଼ିକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଆସନ୍ତା ୩ ବର୍ଷ ଭିତରେ ଫ୍ଲାଇଂ ଓଭରବ୍ରିଜ୍‌ମାନ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ତା'ଛଡ଼ା ସହରରେ ଥିବା ବିଭିନ୍ନ ସରକାରୀ ଜମିରେ ପାର୍କ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ପୁଷ୍କରିଣୀ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କାମ ହାତକୁ ନିଆଯିବ ଏବଂ ପାଣି ଜମି ରହି ନଷ୍ଟ ହେଉଥିବା ଖାଲ ଜମିଗୁଡ଼ିକ ପୋତି ଦିଆଯିବ । କଟକ ସହରରେ ପୁରୁଣା ଜେଲ୍ ଥିବା ସ୍ଥାନରେ ଅତ୍ୟାଧୁନିକ ସପିଂ ସେଣ୍ଟର ଓ ମାର୍କେଟିଂ କମ୍ପ୍ଲେକ୍ସ୍ ନିର୍ମାଣ କରାଯିବା ପାଇଁ ମଧ୍ୟ ସ୍ଥିର କରାଯାଇଛି ।

ମାଛ, ମାଂସ ବିକ୍ରି ପାଇଁ ସହରର ବିଭିନ୍ନ ସ୍ଥାନରେ ଆଦର୍ଶ ଓ ସ୍ୱାସ୍ଥ୍ୟକର ବିକ୍ରୟ କେନ୍ଦ୍ରମାନ ତିଆରି କରାଯିବ ଓ ରାସ୍ତା କଡ଼ରେ ଛେଳି ମେଣ୍ଢା କାଟିବାକୁ ଦିଆଯିବନାହିଁ । ବିରୂପା ନଦୀ ପାଖରେ ଛେଳି ମେଣ୍ଢା କାଟିବା ପାଇଁ ଏକ ଆଧୁନିକ ଧରଣର କଂସେଇଖାନା କଟକ ମହାନଗର ତରଫରୁ ନିର୍ମାଣ କରାଯିବ । ଏଥିପାଇଁ ଦଶ ଏକର ଜମି ଚିହ୍ନଟ କରାଯାଇଛି । ଏଥିପାଇଁ ବିଦ୍ୟାଧରପୁରଠାରେ ମଧ୍ୟ ପାଞ୍ଚ ଏକର ଜମି ଯୋଗାଇ ଦିଆଯିବ ।

ସହରର ଅଳିଆ ଆବର୍ଜନାଗୁଡ଼ିକୁ ବୈଜ୍ଞାନିକ ଢଙ୍ଗରେ ପୋତିବା ପାଇଁ ବିଡ଼ାନାସୀଠାରେ ଥିବା ୭୬ ଏକର ଜମି କଟକ ଉନ୍ନୟନ କର୍ତ୍ତୃପକ୍ଷ ମହାନଗର ନିଗମକୁ ସ୍ଥାୟୀ ଭାବରେ ହସ୍ତାନ୍ତର କରିବେ । ସହରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଉନ୍ନତି କରିବା ପାଇଁ ଏକ ସ୍କିମ୍ ହୁଡ଼କୋର ଆର୍ଥିକ ସହାୟତାରେ କାର୍ଯ୍ୟକାରୀ କରାଯିବ । କଟକ ସହରର ଡ୍ରେନେଜ ଓ ସ୍ୱେରେଜ୍ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଏକ ଦୀର୍ଘ ମିଆଦୀ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଛଡ଼ା ଜଗତପୁରଠାରେ ଏକ ଟ୍ରକ୍ ଟର୍ମିନସ୍ ନିର୍ମାଣ କରାଯିବ ଓ ରାସ୍ତାପାଖରେ ଟ୍ରକ ଇତ୍ୟାଦି ରୋକିବାକୁ ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ମାନ୍ୟବର ରାଜ୍ୟପାଳ ପରିଭ୍ରମଣ ମଞ୍ଚ ନିକଟରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜ କିଶୋର ଭୁବବଳ, ସ୍ୱରା... ବିଭାଗ ଶାସନ ସଚିବ ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା, ସୂଚନା ଓ ଲୋକ ସମ୍ପର୍କ ଶାସନ ସଚିବ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ ଏବଂ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ଜେନା ସ୍ୱାଗତ ଜଣାଇ ଥିଲେ ଓ ଆରକ୍ଷୀ ମହା ନିର୍ଦ୍ଦେଶକ, ସମର ଶିକ୍ଷାର୍ଥୀ ବାହିନୀର ଉପ ମହା ନିର୍ଦ୍ଦେଶକ ମାନ୍ୟବର ରାଜ୍ୟପାଳଙ୍କୁ ଅଭିବାଦନ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ଅନୁସ୍ଥାନିକ ମିଳିତ ପ୍ୟାରେଡ ମାର୍ଚ୍ଚର ବେଷ୍ଟିତ୍ ... ରାଜମହଲ ଛକ, ଏ.ଜି. ଛକ ଦେଇ ରୁଟ୍ ମାର୍ଚ୍ଚରେ ଯାଇ ରବୀନ୍ଦ୍ର ମଣ୍ଡପଠାରେ ଶେଷ ହୋଇଥିଲା ।

## ଲୁଣା ନଦୀ ଉପରେ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପଟ୍ଟମୁଣ୍ଡାଇଠାରେ ଏକ ଦମକଳ କେନ୍ଦ୍ର ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ତେଲଙ୍ଗପେଣ୍ଠରେ ଏକ ... ପୋଲିମ୍ ଫାଇବର ଉଦ୍‌ଘାଟନ କରିଛନ୍ତି । ଏହାବ୍ୟତୀତ ତେଲଙ୍ଗରେ ଲୁଣା ନଦୀ ଉପରେ ଦେଢ଼କୋଟି ଟଙ୍କା ବ୍ୟୟରେ ନିର୍ମା... ପଟ୍ଟନାଇକିଆ-ତେଲଙ୍ଗ-ଖୋଦା ରାସ୍ତାରେ ନିର୍ମିତ ହେବାକୁ ଥିବା ଏକ ନୂତନ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ତେଲଙ୍ଗରେ ଏକ ବିଶାଳ ଜନସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଏ ଅଞ୍ଚଳରେ ରହିଥିବା ଜଳନିଷ୍କାସନର ସମସ୍ୟାକୁ ଦୂର କରି ଜଳସେଚନର ସୁବିଧାକୁ ସମ୍ପ୍ରସାରିତ କରାଯିବ ଏବଂ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯିବ । କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରି ରାଜ୍ୟରୁ ବେକାରୀ ଦୂର କରାଯିବ ବୋଲି ସୂଚନା ଦେଇ ସେ କହିଲେ ଯେ, ରାଜ୍ୟରେ ପ୍ରତିଷ୍ଠା ପାଉଥିବା ୧୦ଟି ଇସ୍ପାତ କାରଖାନାରେ ଅନ୍ୟୁନ ୬ ଲକ୍ଷ ବେକାର ଯୁବକ ଯୁବତୀ ନିଯୁକ୍ତି ପାଇପାରିବେ । ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଯଥା-ପ୍ରାଥମିକ ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କିଲୋ ପ୍ରତି ୨ ଟଙ୍କା ଦରରେ ଚାଉଳ ଯୋଗାଣ କାର୍ଯ୍ୟକ୍ରମ, ଇନ୍ଦିରା ଆବାସ ଯୋଜନା, ବାର୍ଦ୍ଧକ୍ୟ, ଅକର୍ମଣ୍ୟ ଓ ବିଧବା ଭତ୍ତା କାର୍ଯ୍ୟକ୍ରମରେ ରାଜ୍ୟର ବହୁ ଲୋକ ଉପକୃତ ହେବେ ବୋଲି ଦର୍ଶାଇଥିଲେ ।

ସ୍ଥାନୀୟ ବିଧାୟକ ଶ୍ରୀ ଯୁଧିଷ୍ଠିର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରବୀନ୍ଦ୍ର କୁମାର ସେଠୀ ତାଙ୍କ ଭାଷଣରେ ଆଜି ସାରା ଓଡ଼ିଶାରେ ଏକ ନୂତନ ନିର୍ମାଣ ଯୁଗର ସୂତ୍ରପାତ ହୋଇଛି ବୋଲି ପ୍ରକାଶ କରିଥିଲେ ।

ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ପୂର୍ବର ଅଚଳାବସ୍ଥାକୁ ଭାଙ୍ଗି ରାଜ୍ୟର ସର୍ବବିଧ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସଚେଷ୍ଟ ପ୍ରୟାସ କରୁଛନ୍ତି ବୋଲି କହିଥିଲେ ।

## ନିଜ ଭାଷାକୁ ଆଦର କର


—ମୁଖ୍ୟମନ୍ତ୍ରୀ

ଓଡ଼ିଆ ଭାଷା ପ୍ରତି ଅସୀମ ଶ୍ରଦ୍ଧା ଓ ପ୍ରୀତି ରହିଲେ ଆଦିକବି ସାରଳା ଦାସଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି ।


ସମ୍ପ୍ରତି କଟକ ଶହୀଦ ଭବନଠାରେ ସାରଳା ସାହିତ୍ୟ ସଂସଦ ପଞ୍ଚଦଶ ବାର୍ଷିକ ଉତ୍ସବରେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭଗବାନ୍)ଙ୍କୁ ସାରଳା ସମ୍ମାନରେ ସମ୍ମାନିତ କଲାପରେ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଲେ ଯେ ନିଜ ଭାଷା ପ୍ରତି ଆମର ଆଦର ନ ରହିଲେ ଓଡ଼ିଆ ଭାଷା କଦାପି ସମୃଦ୍ଧ ହୋଇପାରିବ ନାହିଁ । ଓଡ଼ିଆ ଭାଷାର ବହୁଳ ବ୍ୟବହାର ଦ୍ୱାରା ସାରଳା ଦାସଙ୍କ ସ୍ମୃତି ପ୍ରତି ଆମେ ସମ୍ମାନ ଜଣାଇପାରିବା ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଆ ସାହିତ୍ୟର ବିପ୍ଳବ ଉନ୍ମେଷ ଘଟିଥିଲା ସାରଳା ଦାସଙ୍କ ମହାଭାରତ ଦ୍ୱାରା ଦାଣ୍ଡିବୃତ୍ତରେ ରଚିତ ଏହି ମହାକାବ୍ୟକୁ ଏକ ପ୍ରବଳ ବେଗବାନ୍ ସ୍ରୋତସ୍ୱିନୀ ସହିତ ତୁଳନା କରି କହିଲେ ଯେ ସରଳାଙ୍କ ଭାବ ପ୍ରକାଶ କରିବା ପାଇଁ ଦାଣ୍ଡିବୃତ୍ତ ଅତ୍ୟନ୍ତ ଉପଯୋଗୀ ହୋଇ ପାରିଥିଲା । ଇଂରେଜୀ ଭାଷାର ବିଶିଷ୍ଟ ନାଟ୍ୟକାର ସେକ୍ସପିୟର ଲାଟିନ୍ ଓ ବିଭିନ୍ନ ଇଉରୋପୀୟ ଭାଷା ସମୁଦାୟରୁ ୧୦୦୦ ନୂତନ ଶବ୍ଦ ଆହରଣ କରି ଯେପରି ଇଂରାଜୀ ଭାଷାକୁ ସମୃଦ୍ଧ କରିଥିଲେ, ସେହିପରି ସାରଳା ଦାସ ମହାଭାରତରେ ହଜାର ହଜାର ନୂତନ ଶବ୍ଦ ପ୍ରୟୋଗ କରି ଓଡ଼ିଆ ଭାଷାର ଦାରିଦ୍ର୍ୟକୁ ଚିରକାଳ ପାଇଁ ଲୋପ କରିଛନ୍ତି । ଲୋକଙ୍କ କଥିତ ଭାଷାରେ ଲୋକଙ୍କ ମନ ଛୁଇଁଲା ଭଳି ସର୍ବୋତ୍କୃଷ୍ଟ ସାହିତ୍ୟ ସୃଷ୍ଟି କରିଥିବାରୁ ଯେତେକାଳ ଓଡ଼ିଆ ଭାଷା ଓ ସାହିତ୍ୟ ରହିଥିବ ସେତେକାଳ ପର୍ଯ୍ୟନ୍ତ ସାରଳା ଦାସ ଲୋକଙ୍କ ହୃଦୟରେ ବଞ୍ଚିଥିବେ ।

ବ୍ୟାସ ଓ ବାଲ୍ମୀକିଙ୍କ ସମନ୍ୱୟ ରୂପେ ସାରଳା ଦାସଙ୍କୁ ଉଲ୍ଲେଖିତ କରି ଶ୍ରୀ ପଟ୍ଟନାୟକ କହିଲେ ଯେ, ସାରଳା ଦାସଙ୍କ ସମ୍ପୂର୍ଣ୍ଣ ଅସାଧାରଣ ବିଦ୍ୱତା ଥିଲା ଓ ତାଙ୍କ ଭିତରେ ଭରି ରହିଥିଲା ପ୍ରବଳ ଆତ୍ମବିଶ୍ୱାସ । ମହାଭାରତ ତାଙ୍କ ନିଜସ୍ୱ ଶବ୍ଦ ସମ୍ଭାର ଓ ଉପାଖ୍ୟାନରେ ସମୃଦ୍ଧ । ରଘୁବଂଶରେ କାଳିଦାସ, ସମୁଦ୍ରଗୁପ୍ତଙ୍କ ଯୁଦ୍ଧ ଯାତ୍ରାର ଅନୁସରଣରେ ରଘୁବଂଶ ଦିଗ୍‌ବିଜୟ ବର୍ଣ୍ଣନା କଲାପରି ସାରଳା ଦାସ କପିଳେନ୍ଦ୍ର ଦେବଙ୍କ ଯୁଦ୍ଧଯାତ୍ରାକୁ ଉପଜୀବ୍ୟ କରି ମହାଭାରତରେ ଯୁଦ୍ଧଯାତ୍ରା ବର୍ଣ୍ଣନା କରିଛନ୍ତି ବୋଲି ସେ କହିଥିଲେ ।



ରାଜଭବନଠାରେ ଆୟୋଜିତ ଏକ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ପୋଲିସ୍ ପଦକ ପ୍ରଦାନ କରୁଛନ୍ତି ।




ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳନ ଅବସରରେ ଆୟୋଜିତ ଏକ ଭଜନ ସମାରୋହକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ଉଦ୍‌ଘାଟନ କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଶାସନ ସଚିବ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ ଓ ନିର୍ଦ୍ଦେଶକ ଶ୍ରୀ ସୁରସେନ ଜେନା ଉପସ୍ଥିତ ଅଛନ୍ତି ।

# ବାଙ୍କୀ ପ୍ରଗତି ପ୍ରଦର୍ଶନୀ ମେଳା ସମସ୍ତ ଉପଖଣ୍ଡ ପାଇଁ ପଥ ପ୍ରଦର୍ଶକ ହେବ

ଗତ ଡିସେମ୍ବର ୨୨ ତାରିଖଦିନ ବାଙ୍କୀ ଗୋରୁହାଟ ପଡ଼ିଆଠାରେ ଉପଖଣ୍ଡ ସ୍ତରୀୟ ଏକ ପ୍ରଗତି ପ୍ରଦର୍ଶନୀ ମେଳାର ଆୟୋଜନ ହୋଇଥିଲା । ଏହାକୁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଉଦ୍‌ଘାଟନ କରିଥିଲେ ।




ଡିସେମ୍ବର ୨୫ ତାରିଖ ଦିନ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ତଥା ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଅଜିତ୍ କୁମାର ତ୍ରିପାଠୀ ଏହି ମେଳାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପଖଣ୍ଡ ସ୍ତରୀୟ ଏହି ଦର୍ଶନୀୟ ମେଳା ଏଣିକି ସମସ୍ତ ଉପଖଣ୍ଡରେ ଆୟୋଜନ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ । ପ୍ରତି ଉପଖଣ୍ଡରେ ଦଶହଜାର ଟଙ୍କା ସରକାରୀ ଅନୁଦାନ ଦିଆଯାଇ ଏହିପରି ପ୍ରଗତି ପ୍ରଦର୍ଶନୀ ମେଳା ଆୟୋଜନ କରି ଗାଁ ଗହଳି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ ବୋଲି ଶ୍ରୀ ତ୍ରିପାଠୀ ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ସରକାରଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନୀ ମାଧ୍ୟମରେ ହିଁ ଲୋକଲୋଚନକୁ ଆସିଥାଏ । ବାଙ୍କୀର ପ୍ରଥମ ଥର ପାଇଁ ଏହିପରି ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିବାରୁ ସେ ବାଙ୍କୀର ଉପଜିଲ୍ଲାପାଳ ଶ୍ରୀ ଲକ୍ଷ୍ମଣ କୁମାର ମହାନ୍ତିଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପୂର୍ବତନ ମନ୍ତ୍ରୀ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀ ଲୋକଙ୍କୁ ଉତ୍ସାହିତ କରିଛି ବୋଲି କହିଥିଲେ। ପୂର୍ବତନ ବାର୍ କାଉନସିଲ, ସଭାପତି ଶ୍ରୀ ବିଶ୍ୱମ୍ବର ପଣ୍ଡା ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଶମ୍ଭୁନାଥ ରାଉ, ଲୋକ ନାୟକ କ୍ଲବ୍‌ର ସମ୍ପାଦକ ଶ୍ରୀ ସରୋଜ ମହାପାତ୍ର ସମାଜ ସେବୀ ଶ୍ରୀ ଭଗବାନ୍ ଜେନା ପ୍ରମୁଖ ପ୍ରଦର୍ଶନୀଟି ଶିକ୍ଷଣୀୟ ହୋଇପାରିଛି ବୋଲି ମତ ପ୍ରକାଶ କରିଥିଲେ । ସର୍ବଶ୍ରେଷ୍ଠ ସରକାରୀ ଷ୍ଟଲ୍ ଭାବେ ଜିଲ୍ଲା କୃଷି ଓ ଉଦ୍ୟାନ ବିଭାଗ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଷ୍ଟଲ୍ ଭାବେ ଲୋକନାୟକ କ୍ଲବ୍, ଶ୍ରେଷ୍ଠ ମହିଳା ସମିତି ଷ୍ଟଲ୍ ଭାବେ ଜାତୀୟ ମହିଳା ବିକାଶ ସଂସ୍ଥା ଓ ଶ୍ରେଷ୍ଠ କଳାକୃତି ଷ୍ଟଲ୍ ଭାବେ ଚଢ଼ିବା ଚିତ୍ରକଳା କେନ୍ଦୁପଲି ବିବେଚିତ ହୋଇଥିଲା ।




OGP—MP—PTS (I&PR) 51—6,000—2-3-1996

# ଉତ୍କଳ ପ୍ରସଙ୍ଗ

8178(6)
14/12/96



Vol.LII No.7 UTKAL PRASANGA Regd. No.0—BN—05/90
Licence No. BNPPP—01/95—Licensed to post without Pre-payment



କଟକସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗଠାରେ ଆୟୋଜିତ ସାଧାରଣତନ୍ତ୍ର
ଦିବସ ସମାରୋହରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ
ରାମାନୁଜମ୍ ଜାତୀୟ ବାହିନୀମାନଙ୍କ ଅଭିବାଦନ ଗ୍ରହଣ କରୁଛନ୍ତି ।



ବାରବାଟୀ ଷ୍ଟାଡ଼ିୟମରେ ଆୟୋଜିତ ସାଧାରଣତନ୍ତ୍ର ଦିବସ
ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ୟାରେଡ଼
ଦଳର ଅଭିବାଦନ ଗ୍ରହଣ କରୁଛନ୍ତି ।